# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୩/୨୦୧୯ (୧୬ ପୃଷ୍ଠା) Sambalpur, Friday, August 23 / 2019 ★★

୧୫ଶ ଭାଗ ୨୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-






## ବିକ୍ରମ ରାଠୋର ବ୍ୟାଟିଂ କୋଚ୍

ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ବିକ୍ରମ ରାଠୋର ଭାରତୀୟ କ୍ରିକେଟ ଦଳର ନୂଆ ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୫ | ୦୨

## ସୋନମ୍ ସେୟାର କଲେ ମୋଶନ ପୋଷ୍ଟର

ବଲିଉଡ୍ ନାୟିକା ସୋନମ୍ କପୁର ତାଙ୍କ ଅପ୍ କମିଂ ଫିଲ୍ମ 'ଦ ଜୋୟା ଫ୍ୟାକ୍ଟର'ର ଏକ ମୋଶନ ପୋଷ୍ଟର ଶେୟାର୍ କରିଛନ୍ତି।



**ଆଜିର ସମ୍ପାଦକୀୟ**

ଅଭିବୃଦ୍ଧି ବଢ଼ାଅ

**ଆଜିର ମନ୍ତବ୍ୟ**

" ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇ ଆଉ ରହିନାହିଁ।

– ଗୁଲାମନବୀ ଆଜାଦ୍, ବରିଷ୍ଠ କଂଗ୍ରେସ ନେତା

# ସିବିଆଇ ରିମାଣ୍ଡରେ ଚିଦାମ୍ବରମ

ନୂଆଦିଲ୍ଲୀ, ୨୨।୮ (ପି.ଟି./ଆଇଏଏନ୍ଏସ୍)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ବହୁଚର୍ଚ୍ଚିତ ଆଇଏନ୍ଏକ୍ସ ମିଡିଆ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ସନ୍ଧ୍ୟା ୫ଟା ୪୫ ମିନିଟରେ ୪ ଦିନିଆ ରିମାଣ୍ଡରେ ନେଇଛି। ବୁଧବାର ରାତିରେ ଗିରଫ ହୋଇଥିବା ଚିଦାମ୍ବରମଙ୍କୁ ସ୍ୱତନ୍ତ୍ର ବିଚାରପତି ଅଜୟ ☞ପୃଷ୍ଠା–୪

- ଆଇଏନ୍ଏକ୍ସ ମିଡିଆ ମାମଲାରେ ବୁଧବାର ରାତିରେ ଗିରଫ ହୋଇଥିଲେ
- ୫ ଦିନିଆ ରିମାଣ୍ଡରେ ନେବା ପାଇଁ ସିବିଆଇ ଆବେଦନ କରିଥିଲା
- ୪ ଦିନ ପାଇଁ ହାଜତରେ ରଖିବାକୁ ସ୍ୱତନ୍ତ୍ର ଅଦାଲତ ଅନୁମତି ଦେଲେ
- ଓକିଲ ଓ ପରିବାର ଲୋକେ ଦିନକୁ ଅଧଘଣ୍ଟା ସାକ୍ଷାତ କରିପାରିବେ
- ପ୍ରତି ୪୮ ଘଣ୍ଟାରେ ହେବ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ପି. ଚିଦାମ୍ବରମ

# ଭିସୁଟ୍‌ରେ ର୍ୟାଗିଂ

- ଭିଡିଓ ଭାଇରାଲ ପରେ ସତ୍ୟ ସାମ୍ନାକୁ ଆସିଲା
- ଗୋଟିଏ ବର୍ଷ ପରୀକ୍ଷାରୁ ବାଦ୍ ପଡିଲେ ୧୦ ଛାତ୍ର
- ଜରିମାନା ଦେବେ ୫୨ଜଣ ଛାତ୍ର

ସମ୍ବଲପୁର,୨୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ର୍ୟାଗିଂ ଭିଡିଓ ଭାଇରାଲ ହୋଇଛି। ପ୍ରଥମ ବର୍ଷର ଛାତ୍ରମାନଙ୍କୁ ସିନିୟର ଛାତ୍ରମାନେ ର୍ୟାଗିଂ କରୁଥିବା ଏହି ଭିଡିଓରୁ ଜଣାପଡିଛି। ଏହାକୁ ନେଇ କୁଳପତି ଅଟଳ ଚୌଧୁରୀ ଗୁରୁବାର ସନ୍ଧ୍ୟାରେ କଲେଜ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାଥମିକ ତଦନ୍ତକୁ ଆଧାର କରି ୧୦ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେମାନେ ଗୋଟିଏ ବର୍ଷ ପାଇଁ ପରୀକ୍ଷାରୁ ବଞ୍ଚିତ ହେବ ବୋଲି କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷେ ୫୨ ଜଣ ଛାତ୍ରଙ୍କୁ ୨ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଭାଇରାଲ ଭିଡିଓରେ ସିନିୟର ଛାତ୍ରମାନେ ପ୍ରାୟ ୪୦ରୁ ୫୦ଜଣ ଜୁନିୟର ଛାତ୍ରଙ୍କୁ ର୍ୟାଗିଂ କରୁଥିବା ଜଣାପଡିଛି । ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କ ସାର୍ଟ ଚିରି କାନ ଧରି ଉଠବସ କରାଉଛନ୍ତି। ଏପରି କି ଅଣ୍ଡରୱିୟର ପିନ୍ଧି ଏକା ସାଥିରେ ନାଚିବାକୁ କୁହାଯାଉଛି। ଏହାକୁ ବିରୋଧ କରିବାରୁ ଜୁନିୟର ଛାତ୍ରମାନଙ୍କୁ ସିନିୟର ଛାତ୍ର ମାଡ଼ ମାରୁଥିବା ଭିଡିଓରେ ରହିଛି। ଏପରି କି କଲେଜ ଶିଢ଼ିରେ ଛାତ୍ରମାନଙ୍କୁ ଦୌଡିବାକୁ ନିର୍ଦ୍ଦେଶ ଦିଆଯାଉଛି। କିଛି ସିନିୟର ଛାତ୍ର ବାଡିରେ ଜୁନିୟରଙ୍କୁ ବାଡେଇ ଗୋଡାଉ ଥିବା ଭିଡିଓରେ ରହିଛି। ଭୟରେ ଛାତ୍ରମାନେ ସିନିୟରଙ୍କ ନିର୍ଦ୍ଦେଶ ମାନିନେଉଛନ୍ତି। ଏଭଳି ଘଟଣାକୁ କିଛି ଛାତ୍ର ଭିଡିଓ ଉତ୍ତୋଳନ କରିଥିଲେ । ☞ପୃଷ୍ଠା–୪



ଦୁର୍ଘଟଣାସ୍ଥଳରେ ପଡିଥିବା ୨ ମୃତହାତୀ।

# ଟ୍ରକ, ବସ୍ ଧକ୍କାରେ ୩ ହାତୀ ମୃତ

କେନ୍ଦୁଝର/ଢେଙ୍କିକୋଟ/ଘଟଗାଁ/ବଡବିଲ, ୨୨।୮(ଡି.ଏନ.ଏ./ସ୍ୱ.ପ୍ର.)

ଐରାବତ ନାମକ ଏକ ଯାତ୍ରୀବାହୀ ବସ୍ ଓ ଲୁହାପଥର ବୋଝେଇ ଟ୍ରକ ଧକ୍କାରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଉପରହିହା ପଞ୍ଚାୟତ ବାଲିଯୋଡି ଗ୍ରାମ ନିକଟ ୨୦ ନଂ. ଜାତୀୟ ରାଜପଥରେ ଏହି ଦୁଃଖଦ ଘଟଣା ଘଟିଛି। ବୁଧବାର ବିଳମ୍ବିତ ରାତିରେ ହାତୀପଲ ରାସ୍ତା ପାରି ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଓ ଗୋଟିଏ ବସ୍ ୩ ହାତୀକୁ ଧକ୍କା ମାରିଥିବା ସ୍ପଷ୍ଟ ହୋଇଛି। ବନ ବିଭାଗ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ବସ୍‌କୁ ଜବତ କରିଛି। ଟ୍ରକ ଚାଳକ ଓ ହେଲପର ଫେରାର ଥିବା ବେଳେ ବସ୍ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ବୁଧବାର ରାତି ପ୍ରାୟ ୧ଟା ସମୟରେ ଅଟେଇ ସଂରକ୍ଷିତ ଜଙ୍ଗଲ ବାଲିଯୋଡ଼ି ଗ୍ରାମ ନିକଟରେ ୨ ମାଈ ହାତୀ ଏବଂ ଗୋଟିଏ ଛୁଆ ହାତୀ ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ (ନଂ.ଓଡି ୦୫ ଏକ୍ସ ୨୯୯୯) ହାତୀପଲକୁ ଧକ୍କା ମାରି ରାସ୍ତା ତଳକୁ ଖସିଯାଇଥିଲା। ଫଳରେ ୩ ହାତୀ ରାସ୍ତା ଉପରେ ଛିଟିକି ପଡିଥିଲେ। ଦୁର୍ଘଟଣାର କିଛି ସମୟ ମଧ୍ୟରେ ମା' ହାତୀ ଏବଂ ଛୁଆ ହାତୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ହାତୀଟି ରାସ୍ତା ଉପରେ ଛଟପଟ ହେଉଥିଲା। ଏହି ସମୟରେ କଟକରୁ ବଡବିଲ ଆସୁଥିବା ☞ପୃଷ୍ଠା–୪





22.08.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 63 | 110 | 120 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 63 | 110 | 120 |
| BHM | 642 | 109 | 119 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers




Model/accessories shown may not be a part of the standard fitment. Due to printing limitation, the colour that appears in this advertisement may slightly differ from the actual print. Visit www.renault.co.in or contact the nearest dealership for more details.

SHOWROOMS: ODISHA: SAMBALPUR: RENAULT Sambalpur Mob: +91 8860048351. BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +91 7290055349. ROURKELA: RENAULT Rourkela Mob: + 91 8860875802.

SAATCHI & SAATCHI



"କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ।"
-ଶିବରାଜ ସିଂ ଚୌହାନ, ଭାଜପା ଉପାଧ୍ୟକ୍ଷ

## ଉପତ୍ୟକାରେ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର

# ପାକ୍ ଆଣୁଛି ୧୦୦ ଆଫ୍‌ଗାନ ଆତଙ୍କବାଦୀ

ନୂଆଦିଲ୍ଲୀ,୨୨।୮(ପି.ଟି.)



ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତିରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଉପତ୍ୟକାରେ ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର ରଚିଛି। ଏଥିପାଇଁ ଆଫଗାନିସ୍ତାନରୁ ୧୦୦ ଆତଙ୍କବାଦୀଙ୍କୁ କଶ୍ମୀରକୁ ଆଣୁଛି। ସେମାନେ ଉପତ୍ୟକା ସମେତ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ କରି ଅସ୍ଥିରତା ସୃଷ୍ଟି କରିପାରନ୍ତି ବୋଲି ଗୁରୁବାର ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

ମିଳିଥିବା ସୂଚନାନୁସାରେ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଜମ୍ମୁ-କଶ୍ମୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ କଶ୍ମୀରର ସେନା ଶିବିର ଓ ଭାରତର ଅନେକ ସହର ରହିଛି। ଆସନ୍ତା କିଛି ସପ୍ତାହ ମଧ୍ୟରେ ଆକ୍ରମଣ କରିବା ପାଇଁ ୧୫ ଜେଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିୟନ୍ତ୍ରଣରେଖା (ଏଲ୍‌ଓସି) ସେପଟେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଲିପା ଉପତ୍ୟକାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିଛି। ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଭାଇ ମୁଫ୍‌ତି ରୌଫ୍ ଅସ୍‌ଘର ବାହୱାଲପୁରସ୍ଥିତ ସଙ୍ଗଠନର ମୁଖ୍ୟାଳୟରେ ଶୀର୍ଷ କମାଣ୍ଡରମାନଙ୍କୁ ନେଇ ଗତ ୧୯ ଓ ୨୦ ତାରିଖରେ ବୈଠକ କରିଛନ୍ତି। କଶ୍ମୀରରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ଉକ୍ତ ବୈଠକର ମୁଖ୍ୟ ଏଜେଣ୍ଡା ଥିଲା। ଭାରତୀୟ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ଅପରେଶନ୍‌ର ସାମ୍ନା କରିବା ପାଇଁ ସେଠାର ଆତଙ୍କବାଦୀମାନେ ସକ୍ଷମ ନୁହନ୍ତି। କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ମଧ୍ୟରେ ନେତୃତ୍ୱ ସଙ୍କଟ ଲାଗିରହିଛି। ତେଣୁ କିଛି ସପ୍ତାହ ମଧ୍ୟରେ ଆଫଗାନିସ୍ତାନରୁ ଶତାଧିକ ଆତଙ୍କବାଦୀଙ୍କୁ ଆଣି କଶ୍ମୀରରେ ଆକ୍ରମଣ କରାଇବାକୁ ପାକିସ୍ତାନ ଯୋଜନା କରୁଥିବା ସେନା ସୂତ୍ରରୁ ପ୍ରକାଶ। କଶ୍ମୀର ସମ୍ପର୍କିତ କେନ୍ଦ୍ରର ନିଷ୍ପତ୍ତି ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଭାରତକୁ ଯୁଦ୍ଧଭୟ ଦେଖାଇ ପୁଣିଥରେ ପୁଲୱାମା ଭଳି ଆକ୍ରମଣ ହୋଇପାରେ ବୋଲି ଧମକ ଦେଇଥିଲେ। ପ୍ରକାଶ ଯେ, କେନ୍ଦ୍ର ସରକାର ଗତ ୫ ତାରିଖରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ପାକିସ୍ତାନ ଏହି ପ୍ରସଙ୍ଗକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ସହ ଜାତିସଂଘ ଯାଏ ଟାଣିଥିଲା। ହେଲେ ପାକିସ୍ତାନକୁ ସବୁଠି ନିରାଶ ହେବାକୁ ପଡ଼ିଛି।

**ଗୋଇନ୍ଦା ରିପୋର୍ଟ**

- ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଅନୁପ୍ରେବେଶ କରାଇବା ପାଇଁ ବୈଠକ କଲେ ଆଝାରଙ୍କ ଭାଇ
- ଜମ୍ମୁ-କଶ୍ମୀର ସମେତ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ ଆଶଙ୍କା
- ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି




## 'ଆଇଏସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ଭାରତ'

**ୱାଶିଂଟନ, ୨୨।୮(ପି.ଟି.):** ଆତଙ୍କବାଦ ବିରୋଧରେ ଲଢେଇ ଜାରି ରଖିଥିବା ଭାରତ ଆଫଗାନିସ୍ତାନରେ ଆଇଏସ୍ ଆତଙ୍କବାଦୀଙ୍କ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଭାରତ ସହ ଇରାନ, ରୁଷିଆ, ତୁର୍କୀ ଭଳି ଦେଶ ଏଥିରେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଆଫଗାନିସ୍ତାନରେ ଆତଙ୍କବାଦୀଙ୍କ ବିରୋଧରେ ମିଳିତ ଲଢେଇର ଆବଶ୍ୟକତା ରହିଥିବା ସେ ହ୍ୱାଇଟ ହାଉସଠାରେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ପ୍ରକାଶ କରିଛନ୍ତି। ଆମେ ଏକା ସେଠାରେ ଲଢେଇ ଜାରି ରଖିଛୁ। ଆତଙ୍କବାଦ ଦମନ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି। ଆଫଗାନିସ୍ତାନରୁ ଆମେରିକା ସେନା ସମ୍ପୂର୍ଣ୍ଣ ଫେରିବେ ନାହିଁ ବୋଲି କହିବାର ଦିନକ ପରେ ଟ୍ରମ୍ପ ଏଭଳି ମତ ଦେଇଛନ୍ତି। ତାଲିବାନ ହିଂସା ଜାରି ରହିବା ମାନବ ଜଗତ ପ୍ରତି ବିପଦ। ସେଠାରେ ଶାନ୍ତି ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି ଓ ଏଥିଲାଗି ଆମେରିକା ପ୍ରୟାସ ଜାରି ରଖିଥିବା ସେ ପ୍ରକାଶ କରିଛନ୍ତି।


ଡୋନାଲ୍ଡ ଟ୍ରମ୍ପ

## ଜନ୍ତରମନ୍ତରରେ ବିରୋଧୀଙ୍କ ବିକ୍ଷୋଭ

# ଜମ୍ମୁ-କଶ୍ମୀରରେ ଅଟକ ନେତାଙ୍କ ମୁକ୍ତି ଦାବି

**ନୂଆଦିଲ୍ଲୀ, ୨୨।୮(ପି.ଟି.):** ଦିଲ୍ଲୀର ଜନ୍ତର ମନ୍ତରଠାରେ ବିଭିନ୍ନ ବିରୋଧୀ ଦଳର ନେତାମାନେ ବିକ୍ଷୋଭ କରିବା ସହ ଜମ୍ମୁ-କଶ୍ମୀରରେ ଅଟକ ଥିବା ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ଜମ୍ମୁ-କଶ୍ମୀରରେ ଶାନ୍ତି ଫେରାଇଆଣିବା ଓ ଆଇନଶୃଙ୍ଖଳା ରକ୍ଷା କରିବା ଉପରେ ସେମାନେ ଜୋର୍ ଦେଇଛନ୍ତି। କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଏସ୍‌ପି, ସିପିଆଇ, ସିପିଏମ୍ ଆଦି ବିରୋଧୀ ଦଳର ନେତାମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ସିବିଆଇ ଦ୍ୱାରା ଗିରଫ ହୋଇଥିବା ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତି ସମାନଙ୍କ ସହ ସାମିଲ ହୋଇଥିଲେ। ଜମ୍ମୁ-କଶ୍ମୀରବାସୀଙ୍କ ସହ ବିନା ଆଲୋଚନାରେ ଧାରା ୩୭୦ ଉଠାଯିବାକୁ ଏହି ନେତାମାନେ ବିରୋଧ କରିଥିଲେ।




## ଚନ୍ଦ୍ରଯାନରୁ ଚନ୍ଦ୍ରର ପ୍ରଥମ ଫଟୋ



ଚନ୍ଦ୍ରୟାନ-୨ ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ ହେବାର ଦିନକ ପରେ ଅର୍ଥାତ ବୁଧବାର ଏହି ଚିତ୍ର ଉତ୍ତୋଳନ କରି ପ୍ରେରଣ କରିଛି ଲ୍ୟାଣ୍ଡର ବିକ୍ରମ। ଏହି ଫଟୋକୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଗୁରୁବାର ଟୁଇଟରରେ ଶେୟାର କରାଯାଇଛି। ଭାରତର ଦ୍ୱିତୀୟ ମିଶନ ଚନ୍ଦ୍ରୟାନ-୨ ଜୁଲାଇ ୨୨ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

## 'ଭାରତ ସହ ଆଉ ଆଲୋଚନା ଚାହୁଁନୁ'

ନୂଆଦିଲ୍ଲୀ, ୨୨।୮(ପି.ଟି.)


ଇମ୍ରାନ ଖାନ୍

୩୭୦ ଧାରା ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ହତୋତ୍ସାହିତ ହୋଇପଡ଼ିଛନ୍ତି। ଆମେ ଭାରତ ସହ ଆଉ ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହୁଁ ବୋଲି ସେ ବିଦେଶୀ ମିଡିଆକୁ ବିବୃତି ଦେଇ କହିଛନ୍ତି। ନ୍ୟୁୟର୍କ ଟାଇମ୍ସକୁ ସାକ୍ଷାତ୍‌କାରରେ ଇମ୍ରାନ କହିଛନ୍ତି ଯେ, ଆଲୋଚନା ଲାଗି ପ୍ରୟାସ କରାଯାଇଥିଲେ ହେଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଅଗ୍ରାହ୍ୟ କରିଆସିଛନ୍ତି। ଦ୍ୱିପାକ୍ଷିକ ଶାନ୍ତି ଆଲୋଚନା ପ୍ରୟାସ ବାରମ୍ବାର ଫସର ଫାଟିଛି। ଆଉ ଭାରତ ସହ ଦ୍ୱିପାକ୍ଷିକ ଆଲୋଚନା କରାଯିବ ନାହିଁ। ବହୁ ଦେଶ ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱ ଦେଇଥିଲେ ହେଁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଆସୁଛି। ଦୁଇ ଅଣୁଶକ୍ତି ସମ୍ପନ୍ନ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଥିବା ସେ କହିଛନ୍ତି। ଭାରତ ଜମ୍ମୁ-କଶ୍ମୀରରେ ଏକ ତରଫା ୩୭୦ ଧାରା ଉଚ୍ଛେଦ କରିବା ବିରୋଧରେ ଜାତିସଂଘ ସୁରକ୍ଷା ପରିଷଦର ଦ୍ୱାରସ୍ଥ ହୋଇଥିଲୁ ଓ ଏବେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)କୁ ଯିବୁ ବୋଲି ଇମ୍ରାନ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ କେବଳ ଚାଇନାକୁ ଛାଡ଼ିଦେଲେ ୧୪ ଦେଶ ଭାରତ-ପାକ୍ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ପାକିସ୍ତାନର ଆଭିମୁଖ୍ୟ ଓ ସୀମାପାର୍ ଆତଙ୍କବାଦକୁ ନେଇ ଭାରତ ଏବେ ଆଲୋଚନା କରିବାକୁ ମନାକରିଛି। ପ୍ରଥମେ ଆତଙ୍କବାଦ ଦମନ କରାଯିବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବା ଉପରେ ଭାରତ ଗୁରୁତ୍ୱ ଦେଇଛି।

**ଇତିହାସର ଆଇନାରେ**

### ଅଗଷ୍ଟ ୨୩ର ପ୍ରମୁଖ ଘଟଣା

୧୯୯୦ ମସିହା ଅଗଷ୍ଟ ୨୩ରେ ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀ ଏକ ହେବା ଲାଗି ଘୋଷଣା କରିଥିଲେ। ୪ ଦଶନ୍ଧି ଅଲଗା ହୋଇ ରହିବା ପରେ ଏହି ଦିନରେ ଉଭୟ ଏକାଠି ହେବା ଲାଗି ନିଷ୍ପତ୍ତି ନେଇଥିଲେ। ଉଭୟ ଦେଶର ପାର୍ଲାମେଣ୍ଟ ଏନେଇ ସଂଶୋଧିତ ଚିଠା ପ୍ରସ୍ତୁତ କରିଥିଲେ। ଅଗଷ୍ଟ ୩୧ରେ ଏନେଇ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଅକ୍ଟୋବର ୩ରେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିଲା।

୨୦୧୩ ଅଗଷ୍ଟ ୨୩ରେ ବଲିଭିଆର ସର୍ବବୃହତ ସହର ସାନ୍ତା କ୍ରୁଜସ୍ଥିତ ପାଲ୍‌ମାସୋଲା ଜେଲ୍‌ରେ ଗୋଷ୍ଠୀ ସଂଘର୍ଷ ଘଟି ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୩୭ ଜଣ ଗୁରୁତର ମଧ ହୋଇଥିଲେ। ଜେଲ୍‌ରେ ଅଧିକ ସଂଖ୍ୟକ କଏଦୀ ରହିବା ଓ ଜେଲ୍ ସଂସ୍କାରକୁ ଗୁରୁତ୍ୱ ଦିଆ ନ ଯିବା ବିରୋଧରେ କଏଦୀମାନେ ହିଂସ୍ର ହୋଇ ଉଠିଥିଲେ। ଗୋଷ୍ଠୀ ସଂଘର୍ଷ ପରେ ଦଙ୍ଗାରେ ପରିଣତ ହୋଇଥିଲା।

## ସୋନମ୍ ଶେୟାର କଲେ ମୋଶନ ପୋଷ୍ଟର

**ମୁମ୍ବାଇ:** ବଲିଉଡ୍ ନାୟିକା ସୋନମ୍ କପୁର ତାଙ୍କ ଅପ୍ କମିଂ ଫିଲ୍ମ 'ଦ ଜୋୟା ଫ୍ୟାକ୍ଟର'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଫାଷ୍ଟ ଲୁକ୍ ରିଲିଜ୍ ହୋଇଥିବା ବେଳେ ଦର୍ଶକମାନେ ଏହାକୁ ବେଶ୍ ପସନ୍ଦ କରିଥିଲେ। ଗତ ବୁଧବାର ଏହାର ଏକ ମୋଶନ ପୋଷ୍ଟର ଶେୟାର୍ କରିଛନ୍ତି ସୋନମ୍। ଆଉ ଏହି ପୋଷ୍ଟର୍‌କୁ ଦେଖିବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଆଗ୍ରହ ବଢିଥିବା ଦେଖାଯାଇଛି। ଏହି ଫିଲ୍ମରେ ସେ ଦଲକିର ସଲମାନଙ୍କ ସହ ନଜର ଆସିବେ। ଦଲକିରଙ୍କର ଏହା ଡେବ୍ୟୁ ଫିଲ୍ମ ହୋଇଥିବା ବେଳେ ଏହା ଅନୁଜା ଚୌହାନଙ୍କ ସବୁଠାରୁ ଅଧିକ ବିକ୍ରି ହୋଇଥିବା ଉପନ୍ୟାସ 'ଦ ଜୋୟା ଫ୍ୟାକ୍ଟର' ଉପରେ ଆଧାରିତ। ଅଭିଷେକ ଶର୍ମା ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଏହା ଆସନ୍ତା ସେପ୍ଟେମ୍ବର ୨୦ରେ ରିଲିଜ ହେବାର ଯୋଜନା ରହିଛି।



## ଅଜୟ ଭାଲ୍ଲା ନୂଆ ସ୍ୱରାଷ୍ଟ୍ର ସଚିବ

**ନୂଆଦିଲ୍ଲୀ, ୨୨।୮(ପି.ଟି.):** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର-ଇନ୍-ସ୍ପେଶାଲ ଡ୍ୟୁଟିରେ ଥିବା ଅଧିକାରୀ ଅଜୟ କୁମାର ଭାଲ୍ଲାଙ୍କୁ ନୂଆ ସ୍ୱରାଷ୍ଟ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ଏନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟର ନିଯୁକ୍ତି କମିଟି ସ୍ୱୀକୃତି ପ୍ରଦାନ କରିଛି। ଏହି ପଦରେ ଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜୀବ ଗୌବା ବୁଧବାର କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୧୯୮୪ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡର ଆଇଏଏସ୍ ଅଫିସର ଭାଲ୍ଲା ପୂର୍ବରୁ କେନ୍ଦ୍ର ଶକ୍ତି ସଚିବ ଭାବେ କାର୍ଯ୍ୟ କରିଥିଲେ। ଗତ ଜୁଲାଇ ୨୪ରେ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅଫିସର-ଇନ୍-ସ୍ପେଶାଲ ଡ୍ୟୁଟି ଭାବେ ନିଯୁକ୍ତି ପାଇଥିଲେ।



## ମନ୍ଦିର ଭଙ୍ଗାକୁ ବିରୋଧକରି ଦଳିତଙ୍କ ବିକ୍ଷୋଭ

# ଭୀମ ଆର୍ମି ମୁଖ୍ୟଙ୍କ ସମେତ ୯୬ ଗିରଫ

ନୂଆଦିଲ୍ଲୀ, ୨୨।୮(ପି.ଟି.)



ଦିଲ୍ଲୀ ପୋଲିସ ତୋଗଲକବାଦ୍‌ଠାରେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ସମେତ ୯୬ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ଏମାନେ ବେଆଇନ ଭାବେ ଏକାଠି ହୋଇ ଦଙ୍ଗାସମ ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ରବି ଦାସ ମନ୍ଦିର ଭଙ୍ଗାଯିବାକୁ ଦଳିତମାନେ ବିରୋଧ କରିବା ସହ ହିଂସାକାଣ୍ଡ ରଚିଥିଲେ। ପରିସ୍ଥିତି ଉପରେ କାବୁ ପାଇବା ଲାଗି ପୋଲିସକୁ ମୃଦୁ ଲାଠିଚାଳନା ସହ ଲୁହବୁହା ଗ୍ୟାସ ଛାଡ଼ିବାକୁ ପଡ଼ିଥିଲା। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଦକ୍ଷିଣାଞ୍ଚଳ ରେଞ୍ଜର ଯୁଗ୍ମ ପୋଲିସ କମିଶନର ଦେବେଶ ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି। ଦିଲ୍ଲୀ ଡେଭେଲପ୍‌ମେଣ୍ଟ ଅଥରିଟି(ଡିଡିଏ) ପକ୍ଷରୁ ଗତ ୧୦ରେ ଏଠାରେ ଥିବା ରବି ଦାସ ମନ୍ଦିର ଭଙ୍ଗାଯାଇଥିବାବେଳେ ଦଳିତମାନେ ଏହାକୁ ବିରୋଧ କରି ବିକ୍ଷୋଭ ଆରମ୍ଭ କରିଥିଲେ। ବିକ୍ଷୋଭକାରୀମାନେ ୨ ମୋଟରସାଇକେଲ ପୋଡ଼ିଦେବା ସହ କାର୍ ଓ ପୋଲିସ ଗାଡ଼ିକୁ ଆକ୍ରମଣ କରି ଭାଙ୍ଗି ପକାଇଥିଲେ। ଏହି ଘଟଣାରେ ଜଣେ ପୋଲିସ ମଧ୍ୟ ଆହତ ହୋଇଥିଲେ। ମନ୍ଦିର ଭଙ୍ଗା ପରେ ବି ଏବେ ସେଠାରେ ବିକ୍ଷୋଭ ଜାରି ରହିଛି। ବିକ୍ଷୋଭକାରୀମାନେ ତୋଗଲକବାଦରେ ମନ୍ଦିର ନିର୍ମାଣ ଲାଗି ଜମି ଯୋଗାଇ ଦେବାକୁ ପ୍ରଶାସନ ପାଖରେ ଦାବି କରିଛନ୍ତି। ଏହାକୁ ନେଇ ହିଂସା ବଢିବାରୁ ବହୁ ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଛି।

# ନିଜେ ଉଦ୍‌ଘାଟନ କରିଥିବା କୋଠାରେ ରାତ୍ରିଯାପନ କଲେ

**ନୂଆଦିଲ୍ଲୀ,୨୨।୮(ପି.ଟି./ଆଇଏଏନ୍‌ଏସ୍):** ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଗିରଫ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ ବୁଧବାର ରାତିରେ ସିବିଆଇ ମୁଖ୍ୟାଳୟ ଗେଷ୍ଟହାଉସ୍‌ର ଲକ୍-ଅପ୍ ସୁଟ୍ ୩ରେ ରାତି ବିତାଇଥିଲେ, ଯାହାକୁ ସେ ୮ ବର୍ଷ ତଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମିଶି ଉଦ୍‌ଘାଟନ କରିଥିଲେ। ୨୦୧୧ ଏପ୍ରିଲ ୩୦ରେ ନୂଆଦିଲ୍ଲୀସ୍ଥିତ ଜିସିଓ କମ୍ପ୍ଲେକ୍ସର ଏହି ବିଲ୍ଡିଂ ଉଦ୍‌ଘାଟନ ବେଳେ ତତ୍କାଳନୀ ଆଇନମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି ଓ ମାନବସମ୍ବଳ ବିକାଶ ମନ୍ତ୍ରୀ କପିଲ ସିବଲ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ କୋଠା ଯେଉଁ ସ୍ଥାନରେ ଅଛି ସେଠାରେ ପୂର୍ବରୁ ଏକ ସମାଧି ପୀଠ ଥିଲା ଏବଂ ଏହାର ବାସ୍ତୁ ଠିକ୍ ନାହିଁ ବୋଲି ସିବିଆଇର କେତେଜଣ ଅଧିକାରୀ ମତ ଦେଇଛନ୍ତି। କାରଣ ଏଠାରେ ସିବିଆଇ ମୁଖ୍ୟାଳୟ ଖୋଲାଯିବା ପରଠୁ ତଦନ୍ତକାରୀ ସଂସ୍ଥାର ସମସ୍ତ ନିର୍ଦ୍ଦେଶକ ବିବାଦୀୟ ହୋଇ ରହିଛନ୍ତି।



### ଜଷ୍ଟିସ୍ ବାନୁମଥିଙ୍କ ଖଣ୍ଡପୀଠରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨୨।୮(ପି.ଟି.)

ଆଇଏନ୍‌ଏକ୍ସ ମିଡିଆ ମାମଲାରେ ସିବିଆଇ ହାଜତରେ ଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ଆବେଦନର ଶୁଣାଣି ଶୁକ୍ରବାର ସୁପ୍ରିମକୋର୍ଟରେ ହେବ। ଜଷ୍ଟିସ୍ ଆର୍. ବାନୁମଥିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। ଚିଦାମ୍ବରମ ମଙ୍ଗଳବାର ଆଗୁଆ ଜାମିନ ପାଇଁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଏହାକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ଚିଦାମ୍ବରମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ତାଙ୍କ ଆବେଦନର ଜରୁରୀ ଶୁଣାଣି କରିବାକୁ ସିଜେଆଇ ରଞ୍ଜନ ଗୋଗୋଇ ମନାକରିଦେଇଥିଲେ। ଜଷ୍ଟିସ୍ ବାନୁମଥି ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ତାଙ୍କ ପିଟିଶନର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

## ଚିଦାମ୍ବରମଙ୍କ ଗିରଫଦାରିକୁ କଂଗ୍ରେସର ବିରୋଧ

# ସ୍ୱଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା

ନୂଆଦିଲ୍ଲୀ,୨୨।୮
(ପି.ଟି./ଆଇଏଏନ୍‌ଏସ୍)

ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଗିରଫଦାରି ବେଆଇନ। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରାଇଛନ୍ତି। ଏହା ସ୍ୱଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ବୋଲି ଅଭିଯୋଗ ଆଣିଛି କଂଗ୍ରେସ।

ଏଆଇସିସି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ହତାଶ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଚିଦାମ୍ବରମଙ୍କୁ ଗିରଫ କରାଇଛନ୍ତି। ଦେଶରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ସିବିଆଇ ଏବଂ ଇଡି ସେମାନଙ୍କ ରାଜନୈତିକ ମାଷ୍ଟର୍ସଙ୍କୁ ଖୁସି କରିବା ପାଇଁ ଚିଦାମ୍ବରମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଚିଦାମ୍ବରମଙ୍କୁ ୨୦ ଥର ସମନ କରାଯାଇଥିବାବେଳେ ତାଙ୍କ ଘରେ ୪ ଥର ଚଢ଼ାଉ କରାଯାଇସାରିଛି। ତାଙ୍କ ବିରୋଧରେ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା ସ୍ୱଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ସହ ସମାନ ବୋଲି ସୁର୍ଜେୱାଲା ସମାଲୋଚନା କରିଛନ୍ତି।




ରଣଦୀପ ସୁର୍ଜେୱାଲା



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଓଏଏସ୍ ଅଫିସର ସ୍ତରରେ ଦଳବଦଳ
#### ବଦଳିଲେ ବରଗଡ଼, ଝାରସୁଗୁଡ଼ା ଜିଲାପାଳ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** ରାଜ୍ୟ ସରକାର ଗୁରୁବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନଙ୍କୁ ବରଗଡ଼ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ସରୋଜ କୁମାର ସାମଲଙ୍କୁ ଝାରସୁଗୁଡା ଜିଲାପାଳ କରାଯାଇଛି। ସରୋଜ ଓଡ଼ିଶା ରାଜ୍ୟ ସାଧାରଣ ବଣ୍ଟନ ନିଗମ ଲିଃ(ଓଏସ୍‌ସିଏସ୍‌ସି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏମ୍‌ଡି)ଭାବେ କାର୍ଯ୍ୟ କରୁଥିଲେ। ଚକବନ୍ଦୀ କମିଶନର ଥିବା ଶରତ ଚନ୍ଦ୍ର ମିଶ୍ରଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଓଏସ୍‌ସିଏସ୍‌ସିର ଏମ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ପର୍ଷଦ ଅଧୀନରେ ଅବସ୍ଥାପିତ ଭୁବନେଶ୍ୱରସ୍ଥିତ ଅତିରିକ୍ତ ରିଭିଜନ୍ କୋର୍ଟର ଅତିରିକ୍ତ କମିଶନର ଡକ୍ଟର ବନାନୀ ମହାନ୍ତିଙ୍କୁ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ନୟାଗଡ଼ ଡିଆରଡିଏର ଏପିଡି(ଆଡ୍‌ମିନ) ସନ୍ତୋଷୀ ସାହୁଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କୁ ସୁନ୍ଦରଗଡ଼ସ୍ଥିତ ଡିଆରଡିଏର ଏପିଡି(ଆଡ୍‌ମିନ)ଭାବେ ନିଯୁକ୍ତି ମିଳିଛି।

### ୨୬ରୁ ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

**ଭୁବନେଶ୍ୱର,୨୨।୮(ବ୍ୟୁରୋ):** ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯୁକ୍ତ ୩ ଡିଗ୍ରୀ କଲେଜ ସହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଲ୍ଫ ଫାଇନାନ୍ସିଂ ଓ ସଂସ୍କୃତ କଲେଜରେ ଖାଲି ପଡ଼ିଥିବା ସିଟ୍ ପୂରଣ କରିବାକୁ ଆସନ୍ତା ୨୬ ତାରିଖରୁ ନାମଲେଖା ଆରମ୍ଭ ହେବ। ଉକ୍ତଦିନଠାରୁ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟରେ କମନ୍ ଆପ୍ଲିକେଶନ ଫର୍ମ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୩୧ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ କରିପାରିବେ। ଛାତ୍ରୀଛାତ୍ରଙ୍କ ମେରିଟ୍ ଲିଷ୍ଟ ସେପ୍ଟେମ୍ବର ୧୦ରେ ପ୍ରକାଶ ପାଇବାକୁ ଥିବାବେଳେ ୧୦ରୁ ୧୨ ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କେଉଁ କଲେଜରେ ସିଟ୍ ଖାଲି ରହିଛି ସେ ସମ୍ପର୍କରେ ପ୍ରଥମେ ଛାତ୍ରୀଛାତ୍ର ଜାଣିବା ପରେ ଆବେଦନ କରିବାକୁ କୁହାଯାଇଛି। ଆବେଦନକାରୀ କେବଳ ଅନ୍‌ଲାଇନରେ ନାମଲେଖା ଫି ପୈଠ କରିପାରିବେ। ଅଫ୍‌ଲାଇନରେ କୌଣସି ପ୍ରକାର ଫି ଗ୍ରହଣ କରାଯିବ ନାହିଁ। ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୨୭୫ ଟଙ୍କା ଫି ରହିଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ୧୭୫ ଟଙ୍କା ରହିଛି। ଦିବ୍ୟାଙ୍ଗ ଓ ତୃତୀୟ ଲିଙ୍ଗ ଛାତ୍ରୀଛାତ୍ରଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସାମ୍ସ ୱେବ୍‌ସାଇଟ୍ ଏବଂ ଆପ୍ଲିକେଶନରେ ମେଧା ତାଲିକା ପ୍ରକାଶ କରାଯିବ।




## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ଆଜି
# ମହାପ୍ରଭୁଙ୍କୁ ଲାଗି ହେଲା ଯେଉଡ଼ ଭୋଗ

**ପୁରୀ ଅଫିସ,୨୨।୮**

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଶୁକ୍ରବାର ଏହି ପବିତ୍ର ତିଥିରେ ଜନ୍ମ ନେବେ ପ୍ରଭୁ ଶ୍ରୀକୃଷ୍ଣ। ଏଥିଲାଗି ଶ୍ରୀମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଟେରା ବନ୍ଧା ହେବା ପରେ ଯେଉଡ଼ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ୩ ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା କରିଥିଲେ। ପଣ୍ଡା, ପତି ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ଯେଉଡ଼ ଭୋଗ ଏବଂ ଗର୍ଭ ଉଦକ ବନ୍ଦାପନା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଗର୍ଭବତୀ ନାରୀମାନେ ସୁଖ ପ୍ରସବ ଲାଗି ଯେଉଡ଼ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀ ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଯେଉଡ଼ ଭୋଗ ଖାଇଥାନ୍ତି। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କୁ ଗୋଟିଏ ଅଧିକ ବନ୍ଦାପନା କରାଯାଏ। ତାହାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଲୀଳାମୟ ଠାକୁରଙ୍କ ଏହା ଏକ ଅଲୌକିକ ଲୀଳା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ଶ୍ରୀକୃଷ୍ଣ ସୃଷ୍ଟି ହେବେ ବୋଲି ଗବେଷକ ଡ. ଦାଶ ମତବ୍ୟକ୍ତ କରିଛନ୍ତି।

**୫ ଘଣ୍ଟା ଦର୍ଶନ ବନ୍ଦ ରହିବ**

ଶୁକ୍ରବାର ଜନ୍ମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ନୀତି ପାଳନ ପାଇଁ ମହାପ୍ରଭୁଙ୍କ ଦର୍ଶନ ୫ଘଣ୍ଟା ବନ୍ଦ ରହିବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ତାହାକୁ ଯେପରି କେହି ସାଧାରଣ ଭକ୍ତ ଦେଖି ନ ପାରିବେ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନରେ କଟକଣା ଲଗାଯାଇଛି। ସନ୍ଧ୍ୟା ଧୂପ ପୂଜା ପରଠାରୁ ଅର୍ଥାତ୍ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ। ଜନ୍ମ ଚକଡ଼ାରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ସମ୍ପନ୍ନ ହେବ ବୋଲି ସେ ସୂଚନା ଦେଇଛନ୍ତି।

**ଶିଳ୍ପାୟନ ଧୂଆଁବାଣ**

# ଧ୍ୱଂସ ହୋଇଯାଉଛି କ୍ଷୁଦ୍ରଶିଳ୍ପ
## ୫ ବର୍ଷରେ ୧୫ ହଜାର କ୍ଷୁଦ୍ର, ମଧ୍ୟମ ଶିଳ୍ପରେ ତାଲା

**ଭୁବନେଶ୍ୱର, ୨୨।୮(ବ୍ୟୁରୋ)**

ଶିଳ୍ପାୟନର ସ୍ୱପ୍ନ ଦେଖାଉଛନ୍ତି ରାଜ୍ୟ ସରକାର। ରାଜ୍ୟରେ ଆଲୁମିନିୟମ, ଇସ୍ପାତ, ଆଲୁମିନା, ସାର, ପେଟ୍ରୋ କେମିକାଲ, ପ୍ଲାଷ୍ଟିକ ଭଳି ବଡ଼ ବଡ଼ ଶିଳ୍ପ ସାଙ୍ଗକୁ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପ୍ରତିରକ୍ଷା, ଶକ୍ତି, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବୃହତ ପୁଞ୍ଜି ନିବେଶ ହେବ। ରାଜ୍ୟର ଭାଗ୍ୟ ବଦଳିଯିବ। ବେକାର ଯୁବତୀ ଯୁବକଙ୍କୁ କାମଧନ୍ଦା ମିଳିଯିବ। ଗତ ୫ ବର୍ଷ ହେବ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଏମିତି ସ୍ୱପ୍ନ ଦେଖାଇ ଆସୁଛନ୍ତି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ କରି ଓଡ଼ିଶାକୁ ପୁଞ୍ଜି ନିବେଶ ହବ୍‌ରେ ପରିଣତ କରିବାକୁ ଚେଷ୍ଟା ଚାଲିଛି। ହେଲେ ସରକାର ରାଜ୍ୟରେ ଥିବା ପୁରୁଣା ଶିଳ୍ପଗୁଡିକୁ ଗୋଟିଏ ପରେ ଗୋଟିଏ ବନ୍ଦ କରି ଚାଲିଛନ୍ତି। କେବଳ ବଡ଼ ଶିଳ୍ପ ନୁହେଁ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ମଧ୍ୟ ସରକାରୀ ପ୍ରୋତ୍ସାହନ ଏବଂ ବଜାର ସୁବିଧା ନ ପାଇ ମୁହଁମାଡି ପଡ଼ିଲେଣି।

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ୨୦୧୫ରେ ଶିଳ୍ପ ନୀତି କାର୍ଯ୍ୟକାରୀ କରିଥିବାବେଳେ ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଥିଲେ। ୨୦୧୭-୧୮ରେ ୫୦,୧୫୮ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ କରାଯାଇଥିଲା, ଯେଉଁଥିରେ କି ୨,୩୨୪.୪୬ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହ ୧.୪୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ଗତ ୫ ବର୍ଷରେ ରାଜ୍ୟରେ ୧,୯୮,୭୩୬ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସ୍ଥାପନ ହୋଇଥିବା ସରକାର ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ କହିଛନ୍ତି। ଏଥିରେ ୧୦୯.୭୫ କୋଟି ଟଙ୍କା ନିବେଶ ହେବା ସହ ୬.୨୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିଛି। କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନୁକୂଳ ପରିବେଶ ସୃଷ୍ଟି କରୁଥିବାରୁ ୨୦୧୮ ଷ୍ଟାର୍ଟଅପ୍ ର୍ୟାଙ୍କରେ ଓଡ଼ିଶା ଏକ ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପରିଚୟ ପାଇପାରିଛି। ଜିଲାସ୍ତରରେ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଡିଏଲ୍‌ଏସ୍‌ଡବ୍ଲୁସିଏ) ଗଠନ କରି ଷ୍ଟାର୍ଟଅପ୍ ଓଡ଼ିଶା ଆରମ୍ଭ କରି ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି।

ଏସବୁ ସତ୍ତ୍ୱେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ରାଜ୍ୟ ସରକାର ଆକୃଷ୍ଟ କରିବାରେ ବିଫଳ ହୋଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ସ୍ଥିତି ଅତ୍ୟନ୍ତ ଦୟନୀୟ। ରାଜ୍ୟରେ ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଥିବା ୧୫,୩୧୫ ସୂକ୍ଷ୍ମ ଓ ମଧ୍ୟମ ଶିଳ୍ପରେ ତାଲା ପଡିଛି। ଏଥିରେ ନିୟୋଜିତ ଥିବା ୧,୨୯,୯୫୦ ଜଣ ଲୋକ ବେକାର ହୋଇଯାଇଛନ୍ତି। ବନ୍ଦ ହୋଇଥିବା ଏହି ଶିଳ୍ପ ମଧ୍ୟରୁ ସୁନ୍ଦରଗଡରେ ସର୍ବାଧିକ ୨୦୨୦, କଟକ ୨୪୦୨, ଭୁବନେଶ୍ୱର ୧୫୦୪, ଗଞ୍ଜାମ ୧୦୬୧, ସମ୍ବଲପୁର ୫୩୩, ବରଗଡ ୩୩୪, କେନ୍ଦୁଝର ୬୮୩, ବାଲେଶ୍ୱର ୫୫୮, ଭଦ୍ରକ ୩୪୬, ଢେଙ୍କାନାଳ ୩୧୬, କଳାହାଣ୍ଡି ୪୧୮, ରାୟଗଡା ୨୫୬, ନବରଙ୍ଗପୁର ୧୫୭ ଏବଂ ମାଲକାନଗିରିରେ ୧୧୬ଟି ଶିଳ୍ପ ବନ୍ଦ ହୋଇଛି। ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଏବଂ ବିଦେଶରେ ରୋଡ ଶୋ କରି ବଡ଼ ବଡ଼ ଶିଳ୍ପକୁ ଓଡ଼ିଶା ଆଣିବାକୁ ପାଣି ଭଳି ଟଙ୍କା ବୁହାଇ ଚାଲିଛନ୍ତି। ମାତ୍ର ରାଜ୍ୟର ଶିକ୍ଷିତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ବଜାର ଓ ବ୍ୟାଙ୍କ ସୁବିଧା ଦେଇପାରୁ ନ ଥିବାରୁ ଆରମ୍ଭ ହେବାର ଅଳ୍ପ କେଇମାସ ପରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ପଡୁଛି । ସରକାରୀ ଉଦାସୀନତାକୁ ଯୁବ ଉଦ୍ୟୋଗୀ ମହଲ ନାପସନ୍ଦ କରିଛନ୍ତି।

# ରୋଗୀଙ୍କ ଅସୁବିଧା ସିଧାସଳଖ ବୁଝିବେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷଣା କରାଯାଇଥିବା ମୋ ସରକାର ଯୋଜନା ଆସନ୍ତା ଅକ୍ଟୋବର ଗାନ୍ଧୀ ଜୟନ୍ତୀରୁ ରାଜ୍ୟରେ କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବେ। ସେମାନଙ୍କର ଦୁଃଖ ବୁଝିବେ। ମନ୍ତ୍ରୀମାନେ ଏ ନେଇ ରିହର୍ସାଲ ଆରମ୍ଭ କରି ଦେଲେଣି। ନିଜ ନିଜ ବିଭାଗରେ ବିଭିନ୍ନ ଟିମ୍ ଗଠନ ମଧ୍ୟ ଆରମ୍ଭ ହୋଇଛି। ସରକାରୀ ହସ୍ପିଟାଲରେ ରୋଗୀମାନେ କିପରି ଅଛନ୍ତି। ସେମାନଙ୍କୁ ଚିକିତ୍ସା ସୁବିଧା ଠିକରେ ମିଳୁଛି କି ନାହିଁ ସେ କଥା ନିଜେ ବୁଝିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଗୁରୁବାର ରାଜ୍ୟ ମେଡିକାଲ ନିଗମଠାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ)ମାନଙ୍କ ସମ୍ମିଳନୀକୁ ଉଦଘାଟନ କରି ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଲୋକମାନେ କିଭଳି ସରକାରୀ ସେବା ପାଉଛନ୍ତି ସେ ବିଷୟରେ ସରକାରୀ ଅଧିକାରୀମାନେ ଟେଲିଫୋନ କରି ଲୋକଙ୍କଠାରୁ ତାହା ପଚାରି ବୁଝିବେ। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଏ ନେଇ ଏକ ଟିମ୍ ଗଠନ କରାଯାଇଛି। ରୋଗୀଙ୍କ ମତାମତ ଆଧାରରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାର ଗୁରୁଦାୟିତ୍ୱ ସିଡିଏମ୍‌ଓମାନଙ୍କ ହାତରେ ରହିବ। ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରୋଗୀମାନଙ୍କ କଥା କେହି ଶୁଣୁ ନ ଥିବା ଅଭିଯୋଗ ହେଉଥିଲା। ଏଣିକି ମନ୍ତ୍ରୀ, ସିଡିଏମଓ ଓ ବିଭାଗ ଦ୍ୱାରା ଗଠନ କରାଯାଇଥିବା ଟିମ୍ ସିଧାସଳଖ ରୋଗୀଙ୍କ ସହ କଥା ହୋଇ ଅଭିଯୋଗ ଗ୍ରହଣ କରିବେ। ଏଥିସହିତ ହସ୍ପିଟାଲକୁ ଅଧିକ ସଫାସୁତୁରା ରଖିବା ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଛି। ଏହି ଦିନିକିଆ ସମ୍ମିଳନୀରେ ମାଗଣା ଔଷଧ ଯୋଗାଣ ନିରାମୟ କାର୍ଯ୍ୟକ୍ରମ, ସ୍ୱନେତ୍ର, ଡିଜିଟାଲ ଡିସପେନସାରୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ବରିଷ୍ଠ ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ବିମଳ ଦାସ ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**



ବିମଳ ପ୍ରସାଦ ଦାସ

ରାଜ୍ୟ ସରକାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧ୍ୟକ୍ଷ ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ବିମଳ ପ୍ରସାଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିପରି ଆଡଭୋକେଟ ଅସୀମ ଅମିତାଭ ଦାଶଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଯୋଗ୍ୟ ଯେ କମିଶନରେ ଖାଲି ପଡିଥିବା ଉକ୍ତ ଦୁଇଟି ପଦବୀ ପୂରଣ ପାଇଁ ଗତ ୧୯ ତାରିଖରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କୁ ମିଶାଇ ଦୁଇ ଜଣଙ୍କ ନାମ ସୁପାରିସ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜଷ୍ଟିସ ରଘୁବୀର ଦାଶଙ୍କୁ ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ ଜଣେ ଜିଲାକୋର୍ଟ ବିଚାରପତି ଓ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡିଛି। ତେବେ କାହା ନାମ ସୁପାରିସ କରାଯାଇଛି ତାହା ସମ୍ପୂର୍ଣ୍ଣ ଗୋପନ ରଖାଯାଇଛି।

ସୂଚନା ଯୋଗ୍ୟ ଯେ ଜଷ୍ଟିସ ଆର.କେ. ପାତ୍ର ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିବା ପରେ ୨୦୧୨ରୁ ଏହା ଖାଲି ରହିଛି। ତେବେ ଜଷ୍ଟିସ ବୀର କିଶୋର ମିଶ୍ରଙ୍କୁ ଓଏଚ୍‌ଆର୍‌ସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ଅଗଷ୍ଟ ୧୫ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ରାଜ୍ୟ ମାନବାଧିକାର କମିଶନରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଅଧ୍ୟକ୍ଷ ରହିବା ବ୍ୟବସ୍ଥା ଥିଲା। ତେବେ ଗତ ପାର୍ଲାମେଣ୍ଟ ଅଧିବେଶନ କାଳରେ ଏଥିରେ ସଂଶୋଧନ କରାଯାଇ ହାଇକୋର୍ଟର ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା ହୋଇଛି। ସେହି ଆଧାରରେ ରାଜ୍ୟ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ଚୂଡାନ୍ତ କରିଛନ୍ତି। ଏହି ବୈଠକରେ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଯୋଗ ଦେଇଥିଲେ।

# କାଳିଆ ଅଯୋଗ୍ୟ ସଂଖ୍ୟା ବର୍ତ୍ତମାନ ଅଢ଼େଇ ଲକ୍ଷ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**



କାଳିଆ ଯୋଜନା ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ସମ୍ପର୍କିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅଧିକାରୀମାନେ।

- ତାଲିକା ପ୍ରସ୍ତୁତରେ ଭୁଲ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ
- ୩୧ରେ ସରିବ ଚୂଡାନ୍ତ ଚିହ୍ନଟ ପ୍ରକ୍ରିୟା

କାଳିଆ ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବାରେ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସରକାର ୨ଲକ୍ଷ ୬୬ ହଜାର ଅଯୋଗ୍ୟ କାଳିଆ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏହି ପ୍ରକ୍ରିୟା ଆଗକୁ ଆହୁରି ଜୋର୍‌ଦାର ଭାବେ ଚାଲିବାକୁ ଥିବାବେଳେ ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ତା'ଉପରେ ଆଲୋଚନା ଚାଲିଛି। ଆସନ୍ତା ୨୭ ତାରିଖ ସୁଦ୍ଧା ପଞ୍ଚାୟତ ସ୍ତରରେ ଏବଂ ୩୧ ସୁଦ୍ଧା ବ୍ଲକ ଓ ଜିଲା ସ୍ତରରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କାମ ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନାରେ ୫୧ଲକ୍ଷ ଚାଷୀଙ୍କୁ ସାମିଲ କରି ଅର୍ଥ ପ୍ରଦାନ କରିଥିବା କହିଥିଲେ। ସେଥିରୁ ବର୍ତ୍ତମାନ ସୁଦ୍ଧା ୩୬ଲକ୍ଷ ୮୮ ହଜାର ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା ସରିଛି। ଏଥିରୁ ୨ଲକ୍ଷ ୬୬ ହଜାର ଅଯୋଗ୍ୟ ଚିହ୍ନଟ ହୋଇଛନ୍ତି। ଆଗକୁ ଆହୁରି କେତେ ଅଯୋଗ୍ୟ ବାହାରୁଛନ୍ତି ତାହା ପ୍ରକ୍ରିୟା ଶେଷ ହେବାପରେ ଜଣାପଡିବ। ତେବେ ଚୂଡାନ୍ତ ରିପୋର୍ଟ ଆସିବାପରେ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯିବ ବୋଲି କାଳିଆ ବୈଠକ ସମୀକ୍ଷା ପରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯୋଗ୍ୟ ହିତାଧିକାରୀ ଯେପରି କାଳିଆରୁ ବାଦ୍ ନ ପଡିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଯଦି କୌଣସି କାରଣ ବଶତଃ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ ପରବର୍ତ୍ତୀ ସମୟରେ ସେମାନଙ୍କୁ ସାମିଲ କରାଯିବ। ଏଥିପାଇଁ ନୋଡାଲ୍ ଅଫିସର୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ତଥ୍ୟ ଆସିବାପରେ ଯାଇ ପରବର୍ତ୍ତୀ ନିଷ୍ପତ୍ତି ହେବ ବୋଲି ସରକାର କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଚାଷୀମାନଙ୍କ ଲାଗି କାଳିଆ ଯୋଜନା ଆଣିଥିଲେ। ଏହାପରେ ଯେଉଁମାନେ ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କଲେ ସେମାନଙ୍କୁ ଅର୍ଥ ମିଳିଥିଲା। କିନ୍ତୁ କିଛିଦିନ ତଳେ ରାଜ୍ୟ ସରକାର ବିଜ୍ଞାପନ ଜରିଆରେ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଅଯୋଗ୍ୟ ହିତାଧିକାରୀ ନିଜ ଆଡୁ ଟଙ୍କା ଫେରାଇପାରିବେ ବୋଲି ସରକାର ଏକ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହାସହ ଯଦି କୌଣସି ବ୍ୟକ୍ତି ଚାହିଁବ ନିଜ ନାମ ଗୋପନ ରଖି ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଦେଇପାରିବା ସହ ଯେଉଁମାନେ ଏହି ଯୋଜନାରୁ ବାଦ୍ ପଡିଛନ୍ତି ସେମାନେ ଆବେଦନ କରିପାରିବେ ବୋଲି କହିଥିଲେ।

ଆଗକୁ ଚୂଡାନ୍ତ ତାଲିକା ଆସିବାପରେ ସରକାର ଏକ ଚୂଡାନ୍ତ ନିଷ୍ପତ୍ତି ନେବେ କିପରି ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରାଯାଇପାରିବ। ଏହାସହ ଯଦି ଅଯୋଗ୍ୟ ତାଲିକା ଠିକ୍ ଭାବେ ନିଯୁକ୍ତ ଅଧିକାରୀମାନେ ପ୍ରସ୍ତୁତ କରି ନ ଥିବେ ତେବେ ଏନେଇ ଅଭିଯୋଗ ଆସିଲେ ସରକାରଙ୍କ ପକ୍ଷରୁ କଡା ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୩୧ତାରିଖ ପରେ ଚୂଡାନ୍ତ ତାଲିକା ଆସିଯିବାପରେ ଲୋକମାନେ ଯଦି ଗ୍ରାମପଞ୍ଚାୟତସ୍ତରର ନୋଡାଲ ଅଫିସରଙ୍କ ନାମରେ ଅଭିଯୋଗ କରନ୍ତି ଏବଂ ତାହା ସତ୍ୟ ପ୍ରମାଣିତ ହୁଏତ ତେବେ ସେ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ ବର୍ତ୍ତମାନ ସୁଦ୍ଧା ଖୁବ୍ କମ ଲୋକ କାଳିଆ ଟଙ୍କା ଫେରାଇଛନ୍ତି। ଶେଷରେ ଏକ ବଡଧରଣର ସମୀକ୍ଷା ବୈଠକ ବସିବ ବୋଲି ସେ କହିଛନ୍ତି।





ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।
- ଏଡ୍‌ୱିନ୍ ହବେଲ ଚାପିନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଭିଷେକ୍
ପରିବାରବର୍ଗ


ଦିବ୍ୟାଶା
ପରିବାରବର୍ଗ


ମେହେର୍ ଫାତିମା
ପରିବାରବର୍ଗ


ଓମ୍
ପରିବାରବର୍ଗ


ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଚଳିତ ବର୍ଷ ଜୁଲାଇରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନ ଯାତ୍ରୀଙ୍କ ଟ୍ରାଫିକରେ ୩.୧୫% ବୃଦ୍ଧି ଘଟିଛି।

**– ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ**

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଆଜି

**ଫୁଲବାଣୀ ଅଫିସ/ଶଙ୍କରାଖୋଲ/ତୁମୁଡ଼ିବନ୍ଧ,୨୨।୮(ଡି.ଏନ୍.ଏ.)**

କନ୍ଧମାଳ ଜିଲାର ଚକାପାଦ ଏବଂ ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ଶୁକ୍ରବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ଦିବସ ଏବଂ ଜନ୍ମାଷ୍ଟମୀ ପାଳନ ହେବ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱାମିଜୀଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ଜନ୍ମାଷ୍ଟମୀ ପାଳନ ପାଇଁ ଉଭୟ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ଜଲେଶପଟା ସଂସ୍କୃତ କନ୍ୟାଶ୍ରମରେ ବିଶେଷ କାର୍ଯ୍ୟକ୍ରମ ରହିଛି। ସକାଳ ୮ଟାରେ ଶାନ୍ତି ଶୋଭାଯାତ୍ରା, ପୂର୍ବାହ୍ଣ ୧୦ଟାରେ ହୋମଯଜ୍ଞ, ୧୧ଟାରେ ଶ୍ରଦ୍ଧାଞ୍ଜଳି, ଅପରାହ୍ଣ ୧ ଟାରେ ପ୍ରସାଦସେବନ ଏବଂ ସନ୍ଧ୍ୟା ୭ଟାରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯିବ। ସେହିପରି ଚକାପାଦସ୍ଥିତ ଆଶ୍ରମରେ ସ୍ୱାମିଜୀଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ଆୟୋଜନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ ସୂଚନା ଦେଇଛନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିକାବାଲି, ଷ୍ଟେଗେଡାପଥର ଛକ, ଚକାପାଦକୁ ବିଭିନ୍ନ ପଟୁ ପ୍ରବେଶ କରୁଥିବା ଯାନବାହନଗୁଡିକୁ ଚକାପାଦ ଏବଂ ଟିକାବାଲି ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହନ୍ତ, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନାଧିକାରୀ ତରୁଣ ତପନ ବେହେରା, ୩ ସବଇନ୍ସପେକ୍ଟର, ୨ ପ୍ଲାଟୁନ ପୋଲିସ ଫୋର୍ସ ଚକାପାଦ ଆଶ୍ରମରେ ମୁତୟନ ହୋଇଛନ୍ତି। ସେହିପରି ଜଲେଶପଟା କନ୍ୟାଶ୍ରମରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳାକୁ ତଦାରଖ କରିବା ପାଇଁ ୨ ଜଣ ଡିଏସ୍‌ପି ରହିଛନ୍ତି ବୋଲି ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଅଗଷ୍ଟ ୨୩ ତାରିଖରେ ଜନ୍ମାଷ୍ଟମୀ ଦିନ ଜଲେଶପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କ ୪ ଜଣ ସହଯୋଗୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ସେବେଠାରୁ କଡା ସୁରକ୍ଷା ମଧ୍ୟରେ ଜନ୍ମାଷ୍ଟମୀ ଓ ସ୍ୱାମିଜୀଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

**ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

# କୋମ୍ବିଂରେ ଯାଇଥିବା ଯବାନଙ୍କ ମୃତ୍ୟୁ

**କୋଟଗଡ,୨୨।୮(ଡି.ଏନ.ଏ.)**

କନ୍ଧମାଳ ଜିଲା କୋଟଗଡ ବ୍ଲକ ଶ୍ରୀରାମପୁର ସିଆରପିଏଫ ୮ ବାଟାଲିୟନ କ୍ୟାମ୍ପରେ କାର୍ଯ୍ୟରତ ଜଣେ ଯବାନଙ୍କ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ ଜିଲା ଭସ୍ମା ଗ୍ରାମର ଦିଲେସର ବୁଡୁ। ଗୁରୁବାର ଦିଲେଶ୍ୱର ମାଟିଗାଡା ଜଙ୍ଗଲକୁ ସାଥୀ ଯବାନଙ୍କ ସହ କୋମ୍ବିଂରେ ଯାଇଥିଲେ। ସେଠାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସହଯୋଗୀମାନେ ପ୍ରଥମେ ଶ୍ରୀରାମପୁର ସିଆରପିଏଫ କ୍ୟାମ୍ପକୁ ଆଣିଥିଲେ। ସେଠାରେ ଭୀଷଣ ଯନ୍ତ୍ରଣା ହେବାରୁ କୋଟଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଆଇ ରିମାଣ୍ଡରେ...

କୁମାର କୁହାର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ହାଜତରେ ରଖି ଜେରା କରିବା ପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି। ଏହାସହ ଚିଦାମ୍ବରମଙ୍କ ଓକିଲ ଓ ପରିବାର ଲୋକେ ହାଜତରେ ତାଙ୍କୁ ଦିନକୁ ଅଧଘଣ୍ଟା ଲେଖାଏ ଭେଟି ପାରିବେ। ପ୍ରତି ୪୮ ଘଣ୍ଟାରେ ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ଫଳରେ ଜାତୀୟ ରାଜନୀତିର ଏହି ପ୍ରଭାବଶାଳୀ ରାଜନେତା ଓ ବରିଷ୍ଠ ଆଇନଜୀବୀଙ୍କୁ ଶକ୍ତ ଝଟକା ଲାଗିଛି। କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଚିଦାମ୍ବରମଙ୍କୁ ଗିରଫ କରିଥିବା କଂଗ୍ରେସ ଅଭିଯୋଗ ଆଣିଥିବାବେଳେ ଗିରଫଦାରି ପ୍ରତିବାଦରେ ଦେଶର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୁଇଦିନ ଧରି ଲୁଚକାଳି ଖେଳ ଖେଳିବା ପରେ ଚିଦାମ୍ବରମ ବୁଧବାର ରାତିରେ ନାଟକୀୟ ଢଙ୍ଗରେ ଏଆଇସିସି ମୁଖ୍ୟାଳୟରେ ଆବିର୍ଭାବ ହୋଇଥିଲେ। ସେ ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହ ଆଇନକୁ ସମ୍ମାନ ଦେବେ ବୋଲି କହିଥିଲେ। ସିବିଆଇର ଏକ ଟିମ୍ କଂଗ୍ରେସ ଅଫିସକୁ ଯାଇଥିବାବେଳେ ଦଳୀୟ କର୍ମୀଙ୍କ ବିରୋଧ ଯୋଗୁ ତାଙ୍କୁ ଧରିପାରି ନ ଥିଲା। ଚିଦାମ୍ବରମ ସେଠାରୁ ଜୋରବାଗ୍‌ସ୍ଥିତ ନିଜ ବାସଭବନକୁ ଯାଇଥିବାବେଳେ ସିବିଆଇ ଅଧିକାରୀମାନେ ପାଚେରି ଡେଇଁ ଘରେ ପଶି ତାଙ୍କୁ ଧରିଥିଲେ। ପରେ ତାଙ୍କୁ ସିବିଆଇ ମୁଖ୍ୟାଳୟ ଗେଷ୍ଟହାଉସ୍‌ର ଲକ୍-ଅପ୍ ସୁଟ୍ ୩କୁ ନିଆଯାଇଥିଲା, ଯାହାକି ସେ ୨୦୧୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସହ ମିଶି ଉଦ୍‌ଘାଟନ କରିଥିଲେ। ସେଠାରେ ତାଙ୍କୁ ଜେରା କରାଯାଇ ଗୁରୁବାର ଅପରାହ୍ଣ ୩ଟା ୨୦ରେ ତଦନ୍ତକାରୀ ଅଧିକାରୀମାନେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଉଜ୍ ଆଭେନ୍ୟୁସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ନେଇ ହାଜର କରିଥିଲେ। ଚିଦାମ୍ବରମ କୋର୍ଟ କାଠଗଡ଼ାରେ ଛିଡ଼ା ହୋଇଥିବାବେଳେ ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସୋଲିସିଟର ଜେନେରାଲ ତୁଷାର ମେହେଟା ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଅଦାଲତଙ୍କୁ ଅନୁମତି ମାଗିଥିଲେ। ସେ କହିଥିଲେ, ଆଇଏନ୍‌ଏକ୍ସ ମିଡିଆ ମାମଲାର ସହଅଭିଯୁକ୍ତ ଇନ୍ଦ୍ରାଣୀ ମୁଖାର୍ଜିଆ ୫ ନିୟୁତ ଡଲାର ଦେଇଥିବା ତଦନ୍ତରୁ ପ୍ରଘଟ ହୋଇଛି। କିନ୍ତୁ ସିବିଆଇ ପକ୍ଷରୁ ଏନେଇ କରାଯାଇଥିବା ପ୍ରଶ୍ନକୁ ଚିଦାମ୍ବରମ ଏଡାଇଦେଇଛନ୍ତି। ଏସମ୍ପର୍କିତ ଦସ୍ତାବିଜ ଚିଦାମ୍ବରମଙ୍କୁ ଦେଖାଯିବାବେଳେ ସେ ନୀରବ ରହିଥିଲେ। ସେ ତଦନ୍ତରେ ସିବିଆଇକୁ ସହଯୋଗ କରୁନାହାନ୍ତି। ତାଙ୍କ ଉତ୍ତରରେ ତଦନ୍ତକାରୀ ସଂସ୍ଥା ସନ୍ତୁଷ୍ଟ ନୁହେଁ। ତେଣୁ ଅଧିକ ଦସ୍ତାବିଜ ନେଇ ତାଙ୍କୁ ଜେରା କରିବା ଲାଗି ସିବିଆଇ ହାଜତକୁ ନିଆଯିବା ଆବଶ୍ୟକ ବୋଲି ତୁଷାର ଯୁକ୍ତି ବାଢ଼ିଥିଲେ। ସେହିପରି ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କୁ ଉକ୍ତ ମାମଲାର 'କିଙ୍ଗପିନ୍' ଦର୍ଶାଇ ଆଗୁଆ ଜାମିନ ଦେବାକୁ ମନାକରିଦେଇଥିବା ବିଷୟ ମଧ୍ୟ ସେ ଅବତାରଣା କରିଥିଲେ। ଏହି ଅବସରରେ ତୁଷାର ସୁପ୍ରିମକୋର୍ଟଙ୍କ ଅନେକ ରାୟ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ। ଅନ୍ୟପକ୍ଷରେ ଚିଦାମ୍ବରମଙ୍କ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ କପିଲ ସିବଲ ଓ ଅଭିଷେକମନୁ ସିଂଘ୍‌ଭି କୋର୍ଟରେ ପ୍ରତିନିଧିତ୍ୱ କରିଥିଲେ। ସିବଲ କହିଥିଲେ, ଏହି ମାମଲାର ଅଭିଯୁକ୍ତ ହେଉଛନ୍ତି ଚିଦାମ୍ବରମଙ୍କ ପୁଅ କାର୍ତ୍ତି ଚିଦାମ୍ବରମ, ଯାହାଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେଇସାରିଛନ୍ତି। ଏକ ଚିଠା ଚାର୍ଜଶିଟ୍ ପ୍ରସ୍ତୁତ ହୋଇସାରିଥିବାରୁ ଉକ୍ତ ମାମଲାର ତଦନ୍ତ ଶେଷ ହୋଇଛି। ଚିଦାମ୍ବରମଙ୍କୁ ଗୁରୁବର ପୂର୍ବାହ୍ଣ ୧୧ଟାରେ ସିବିଆଇ ପ୍ରଶ୍ନ କରିବା ଆରମ୍ଭ କରିଥିଲା। ତାଙ୍କୁ କେବଳ ୧୨ଟି ପ୍ରଶ୍ନ ପଚରାଯାଇଛି। ବିଦେଶୀ ପୁଞ୍ଜିନିବେଶ ପ୍ରୋତ୍ସାହନ ବୋର୍ଡ (ଏଫଆଇପିବି)ରେ କେନ୍ଦ୍ର ସରକାରଙ୍କ ୬ ଜଣ ସଚିବ ରହିଥାନ୍ତି। ସେମାନେ ତତ୍କାଳୀନ ଅର୍ଥମନ୍ତ୍ରୀ ଚିଦାମ୍ବରମଙ୍କ ନିକଟକୁ ଫାଇଲ ପଠାଇଥିଲେ ବୋଲି ସିବଲ କହିଥିଲେ। ଜଣେ ଅଭିଯୁକ୍ତଙ୍କ ବୟାନ ଉପରେ ପର୍ଯ୍ୟବସିତ ଦସ୍ତାବିଜ ସିବିଆଇ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ଦର୍ଶାଇ ସେଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଏହାସହ ସିବିଆଇର ରିମାଣ୍ଡ ଆବେଦନକୁ ବିରୋଧ କରି ଜାମିନ ସକାଶେ ସନ୍ତୋଷ ରାୟର ଅବତାରଣା କରିଥିଲେ। ସେହିପରି ଆଇନଜୀବୀ ସିଂଘ୍‌ଭି କହିଥିଲେ, ଆଇଏନ୍‌ଏକ୍ସ ମିଡିଆକୁ ବିଦେଶୀ ପୁଞ୍ଜି ଗ୍ରହଣ କରିବା ନିଷ୍ପତ୍ତି ଏଫଆଇପିବିର ୬ ସଦସ୍ୟ ନେଇଥିଲେ। ଚିଦାମ୍ବରମ ଏହାକୁ କେବଳ ଅନୁମୋଦନ କରିଥିଲେ। ସେହିପରି ଇନ୍ଦ୍ରାଣୀ ମୁଖାର୍ଜିଆଙ୍କ ବୟାନ ପରେ ଚିଦାମ୍ବରମଙ୍କୁ ସମନ କରାଯିବାରେ ବିଳମ୍ବିତ ହୋଇଥିବାରୁ ଏହାକୁ ନେଇ ସିଂଘ୍‌ଭି ପ୍ରଶ୍ନ ଉଠାଇଥିଲେ। ଚିଦାମ୍ବରମ କୋର୍ଟଙ୍କୁ କହିଥିଲେ, ୨୦୧୮ ଜୁନ୍ ୬ରେ ସିବିଆଇ ତାଙ୍କୁ ସମନ କରିବା ପରଠୁ ସେ କୌଣସି ପ୍ରଶ୍ନ ଏଡ଼ାଇନାହାନ୍ତି। ତଦନ୍ତକାରୀ ଅଧିକାରୀମାନେ ଯାହା ପ୍ରଶ୍ନ କରିଛନ୍ତି ସେସବୁର ଉତ୍ତର ସେ ଦେଇଛନ୍ତି। ଏହାର ପ୍ରମାଣ ସ୍ୱରୂପ ସେ କେସ୍ ଡାଏରିର ଏକ ଅଂଶରେ ଉଲ୍ଲେଖ ରହିଥିବା ପ୍ରଶ୍ନ-ଉତ୍ତରର ଲେଖକୁ ବିଚାରପତିଙ୍କୁ ଦେଖାଇଥିଲେ। ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ କିଛି ସମୟ ପାଇଁ ରାୟ ସଂରକ୍ଷିତ ରଖିଥିଲେ। ସେ ସନ୍ଧ୍ୟା ୬ଟା ୪୫ରେ ସିବିଆଇର ଅବେଦନକୁ ଗ୍ରହଣ କରି ରାୟ ଶୁଣାଇ କହିଥିଲେ, ତଥ୍ୟ ଓ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାର କରି ଚିଦାମ୍ବରମଙ୍କୁ ପୋଲିସ ହାଜତରେ ରଖିବା ପାଇଁ ଅଗଷ୍ଟ ୨୬ ପର୍ଯ୍ୟନ୍ତ ଅନୁମତି ଦିଆଯାଉଛି। ଅଦାଲତ ରାୟ ଶୁଣାଇବାବେଳେ କୋର୍ଟରୁମ୍‌ରେ ଚିଦାମ୍ବରମଙ୍କ ସ୍ତ୍ରୀ ନଳିନୀ ଓ ପୁଅ କାର୍ତ୍ତି ଉପସ୍ଥିତ ଥିଲେ। ସିବିଆଇ ୫ ଦିନିଆ ରିମାଣ୍ଡ ପାଇଁ ଅନୁରୋଧ କରିଥିବାବେଳେ ଚିଦାମ୍ବରମଙ୍କୁ ୪ ଦିନ ହାଜତରେ ରଖିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଅଦାଲତ ରାୟ ଶୁଣାଇବାର କିଛି ସମୟ ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ପୁଣି ସିବିଆଇ ମୁଖ୍ୟାଳୟକୁ ନିଆଯାଇଛି।

### ଟ୍ରକ, ବସ୍ ଧକ୍କାରେ...

ଏକ ଯାତ୍ରୀବାହୀ ବସ୍ (ନଂ.ଓଡି୦୫ଏଏଫ୍୫୫୩୦) 'ଐରାବତ' ଦ୍ରୁତଗତିରେ ଆସି ସେହି ହାତୀକୁ ଧକ୍କା ମାରିଥିଲା। ଫଳରେ ଆହତ ହାତୀଟି ଗୁରୁତର ହୋଇପଡିଥିଲା। ପରେ ଡ୍ରାଇଭର ବସ୍ ନେଇ ବଡ଼ବିଲ ଚାଲି ଯାଇଥିଲେ। ଏହି ସୁଯୋଗରେ ରାସ୍ତା ତଳକୁ ଖସି ଯାଇଥିବା ଟ୍ରକର ଡ୍ରାଇଭର ଓ ହେଲପର ବି ଫେରାର ହୋଇଯାଇଥିଲେ। ଖବର ପାଇ ବୁଧବାର ରାତିରୁ ଘଟଗାଁ ରେଞ୍ଜ ବନକର୍ମଚାରୀ ଓ ଫରେଷ୍ଟର ମୃତ ଓ ଆହତ ହାତୀକୁ ଜଗି ରହିଥିଲେ। ଘଟଗାଁ ପୋଲିସ ମଧ୍ୟ ଉପସ୍ଥିତ ଥିଲା। ସକାଳୁ ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଲୋକେ ସେଠାରେ ଭିଡ ଜମାଇଥିଲେ। କେନ୍ଦୁଝର ଡିଏଫ୍‌ଓ ସନ୍ତୋଷ ଯୋଶୀ ଉଦ୍ଧାର କାର୍ଯ୍ୟର ତଦାରଖ କରିବା ସହିତ ଆହତ ହାତୀର ଚିକିତ୍ସା ବ୍ୟବସ୍ଥା କରିଥିଲେ। ହେଲେ ଗୁରୁବାର ମଧ୍ୟାହ୍ନରେ ଆହତ ହାତୀର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଐରାବତ ବସ୍‌କୁ ବନ ବିଭାଗ ବଡବିଲ ନିକଟ ମାଟକାମବେଡାସ୍ଥିତ କଳିଙ୍ଗ କଲୋନୀ ଅଞ୍ଚଳରୁ ଜବତ କରିଛି। ବସ୍‌ର ଡ୍ରାଇଭର ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମର ରାଜ କିଶୋର ମହାନ୍ତଙ୍କୁ କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଗିରଫ କରାଯାଇଥିବା ବଡବିଲ ବନାଞ୍ଚଳ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଚମ୍ପୁଆ ଡେପୁଟି ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି। ଗିରଫ ବସ୍ ଚାଳକ ମହାନ୍ତଙ୍କ କହିବା ଅନୁଯାୟୀ, ବସ୍ ଆଗରେ ଦ୍ରୁତଗତିରେ ଯାଉଥିବା ଟ୍ରକ ପ୍ରଥମେ ହାତୀ ପଲକୁ ଧକ୍କା ମାରି ରାସ୍ତା ତଳକୁ ଖସିଯାଇଥିଲା। ଟ୍ରକ ଧକ୍କାରେ ୨ ହାତୀ ଛିଟିକି ପଡିଥିଲେ। ଏହାପରେ ମୁଁ ବସ୍ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲି। ଫଳରେ ବସ୍‌ଟି ଅନ୍ୟ ଏକ ହାତୀକୁ ଧକ୍କା ମାରିଥିଲା। ଟ୍ରକ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ ଘଟିଥିଲା ବେଳେ ବସ୍ ଧକ୍କାରେ ଆହତ ହାତୀର ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି। ଦୁର୍ଘଟଣା ପରେ ସେହି ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ସଡ଼କ ଦୁର୍ଘଟଣାରେ ଏକସଙ୍ଗେ ୩ ହାତୀଙ୍କ ମୃତ୍ୟୁ ଘଟିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

### ଭିସୁଟ୍‌ରେ...

ଯାହାକି ବର୍ତ୍ତମାନ ଭାଇରାଲ ହୋଇଛି । ଭିଡିଓ ଚଳିତ ବର୍ଷରେ ହୋଇଥିବା ଚର୍ଚ୍ଚା ହେଉଛି। ଏନେଇ ଭିସୁଟ୍ କୁଳପତି ଚୌଧୁରୀଙ୍କୁ ପଚାରିବାରୁ ଛାତ୍ରମାନଙ୍କୁ ର୍‍ୟାଗିଂ କରିବା ଏକ ଦଣ୍ଡନୀୟ ଅପରାଧ। କଲେଜ ପକ୍ଷରୁ ଏହାକୁ ଗୁରୁତର ସହ ନିଆଯାଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ଭିସୁଟ୍‌ରେ ଏଭଳି ଅନେକ ଘଟଣା ଘଟିଛି। ଗତ ବର୍ଷ ଛାତ୍ରମାନଙ୍କୁ ର୍‍ୟାଗିଂ ଅଭିଯୋଗ ହୋଇଥିଲା । ଏନେଇ ୨୦ଜଣ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ୪ ଜଣଙ୍କୁ ହଷ୍ଟେଲରୁ ବାହାର କରି ଦିଆଯାଇଥିଲା । ଘଟଣାରେ ସମ୍ପୃକ୍ତ ଅନ୍ୟଛାତ୍ରମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା । ସେହିପରି ୨୦୧୧ରେ ଭିସୁଟ୍‌ରେ ଏଭଳି ଏକ ଘଟଣା ଘଟିଥିଲା। ଏ ନେଇ କଲେଜ କର୍ତ୍ତୃପକ୍ଷ ୪ଜଣ ଛାତ୍ରଙ୍କୁ ବହିଷ୍କୃତ କରିଥିଲେ। ଦୁଇ ଜଣଙ୍କୁ



ଛାତ୍ରମାନଙ୍କୁ ର୍‍ୟାଗିଂ ହୋଇଥିବା ଭାଇରାଲ ଭିଡିଓର ଫଟୋ।

୧୦ ହଜାର ଟଙ୍କା ଲେଖାଏଁ ଜରିମାନା ସହ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବର୍ତ୍ତମାନ ଜୁନିୟର ଛାତ୍ରଙ୍କୁ ସିନିୟର ଛାତ୍ରଙ୍କ ର୍‍ୟାଗିଂ ଘଟଣା ଭିଡିଓ ଭାଇରାଲ ହେବାପରେ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ସିନିୟର ଛାତ୍ରମାନେ ଜୁନିୟର ଛାତ୍ରମାନଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

## ଆଜି କ'ଣ କେଉଁଠି

**ଦେବଗଡ଼**

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଧର୍ମରକ୍ଷା ଦିବସ ପାଳନ, ସଂସ୍କୃତି ଭବନ, ସନ୍ଧ୍ୟା ୫ଟା ୩୦।
- ଜନ୍ମାଷ୍ଟମୀ ଉତ୍ସବ ପାଳନ, ମା କନକ ଦୁର୍ଗା ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଚିନ୍ମୟ ବିଦ୍ୟାଳୟ, ସକାଳ ୮ଟା।

**କୁଆଁରମୁଣ୍ଡା**

- ଜନ୍ମାଷ୍ଟମୀ ଉତ୍ସବ ପାଳନ ଓ ରାଧାକୃଷ୍ଣ ବେଶ କାର୍ଯ୍ୟକ୍ରମ, ସରସ୍ୱତୀ ଶିଶୁ ମନ୍ଦିର, ସକାଳ ୮ଟା।

**ରିଷିଡା**

- ଶ୍ରୀରାଧାକୃଷ୍ଣ ବେଶ ପ୍ରତିଯୋଗୀତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସକାଳ ୮ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ, ପୂର୍ବାହ୍ଣ ୧୧ଟା।

**ବିଜେପୁର**

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଧାକୃଷ୍ଣବେଶ, ସ୍କୁଲ ପରିସର, ସକାଳ ୭ଟା।

**ସମ୍ବଲପୁର**

- ଭତ୍ତା ଓ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ, ଯୁଯୁମୁରା ପଞ୍ଚାୟତ ଅଫିସ, ପୂର୍ବାହ୍ଣ ୧୦ଟା।
- ଜନ୍ମାଷ୍ଟମୀ ଉତ୍ସବ, ସାକ୍ଷୀପଡ଼ା ରାଧାମଦନ ଗୋପାଳ ମନ୍ଦିର, ପୂର୍ବାହ୍ଣ ୧୦ଟାରୁ ରାତି ୧୨ଟା।
- ବିଶ୍ୱ ହିନ୍ଦୀ ପରିଷଦର ୫୫ତମ ସ୍ଥାପନା ଦିବସ, ଅଗ୍ରସେନ ଭବନ, ସନ୍ଧ୍ୟା ସାଢ଼େ ୬ଟା ।
- ଅଜାମିଳ ଚରିତ୍ର ଓ ନୃସିଂହ ଅବତାର ପ୍ରବଚନ, ବସ୍ତି ମାରୱାଡି ପଞ୍ଚାୟତ ଧର୍ମଶାଳା, ଅପରାହ୍ଣ ସାଢ଼େ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ନୂତନ କର୍ମାରମ୍ଭ ପ୍ରୀତିପଦ ହେବାରୁ ମାନସିକ ସ୍ତରରେ ବହୁତ ଖୁସି ରହିବେ। ରାଜନୀତିରେ କିମ୍ବା ସାମାଜିକ ସ୍ତରରେ ବହୁତ ଲୋକଙ୍କଠାରୁ ଆଦର ସମ୍ମାନ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପିଲାମାନଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଆର୍ଥିକସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**ବୃଷ**
କର୍ମକ୍ଷେତ୍ରରେ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ଅପେକ୍ଷା କରିଥିବା କାମରେ ବନ୍ଧୁଙ୍କ ନିକଟରୁ ନାସ୍ତିସୂଚକ ସୂଚନା ପାଇ ବିଚଳିତ ହୁଅନ୍ତୁ ନାହିଁ। ପ୍ରିୟବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ ହେବେ। ସହଜାତପ୍ରବୃତ୍ତି ଜନିତ ନିଜର କୃତି ଓ କୃତିତ୍ୱ ହେତୁ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି।

**ମିଥୁନ**
ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବାରୁ ମାନସିକ ଶାନ୍ତି ଫେରି ଆସିବ। ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରାଇବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବାର ସମ୍ଭାବନା ରହିଛି। ପଡ଼ୋଶୀଙ୍କ ମାଧ୍ୟମରେ ଆନନ୍ଦଦାୟକ ଖବର ପାଇ ବିସ୍ମିତ ହୋଇପାରନ୍ତି।

**କର୍କଟ**
ଦୀର୍ଘ ଦିନର ଅଭିଳଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସି ହେବେ। ସମସ୍ୟା ସମାଧାନ କ୍ଷେତ୍ରରେ ଅଧୀର ନ ହୋଇ ମନ୍ଥର ଗତିରେ ଆଗକୁ ବଢ଼ିବା ଭଲ। ମାନସିକ ଅଶାନ୍ତିକୁ ଦୂରେଇବାରେ ପ୍ରିୟବନ୍ଧୁଙ୍କ ଅବଦାନକୁ ଭୁଲିହେବନି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଆଲୋଚନା କ୍ଷେତ୍ରରେ ଅନୁକୂଳ ଫଳ ମିଳିବ।

**ସିଂହ**
ଆର୍ଥିକ ସ୍ଥିତିର ଅଭିବୃଦ୍ଧି ଅଭିଳଷିତ କାର୍ଯ୍ୟ ସମ୍ପାଦନ ଦିଗରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ଦେହ ଭଲ ରହିବ। ଆଜ୍ଞାବହ ଭାବେ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଯାହା ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା**
ବନ୍ଧୁଙ୍କ ମାଧ୍ୟମରେ ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନ କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ଗୁରୁଜନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ଠିକ୍ ହେବ, ଯାହାକି ଆପଣଙ୍କ ପାଇଁ ଭଲ ମଧ୍ୟ ହେବ। ଦେହ ଭଲ ରହିବ। ବ୍ୟବସାୟ, ପରିବହନ, ହୋଟେଲ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଅସମର୍ଥିତ ସୂତ୍ରରୁ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଦୁଶ୍ଚିନ୍ତା ଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତ କିଛି ଦିନ ହେଲା ଦୋକାନୀ ନିକଟରୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବ।

**ବିଛା**
ଯେତେ ଚେଷ୍ଟା କଲେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା ସମସ୍ୟାବହୁଳ ହୋଇପାରେ। ଘଟିଯାଇଥିବା ଘଟଣାଗୁଡ଼ିକ ଅସାଧାରଣ ମନେହେବ। ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ କେତେକ ଅନିଚ୍ଛାକୃତ କାରଣକୁ ନେଇ ମନ ଭଲ ରହିବ ନାହିଁ।

**ଧନୁ**
ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ଲୋକମାନେ ଦୂରେଇ ଯିବା କାରଣରୁ ମନଟା ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ। ନିଜର ଦକ୍ଷତା ହେତୁ ସଭାସମିତିରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ନୀରବ ରହିବା ଆପଣଙ୍କ ସକାଶେ ଭଲ ହେବ।

**ମକର**
ଅବହେଳା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ଲାଭ କରିବେ। ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ବିଶେଷ କିଛି ଅସୁବିଧା ହେବନାହିଁ।

**କୁମ୍ଭ**
ପରୋକ୍ଷଭାବେ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ କିନ୍ତୁ କିଛି ଅସୁବିଧା ହେବନାହିଁ। ତଥାପି କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡ଼ିବେ। ଆଜିର ଯାତ୍ରା, କଳା, ସାହିତ୍ୟରୁ ପ୍ରଶଂସିତ ହେବେ। ଯାନବାହନ ଚାଳନାରେ, କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ।

**ମୀନ**
ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଭଙ୍ଗା ପଡ଼ିଯାଇଥିବା ବନ୍ଧୁସମ୍ପର୍କ ପୁନଶ୍ଚ ଦୃଢ଼ୀଭୂତ ହୋଇପାରିବ। ରୋଗ, ଋଣ ଓ ଶତ୍ରୁତା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ।

ଆଜି ସ୍ମାର୍ତ୍ତସମ୍ମତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଅଗଷ୍ଟ ୨୩ ତାରିଖ, ଶୁକ୍ରବାର, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ୧୦।୦୦ମି. ଗତେ, ବୃଷ ଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ ଘ୪।୪୪ ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୦ମି. ଗତେ ଘ୮।୨୨ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୫ମି. ଗତେ ଘ୧୧।୪୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

Own stithiban residential 1200 sqft. plot for sale. 9937816565, 9937568585. D-13942

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Corner plot (5,200 sqft. approx., stithiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781

construction

Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**GENERAL**

**SALE**

ଅଟା ମିଲ୍ ଯନ୍ତ୍ରପାତି ସୁଲଭ ମୂଲ୍ୟରେ କିଣିବାପାଇଁ ଯୋଗାଯୋଗ କରନ୍ତୁ: 9861442380, 9937713209. D-13997

to-let

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

Two bedroom, drawing room, Verandah, car parking at Shivaji Nagar, Deulasahi, Cuttack (Preferably small family). Contact: 9937039177, Rent-8000. D-14006

3BHK Apartment with garage for rent, family only at Bomikhal, Bhubaneswar: 9238574993. D-14009

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Experience full body massage with us (expert). Call: 7377048581, 06742597822. D-67359

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

**AFFIDAVIT**

By virtue of an affidavit before Executive Magistrate, Bhubaneswar vide CF No. 78 dt. 21.08.2019 I, Sanket Sujogya Mishra solemnly affirm that I shall be known as Sanket Sujogya Mishra. Sujogya Mishra and Sanket S. Mishra is one and same person instead of Sujogya Mishra wrongly mentioned in my birth certificate. Sanket Sujogya Mishra. D-14002

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା

# ଅଭିବୃଦ୍ଧି ବଢ଼ାଅ

ଚଳିତ ମାସର ଅଧିକାଂଶ ସମୟ ଅର୍ଥନୈତିକ ଆଲୋଚନା ଦେଶର ଲୋକମାନଙ୍କ ବୈଠକଖାନାରୁ ନେପଥ୍ୟକୁ ଚାଲିଯାଇଛି। ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦ, ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାରଙ୍କ ଆକସ୍ମିକ ନିଷ୍ପତ୍ତିକୁ ନେଇ ଚାଲିଥିବା ହାଇ ଭୋଲ୍‌ଟେଜ୍ ରାଜନୀତି ଦେଶବାସୀଙ୍କ ପାଇଁ ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ତେବେ ଯେତେ ଦ୍ରୁତଗତିରେ ଭୂ-ରାଜନୈତିକ ଘଟଣାଗୁଡ଼ିକ ଘଟିଯାଉ ନା କାହିଁକି ଦେଶର ସଙ୍ଗିନ ଅର୍ଥନୈତିକ ପରିସ୍ଥିତିକୁ ତାହା କେବେହେଲେ ଚାପିଦେଇ ପାରିନାହିଁ। ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ତୀବ୍ରତର ହେଉଥିବା ବେଳେ ନିଯୁକ୍ତି କ୍ଷେତ୍ରରେ ସଂକଟ ଦେଖାଦେଇଛି। କମ୍ପାନୀଗୁଡ଼ିକରେ କର୍ମଚାରୀମାନଙ୍କ ଛଟେଇ ସଂଖ୍ୟା ବୃଦ୍ଧି ପାଉଛି। ଅଟୋମୋବାଇଲ କମ୍ପାନୀ ଏବଂ ନିର୍ମାଣ ଶିଳ୍ପଠାରୁ ଆରମ୍ଭକରି ସେବା ଶିଳ୍ପ ପର୍ଯ୍ୟନ୍ତ ସବୁଠି ମାନ୍ଦାବସ୍ଥା ଓ ଛଟେଇ ଦେଖିବାକୁ ମିଳୁଛି। ଏସିଆ ମହାଦେଶର ତୃତୀୟ ବୃହତ୍ତମ ଅର୍ଥନୀତିର ଏପରି ନିମ୍ନଗତି ଫଳରେ କାର୍‌ଠାରୁ ଆରମ୍ଭ କରି ବସ୍ତ୍ର ପର୍ଯ୍ୟନ୍ତ ସବୁ ଜିନିଷର ବିକ୍ରିବଟା ହ୍ରାସ ପାଇଛି, ଯାହାଫଳରେ କମ୍ପାନୀଗୁଡ଼ିକ ସେମାନଙ୍କର ଦ୍ରବ୍ୟସୂଚୀ କମେଇ ଦେବାକୁ ବାଧ ହେଉଛନ୍ତି। ବିଭିନ୍ନ କ୍ଷେତ୍ରର କମ୍ପାନୀ ସେମାନଙ୍କ ଉତ୍ପାଦନ ହ୍ରାସ କରିବା ଆରମ୍ଭ କରିଛନ୍ତି। ଅଭିବୃଦ୍ଧି ତଳକୁ ଖସିଯାଇଛି।

ଅଭିବୃଦ୍ଧିକୁ ପୁନରୁଜ୍ଜୀବିତ କରିବା ପାଇଁ ସମସ୍ତେ ଚାହୁଁଛନ୍ତି ସରକାର ଏକ ଆର୍ଥିକ ପ୍ୟାକେଜ୍ ପ୍ରଦାନ କରନ୍ତୁ। ଅଭିବୃଦ୍ଧିକୁ ଉଦ୍ଦୀପିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ତାଙ୍କ ପକ୍ଷେ ଯେତିକି ସମ୍ଭବ ତା'ଠୁ ଅଧିକ କରିଛନ୍ତି। ଗତ ଜାନୁୟାରୀଠାରୁ ଏ ପର୍ଯ୍ୟନ୍ତ ସେ ମୋଟ ୧୧୦ ବେସିସ୍ ପଏଣ୍ଟ ରେପୋ ରେଟ୍ ହ୍ରାସ କରିସାରିଲେଣି। ତେବେ ବ୍ୟାଙ୍କଗୁଡ଼ିକ ଏହାର ସମାନୁପାତିକ ଲାଭ ଗ୍ରାହକମାନଙ୍କୁ ନ ଦେବା ଏକ ଭିନ୍ନ ପ୍ରସଙ୍ଗ। ତଥାପି କେତେକ ବ୍ୟାଙ୍କ ସମାନୁପାତିକ ନ ହେଲେ ବି କିଛି ଋଣ ସୁଧହାର ହ୍ରାସ କରିଛନ୍ତି ଓ ଆଉ କେତେକ ବ୍ୟାଙ୍କ ତାହା ହ୍ରାସ କରିବା ଆରମ୍ଭ କରିଛନ୍ତି। ଆଗାମୀ ପାର୍ବଣ ଋତୁ ଅବସରରେ ଖାଉଟିମାନଙ୍କୁ ବିଭିନ୍ନ ଖାଉଟି ସାମଗ୍ରୀ କିଣିବା ଲାଗି ଉତ୍ସାହିତ କରିବା ନିମନ୍ତେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଋଣ ସୁଧହାର କମାଇବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ପ୍ରମୁଖ ବ୍ୟାଙ୍କ ଏସ୍‌ବିଆଇ ମଙ୍ଗଳବାର ଏକ ପାର୍ବଣ ଉପହାର ଘୋଷଣା କରିବା ସହ ବ୍ୟାଙ୍କରୁ ଋଣ ନେଉଥିବା ଖାଉଟିମାନଙ୍କ ପାଇଁ ବିଭିନ୍ନ ଅଫର ଘୋଷଣା କରିଛି। ପାର୍ବଣ ପୂର୍ବରୁ ବିଭିନ୍ନ ଋଣ ଉପରେ ଏହା ପ୍ରସେସିଂ ଫି ଛାଡ଼ କରିଛି। ସ୍ୱଳ୍ପ ଓ ନଗଣ୍ୟ ହେଲେ ମଧ୍ୟ ଏସ୍‌ବିଆଇର ଏହି ପଦକ୍ଷେପ ଖାଉଟିମାନଙ୍କୁ ଉତ୍ସାହିତ କରିଛି। ଆମେ ଆଶା କରୁଛୁ ଅନ୍ୟ ପ୍ରମୁଖ ରାଷ୍ଟ୍ରାୟତ୍ତ ତଥା ଘରୋଇ ବ୍ୟାଙ୍କଗୁଡ଼ିକ ଅନୁରୂପ ପଦକ୍ଷେପ ଗ୍ରହଣ କରିବେ।

## ଆଜିର ଅର୍ଥନୀତି

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏକ ଉଦ୍ଦୀପନୀ ପ୍ୟାକେଜ୍ ମାଧ୍ୟମରେ ସରକାର ନିମ୍ନଗାମୀ ଅର୍ଥନୀତିକୁ ଊର୍ଦ୍ଧ୍ୱକୁ ନେବା ପାଇଁ ଚେଷ୍ଟା କରିବେ ବୋଲି ସାଧାରଣରେ ଆଶା କରାଯାଉଛି। ଚଳିତମାସ ପ୍ରାରମ୍ଭରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବ୍ୟାଙ୍କିଙ୍ଗ୍, ଅଟୋମୋବାଇଲ, ବିଦେଶୀ ନିବେଶକ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପସଂଘ ଓ ରିୟଲ ଇଷ୍ଟେଟ୍ ମାଲିକଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଅର୍ଥନୀତିକୁ ସୁଧାରିବା ପାଇଁ ସରକାର କ'ଣ କରିବାକୁ ଚାହୁଁଛନ୍ତି, ତା' ଉପରେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆଶା କରାଯାଉଛି ଏହା ଟିକସ ହ୍ରାସ କରିବା ସହ ରିହାତି ପ୍ରଦାନ ଭଳି ପଦକ୍ଷେପ ନେବେ। ଭିତ୍ତିଭୂମିରେ ନିବେଶ ଲାଗି ପ୍ରୋତ୍ସାହନ ପ୍ରଦାନ, ଅଟୋମୋବାଇଲ କ୍ଷେତ୍ର ସମେତ କେତେକ ଶିଳ୍ପ ପାଇଁ ଦ୍ରବ୍ୟ ଓ ସେବା କର ଛାଡ଼ ବା ହ୍ରାସ, ସୀମାପାର ବ୍ୟବସାୟକୁ ପ୍ରୋତ୍ସାହନ ପ୍ରଦାନ ଏବଂ ବ୍ୟବସାୟିକ କାରବାର ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି (ease of do-ing business) ଆଦି ନିମନ୍ତେ ସରକାର ପଦକ୍ଷେପ ନେଇପାରନ୍ତି। ଅଟୋମୋବାଇଲ ଶିଳ୍ପର ଅଭିବୃଦ୍ଧି ଲାଗି ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ବା ଗାଡ଼ିଗୁଡ଼ିକ ଉପରୁ ଅତିରିକ୍ତ ସେସ୍ ଉଠାଇଦେବାର ଆବଶ୍ୟକତା ରହିଛି। ବୈଦ୍ୟୁତିକ ଯାନର ପ୍ରବର୍ତ୍ତନ ଧୀର ଗତିରେ କରିବା ଲାଗି ମଧ୍ୟ ଗାଡ଼ିନିର୍ମାତାମାନଙ୍କ ଚାପ ଆଗରେ ସରକାର ମୁଣ୍ଡ ନୁଆଇଁଛନ୍ତି।

ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଟିକସ ଆଦାୟ ହେବା ଏବଂ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ଅଧିନିୟମ ମଧ୍ୟ ଗତ ବଜେଟରେ ସରକାରଙ୍କୁ ବିଭିନ୍ନ କ୍ଷେତ୍ରକୁ ଆର୍ଥିକ ସହଯୋଗ ପ୍ରଦାନ ପାଇଁ ବାଧା ସୃଷ୍ଟି କରିଥିବା ବେଳେ ସରକାର ଏବେ ଏଫ୍‌ଆର୍‌ବିଏମ୍ ଅଧିନିୟମରୁ ବିଚ୍ୟୁତ ହେବା ଲାଗି ନିଷ୍ପତ୍ତି ନେବେ ବୋଲି ମନେ ହେଉଛି। ବର୍ତ୍ତମାନ ଘରୋଇ ନିବେଶ ସଂକୁଚିତ ହୋଇଯାଇଥିବା ବେଳେ ସାମ୍ପ୍ରତିକ ଅର୍ଥନୈତିକ ଦୃଶ୍ୟପଟରୁ ସରକାର ଏପରି ପଦକ୍ଷେପ ନେବାର ସୂଚନା ମିଳୁଛି। ଯଦି ଅର୍ଥ ମନ୍ତ୍ରଣାଳୟ ଏହି ବିକଳ୍ପ ଆପଣାନ୍ତି, ତେବେ ଏହା ଚଳିତ ଆର୍ଥିକ ବର୍ଷରେ ସରକାରଙ୍କୁ ଅତିରିକ୍ତ ୧.୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ। ରପ୍ତାନି କ୍ଷେତ୍ରକୁ ଦେଖିଲେ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଉତ୍ତେଜନା ପରିପ୍ରେକ୍ଷୀରେ ସରକାର ରପ୍ତାନିକାରୀମାନଙ୍କ ପାଇଁ ପ୍ରୋତ୍ସାହନ ଘୋଷଣା କରିବା ଉଚିତ। ଗତ ଜୁନ୍ ମାସରେ ପ୍ରଥମ ଥର ପାଇଁ ଭାରତର ପଣ୍ୟଦ୍ରବ୍ୟ ରପ୍ତାନି ସଂକୁଚିତ ହୋଇଛି। ମୋଟ ଉପରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ତୁରନ୍ତ କିଛି ଆର୍ଥିକ ପ୍ୟାକେଜ୍ ଘୋଷଣା କରିବେ ବୋଲି ଆଶା କରାଯାଉଛି।

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଓଡ଼ିଶା କଂଗ୍ରେସର ଇତିବୃତ୍ତ



ଶରତ ଚନ୍ଦ୍ର ମିଶ୍ର

ପ୍ରାୟ ଏକଶହ ବର୍ଷ ପୂର୍ବେ (୧୯୨୦) ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଗଠିତ ହୋଇଥିଲା। ତା' ପୂର୍ବରୁ ଅବଶ୍ୟ ପୁରୀରେ ଗୋଟିଏ ଜିଲା କମିଟି ଥିଲା। ପ୍ରାଦେଶିକ କଂଗ୍ରେସ କମିଟିରେ ସାଧାରଣ ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ବ୍ୟତୀତ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ବିଶ୍ୱନାଥ ଦାସ, ଗୋପବନ୍ଧୁ ଚୌଧୁରୀ ଓ ତତ୍କାଳୀନ ଯୁବନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଓ ନିତ୍ୟାନନ୍ଦ କାନୁନ୍‌ଗୋ ଅନ୍ତର୍ଭୁକ୍ତ ଥିଲେ। ଏଇମାନେ ହିଁ ଓଡ଼ିଶା କଂଗ୍ରେସର ପ୍ରଥମ ପିଢ଼ିର ନେତା। ଏହି ନେତାମାନଙ୍କ ମଧ୍ୟରେ ଶ୍ରେଣୀ ଚରିତ୍ର ହିସାବରେ ଗୋପବନ୍ଧୁ ଓ ନୀଳକଣ୍ଠ ସ୍ୱଚ୍ଛଳ, ଗୋଦାବରୀଶ ଦରିଦ୍ର, ବିଶ୍ୱନାଥ ଦାସ ବିଶାଳ ଭୂମି ଅଧିକାରୀ ଓ ଅନ୍ୟମାନେ ମଧ୍ୟମ ବର୍ଗର ଜମିଦାର। ଗୋପବନ୍ଧୁଙ୍କ ନେତୃତ୍ୱକୁ ଜମିଦାର ଗୋଷ୍ଠୀ ସହଜରେ ଗ୍ରହଣ କରୁ ନ ଥିଲେ ମଧ୍ୟ ଗୋପବନ୍ଧୁଙ୍କ ଜନପ୍ରିୟତା ହେତୁ ତାଙ୍କୁ ପ୍ରତ୍ୟକ୍ଷ ଭାବେ ବିରୋଧ କରିପାରୁ ନ ଥିଲେ।

ଓଡ଼ିଶା କଂଗ୍ରେସ ପ୍ରତିଷ୍ଠା ଦିନରୁ ଗୋଷ୍ଠୀ କନ୍ଦଳରେ ସଂକ୍ରମିତ। ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକମାନଙ୍କର ଗୋଟିଏ ଗୋଷ୍ଠୀ ଓ କଟକରେ ଭାଗୀରଥି ମହାପାତ୍ରଙ୍କ ନେତୃତ୍ୱରେ 'ଭାରତୀ ମନ୍ଦିର' ନାମରେ ଆଉ ଗୋଟିଏ ଗୋଷ୍ଠୀ ଥାଏ। ହରେକୃଷ୍ଣ ମହତାବ 'ଭାରତୀ ମନ୍ଦିର' ଗୋଷ୍ଠୀର ସମର୍ଥକ ଥିଲେ। ଗୋପବନ୍ଧୁଙ୍କର ୧୯୨୮ରେ ମୃତ୍ୟୁ ପରେ ଦୁଇଗୋଷ୍ଠୀ ମଧ୍ୟରେ କନ୍ଦଳ ତୀବ୍ର ହେଲା। ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱକୁ 'ଭାରତୀ ମନ୍ଦିର' ଗୋଷ୍ଠୀ ପ୍ରାୟତଃ ବିରୋଧ କରୁଥାନ୍ତି ଓ ଦୁଇ ଗୋଷ୍ଠୀ ମଧ୍ୟରେ ସାଙ୍ଗଠନିକ ପଦପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଥାଏ। ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ କଂଗ୍ରେସ ୧୯୩୭ ନିର୍ବାଚନରେ ଜୟଯୁକ୍ତ ହେଲେ ହେଁ ନୀଳକଣ୍ଠ ଦାସ ନିଜେ ଆସେମ୍ବ୍ଲି ସଭ୍ୟ ହୋଇ ନ ଥିବାରୁ ତାଙ୍କ ମନୋନୀତ ପ୍ରାର୍ଥୀ ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଶ୍ୱନାଥ ଦାସ ୩୬ଜଣ ବିଧାୟକଙ୍କ ମଧ୍ୟରୁ ୨୪ ଜଣଙ୍କ ଭୋଟ୍ ପାଇଥିଲେ ଓ ଅନ୍ୟ ୩ ଜଣ ପ୍ରାର୍ଥୀ ୪ଟି ଲେଖାଏଁ ଭୋଟ ପାଇଥିଲେ। ହରେକୃଷ୍ଣ ମହତାବ ୧୯୩୮ ମସିହାରେ କେନ୍ଦ୍ର କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ସଭାପତି ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ମନୋନୀତ ହେଲେ ଓ ୧୯୪୨ ମସିହାରେ ଦେଶର ବିଶିଷ୍ଟ ନେତାମାନଙ୍କ ସହ କାରାରୁଦ୍ଧ ହେଲେ। ସେଠାରେ ସେ ସର୍ଦ୍ଦାର ପଟେଲଙ୍କର ଘନିଷ୍ଠ ହେଲେ। କାଳକ୍ରମେ ହରେକୃଷ୍ଣ ମହତାବ ଓ ବିଶ୍ୱନାଥ ଦାସ ସହଯୋଗ କରି ନୀଳକଣ୍ଠ ଦାସଙ୍କୁ ଦଳରେ ସଂଖ୍ୟାଲଘୁ କରିବାରେ ସକ୍ଷମ ହେଲେ। ନୀଳକଣ୍ଠ ଦାସ ଓ ଗୋଦାବରୀଶ ମିଶ୍ର କଂଗ୍ରେସରୁ ଇସ୍ତଫା ଦେଲେ।

ହରେକୃଷ୍ଣ ମହତାବ ୧୯୪୬ରେ ପ୍ରଧାନମନ୍ତ୍ରୀ ହେଲେ। ତା'ପରଠାରୁ କଂଗ୍ରେସରେ ଦୁଇଟି ଗୋଷ୍ଠୀ, ମହତାବ ଗୋଷ୍ଠୀ ଓ ବିଶ୍ୱନାଥ ଦାସ ଗୋଷ୍ଠୀ। ମହତାବ ୧୯୫୦ ମସିହାରେ କେନ୍ଦ୍ରମନ୍ତ୍ରୀ ହୋଇଗଲା ବେଳେ ସଂଖ୍ୟାଧିକ ଏମ୍‌ଏଲ୍‌ଏ ବିଶ୍ୱନାଥ ଦାସଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ ମଧ୍ୟ ମହତାବ ନିଜ ପ୍ରଭାବ ବଳରେ ନବକୃଷ୍ଣ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀ କଲେ। ଏହି ପ୍ରକ୍ରିୟାରେ କଂଗ୍ରେସର ଯୁବଗୋଷ୍ଠୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ମହତାବଙ୍କୁ ସାହାଯ୍ୟ କରିଥିଲେ। ଇତିମଧ୍ୟରେ ଗଡ଼ଜାତ ମିଶ୍ରଣ ହୋଇ ଓଡ଼ିଶାର କଳେବର ବୃଦ୍ଧି ପାଇଥାଏ ଓ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ ଓ ରାଧାନାଥ ରଥ କଂଗ୍ରେସରେ ନେତୃସ୍ଥାନ ଅଧିକାର କରିଥାନ୍ତି। ସାମ୍ୟବାଦୀ ନେତା ସୁରେନ୍ଦ୍ର ଦ୍ୱିବେଦୀ ଓ ସାରଙ୍ଗଧର ଦାସ କଂଗ୍ରେସରୁ ପରେ ଅଲଗା ହୋଇଗଲେ।

ମହତାବ ତାଙ୍କର ଚାରିବର୍ଷ (୧୯୪୬-୫୦)ର ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆ ପିଢ଼ିର ନେତାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ଏହି ପିଢ଼ିର ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ନୀଳମଣି ରାଉତରାୟ, ଦୀନବନ୍ଧୁ ସାହୁ ଓ ବନମାଳୀ ପଟ୍ଟନାୟକ ପ୍ରମୁଖ କଂଗ୍ରେସ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରି ମହତାବଙ୍କର ଘନିଷ୍ଠ ହେଲେ। ଏଇ ଦ୍ୱିତୀୟ ପିଢ଼ିର ନେତାମାନେ ୧୯୪୨ ଭାରତଛାଡ଼ ଆନ୍ଦୋଳନ ଜରିଆରେ ନିଜକୁ ଆଖିଦୃଶିଆ କରାଇପାରିଥିଲେ। 'ସମାଜ' ଖବରକାଗଜ ମହତାବ ସରକାରକୁ ସମର୍ଥନ କରୁନାହିଁ ବୋଲି ଅନୁଭବକରି 'ପ୍ରଜାତନ୍ତ୍ର' ଖବରକାଗଜର ଦୈନିକ ସଂସ୍କରଣ କଟକରୁ ଆରମ୍ଭ ହେଲା। 'ପ୍ରଜାତନ୍ତ୍ର' କେତେକ ଭବିଷ୍ୟତ ପିଢ଼ିର କଂଗ୍ରେସ ନେତାଙ୍କ ଅନ୍ତୁଡ଼ିଶାଳ। ଏଇ ଦ୍ୱିତୀୟ ପିଢ଼ିର ନେତାମାନେ ବମ୍ବେରୁ ମହତାବଙ୍କୁ ଆଣି ଦ୍ୱିତୀୟ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରାଇଥିଲେ ଓ ମହତାବଙ୍କ ସଙ୍ଗେ ମତଭେଦ ହୋଇ ତାଙ୍କୁ ୧୯୬୦ରେ ଗାଦିଚ୍ୟୁତ କରାଇଥିଲେ। ଏହି ପିଢ଼ିର ମୁଖ୍ୟ ନେତା ବିଜୁ ପଟ୍ଟନାୟକ ୧୯୬୧ରେ ମୁଖ୍ୟମନ୍ତ୍ରୀ ହେଲେ ଓ ୧୯୭୦ରେ ଉତ୍କଳ କଂଗ୍ରେସ ଗଠନ ପର୍ଯ୍ୟନ୍ତ ଓଡ଼ିଶା କଂଗ୍ରେସର ତୁଙ୍ଗ ନେତା ଥିଲେ। ମହତାବଙ୍କ ଜନ କଂଗ୍ରେସ ଓ ବିଜୁ ପଟ୍ଟନାୟକଙ୍କ ଉତ୍କଳ କଂଗ୍ରେସରେ ଏହି ପିଢ଼ିର ସବୁ ମୁଖ୍ୟ ନେତା ଯୋଗଦେବାରେ କଂଗ୍ରେସ ନେତୃତ୍ୱରେ ଏକ ଶୂନ୍ୟତା ଦେଖାଦେଲା ଓ ଏକ ନୂତନ ପିଢ଼ିର ନେତା ବାହାରିଲେ। ସେମାନେ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଭାଗ ନେଇ ନ ଥିଲେ, କିନ୍ତୁ ଛାତ୍ରାବସ୍ଥାରେ ରାଜନୀତି ସହିତ ସମ୍ପୃକ୍ତ ଥିଲେ। ସେମାନେ କେନ୍ଦ୍ର ନେତୃତ୍ୱର ଅନୁକମ୍ପା ଉପରେ ଅତ୍ୟନ୍ତ ନିର୍ଭରଶୀଳ ଥିଲେ। ଏହି ପିଢ଼ିର ନେତାମାନେ ହେଲେ ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ବ୍ରଜମୋହନ ମହାନ୍ତି, ବାଙ୍କବିହାରୀ ଦାସ ଓ ବିନାୟକ ଆଚାର୍ଯ୍ୟ। ନନ୍ଦିନୀ ଦେବୀ ଓ ବିନାୟକ ଆଚାର୍ଯ୍ୟଙ୍କର କମ୍ୟୁନିଷ୍ଟ ପୃଷ୍ଠଭୂମି ଓ ବାଙ୍କବାବୁଙ୍କର ସାମ୍ୟବାଦୀ ପୃଷ୍ଠଭୂମି ଥିଲା। କେନ୍ଦ୍ର ନେତୃବୃନ୍ଦଙ୍କ ଦ୍ୱାରା ମନୋନୀତ ହୋଇ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ମୁଖ୍ୟମନ୍ତ୍ରୀ କଂଗ୍ରେସ ହାଇକମାଣ୍ଡଙ୍କ ଦ୍ୱାରା ନିଯୁକ୍ତ ହେବାର ପରମ୍ପରା ଆରମ୍ଭ ହେଲା ଓ ପ୍ରଦେଶ କଂଗ୍ରେସ ମୁଖ୍ୟ ଏବେ ମଧ୍ୟ ଦଳୀୟ କର୍ମୀମାନଙ୍କ ଦ୍ୱାରା ନିର୍ବାଚିତ ନ ହୋଇ ହାଇକମାଣ୍ଡଙ୍କ ଦ୍ୱାରା ମନୋନୀତ ହେଉଛନ୍ତି।

ତୃତୀୟ ପିଢ଼ିର ନେତାଙ୍କ ପରେ ଆଉ ଏକ ଗ୍ରହଣଯୋଗ୍ୟ ଚତୁର୍ଥ ପିଢ଼ିର ନେତା ସୃଷ୍ଟି ହୋଇପାରିନାହାନ୍ତି। ସେ ଦିଗରେ ତୃତୀୟ ପିଢ଼ିର ନେତାମାନେ ଉଦ୍ୟମ କରିବା ଉଚିତ ହୋଇଥାନ୍ତା। ଏହା ମଧ୍ୟରେ ରାଜନୀତିର ପରିଭାଷା ମଧ୍ୟ ପରିବର୍ତ୍ତିତ। ରାଜନୀତି ଆଉ ଦେଶସେବାର ମାଧ୍ୟମ ନ ହୋଇ ଏକ ବୃତ୍ତି ବା ପେସା ହୋଇଗଲାଣି, ଯାହାର ଉଦ୍ଦେଶ୍ୟ ହେଲା କ୍ଷମତାକୁ ଆସିବା ଓ ନ ଆସିପାରିଲେ ଯିଏ କ୍ଷମତାରେ ଅଛି ତାକୁ ଗାଦିଚ୍ୟୁତ କରିବାକୁ ଉଦ୍ୟମ କରିବା। ରାଜନେତାଙ୍କର ଶ୍ରେଣୀ ଚରିତ୍ର ମଧ୍ୟ ପରିବର୍ତ୍ତିତ। ଅଧିକାଂଶ ଧନିକ ଶ୍ରେଣୀର ଓ ସେଥି ମଧ୍ୟରୁ କେତେଜଣ ବ୍ୟବସାୟୀ ଶ୍ରେଣୀର। ଦଳ ମଧ୍ୟରେ ଦେଶ ସେବା ଓ ଜନ ଆନ୍ଦୋଳନରୁ ଉତ୍ପନ୍ନ ନେତା ନାହାନ୍ତି। ଦଳ ମଧ୍ୟରେ ବହୁକାଳୁ 'ଗ୍ରାମକୁ ଫେରିଚାଲ'ର କାର୍ଯ୍ୟକ୍ରମ ହୋଇନାହିଁ। ସମାଜର ମଣ୍ଡଳୀକରଣ ପରେ, ଦଳିତମାନଙ୍କର ନିଜର ଦଳ ସୃଷ୍ଟି ହେଲା ପରେ ଓ ମୁସଲମାନମାନେ କଂଗ୍ରେସ ଉପରୁ ଭରସା ତ୍ୟାଗ କଲା ପରେ ଦଳର ଆଉ ଭୋଟ୍‌ବ୍ୟାଙ୍କ ନାହିଁ। ଜାତୀୟ ସ୍ତରରେ ଦଳର ଏହି ଅବକ୍ଷୟ ରାଜ୍ୟ କଂଗ୍ରେସକୁ ମଧ୍ୟ ପ୍ରଭାବିତ କରୁଛି।

କଂଗ୍ରେସର ହୃତଗୌରବକୁ ଫେରାଇ ଆଣିବାକୁ ହେଲେ ଦଳକୁ ଆତ୍ମସମୀକ୍ଷା କରି ଗ୍ରାମାଞ୍ଚଳକୁ ଫେରିଚାଲି, ଯେଉଁ ଯେଉଁ କାରଣ ଯୋଗୁ ଭୋଟର ସେମାନଙ୍କ ପ୍ରତି ବିମୁଖ ହୋଇଛନ୍ତି, ସେ କାରଣଗୁଡ଼ିକର ନିରାକରଣ ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ। ଦଳ ପରିଚାଳନା ବର୍ତ୍ତମାନ ଊର୍ଦ୍ଧ୍ୱରୁ ନିମ୍ନମୁଖୀ, ତା' ବଦଳରେ ନିମ୍ନରୁ ଊର୍ଦ୍ଧ୍ୱମୁଖୀ ହେବା ଆବଶ୍ୟକ।

ମୋ-୯୩୩୭୪୨୨୫୨୧

# ପରମାତ୍ମାଙ୍କ ଅବତରଣ

ଭୁଜେନ୍ଦ୍ର କୁମାର ସ୍ୱାଇଁ

ପରଂବ୍ରହ୍ମଙ୍କ ଶରୀର ଧାରଣକୁ ଅବତାର କୁହାଯାଏ। କଳିଯୁଗରେ ପରମାତ୍ମା ବୁଦ୍ଧ ରୂପରେ ଓ କଳିଯୁଗର ଶେଷ ଭାଗ ଏବଂ ପରବର୍ତ୍ତୀ ଯୁଗର ସନ୍ଧି କାଳରେ କଳ୍‌କୀ ଅବତାର ରୂପେ ପ୍ରକଟ ହେବେ ବୋଲି ଭବିଷ୍ୟତ ବାଣୀ ଅଛି। ଭଗବାନଙ୍କ ଅବତାରତ୍ୱ ସୀମିତ ନୁହେଁ। ମାନବ ସୃଷ୍ଟି କାଳରୁ ମାନବର ହିତ ପାଇଁ ସେ ଅନେକବାର ଅବତରିତ ହୋଇସାରିଲେଣି ଓ ଭବିଷ୍ୟତରେ ବି ହେବେ। ଅଜ୍ଞାନ ମନୁଷ୍ୟ କାମ, କ୍ରୋଧ, ମୋହ ଓ ଆସକ୍ତିରେ ବୁଡ଼ିରହି ଅହେତୁକ ଦୁଃଖ ଯନ୍ତ୍ରଣା ପାଉଛି। ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତରହି ସମାଜର କ୍ଷତି ସାଧନ କରୁଛି। ଭଗବାନଙ୍କ ଅବତାର ନେବାର ମୁଖ୍ୟ କାରଣ ହେଲା ଏହି ଅଜ୍ଞାନମାନଙ୍କୁ ପାପପଙ୍କିଳ ସଂସାରରୁ ଉଦ୍ଧାର କରିବା। ଦୁଃଖର କାରଣ ବିଷୟରେ ସଚେତନ କରାଇବା। ପାପୀମାନଙ୍କୁ ପାପମୁକ୍ତ କରି ସମାଜରେ ଶାନ୍ତି ସ୍ଥାପନ କରିବା।

ଭାଗବତରେ ଯେତେ ଅବତାରଙ୍କ କଥା ଉଲ୍ଲେଖ କରାଯାଇଛି ସେଥିମଧ୍ୟରୁ ରାମ ଓ କୃଷ୍ଣାବତାର ଦ୍ୱୟଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଅବତାରର କାର୍ଯ୍ୟାବଳୀ ସୀମିତ। ଭଗବାନ ଶ୍ରୀରାମ ଓ ଶ୍ରୀକୃଷ୍ଣ ଆବିର୍ଭାବ ହେବା ଫଳରେ ଆଧ୍ୟାତ୍ମିକ କ୍ଷେତ୍ରରେ ଅପୂର୍ବ ଆଲୋଡନ ଖେଳିଥିଲା। ତାହା ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହି ମାନବ ସମାଜକୁ ସତ୍‌ପଥରେ ପରିଚାଳିତ କରିଆସୁଛି। ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ଚରିତ୍ର ଅତ୍ୟନ୍ତ ଆଦର୍ଶସ୍ଥାନୀୟ ଓ ସର୍ବଜନପ୍ରିୟ। ଦ୍ୱାପର ଯୁଗର ଅନ୍ତିମ କାଳରେ ଭଗବାନ ଶ୍ରୀକୃଷ୍ଣ ଅବତରିତ ହୋଇ ଭକ୍ତିରସର ପ୍ଲାବନ ସୃଷ୍ଟି କରିଥିଲେ। ନାରଦଙ୍କ 'ଭକ୍ତିସୂତ୍ର', ବ୍ୟାସଦେବଙ୍କ ଭାଗବତ ଓ ଶ୍ରୀକୃଷ୍ଣଙ୍କ ଗୀତାରେ ସନ୍ନିବେଶିତ ଭକ୍ତିରସାମୃତ ସୁଧୀଜନଙ୍କ ପ୍ରାଣକୁ ଆପ୍ଲୁତ କରୁଛି।

ଦ୍ୱାପରର ଶେଷ ଭାଗରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ପୂର୍ବରୁ ସମାଜରେ ବ୍ୟାପକ ଅସ୍ଥିରତା ସୃଷ୍ଟି ହୋଇଥିଲା। ଅନ୍ୟାୟ, ଅତ୍ୟାଚାର, ହତ୍ୟା, ଲୁଣ୍ଠନ, ବ୍ୟଭିଚାର ଆଦି ସର୍ବତ୍ର ବ୍ୟାପିଥିଲା। ସେତେବେଳେ ଭଗବାନ ଅବତାର ନେବାର ପ୍ରକୃଷ୍ଟ ସମୟ ଉପନୀତ ହୋଇଥିଲା। ପ୍ରଥମେ ଶିଶୁ ଭଗବାନ ଜନ୍ମଲାଭ କରି ପିତା ବସୁଦେବ ଓ ମାତା ଦେବକୀଙ୍କୁ ନିଜର ଭଗବତ୍ ସ୍ୱରୂପ ଦର୍ଶନ କରାଇଥିଲେ। ତାଙ୍କର ଜନ୍ମବାଣୀ ଶୁଣି କଂସ ଓ ତା'ର ଅନୁଗତମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଛ' ଦିନର ଶିଶୁ ଶ୍ରୀକୃଷ୍ଣ କଂସ ଦ୍ୱାରା ପ୍ରେରିତ ପୁତନାକୁ ଦୁଗ୍ଧପାନ ଛଳରେ ହତ୍ୟାକରି ନିଜର ଈଶ୍ୱରୀୟ ପରାକାଷ୍ଠା ଦେଖାଇଥିଲେ। ଶୈଶବ କାଳରେ ଗୋଟି ଗୋଟି କରି ସମସ୍ତ ପରାକ୍ରମୀ ଦୈତ୍ୟଙ୍କୁ ସଂହାର କରି ସମାଜରେ ଶାନ୍ତି ଓ ଭୟଶୂନ୍ୟ ବାତାବରଣ ପ୍ରତିଷ୍ଠା କରିଥିଲେ।



ଜନ୍ମାଷ୍ଟମୀ ଉପଲକ୍ଷେ

ତାଙ୍କର ବାଲ୍ୟକାଳ ଥିଲା ଅତୀବ ଲୀଳାମୟ। ସେ ଥିଲେ ସକଳ ବ୍ରଜବାସୀଙ୍କ ଆନନ୍ଦର ଉତ୍ସ। ଗୋପାଳ ସଂସ୍କୃତିକୁ ସମ୍ପୂର୍ଣ୍ଣ ରୂପେ ଆବୋରି ନେଇଥିଲେ। କଉପୁନି ପିନ୍ଧି ଗୋପାଳ ବାଳକମାନଙ୍କ ଗହଣରେ ବଣକୁ ଯାଉଥିଲେ ଗୋରୁପଲ ନେଇ। ଖେଳକୌତୁକରେ ମାତି ସେମାନଙ୍କୁ ଆନନ୍ଦ ଦେଉଥିଲେ। ଗୋପାଳ ଛୁଆଙ୍କ ମେଳରେ ଲହୁଣି ଚୋରାଇ ଖାଇବା ଥିଲା ଏକ ନିତିଦିନିଆ ଘଟଣା। ଗୋପୀମାନଙ୍କର ସେ ଥିଲେ ଗେହ୍ଲା 'କହ୍ନେଇ'। ଗୋପୀମାନଙ୍କ ମନୋବାଞ୍ଛା ପୂରଣ ନିମିତ୍ତ ସେ ରଚିଥିଲେ ରାସଲୀଳା।

ଗୋପଲୀଳା ସମାପନ କରି ଏଗାର ବର୍ଷ ବୟସରେ ମଥୁରା ଆସି ଆଉ ବ୍ରଜକୁ ଫେରି ନ ଥିଲେ। ସେଠାରେ କଂସ ଓ ତା'ର ଅନୁଚରମାନଙ୍କୁ ହତ୍ୟାକରି ରାଜ୍ୟରେ ଶାନ୍ତି ଫେରାଇ ଆଣିଥିଲେ। ଜରାସନ୍ଧର ବାରମ୍ବାର ମଥୁରା ଆକ୍ରମଣରେ ଅତିଷ୍ଠ ହୋଇ ବଛା ବଛା ଯାଦବଙ୍କୁ ସଙ୍ଗରେ ଧରି ଦ୍ୱାରକା ଚାଲି ଯାଇଥିଲେ। ପରବର୍ତ୍ତୀ ଜୀବନରେ ସେ ଥିଲେ ବିଚକ୍ଷଣ କୂଟନୀତିଜ୍ଞ, ଦକ୍ଷ ରାଜନୀତିଜ୍ଞ, ମହାଗୁରୁ, ମହାନ୍ ଦାର୍ଶନିକ ଓ ମହାଭାରତ ଯୁଦ୍ଧର ମହାନାୟକ। ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଭଗବାନ ନିଜେ ଅର୍ଜୁନଙ୍କୁ ନିମିତ୍ତ କରି ମନୁଷ୍ୟର କଲ୍ୟାଣ ନିମିତ୍ତ ଯେଉଁ ରହସ୍ୟମୟ ଦିବ୍ୟବାଣୀ ପ୍ରଦାନ କରିଥିଲେ ତାହା ଗୀତା ନାମରେ ଖ୍ୟାତ। ଏଥିରେ ତାଙ୍କ ହୃଦୟର ଅନେକ ଗଭୀରତମ ବିଲକ୍ଷଣ ଭାବ ସନ୍ନିବେଶିତ ହୋଇଛି। ତାଙ୍କର ଅନ୍ତିମ ସମୟ ଉପସ୍ଥିତ ହେବା ଜାଣି ପୃଥିବୀର ଭାର ଯାହା କିଞ୍ଚିତ୍ ଥିଲା, ଉଚ୍ଛୃଙ୍ଖଳିତ ବ୍ରହ୍ମଶାପଗ୍ରସ୍ତ ନିଜ ବଂଶର ବିନାଶ ଘଟାଇ ତାହା ଉଶ୍ୱାସ କରିଥିଲେ। ଜରାର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କରି ମାନବୀୟ ଲୀଳା ସମାପ୍ତ କରିଥିଲେ।

ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ପରଂବ୍ରହ୍ମ ପରମାତ୍ମା, ପରମ ଭକ୍ତବତ୍ସଳ । ଭକ୍ତଜନଙ୍କ ପଦରଜ ଉଡ଼ିଆସି ସ୍ୱଦେହରେ ପଡ଼ି ପବିତ୍ର ହେବା ଲାଗି ଭକ୍ତଙ୍କ ପଛେ ପଛେ ସେ ଧାଉଁଥାନ୍ତି। ଯେ ଯେପରି ଡାକନ୍ତି ସେ ସେପରି ଶୁଣନ୍ତି। ସେ ସର୍ବଦା କୁହନ୍ତି, ''ସବୁ ଧର୍ମ ଓ ଆଶ୍ରୟ ଛାଡ଼ି ମୋର ଶରଣକୁ ଚାଲିଆସ। ମୁଁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କର ନାହିଁ।'' ଦେଖନ୍ତୁ ଭଗବାନ କେତେ ଦୟାଳୁ । କାହାରି ଦୁଃଖ ଦେଖିଲେ ସହିପାରନ୍ତି ନାହିଁ। ମନୁଷ୍ୟ ନିଜର ଅଜ୍ଞାନତା ହେତୁ ଚିର ଦୁଃଖୀ ହୋଇପଡ଼ିଛି। ଭଗବାନଙ୍କର ଇଚ୍ଛା ମନୁଷ୍ୟ ନିଜର ଦୁଃଖ ଦୁର୍ଦ୍ଦଶାର କାରଣ ଜାଣୁ। ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରଚେଷ୍ଟା କରୁ। ସେ ସାଧାରଣତଃ ସାଧୁସନ୍ଥ, ସଦ୍‌ଗୁରୁ, ମୁନିଋଷି, ମହାପୁରୁଷ ରୂପେ ଅବତରିତ ହୋଇଥାନ୍ତି। ସମସ୍ତ ଦୁଃଖକଷ୍ଟ ସହି ମନୁଷ୍ୟର ସମସ୍ୟାଗୁଡ଼ିକର କାରଣ ବିଷୟରେ ସେମାନଙ୍କୁ ଅବଗତ କରାନ୍ତି ଓ ଏଗୁଡ଼ିକର ନିରାକରଣ ନିମିତ୍ତ ପଥ ଦେଖାଇଦିଅନ୍ତି। ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ଉପରେ ଜ୍ଞାନ ପ୍ରଦାନ କରି ଅଜ୍ଞାନତା ଦୂର କରନ୍ତି। ସମସ୍ତ ଧର୍ମଗ୍ରନ୍ଥ ଓ ଗୁରୁବାଣୀର ଏକମାତ୍ର ସାରତତ୍ତ୍ୱ ହେଲା ପାର୍ଥିବ କାମନା ହେତୁ ମନୁଷ୍ୟ ବାରମ୍ବାର ଜନ୍ମମୃତ୍ୟୁଜନିତ ଦାରୁଣ ଦୁଃଖଦୁର୍ଦ୍ଦଶା ଭୋଗୁଛି। ଏଥିରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରହିଲେ ଆଉ ଏ ସମସ୍ୟା ସବୁ ଉତ୍ପନ୍ନ ହେବନାହିଁ। ଭଗବାନଙ୍କ ଇଚ୍ଛା ପୂର୍ତ୍ତି ନିମିତ୍ତ ଆଉ କାଳବିଳମ୍ବ ନ କରି ଆସନ୍ତୁ ସଦ୍‌ଗୁରୁଙ୍କଠାରେ ଆଶ୍ରୟ ନେବା। ସେ ଆମର ସବୁ ଦାୟିତ୍ୱ ବହନ କରିବେ। ସଦ୍‌ଗୁରୁ ଓ ଭଗବାନ୍ ଅଭିନ୍ନ- 'ମୁହିଁ ବସଇ ଗୁରୁ ଦେହେ। ମୋ ତହୁଁ ଗୁରୁ ଭିନ୍ନ ନୋହେ।।' (ଭାଗବତ)

ଭୁବନେଶ୍ୱର, ମୋ-୯୪୩୯୧୭୬୮୧୮

## ଏଇ ଭାରତରେ

ଭାରତରେ ପୁଣି ତାଲିବାନୀ ନିଷ୍ପତ୍ତି- ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଘଟଣାଟି ପୂରା ସତ। ବିହାରର ମଧୁବନୀ ଜିଲାର ହତ୍ୱାପୁର ପରସା ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ ଓ ଏବକାର ସରପଞ୍ଚଙ୍କ ଅଧ୍ୟକ୍ଷତାରେ ପରସା ଗାଁରେ ଅନୁଷ୍ଠିତ ବୈଠକରେ ଅଜବ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତ ଲଗାଇଛି ତୋଗଲକୀ କଟକଣା। ଗାଁର କୌଣସି ଝିଅ ଏକୁଟିଆ ମୋବାଇଲରେ କଥା ହୋଇପାରିବେ ନାହିଁ। ଯଦି ଚାହିଁବେ ଅଭିଭାବକଙ୍କ ସମ୍ମୁଖରେ କଥା ହୋଇପାରିବେ। ଝିଅମାନେ ବାହାରକୁ ଯାଇଥିଲେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବାକୁ ବାଧ୍ୟ। କଟକଣାରୁ ଶୌଚ ବି ବାଦ୍ ପଡିନି। ସନ୍ଧ୍ୟା ପରେ ଓ ସକାଳ ହେବା ପୂର୍ବରୁ ପରସା ଗାଁର କୌଣସି ଝିଅ ପଦାକୁ ଶୌଚ ପାଇଁ ଯାଇପାରିବେ ନାହିଁ ବୋଲି ପଞ୍ଚାୟତର ବୈଠକରେ ନିଷ୍ପତ୍ତି ନିଆଯାଇଛି। କେହି ଗାଁରେ ଅଶ୍ଳୀଳ ଭୋଜପୁରୀ ସଙ୍ଗୀତ ବଜାଇପାରିବେ ନାହିଁ। ଗାଁର କୌଣସି ବ୍ୟକ୍ତି ବି ନିଶାସେବନ କରିପାରିବେ ନାହିଁ। କେହି ରାସ୍ତାକଡରେ ଖୋଲାରେ ଶୌଚ କରିପାରିବେ ନାହିଁ। ରାତି ସାଢେ ୮ଟା ପରେ ଦଳ ଦଳ ହୋଇ ରାସ୍ତାରେ ବୁଲିବା ଉପରେ କଟକଣା ଲଗାଯାଇଛି। ଗାଁର ସବୁ ଉତ୍ସବରେ ବାଜା ବନ୍ଦ। ବିବାହ ଉତ୍ସବରେ ରାସ୍ତାରେ ଝିଅ-ପୁଅ ନାଚିବା ମନା। ଯଦି ନାଚିବେ ତେବେ ଘର ଭିତରେ ନାଚିପାରିବେ। ପରିବେଶ ଦୂଷିତ ନ ହେବା, ସାମାଜିକ ଶାନ୍ତି କେମିତି ବଜାୟ ରହିବ ସେଥିପାଇଁ ଏହି ନିଷ୍ପତ୍ତି ଗ୍ରାମବାସୀଙ୍କ ସହ ବିଚାରବିମର୍ଶ କରାଯାଇ ନିଆଯାଇଥିବା ସରପଞ୍ଚ କହିଛନ୍ତି।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖୁଁ ନିଜର ପଥ, ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ ନିଭିଯାଏ ନ ହୁଏ ବିଲୋକ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅଗଷ୍ଟ ୧୯୯୪

- ୧୫ଶ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାର ସୁଟିଂରେ ଭାରତର ଯଶପାଲ ରାଣା ଏବଂ ଅଶୋକ ପଣ୍ଡିତଙ୍କ ଯୋଡିଙ୍କୁ ସ୍ୱର୍ଣ୍ଣପଦକ।
- ମରକ୍କୋର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୪ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଜେଡିକୁ ଧନ୍ୟବାଦ

ମହାଶୟ,
ତିନି ତଲାକ୍ ବିଲ୍‌କୁ ମଞ୍ଜୁରୀ ମିଳିବା ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ମାଇଲଖୁଣ୍ଟ। ଏହି ପ୍ରସ୍ତାବ ସପକ୍ଷରେ ୯୯ଟି ଭୋଟ ମିଳିଥିବା ବେଳେ ବିପକ୍ଷରେ ୮୪ଟି ଭୋଟ ମିଳିବାରୁ ଏଇ ବିଲ୍‌ଟି ରାଜ୍ୟ ସଭାରେ ଗୃହୀତ ହୋଇଛି। ଏଥିରେ ବିଜେଡି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ବିଜେଡିର ରାଜ୍ୟ ସଭାରେ ୭ ଜଣ ଯାକ ସଦସ୍ୟ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାରୁ ଏହା ଗୃହୀତ ହେଲା। ମୂଳରୁ କଂଗ୍ରେସ ଓ ଏହାର ସହଯୋଗୀ ଦଳ ମୁସଲମାନ ଭୋଟ ବ୍ୟାଙ୍କକୁ ଆଖିରେ ରଖି ଏହାର ବିରୁଦ୍ଧାଚରଣ କରୁଥିଲେ। ତେଣୁ ରାଜ୍ୟ ସଭାରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ନ ଥିବା ହେତୁ ଏହା ଦୁଇବର୍ଷ ହେବ ଝୁଲି ରହିଥିଲା। ତେବେ ବିଜେଡି ଏହି ବିଲ୍‌ରେ କେତେକ ସଂଶୋଧନ ପ୍ରସ୍ତାବ ଆଣି ଲୋକ ସଭାରେ କକ୍ଷତ୍ୟାଗ କରିଥିଲେ ହେଁ ରାଜ୍ୟ ସଭାରେ ସେମାନଙ୍କ ଆଭିମୁଖ୍ୟ ପରିବର୍ତ୍ତନ କରିବାରୁ ଦେଶର ଏହି ବହୁ ପ୍ରତୀକ୍ଷିତ ବିଲ୍ ପାସ୍ ହୋଇ ମୁସଲିମ୍ ମହିଳାଙ୍କ ପାଇଁ ଆଶ୍ୱସ୍ତିକର ହୋଇଛି। ସେଥିପାଇଁ ବିଜେଡିକୁ ଧନ୍ୟବାଦ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଅନୁପଯୁକ୍ତ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ

ଧରିତ୍ରୀ(୨୭।୭)ରେ ପ୍ରକାଶିତ 'ଗହୀର ମଝିରେ ଭାଙ୍ଗିଲା ୮ ବିଦ୍ୟୁତ୍ ଖୁଣ୍ଟ' ଖବର ପଢ଼ିଲି। ଖୁଣ୍ଟ ପକାଇବା ସମୟରେ ଅନେକ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ ମଧ୍ୟ ସମ୍ପୃକ୍ତ ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ବର୍ତ୍ତମାନ ଯେଉଁ ସ୍ଥାନରେ ଖୁଣ୍ଟ ପକାଉଛନ୍ତି ତାହା ମଧ୍ୟ ବେଆଇନ। ଯେଉଁଠି ଖୁଣ୍ଟ ପୋତା ହେଉଛି ତାହା କଟକ-ପାରାଦୀପ ମୁଖ୍ୟରାସ୍ତା। ଏଥିରେ ୧୧ କେଭି ତାର ଟାଣିବା ଏବଂ ତଳେ ଗାର୍ଡିଂ ନ ଦେବାରୁ ଭବିଷ୍ୟତରେ ଧନଜୀବନ ନଷ୍ଟ ହୋଇପାରେ। ଆର୍ ଆଣ୍ଡ ବି ଅନୁମତି ଦେଇଛି କି ନାହିଁ ସନ୍ଦେହ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ

**ପାଇକମାଲ, ୨୨।୮ (ଡି.ଏନ.ଏ):** ପାଇକମାଲ ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ବୁଧବାର ପାଳିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ଚାରୁଚରଣ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ବିଶ୍ୱନାଥ ସାହୁ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇ କୃତୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପାଇକମାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକଙ୍କ ଅଧକ୍ଷତାରେ ମେହେର ଜୟନ୍ତୀ ପାଳନ କରାଯାଇଛି । ବରିଷ୍ଠ ଆଚାର୍ଯ୍ୟ ସୁଶୀଲ ମହାନନ୍ଦ, ଆଚାର୍ଯ୍ୟ ପ୍ରଶାନ୍ତ ହରିପାଲ ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବନମାଳି ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବ୍ୟାସଦେବ ବଢ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଲ ବ୍ଲକର ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି।

# ପୋଲିସ ହେପାଜତରେ ଥିବା ବନ୍ଦୀ ହାତ କାଟି ଦେଲେ

**ବରଗଡ଼ ଅଫିସ୍, ୨୨।୮**

କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିବା ଜଣେ ବିଚାରାଧୀନ ବନ୍ଦୀ ଗୁରୁବାର ପୋଲିସ ହେପାଜତରେ ଥିବାବେଳେ ଧାରୁଆ ସାମଗ୍ରୀରେ ନିଜ ହାତ କାଟି ଦେଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ବନ୍ଦୀ ଜଣକ ବରପାଲିର ନକୁଳ ମାଝି। ସେ ଜମୁର୍ଡ଼ା ଗୁଳିକାଣ୍ଡ, ବରପାଲିରେ ପିସ୍ତଲ ମୁନରେ ଜଣେ ସରପଞ୍ଚଙ୍କୁ ଧମକ ଦେବା ଘଟଣାରେ ଗିରଫ ହୋଇ ବରଗଡ଼ ସବଜେଲରେ ଥିଲେ।

ପ୍ରକାଶ ଯେ, ଗୁରୁବାର ପୋଲିସ ସୁରକ୍ଷା ବଳୟରେ ନକୁଳଙ୍କ ସମେତ ଅନ୍ୟ କେତେକ ବନ୍ଦୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିଲା। ସମସ୍ତ ବନ୍ଦୀ ପୋଲିସ ହେପାଜତରେ ଥିବାବେଳେ ନକୁଳ କୌଣସି ଏକ ଧାରୁଆ ସାମଗ୍ରୀରେ ନିଜ ହାତ ଓ ଶରୀରର ଅନ୍ୟ କିଛି ଅଂଶକୁ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ବନ୍ଦୀ।

କାଟି ହୋଇଥିଲେ। ଏହାପରେ ପୋଲିସ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ସୁରକ୍ଷା ବଳୟରେ ତାଙ୍କ ଚିକିତ୍ସା ଚାଲିଛି। ଏ ସମ୍ପର୍କରେ ବରଗଡ଼ ସବଜେଲ ସୁପରିଣ୍ଟେଣ୍ଡେଣ୍ଟ ନମିତା କୁଲୁଙ୍କୁ ପଚାରିବାରୁ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ସେଠାରେ ନକୁଳ ହାତ କାଟି ଦେଇଥିଲେ। ବର୍ତ୍ତମାନ ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା କହିଥିଲେ। ଉଲ୍ଲେଖନୀୟ, ଗତ ଜୁନ ୯ତାରିଖ ଜମୁର୍ଡ଼ା ଗ୍ରାମରେ ଏକ ଗୁଳିକାଣ୍ଡ ଘଟିଥିଲା ଏବଂ ଏଥିରେ ସମ୍ବଲପୁର ଜିଲା ଧମା ଥାନା ବରଗାଁ ଗ୍ରାମର ମୂଳ ବାସିନ୍ଦା ବସନ୍ତ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏହି ଗୁଳିକାଣ୍ଡ ଘଟଣାରେ ୬ ଅଭିଯୁକ୍ତ ସାମିଲ ଥିବା ପୋଲିସ ତଦନ୍ତରେ ଜଣାପଡ଼ିଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ନକୁଳ ଜଣେ ହୋଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଅମ୍ବାଭୋନା ଗ୍ରାମର ରାକେଶ ବେହେରା ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା। ସେହିପରି ନକୁଳ ଫେରାର ଥିବା ସମୟରେ ବରପାଲିରେ ମହଦା ସରପଞ୍ଚ ନାରାୟଣ ପ୍ରଧାନଙ୍କୁ ପିସ୍ତଲ ମୁନରେ ଧମକ ଦେଇ ଗତ ଜୁନ ୨୩ତାରିଖରେ ଗିରଫ ହୋଇଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ ପୋଲିସ ଜୁନ୍ ୨୯ତାରିଖରେ ଗିରଫ କରିଥିଲା। ସେହିଦିନଠାରୁ ନକୁଳ ଏବଂ ଅନ୍ୟ ଅଭିଯୁକ୍ତ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

# ଆଇଆର୍‌ସିଟିସି ଆଣିବ ଆଇପିଓ

■ ବିକ୍ରି ହେବ ୧୨% ଅଂଶଧନ

**ନୂଆଦିଲ୍ଲୀ, ୨୨।୮**




ରେଲୱେର ପର୍ଯ୍ୟଟନ ଏବଂ ଖାଦ୍ୟ ବ୍ୟବସ୍ଥା ତଦାରଖ କରୁଥିବା ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେଶନ (ଆଇଆର୍‌ସିଟିସି) ଖୁବଶୀଘ୍ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆଣିବାକୁ ଯାଉଛି। ଏଥିଲାଗି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ନିକଟରେ ଏହା ଆବଶ୍ୟକୀୟ ଦସ୍ତାବେଜ ଜମା କରାଯାଇଛି। ସରକାର ଆଇଆର୍‌ସିଟିସିର ୧୨% ଅଂଶଧନ ବିକ୍ରି କରିବାକୁ ଯାଉଛନ୍ତି। ବଜାର ସୂତ୍ର ଅନୁଯାୟୀ ଆଇଆର୍‌ସିଟିସି ପକ୍ଷରୁ ପ୍ରାୟ ୫୦୦ରୁ ୬୦୦ କୋଟି ଟଙ୍କାର ଆଇପିଓ ଆସିବାକୁ ଯାଉଛି। ଆଇଡିବିଆଇ କ୍ୟାପିଟାଲ ମାର୍କେଟ୍ସ ଆଣ୍ଡ ସିକ୍ୟୁରିଟିଜ, ଏସ୍‌ବିଆଇ କ୍ୟାପିଟାଲ ମାର୍କେଟ୍ସ ଏବଂ ୟେସ୍ ସିକ୍ୟୁରିଟିଜ ଇଣ୍ଡିଆ ଏହି ଆଇପିଓକୁ ପରିଚାଳନା କରିବ। ଆଇପିଓ ଆସିବା ପରେ ଆଇଆର୍‌ସିଟିସିକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ତାଲିକାଭୁକ୍ତ କରାଯିବ।

## ସାମଗ୍ରୀ ଦର ବଢ଼ାଇବ ବ୍ରିଟାନିଆ

**କୋଲକାତା, ୨୨।୮**

ଏଫ୍‌ଏମ୍‌ସିଜି କମ୍ପାନୀ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ ବିକ୍ରି ହ୍ରାସ ପାଉଥିବାରୁ ଅଧିକ କ୍ଷତିରୁ ମୁକ୍ତି ପାଇବା ଲାଗି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରୁ ନିଜର ସମସ୍ତ ଉତ୍ପାଦର ଦର ବଢ଼ାଇବ ବୋଲି ଘୋଷଣା କରିଛି। କମ୍ପାନୀ ମୁଖ୍ୟ(ବିପଣନ) ବିନୟ ସୁବ୍ରମଣ୍ୟମ ଗୁରୁବାର କହିଛନ୍ତି ଯେ, ଗତ ୫-୬ ମାସ ହେବ କମ୍ପାନୀ ଉତ୍ପାଦଗୁଡ଼ିକର ବିକ୍ରି ହ୍ରାସ ପାଇଚାଲିଛି। ଆସନ୍ତାବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଏହି ସ୍ଥିତିରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଏହି କାରଣରୁ ତୃତୀୟ ତ୍ରୈମାସରୁ ଉତ୍ପାଦର ମୂଲ୍ୟ ବଢ଼ାଯିବ। ମୂଲ୍ୟ ଦୃଷ୍ଟିରୁ ଦେଖିଲେ କମ୍ପାନୀ ଉତ୍ପାଦ ବିକ୍ରି ପ୍ରାୟ ଅଧା ହୋଇଗଲାଣି। କମ୍ପାନୀ ସମ୍ପୂର୍ଣ୍ଣ ସ୍ଥିତି ଉପରେ ନଜର ରଖିଛି। ଦର ବଢ଼ାଇବା ସହିତ କମ୍ପାନୀ ଖର୍ଚ୍ଚ କାଟ ପ୍ରତି ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

## ଗାଡ଼ି ଧକ୍କାରେ ଆଇଜି ଷ୍ଟାଡିୟମ ପାଚେରି ଭାଙ୍ଗିଲା

**ଦେବଗଡ଼, ୨୨।୮ (ଡ଼ି.ଏନ.ଏ.)**

ଦେବଗଡ଼ ୪୯ନଂ. ଜାତୀୟ ରାଜପଥ ପୁରୁଣାଗଡ଼ସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମର ପାଚେରୀକୁ ଗୁରୁବାର ଏକ ବଲୋର ଭାରସାମ୍ୟ ହରାଇ ଧକ୍କା ଦେଇଛି। ଫଳରେ ଷ୍ଟାଡିୟମର ସମ୍ମୁଖ ଭାଗ କାନ୍ଥ ଭାଙ୍ଗି ଯାଇଛି । ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଗାଡ଼ି(ନଂ.ଓଡ଼ି-୧୪ବି୨୩୯୫)ଟି କ୍ଷତିଗ୍ରସ୍ତ ହୋଇଛି। ବଲୋରଟି ଦେବଗଡ଼ ପଟକୁ ଆସୁଥିଲା। ହେଲେ ସମ୍ମୁଖ ପଟରୁ ଏକ ଭାରିଯାନ ଦ୍ରୁତଗତିରେ ଚାଲି ଆସିବାରୁ ବଲୋରଟି ଭାରସାମ୍ୟ ହରାଇ ଷ୍ଟାଡ଼ିୟମ ପାଚେରୀକୁ ଧକ୍କା ଦେଇଥିଲା । ଦେବଗଡ଼ ପୋଲିସ ଗାଡ଼ିକୁ ଜବତ କରିଛି। ଚାଳକ ଫେରାର ହୋଇଯାଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ହୋଇଥିବା ବୋଲେରୋ।

## ଅନ୍‌ଲାଇନରେ ଜମିଜମା ଖଜଣା ପଇଠ ଆରମ୍ଭ

**ରିଆମାଳ, ୨୦।୮ (ଡି.ଏନ.ଏ.)**

ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ପ୍ରଶାସନର ଖଜଣା ଦେୟ ପ୍ରକ୍ରିୟାକୁ ଅଧିକ ସହଜ, ସରଳ, ସ୍ୱଚ୍ଛ ଏବଂ ଲୋକାଭିମୁଖି କରିବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା ଅନ୍‌ଲାଇନ ଜମିଜମା ଖଜଣା ଦେୟ ପଇଠ ଗୁରୁବାର ରିଆମାଳରେ ଆରମ୍ଭ ହୋଇଛି। ଦେବଗଡ ଜିଲା ରିଆମାଳ ତହସିଲର ତହସିଲଦାର ବିମଳା ବିରୁଲିଙ୍କ ଅଧକ୍ଷତାରେ ରିଆମାଳ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟରେ ରାଜସ୍ୱ ନୀରିକ୍ଷକ ନିର୍ମଳ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଅନ୍‌ଲାଇନ ଜମିଜମା ଖଜଣା ଦେୟ ପଇଠ ଆରମ୍ଭ କରିଛନ୍ତି। ଜନସାଧାରଣ ନିଜର ମୂଲ୍ୟବାନ୍ ସମୟ ନଷ୍ଟକରି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ନ ଯାଇ ଯେକୌଣସି ସ୍ଥାନରୁ ଅନ୍‌ଲାଇନ୍ ମାଧ୍ୟମରେ ସହଜରେ ଓ ନିଜ ସୁବିଧାରେ ଜମିଜମା ଖଜଣା ପଇଠ କରି ରସିଦ୍ ହାସଲ୍ କରିପାରିବେ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ତହସିଲର ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଘାର, ବରିଷ୍ଠ କିରାଣୀ ଫକିର ମୋହନ ବେହେରା, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ■ ପାରାଦୀପ-ହରିଦାସପୁର ରେଳପଥ କାର୍ଯ୍ୟରେ ଅଙ୍କୁଶ ଲଗାଇଲେ ଏନ୍‌ଜିଟି

**ପାରାଦୀପ, ୨୨।୮ (ସ୍ୱ.ପ୍ର.)**

ପାରାଦୀପ-ହରିଦାସପୁର ରେଳପଥ ନିର୍ମାଣକୁ ନେଇ ଏବେ ପୁଣି ବିବାଦ ସୃଷ୍ଟି ହୋଇଛି। ଏହି ରେଳପଥ ନିର୍ମାଣ କ୍ଷେତ୍ରରେ ଅନିୟମିତତା ଏବଂ ଇଆଇଏ (ଏନଭର୍ନମେଣ୍ଟ ଇମ୍ପ୍ୟାକ୍ଟ ଆସେସମେଣ୍ଟ)କୁ ନେଇ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) କାର୍ଯ୍ୟରେ ଅଙ୍କୁଶ ଲଗାଇଛନ୍ତି। ସୂଚନା ଅନୁଯାୟୀ, ଏହି ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ କେନ୍ଦ୍ରାପଡ଼ା ଜିଲାର ଶଶିଭୂଷଣ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତି ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ନଂ.୫୫/୨୦୧୮ରେ ଏକ ମାମଲା ରୁଜୁ ହୋଇଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଏକ ୪ଜଣିଆ କମିଟି ଏହାର ଯାଞ୍ଚ କରି ଗତ ୯ ତାରିଖରେ ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରୁ ରେଳପଥ ନିର୍ମାଣ କାର୍ଯ୍ୟରେ ବ୍ୟାପକ ତ୍ରୁଟି ରହିଥିବା ଜଣାଯାଇଛି। ଏସ୍‌ସିବି ମେଡିକାଲ କଲେଜର ଜଣେ ଡାକ୍ତର, କୃଷି ଓ ଉଦ୍ୟାନ ବିଭାଗର ୨ଜଣ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ ଏହି କମିଟିରେ ସଦସ୍ୟ ଅଛନ୍ତି।



ନିର୍ମାଣାଧୀନ ପାରାଦୀପ-ହରିଦାସପୁର ରେଳ ପ୍ରକଳ୍ପ।

■ ଯାଞ୍ଚ କରି ରିପୋର୍ଟ ଦେଲା ୪ ଜଣିଆ କମିଟି

■ ଜରିମାନା ଗଣିବ ଠିକାସଂସ୍ଥା

ସେମାନେ ଦର୍ଶାଇଛନ୍ତି ଯେ, ରେଳପଥ ନିର୍ମାଣବେଳେ ଯେଉଁ ମାଟି ଖୋଳାଯାଉଛି ସେଥିପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ନିଆଯାଇନାହିଁ। କେନ୍ଦ୍ରାପଡ଼ା ଜିଲାର ୪୦ କି.ମି. ରେଳପଥ ପାଇଁ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଦେଇଥିବା ରିପୋର୍ଟରେ ତାଳମେଳ ନାହିଁ। ଯେଉଁ ଅଞ୍ଚଳ ଦେଇ ରେଳପଥ ନିର୍ମାଣ ହେଉଛି, ସେହି ଅଞ୍ଚଳର କୃଷି, ମୃତ୍ତିକା, ଜୀବନଶୈଳୀ ଉପରେ ପଡିବାକୁ ଥିବା ପ୍ରଭାବ ଉପରେ ଆବଶ୍ୟକ ତର୍ଜମା କରାଯାଇନାହିଁ। ଏହି ରିପୋର୍ଟ ଆଧାରରେ ସମ୍ପୃକ୍ତ ଠିକାସଂସ୍ଥା ମାଟି ଖୋଳା ବାବଦ ଜରିମାନା ଦେବାକୁ ମଧ୍ୟ ସ୍ଥିର ହୋଇଛି।

ସୂଚନାଯୋଗ୍ୟ, ୮୧ କିମିର ଏହି ରେଳପଥ ପାଇଁ ୨୦୦୯ରୁ ସରକାର ଉଦ୍ୟମ ଚଳାଇଛନ୍ତି। ଅନେକ ବିବାଦ, ରେଳ ବଜେଟ୍‌ରେ ଅର୍ଥ ବୃଦ୍ଧି ଆଦି ଯୋଗୁ କାର୍ଯ୍ୟରେ ବହୁ ବିଳମ୍ବ ହୋଇସାରିଲାଣି। ଗତ ମାସରେ କେନ୍ଦ୍ର ସରକାର ଘୋଷଣା କରିଥିଲେ ଯେ ୨୦୧୯ ଡିସେମ୍ବର ମାସ ସୁଦ୍ଧା ଏହି ରେଳପଥରେ ଟ୍ରେନ ଚଳାଚଳ କରିବ। ଏପରି କି ଉକ୍ତ ରେଳପଥରେ ପରୀକ୍ଷାମୂଳକ ଭାବେ ଏକ ରେଳ ଇଞ୍ଜିନ ଗଡ଼ି ସାରିଲାଣି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ରେଳପଥ କାମ ଚାଲିଥିଲା। ଏହି ସମୟରେ ଏବେ ଏନଜିଟି ନିର୍ମାଣ କାମ ଉପରେ ଅଙ୍କୁଶ ଲଗାଇବା ଫଳରେ ତାହା ପୁଣି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏହି ୮୧ କି.ମି. ରେଳପଥ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ୪୦ କି.ମି. ରହୁଛି, ଯାହା କି କେନ୍ଦ୍ରାପଡ଼ା ଜିଲା ପାଇଁ ପ୍ରଥମ ରେଳଲାଇନ୍ ବୋଲି କୁହାଯାଉଛି।

## ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଲାଗି ଉପଦେଷ୍ଟା କମିଟି ଗଠିତ

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ ତାରିଖରେ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଆରମ୍ଭ କରିବାକୁ ଯାଉଛନ୍ତି। ଫିଟ୍‌ନେସକୁ ନେଇ ଆରମ୍ଭ ହେବାକୁ ଯାଉଥିବା ଏହି ପ୍ରୟାସରେ ସରକାରଙ୍କୁ ସହାୟତା ତଥା ପରାମର୍ଶ ଦେବା ପାଇଁ ଏକ ୨୮ ସଦସ୍ୟ ବିଶିଷ୍ଟ ଉପଦେଷ୍ଟା କମିଟି ଗଠିତ ହୋଇଛି। ଏହି କମିଟିରେ ସରକାରୀ ଅଧିକାରୀଙ୍କ ସମେତ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍) ସଦସ୍ୟ, ବିଭିନ୍ନ ବେସରକାରୀ ସଂସ୍ଥା ଓ ଫିଟ୍‌ନେସ ପ୍ରମୋଟରମାନେ ସ୍ଥାନ ପାଇଛନ୍ତି।

ଦେଶର ନାଗରିକମାନଙ୍କୁ ଦୈନନ୍ଦିନ ଜୀବନରେ ଶାରୀରିକ ଗତିବିଧି ଓ କ୍ରୀଡ଼ାରେ ପ୍ରୋତ୍ସାହିତ କରିବାକୁ ସଚେତନ କରିବା ପାଇଁ ସରକାରଙ୍କ ତରଫରୁ ଏଭଳି ପଦକ୍ଷେପ ନିଆଯାଉଛି। ଏହି ଉପଦେଷ୍ଟା କମିଟିରେ କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ ଅଧ୍ୟକ୍ଷତା କରିବେ। ଏହି କମିଟିରେ ୧୨ ଜଣ ସରକାରୀ ଅଧିକାରୀ ସଦସ୍ୟ ରହିବେ। କ୍ରୀଡ଼ା, ସେକେଣ୍ଡାରୀ ଏଜୁକେଶନ, ଆୟୁସ, ଯୁବ ବ୍ୟାପାର ଓ ଅନ୍ୟାନ୍ୟ ବିଭାଗର ସଚିବମାନେ ଏଥିରେ ସାମିଲ ରହିବେ। ସେହିପରି ଆଇଓଏ ଅଧ୍ୟକ୍ଷ ଓ ୭ ଏନ୍‌ଏସ୍‌ଏଫ୍ ମୁଖ୍ୟ ମଧ୍ୟ ଏହି କମିଟିରେ ସାମିଲ ରହିଛନ୍ତି। ବକ୍ସିଂ, ଆଥଲେଟିକ୍ସ, ଫୁଟବଲ ଓ ସାଇକ୍ଲିଂ ଫେଡେରେଶନର ମୁଖ୍ୟମାନେ ଏମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି। ବେସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ କନଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ), ରିଲାଏନ୍ସ ଫାଉଣ୍ଡେଶନ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ଓ ଜେଏସ୍‌ଡବ୍ଲ୍ୟୁ ପେଣ୍ଟ୍ସ, ଏସ୍‌ଇ ଟ୍ରାନ୍ସଷ୍ଟାଡିଆ ପ୍ରାଇଭେଟ୍ ଲିମିଟେଡ, ଟାଟା ଟ୍ରଷ୍ଟ, ଆସୋଚାମ ଇଣ୍ଡିଆ, ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଫ୍‌ଆଇସିସିଆଇ) ଏହି କମିଟିରେ ସାମିଲ ରହିଛନ୍ତି। ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ଓ ମିଲିନ୍ଦ ସୋମନ ମଧ୍ୟ ଏହାର ସଦସ୍ୟ ରହିଛନ୍ତି। ଗତବର୍ଷ ସେତେବେଳର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର 'ହମ୍ ଫିଟ୍ ତୋ ଇଣ୍ଡିଆ ଫିଟ୍' ନାମକ ଏକ ଫିଟିନେସ ଅଭିଯାନ ଆରମ୍ଭ କରିଥିଲେ। କ୍ରୀଡ଼ାବିତ ଓ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଟୁଇଟରରେ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। କିଭଳି ଫିଟ୍ ରହିବାକୁ ହେବ ସେ ନେଇ ଏହି ଭିଡିଓରେ ବିଭିନ୍ନ ଟିପ୍ସ ଦିଆଯାଇଥିଲା।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

**ବାମରା, ୨୨।୮ (ସ୍ୱ.ପ୍ର.):**

ବାମରାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପାଇଁ ଭୂମି ଓ କୋଠା ଦାନ କରିଥିବା ସାମାଜିକ କର୍ମୀ ଶକୁନ୍ତଳା ଦେବୀ ଲାଠଙ୍କ ବିୟୋଗରେ ଗୁରୁବାର ଶିଶୁ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟଙ୍କ ସହ ଶିଶୁ ମନ୍ଦିର କମିଟି କର୍ମକର୍ତ୍ତା ଏବଂ ସମସ୍ତ ଗୁରୁମା, ଗୁରୁଜୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଶୁକ୍ରବାର ଶିଶୁ ମନ୍ଦିର ଛୁଟି ଘୋଷଣା କରାଯାଇଥିଲା।

## ଆହାର କେନ୍ଦ୍ରରେ ମଧ୍ୟାହ୍ନଭୋଜନ କଲେ ମନ୍ତ୍ରୀ

**ବରଗଡ଼ ଅଫିସ୍, ୨୨।୮**

ବରଗଡ଼ ସହରସ୍ଥିତ ଆହାର କେନ୍ଦ୍ରରେ ଗୁରୁବାର ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମଧ୍ୟାହ୍ନ ଭୋଜନ କରିଛନ୍ତି। ମନ୍ତ୍ରୀ ସିଂ ଅପରାହ୍ନ ପ୍ରାୟ ଦେଢ଼ଟା ସମୟରେ ଆହାର କେନ୍ଦ୍ରକୁ ଆସି ବୁଲି ଦେଖିଥିଲେ ଏବଂ ମଧ୍ୟାହ୍ନ ଭୋଜନ କରୁଥିବା ଲୋକଙ୍କୁ ଭେଟି ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସେ ପାଖରେ ଥିବା ଅନ୍ୟ ଜଣେ ବୃଦ୍ଧଙ୍କୁ ନିଜ ପାଖକୁ ଡାକି ତାଙ୍କ ସହିତ ସେଠାରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏପରିକି ଭୋଜନ ବାବଦକୁ ପ୍ରତି ମିଲ୍ ପିଛା ୫ଟଙ୍କା ହାରରେ ଟିକେଟ୍ କାଟି ତାହା ଆହାର କେନ୍ଦ୍ରରେ ପୈଠ ମଧ୍ୟ କରିଥିଲେ। ଆହାର କେନ୍ଦ୍ରର ଭୋଜନ ବହୁତ ଭଲ ଥିଲା ବୋଲି ଖାଇବା ପରେ ମନ୍ତ୍ରୀ ସିଂ କହିଥିଲେ। ମନ୍ତ୍ରୀଙ୍କ ସହିତ ବିଜୁ ଛାତ୍ର ଜନତା ଜିଲା ସଭାପତି କରନ ସିକନ୍ଦର, କମଳ ତାଣ୍ଡି, ଛବିଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଆହାର କେନ୍ଦ୍ରରେ ମନ୍ତ୍ରୀ ସୁଶାନ୍ତ ସିଂ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ।

## ସଙ୍କୁଳସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା



ଜ୍ଞାନ-ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ଦେବଗଡ଼, ୨୨।୮ (ଡି.ଏନ.ଏ.)**

ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ୨୦୧୯-୨୦ମସିହା ନିମନ୍ତେ ସଙ୍କୁଳସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସଙ୍କୁଳ ପ୍ରମୁଖ ବିଜୟ କୁମାର ପ୍ରଧାନ ଯୋଗ ଦେଇ ଛାତ୍ରୀଛାତ୍ର ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ସଙ୍କୁଳ ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଟାଉନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଜ୍ଞାନ-ବିଜ୍ଞାନ ବିଷୟରେ ପ୍ରେରଣା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୨୦୩ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ଏବେ ବି କ୍ଲବଙ୍କୁ ନେଇ ସରିନି ଅଙ୍କକଷା

**କଟକ ଅଫିସ, ୨୨।୮**

**ଓସିଏ ନିର୍ବାଚନ**

■ ନିର୍ବାଚନ ପରେ ଚୂଡ଼ାନ୍ତ ହେବ କ୍ଲବ ତାଲିକା

■ ଆବେଦନ କଲେଣି ରାଜ୍ୟରୁ ୪୦ କ୍ଲବ

■ ସଂଖ୍ୟା ୨୦୦ ଟପିବା ଆଶା

କ୍ଲବଙ୍କୁ ସଦସ୍ୟତା ଦିଆଯିବା ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ବିବାଦର ମୂଳମଞ୍ଜି ପଡ଼ିଥିଲା। ଏହି ମଞ୍ଜି ମହାଦ୍ରୁମରେ ପରିଣତ ହେବା ପୂର୍ବରୁ ସୁପ୍ରିମକୋର୍ଟ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ନିଯୁକ୍ତ କମିଟି ଅଫ୍ ଆଡମିନିଷ୍ଟ୍ରେଟର(ସିଓଏ) ଗତ ୧୩ରେ ଯେଉଁ ଘୋଷଣା କଲେ ତାହା ଓସିଏ ଓ କ୍ଲବମାନଙ୍କ ପାଇଁ ସମାଧାନର ବାଟ ଦେଖାଇଦେଲା। ହେଲେ ଏହି ଘୋଷଣା ପରେ ଏବେ ବି ଶେଷ ହୋଇନି କ୍ଲବମାନଙ୍କ ସଦସ୍ୟତା ପାଇବାର ଅଙ୍କକଷା। ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନ ଗୁଡ଼ିକର ନିର୍ବାଚନ ହେବ ବୋଲି ସିଓଏ ସ୍ଥିର କରିଛି। ଉକ୍ତ ନିର୍ଦ୍ଧାରିତ ତାରିଖ ନ ଘୁଞ୍ଚିଲେ ଓସିଏର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ଏହା ଭିତରେ କରାଯିବ। ସିଓଏର ନିର୍ଦ୍ଦେଶ, ସମସ୍ତ ନିଷ୍ପତ୍ତି ସମ୍ବିଧାନକୁ ଅବଲମ୍ବନ କରି ହେଉ। ଚୂଡ଼ାନ୍ତ କ୍ଲବ ତାଲିକା ମଧ୍ୟ ସମ୍ବିଧାନର ନିୟମ ବାହାରେ କରାଯାଇ ପାରିବ ନାହିଁ। ସାଧାରଣ ପରିଷଦ ବୈଠକ ବିନା ଚୂଡ଼ାନ୍ତ କ୍ଲବ ତାଲିକା ବାଛିବା ମଧ୍ୟ ସମ୍ବିଧାନର ନିୟମ ବାହାରେ। ଏଣୁ କ୍ରୀଡ଼ା ସମୀକ୍ଷକଙ୍କ ମତରେ କ୍ଲବମାନେ ଏବେ ନିର୍ବାଚନରେ ଅଂଶ ଗ୍ରହଣ କରିବାର ଆଶା କ୍ଷୀଣ। ନିର୍ବାଚନ ଅନୁଷ୍ଠିତ ହୋଇ ସାଧାରଣ ପରିଷଦ ବୈଠକ ହେବା ପରେ କେଉଁ କ୍ଲବ ସଦସ୍ୟତା ହାସଲ କରିବ ତାହା ନିଷ୍ପତ୍ତି ହେବ। ଏବେ ଯେଉଁ ୫ଜଣିଆ କମିଟି ଗଠନ ହୋଇ କ୍ଲବ ତାଲିକା ବଛାଯାଉଛି ତାହା ଅସାମ୍ବିଧାନିକ ଓ କେବଳ ଓସିଏର ଏକ ବ୍ୟକ୍ତିଗତ ପ୍ରକ୍ରିୟା ବୋଲି ଜନୈକ କ୍ରୀଡ଼ା ସମୀକ୍ଷକ କହିଛନ୍ତି।

ସିଓଏର ପୂର୍ଣ୍ଣ ଅନୁମୋଦନ ପ୍ରାପ୍ତ ଓସିଏ ପାଇଁ ନିର୍ବାଚନ କରିବାର ବାଟ ଫିଟି ସାରିଛି। ବିହାରର ପୂର୍ବତନ ନିର୍ବାଚନ କମିଶନର ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହେବା ନେଇ ବିସିସିଆଇର ଅଫିସିଆଲ ୱେବସାଇଟରେ ଘୋଷଣା ମଧ୍ୟ ହୋଇଛି। ଏବେ କେବଳ ଅପେକ୍ଷା ସଦସ୍ୟ ତାଲିକା ଘୋଷଣା କରି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା। ହେଲେ ସଦସ୍ୟ ହେବାର ଦାବି କରି ଆଇନର ଦ୍ୱାରସ୍ଥ ହୋଇଥିବା କ୍ଲବ ସଂଘଗୁଡ଼ିକ ଯୋଗୁ ଏହି ପ୍ରକ୍ରିୟା ବିଳମ୍ବ ହୋଇଛି। ଚୂଡ଼ାନ୍ତ କ୍ଲବ ବାଛିବା ପାଇଁ ସିଓଏର ଘୋଷଣା ଥିଲା ଯେ, କ୍ରିକେଟ ଖେଳ ସହ ଜଡ଼ିତ ଥିବା କିମ୍ବା କ୍ରିକେଟକୁ ପ୍ରୋତ୍ସାହିତ କରୁଥିବା କ୍ଲବମାନେ ହିଁ ସଦସ୍ୟତା ପାଇବେ। ଏହି ଘୋଷଣା ପରେ ଓସିଏ ନିକଟରେ ୫ଜଣିଆ କମିଟି ଗଠନ କରିଛି। ଶିବ ପ୍ରସାଦ ତ୍ରିପାଠୀ କମିଟିର ଅଧ୍ୟକ୍ଷ ଥିବା ବେଳେ ଅଶୋକ ସାହୁ, ଚିନ୍ମୟାନନ୍ଦ ଜେନା, ସିଦ୍ଧାର୍ଥ କୁମାର ସାହୁ, ଏଫ.ସି. ନର୍ଥ ଏହାର ସଦସ୍ୟ ରହିଛନ୍ତି। ସଦସ୍ୟତା ପାଇବାକୁ ଇଚ୍ଛୁକ କ୍ଲବମାନେ ଆବେଦନ କରି ପାରିବେ ବୋଲି ଓସିଏ ଘୋଷଣା କରିବା ପରେ ଏବେ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ୪୦ଟି କ୍ଲବ ଆବେଦନ କରି ସାରିଲେଣି। ଏହି ସଂଖ୍ୟା ୨୦୦ ଟପିବ ବୋଲି ଆଶା ରହିଥିବା ଓସିଏର ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ୨୫ ହେଉଛି ଆବେଦନର ଶେଷ ତାରିଖ। ଜଣେ କ୍ରୀଡ଼ା ସମୀକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏବେ ନିର୍ବାଚନ କରାଯିବାରେ କୌଣସି ଦ୍ୱିଧା ନାହିଁ। ଓସିଏର ଯାହା ସମ୍ବିଧାନ ରହିଛି ତାହା ସଠିକ ଭାବେ ପାଳନ କରାଗଲେ ନିର୍ବାଚନ ଓ କ୍ଲବ ବାଛିବାରେ ସମସ୍ୟା ସୃଷ୍ଟି ହେବନି। ସାଧାରଣ ପରିଷଦ ବୈଠକ ବିନା କ୍ଲବଗୁଡ଼ିକୁ ସଦସ୍ୟତା ଦେବା ଅସମ୍ଭବ। ଏଣୁ ନିର୍ବାଚନ ଆସନ୍ତା ୧୪ ତାରିଖ ଭିତରେ କରାଯାଇ ସାଧାରଣ ପରିଷଦ ଡାକି କ୍ଲବମାନଙ୍କ ସଦସ୍ୟତା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ସେ କହିଛନ୍ତି।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



# ଯୋଜନାରେ ଅଟକିଛି ଇଡ୍‌କୋ ଟାୱାର

■ଜମି, ୬୦କୋଟି ଟଙ୍କାର ଅନୁମୋଦନ ଥାଇ ନିର୍ମାଣ କାର୍ଯ୍ୟ ବିଳମ୍ବ

■ ପ୍ରଶାସନିକ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ

ସମ୍ବଲପୁର,୨୨।୮(ବ୍ୟୁରୋ)

ରାଜ୍ୟ ସରକାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେଉଥିବା କହୁଛନ୍ତି। ବିଭିନ୍ନ ଯୋଜନାରେ ବେକାର ଯୁବତୀ ଯୁବକମାନଙ୍କୁ ରୋଜଗାର ଦେବା ସହ ନୂତନ ବ୍ୟବସାୟୀ ସୃଷ୍ଟି କରି ସୁବିଧା ସୁଯୋଗ ଦେବା କଥା କହି ବାହୁସ୍ଫୁଟ ମାରୁଛନ୍ତି । ହେଲେ ବାସ୍ତବରେ ତାହା ହୋଇପାରୁ ନାହିଁ । ରାଜ୍ୟର ଅନ୍ୟ ସହର ଭଳି ସମ୍ବଲପୁର ଜିଲାରେ ଏକ ଇଡ୍‌କୋଟାୱାର ନିର୍ମାଣ କରିବା ପାଇଁ ଯୋଜନା କରାଯାଇଥିଲା । ଏନେଇ ୨୦୧୩ରେ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ୬ ବର୍ଷ ପରେ ମଧ୍ୟ କାମ ଆରମ୍ଭ ହୋଇପାରି ନାହିଁ । ଜିଲା ପ୍ରଶାସନର ଆନ୍ତରିକତା ଏବଂ ଇଚ୍ଛାଶକ୍ତି ଅଭାବରୁ ଇଡ୍‌କୋଟାୱାର ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି।

ପ୍ରଥମେ ମହାନଦୀ କ୍ଲବରେ ଭଙ୍ଗାଯାଇ ଇଡ୍‌କୋଟାୱାର ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ହେଲେ ଏହାକୁ ବିରୋଧ କରାଯାଇଥିଲା। ଏନେଇ ୫୫ନମ୍ବର ଜାତୀୟ ରାଜପଥ ବୁର୍ଲା ଆନନ୍ଦ ବିହାରକଡରେ ଇଡ୍‌କୋଟାୱାର ନିର୍ମାଣ ନେଇ ସରକାରୀ ଜମି ଚିହ୍ନଟ ହୋଇଛି । ସରକାରୀ ଜମିକୁ ଇଡ୍‌କୋ ପକ୍ଷରୁ ୨ କୋଟି ୭୬ ଲକ୍ଷ ଟଙ୍କା ରାଜସ୍ୱ ଜମା କରି ନିଜ ନାମରେ କରି ସାରିଛନ୍ତି । ୨୦୧୩ରୁ ସରକାର ନିର୍ମାଣ ପାଇଁ ଅନୁମୋଦନ କରିଥିଲେ। ଏନେଇ ଜିଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ଆଲୋଚନା ହୋଇସାରିଛି। ଅନ୍ୟପକ୍ଷେ ସମସ୍ୟାର ସମାଧାନ ହୋଇଥିବାବେଳେ କାମ ବିଳମ୍ବ ହେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

କାମ ସମ୍ପୂର୍ଣ୍ଣ ହେଲେ ଏଥିରେ ଅନେକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲାଭ ପାଇ ପାରିବେ । ବୁର୍ଲା ଏକ ଶିକ୍ଷା ନଗରୀ। ତେଣୁ ଚିହ୍ନଟ ହୋଇଥିବା ସ୍ଥାନ ଉପଯୁକ୍ତ ଅଟେ । ଟାୱାର ନିର୍ମାଣ ଫଳରେ ପଢୁଥିବା ଛାତ୍ରୀଛାତ୍ରମାନେ ମନୋରଞ୍ଜନ କରିବା ସହ ଅତି ଆବଶ୍ୟକ ସାମଗ୍ରୀ ପାଇ ପାରିବେ। ଏପରି କି ସମ୍ବଲପୁରରେ ଆଇଆଇଏମ୍ ଭଳି ଶିକ୍ଷା ଅନୁଷ୍ଠାନ ରହିଛି। ଏଠାକୁ ଦେଶର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଆସୁଛନ୍ତି । ଇଡ୍‌କୋଟାୱାର ନିର୍ମାଣ ହୋଇପାରିଲେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଏହି ପ୍ରତି ଆକୃଷ୍ଟ ହେବା ସହ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ଏପରି କି ଶିକ୍ଷିତ ଯୁବତୀ ଯୁବକଙ୍କୁ ରୋଜଗାର ମିଳିବା ସହ ଯୁବ ଉଦ୍ୟୋଗି ସୃଷ୍ଟି ହେବା ସମ୍ଭାବନା ରହିଛି। ସମ୍ବଲପୁର ଜିଲାରେ ହୀରାକୁଦ ବନ୍ଧ, ଡେବରୀଗଡ଼ ଆଦି ପର୍ଯ୍ୟଟନସ୍ଥଳ ରହିଛି। ତେଣୁ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହାଦ୍ୱାରା ସୁବିଧା ମିଳିବ। ଏପରି କି ଟାୱାର ଭିତରେ ଅତ୍ୟାଧୁନିକ କନ୍‌ଫରେନ୍ସ ହଲ ନିର୍ମାଣ କରିବା ନେଇ ଅଟକଳ ରହିଛି । ଏହା ହେଲେ ଶିକ୍ଷା ଅନୁଷ୍ଠାନ, ସରକାରୀ ଓ ବେସରକାରୀ ଅଫିସର କାର୍ଯ୍ୟକ୍ରମ ଓ ବୈଠକ ସହ ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟ ହୋଇପାରିବ। ଫଳରେ ଇଡ୍‌କୋର ରାଜସ୍ୱ ବୃଦ୍ଧି ପାଇବ।

ସୂଚନା ଯୋଗ୍ୟ, ଇଡ୍‌କୋଟାୱାର ନିର୍ମାଣ ପାଇଁ ପ୍ରାୟ ୬୦ କୋଟି ଟଙ୍କା ଅନୁମୋଦନ ହୋଇଛି । ଇଡ୍‌କୋଟାୱାର ୮ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭାବେ ନିର୍ମାଣ କରାଯିବ । ତଳେ ୨ ମହଲାର ପାର୍କିଂ ବ୍ୟବସ୍ଥା ରହିବ। ଏହି ସମ୍ପର୍କରେ ଇଡ୍‌କୋ ଅଧିକାରୀ ଗିରିଜା ଶଙ୍କର ନାଏକଙ୍କୁ ପଚାରିବାରୁ ଟାୱାର ନିର୍ମାଣ ନେଇ ସବୁ ପ୍ରକ୍ରିୟା ଶେଷ ହୋଇଛି । ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏନେଇ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ପଚାରିବାରୁ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି କହିଥିଲେ। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ପଚାରିବାରୁ ଇଡ୍‌କୋଟାୱାର ନିର୍ମାଣ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଟେଣ୍ଡର ପ୍ରକ୍ରିୟା କରାଯାଇ ଖୁବ୍ ଶିଘ୍ର କାମ ଆରମ୍ଭ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଜ୍ୟୋତି କାର୍ଯ୍ୟାଳୟରେ ଶୋକସଭା

ସମ୍ବଲପୁର,୨୨।୮(ବ୍ୟୁରୋ): ସ୍ୱେଚ୍ଛାକୃତ ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ଡା. ଗୌରମୋହନ ବିଶ୍ୱାଳଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଯୋଜିକା କଳ୍ପନା ମିଶ୍ର, ରତ୍ନଭୂଷଣ ପୁରୁଷେଠ, ଉପସଭାପତି ଅଖିଳରଞ୍ଜନ ପଟ୍ଟନାୟକ, ଇନ୍ଦ୍ରଭୂଷଣ ପୁରୁଷେଠ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ସୁକାନ୍ତ ବହିଦାର, ମନବୋଧ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ସାହାଣୀ, ରବି ନାରାୟଣ ନନ୍ଦ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସମ୍ବଲପୁର ଦେହେରାପାଲି ବୁଢ଼ାରଜା ଗାର୍ଲ୍ସ ହାଇସ୍କୁଲକୁ ତାଙ୍କ ନାମରେ ନାମିତ କରିବାକୁ ଏବଂ ସେଠାରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା ।

### ଦଲେଇପଡ଼ା ମହରମ୍ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୨।୮(ବ୍ୟୁରୋ): ଦଲେଇପଡ଼ା ମହରମ୍ କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହରମ୍ ଶୋଭାଯାତ୍ରା ବେଳେ ହେଉଥିବା ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଶୋଭାଯାତ୍ରା କିପରି ଶାନ୍ତି ଶୃଙ୍ଖଳାରେ ହେବ ସେନେଇ ବୈଠକରେ କର୍ମକର୍ତ୍ତା ମତପ୍ରକାଶ କରିଥିଲେ। ଉସ୍ତାଦ ବାସୁଦେବ ବେରିହା, ସଭାପତି ଜଲିଲ ଖାନ୍, ଉପସଭାପତି ହୁସେନ ଖାନ୍, ମହମ୍ମଦ ରଫିକ୍, ମହମ୍ମଦ ଅସଲମ୍, ଶେଖ ଆଦିଲ, ମହମ୍ମଦ ଅଲିମ୍ ଖାନ୍, ମହମ୍ମଦ ମୁନିବ, ମହମ୍ମଦ ରାନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଆର୍ ଖାନ୍‌ଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା ।

### ବ୍ରହ୍ମପୁରା ମନ୍ଦିରରେ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ ହେବ

ସମ୍ବଲପୁର,୨୨।୮ (ବ୍ୟୁରୋ): ନୂଆଁଖାଇ ଲଗ୍ନ ଚଳିତ ମାସ ୨୪ ତାରିଖ ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିରରେ ନିର୍ଦ୍ଧାରଣ କରାଯିବ । ଏଥିରେ ସହର ସମେତ ବିଭିନ୍ନ ଅଞ୍ଚଳରୁ ପଣ୍ଡିତମାନେ ଯୋଗଦେଇ ଲଗ୍ନ ନିରୂପଣ କରିବା ପରମ୍ପରା ରହିଛି। ଚଳିତ ବର୍ଷ ମଧ୍ୟ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ପଣ୍ଡିତମାନଙ୍କୁ ନିମନ୍ତ୍ରଣ ଦେଇଥିବା ଗୁରୁବାର ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

### ଡାକ୍ତର ବିଶାଳ ନାରୀଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ

ସମ୍ବଲପୁର,୨୨।୮(ବ୍ୟୁରୋ)
ଡାକ୍ତର ଗୌରମୋହନ ବିଶାଳ(ବିଶାଳ ଡାକ୍ତର) ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ । ଅଧିକରୁ ଅଧିକ କିପରି ଝିଅମାନେ ପାଠ ପଢ଼ିବେ, ସେ ନେଇ ସବୁବେଳେ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ସହ ଆଲୋଚନା କରୁଥିଲେ। ତେଣୁ ସେ ସମ୍ବଲପୁର ଜିଲାରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ପ୍ରକୃତ ପକ୍ଷେ ସେ ଜଣେ ଚିକିତ୍ସକ ହୋଇଥିବା ସର୍ବୋଚ୍ଚ ଶିକ୍ଷା ସଂଗଠକ ମଧ୍ୟ ଥିଲେ । ବୁଢ଼ାରଜା ସରକାରୀ ହାଇସ୍କୁଲ ପରିସରରେ ଆୟୋଜିତ ଶୋକ ସଭାରେ ଏହି ମତ ପ୍ରକାଶ ପାଇଥିଲା। ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ଶୋକସଭା ହୋଇଥିଲା। ଡାକ୍ତର ବିଶାଳଙ୍କ ଫଟୋଚିତ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପୁଷ୍ପ ଅର୍ପଣ କରିଥିଲେ । ଶିକ୍ଷକ ଉଦିତ ଚନ୍ଦ୍ର ପାଙ୍ଗଯୋଶୀ, ପୁଷ୍ପରାଣୀ ମିଶ୍ର ସ୍ମୃତିଚାରଣ କରିଥିଲେ । ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଏମ୍‌ୟୁରେ ବକ୍ତୃତାମାଳା






ଗୁରୁବାର ସମ୍ବଲପୁର ଜିଏମ୍‌ୟୁଠାରେ କୁମାର ପ୍ରଶାନ୍ତ ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ଆୟୋଜିତ ବକ୍ତୃତାମାଳାରେ ଯୋଗ ଦେଇଥିବା ପ୍ରତିନିଧିମାନେ ।

ସମ୍ବଲପୁର,୨୨।୮ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଗୁରୁବାର ଗାନ୍ଧୀଜୀ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତାମାଳ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଦିଲ୍ଲୀସ୍ଥିତ ଗାନ୍ଧୀ ପିସ୍ ଫାଉଣ୍ଡେଶନର କୁମାର ପ୍ରଶାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ସମ୍ପ୍ରତି ଦେଶରେ ଅର୍ଥନୈତିକ ସମସ୍ୟା ଦେଖାଦେଇଛି । କମ୍ପାନୀଗୁଡିକ ମାନ୍ଦାବସ୍ଥାକୁ ଦ୍ୱାହି ଦେଇ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି । ଏହା ଯୁବପିଢ଼ିଙ୍କ ଉପରେ ଖରାପ ପ୍ରଭାବ ପକାଉଥିବା କହିଥିଲେ। ଉପକୁଳସଚିବ ଉମାଚରଣ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି କୁଳସଚିବ ଗିରିଶ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସହରର ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ, ସଚେତନ ନାଗରିକ, କବି, ଲେଖକଙ୍କ ସମେତ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଯୋଗଦେଇଥିଲେ । ସେହିପରି ପୂର୍ବାହ୍ନରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବରଗାଁଠାରେ ଗାନ୍ଧୀ କଥା ବକ୍ତୃତାମାଳା ହୋଇଥିଲା । ସଂଘ ସଭାପତି ସୁବାସ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଶୋର ମହାନ୍ତି, ମନୋରଞ୍ଜନ ମହାନ୍ତି, ବିଶ୍ୱଜିତ ମହାନ୍ତି, କ୍ରିଷ୍ଣା ମହାନ୍ତି ଓ କୁମାର ପ୍ରଶାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ବକ୍ତୃତାମାଳ ହୋଇଥିଲା । ସଭାପତି ପ୍ରଫେସର ଶଙ୍କରପ୍ରସାଦ ପତି ଅଧକ୍ଷତା କରିଥିବା ବେଳେ ସମ୍ପାଦକ ବୋଧରାମ ଦାଶ ସୂଚନା ପ୍ରଦାନ କରିଥିଲେ।

# ଅସୁରକ୍ଷିତ ବୁବୁଡ଼ା ୟୁଜିୟୁପି ସ୍କୁଲ

■ବାରମ୍ବାର ହଷ୍ଟେଲରୁ ପଳାଉଛନ୍ତି ଛାତ୍ର

■ ଲୁଚି ପଳାଉଥିବା ଛାତ୍ରଙ୍କୁ ଧରିଲେ ଗ୍ରାମବାସୀ

ବାମରା,୨୨।୮(ସ୍ୱ.ପ୍ର.)
ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ହେଲେ ସମ୍ବଲପୁର ଜିଲା ବାମରା ବ୍ଲକ କୁଟାରିମାଲ ପଞ୍ଚାୟତସ୍ଥିତ ବୁବୁଡା ୟୁଜିୟୁପି ସ୍କୁଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗତ ଏକ ସପ୍ତାହ ତଳେ ୩ ଜଣ ହାଇସ୍କୁଲ ଛାତ୍ର ଫେରାର ହୋଇଯାଇଥିବା ବେଳେ ବୁଧବାର ଜଣେ ତୃତୀୟ ଶ୍ରେଣୀ ଛାତ୍ର ଫେରାର ହୋଇଯାଇଥିଲେ। ସେହିପରି ଗୁରୁବାର ମଧ୍ୟାହ୍ନ ୧୨ଟାରେ ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ର ହଷ୍ଟେଲ ଝରକା ବାଟ ଦେଇ ଫେରାର ହୋଇଯାଇଥିଲେ। ଅପରାହ୍ନ ୧ଟାରେ କୁଟାରୀମାଲ ପଞ୍ଚାୟତ ସାନ ଫିଙ୍ଗିଙ୍ଗବାହାଲ ଗ୍ରାମର କେତେଜଣ ମହିଳା ଛାତ୍ରଙ୍କୁ କାନ୍ଦି ଥିବା ଦେଖି ଅଟକାଇଥିଲେ। ହେଲେ ଛାତ୍ର ଜଣକ ସ୍କୁଲର ଜଣେ ଶିକ୍ଷକ ତାଙ୍କୁ ମାଡ଼ ମାରିଥିବାରୁ ସେ ଘରକୁ ପଳାଉଥିବା କରିଥିଲେ। ପରେ ଗ୍ରାମବାସୀ ସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ ଦାଣ୍ଡିଆକୁ ଯୋଗାଯୋଗ କରି ଛାତ୍ରଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷେ ବାରମ୍ବାର ସ୍କୁଲ ହଷ୍ଟେଲରୁ ଛାତ୍ରମାନେ ଫେରାର ହେବା ଘଟଣା ହଷ୍ଟେଲର ସୁରକ୍ଷା ପ୍ରତି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷେ ହଷ୍ଟେଲ ବିଭିନ୍ନ ସମସ୍ୟା ଘେରରେ ରହିଛି। ହଷ୍ଟେଲର ପାଇଖାନା, ଗାଧୁଆଘର, ରୋଷେଇ ଗୃହ ସଫା ନ ଥିବା ବେଳେ ଦୁର୍ଗନ୍ଧ ବାହାରୁଛି। ଏପରି କି ହଷ୍ଟେଲ ମୁଖ୍ୟ ଫାଟକ ଭାଙ୍ଗିଯାଇଛି। ହଷ୍ଟେଲରେ ଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଶିକ୍ଷକଙ୍କ ରହିବା ନେଇ କଡାକଡି ନିୟମ ରହିଥିବା ବେଳେ ଏଥିରେ ଅବହେଳା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ପ୍ରଧାନ ଶିକ୍ଷକ ସୁନୀଲ ଦାଣ୍ଡିଆଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏନେଇ ବାମରା ଡବ୍ଲୁଇଓ ସୁବାସ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ବାହାର ଜିଲାର ଛୋଟ ଛୁଆଙ୍କୁ ନ ରଖିବାକୁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରକାଶ କରିଥିଲେ। ସନ୍ଧ୍ୟାରେ ସମ୍ପୃକ୍ତ ଛାତ୍ରଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘରକୁ ଫେରାଇ ଦିଆଯାଇଥିବା ଜଣାପଡିଛି ।

■ପଞ୍ଚମ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ପ୍ରସ୍ତୁତି

# ପରିଚାଳନା କମିଟି ଗଠିତ

ସମ୍ବଲପୁର,୨୨।୮(ବ୍ୟୁରୋ)
ସମର୍ପଣ ପକ୍ଷରୁ ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକସଂସ୍କୃତି, ଲୋକସାହିତ୍ୟ ଏବଂ ସଞ୍ଚାର କଳାକୁ ଲୋକାଭିମୁଖୀ କରିବା ନେଇ ଉଦ୍ୟମ ଜାରି ରହିଛି। ପଞ୍ଚମ ଥର ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଓ ସମ୍ମାନ ସମାରୋହ ଆୟୋଜନ କରିବାକୁ ସମ୍ବଲପୁର ସମଲେଶ୍ୱରୀ ମଣ୍ଡପଠାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ସମାରୋହ କରିବାକୁ ବୈଠକରେ ସ୍ଥିର କରାଯାଇଛି । ପରିଚାଳନା କମିଟି ଅଧକ୍ଷ ଭାବେ ପ୍ରଫେସର ମୀନକେତନ ପୁରୋହିତଙ୍କୁ ମନୋନିତ କରାଯାଇଛି। ସେହିପରି ଉପାଧକ୍ଷ ଭାବେ ପ୍ରଫେସର ଶଙ୍କର ପ୍ରସାଦ ପତି, ରଘୁନାଥ ମିଶ୍ରଙ୍କୁ ଚୟନ କରାଯାଇଛି। ସମ୍ପାଦକ ଭାବେ ଭଜରାମ ମହାପାତ୍ର, ସ୍ମରଣିକା ପ୍ରକାଶନ କମିଟିରେ ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଅରବିନ୍ଦ ମହାପାତ୍ର, ପ୍ରଫେସର ସୁରୁବାବୁ ମେହେର ରହିଛନ୍ତି । ଡ. ଶ୍ୟାମସୁନ୍ଦର ଧର, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଆଲୋଚନାଚକ୍ର ସଭ୍ୟ ଭାବେ ମନୋନିତ ହୋଇଛନ୍ତି। ସଞ୍ଚାର ସଂଯୋଜନା ଭାବେ ବାୟକ ଦୁଃଖିନାଶନ ବେହେରା, ଚାଷୀ ନେତା ଶଶି ଭୂଷଣ ତ୍ରିପାଠୀ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା ରହିଛନ୍ତି। ସମ୍ମାନ ସମ୍ବର୍ଦ୍ଧନା କମିଟିରେ ଅବସରପ୍ରାପ୍ତ ପ୍ରଶାସକ ଜୟ୍ ଜର୍ଜ, ଲେଖକ ସନ୍ତୋଷ କୁମାର ପଟ୍ଟନାୟକ, ଜନସମ୍ପର୍କରେ ଆଇନଜୀବୀ ବୈଷ୍ଣମ୍ପାୟନ ଆଚାର୍ଯ୍ୟ ଓ ଲାଲଶିଖା ସମ୍ପାଦିକା ସୀତା ମହାପାତ୍ର, ରହଣୀରେ ଆଖଡ଼ାଗୁରୁ ପୀତାମ୍ବର ରାୟ ଓ ଆଇନଜୀବୀ ରତନଲାଲ ଶର୍ମା, ଖାଦ୍ୟ କମିଟିରେ ଦୈତାରୀ ପୁରୋହିତ ଓ ସରୋଜ କୁମାର ମହାପାତ୍ରଙ୍କୁ ଚୟନ କରାଯାଇଛି।

# ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ



ଝଲକି ଫଟୋ ପ୍ରଦର୍ଶନୀ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଆୟୋଜକ ସମ୍ବଲପୁର ଫଟୋଗ୍ରାଫି କ୍ଲବ କର୍ମକର୍ତ୍ତା ଓ ସଭ୍ୟମାନେ ।

ସମ୍ବଲପୁର,୨୨।୮(ବ୍ୟୁରୋ)

ସମ୍ବଲପୁର ଫଟୋଗ୍ରାଫି କ୍ଲବ ଆୟୋଜିତ ଝଲକି ଫଟୋ ପ୍ରଦର୍ଶନୀ- ୨୦୧୯ ବୁଧବାର ରାତିରେ ସିଟି ସେଣ୍ଟରଠାରେ ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସଭାପତି ଶାଶ୍ୱତ ପାଢ଼ୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରିୟଙ୍କା ପଣ୍ଡା, ମଡେଲ ଅନୁଷ୍କା ଅଦିତି ମହାପାତ୍ର, ମିସେସ୍ ୟୁନିଭର୍ସ ଓଡ଼ିଶା- ୨୦୧୯ର ମନୀଷା ମହାପାତ୍ର, ଫେଶନ୍ ଡିଜାଇନର୍ ରୈନା ପୌପତାନି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଅମିତ ପାଢ଼ୀ ସୂଚନା ପ୍ରଦାନ କରିଥିଲେ । ସନ୍ତକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କ ମୃତଦେହ ଉଦ୍ଧାର

ଚିପିଲିମା,୨୨।୮(ଡି.ଏନ.ଏ.)
ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପ ଅଧୀନ ଚିପିଲିମା ପାୱାର ଚ୍ୟାନେଲରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ହେଲେ ମହିଳାଙ୍କ ପରିଚୟ ଜଣାପଡି ନାହିଁ। ଏନେଇ ବୁର୍ଲା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭୬୭/୧୯) ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ଶବ ସଂରକ୍ଷଣ ଗୃହରେ ରଖିଛି। ମହିଳାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ଏନେଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ଗଞ୍ଜୁ ଓରାମ କହିଛନ୍ତି।

■କାମ ନିମ୍ନମାନର

# ଗ୍ରୀଡ୍‌ରେ ତାଲା ପକାଇଲେ ଗ୍ରାମବାସୀ



ଗୋଛରା ଗ୍ରାମରେ ନିର୍ମାଣ ହେଉଥିବା ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେଶନ।

କୁଚିଣ୍ଡା,୨୨।୮(ଡି.ଏନ.ଏ.)
କୁଚିଣ୍ଡା ବ୍ଲକ ଗୋଛରା ଗ୍ରାମରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ନିର୍ମାଣ କାମ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରି ଗୁରୁବାର ଗ୍ରୀଡ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଆଗରୁ ସୂଚନା ଫଳକ ଲାଗିବାର ନିୟମ ରହିଛି। ହେଲେ ଗ୍ରୀଡ ସବ୍‌ଷ୍ଟେଶନରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ ଲୋକେ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଜଣାପାରୁ ନାହାନ୍ତି। ଏପରି କି ଗ୍ରୀଡ କାମ ନିମ୍ନମାନର ହେଉଥିବା ଗ୍ରାମବାସୀ କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କୌଣସି ମତାମତ ଦେବାକୁ ଉଚ୍ଚ ଅଧିକାରୀମାନେ ମନା କରିଥିବା କହିଥିଲେ।

■ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

# ଶୈକ୍ଷିକ ପରାମର୍ଶଦାତା ପାଇବେ ରାଷ୍ଟ୍ରପତି ସମ୍ମାନ

ସମ୍ବଲପୁର,୨୨।୮(ବ୍ୟୁରୋ)
ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରାମର୍ଶଦାତା ତଥା ବିଶିଷ୍ଟ ଯୁବ ଭାଷାବିତ ଡ. ସୁବ୍ରତ କୁମାର ପୃଷ୍ଟି ପ୍ରଥମ ଶାସ୍ତ୍ରୀୟ ଭାଷା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗୁରୁବାର ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟଠାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଫେସର ମହାପାତ୍ର କହିଥିଲେ ଯେ, ବିଶ୍ୱବିଦ୍ୟାଳୟ ଏଭଳି ସମ୍ମାନ ପାଇବା କେବଳ ଭାଷା ନୁହେଁ, ବରଂ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଓ ଗର୍ବର ବିଷୟ । ପ୍ରତ୍ୟେକ କାର୍ଯ୍ୟ ସୁନାମ ଆଣିଥାଏ । ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକମାନେ ମଧ୍ୟ ନିଜ କ୍ଷେତ୍ରରେ ପାରଦର୍ଶୀତା ଆଣିଲେ ସେମାନେ ମଧ୍ୟ ରାଷ୍ଟ୍ରୀୟ ସମ୍ମାନ ପାଇ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିପାରିବେ । ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ମାନସରଞ୍ଜନ ପୂଜାରୀ କହିଥିଲେ ଯେ, ଏଭଳି ଏକ ବିରଳ କୃତିତ୍ୱ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ ସମସ୍ତ ଶିକ୍ଷକ, କର୍ମଚାରୀ, ଅଧିକାରୀ ଓ ଶିକ୍ଷାର୍ଥୀ ନିଜକୁ ଗର୍ବିତ ମନେ କରିବା ସହିତ ଅନେକ ପ୍ରେରଣା ପାଇ ପାରିବେ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଲାଗି ପ୍ରମୁଖ କାର୍ଯ୍ୟ କରିଥିବାରୁ ୭୩ତମ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ କରି ଯୁବ ଭାଷାବିତ ସୁବ୍ରତଙ୍କୁ ରାଷ୍ଟ୍ରପତି ପଦକ, ସାଲ ଓ ଏକ ଲକ୍ଷ ଟଙ୍କା ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ଡ. ସୁବ୍ରତ ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ପରେ ୨୦୦୪ରେ ୟୁଜିସି କନିଷ୍ଠ ଓ ବରିଷ୍ଠ ଗବେଷଣା ବୃତ୍ତି ପାଇ ଗବେଷଣା କାର୍ଯ୍ୟରେ ନିୟୋଜିତ ଥିଲେ। ଗବେଷଣା କର୍ଯ୍ୟ ଓ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ଲାଗି ଦିଲ୍ଲୀରେ ଥିବା ବେଳେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ଭିତ୍ତିପତ୍ର ପ୍ରସ୍ତୁତି କରିଥିଲେ । ପରେ ଭୁବନେଶ୍ୱର ଫେରି ଆସି ଜନ ସମ୍ମିଳନୀ ଓ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ନାମକ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଦାବିକୁ ଏକ ବୌଦ୍ଧିକ ଆନ୍ଦୋଳନରେ ପରିଣତ କରିବାରେ ଉଦ୍ୟମରତ ଥିଲେ। ଏହି ସମୟରେ ସେ ରାଜ୍ୟ ସଂସ୍କୃତି ବିଭାଗର ଆର୍ଥିକ ଅନୁଦାନରେ ଭାଷା ଓ ଜାତୀୟତା ପୁସ୍ତକ ପ୍ରକାଶ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦାବି ନୁହେଁ ଅଧିକାର ବୋଲି ଘୋଷଣା କରିଥିଲେ ।



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଗୁରୁବାର ଗବେଷକ ଡ. ସୁବ୍ରତ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଯୁବ ଗବେଷକ ଡ. ସୁବ୍ରତ ପୃଷ୍ଟି ସମ୍ବର୍ଦ୍ଧିତ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ଅଗଷ୍ଟ,୨୦୧୯



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ



## ସଂକ୍ଷେପରେ

### ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ବାଉଁଶୁଣୀ, ୨୨।୮ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ନାଟ୍ୟକାର ତଥା ଜିଲା ନାଟ୍ୟ ସଭାପତି ହରିହର ପ୍ରଧାନ ମୁଖ୍ୟଅତିଥି, କରୁଣାକର ଘଣ୍ଟୁଆଳ, ଲକ୍ଷ୍ମଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧରଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଞ୍ଚାନନ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର, ଖଗେଶ୍ୱର ମେହେର, ମନୋଜ ଖମାରୀ, ଲିଙ୍ଗରାଜ ମେହେର, କାନିଜ ବୁଖାରୀ, ମୃତ୍ୟୁଞ୍ଜୟ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାକ୍ କମିଟିର ବୌଦ୍ଧ ପଞ୍ଚାୟତ କଲେଜ ପରିଦର୍ଶନ

ବୌଦ୍ଧ,୨୨।୮(ସ୍ୱ.ପ୍ର)

ନାକ୍ (ନ୍ୟାଶନାଲ ଆକ୍ରିଡିଏଶନ ଆଣ୍ଡ ଆସେସମେଣ୍ଟ କାଉନସିଲ) କମିଟି ବୌଦ୍ଧ ପଞ୍ଚାୟତ କଲେଜକୁ ପରିଦର୍ଶନରେ ଆସିଛନ୍ତି। ସମସାମୟିକ କଲେଜ ଗୁଡିକଠାରୁ କିଛିବର୍ଷ ମଧ୍ୟରେ ବୌଦ୍ଧ କଲେଜରେ ଭିତ୍ତିଭୂମି ନିର୍ମାଣ, ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ଏବେ ନାକ୍ କମିଟି ଦ୍ୱାରା କଲେଜର ବିଭିନ୍ନ ବିଭାଗ ପରିଦର୍ଶନ ପରେ ସବୁ କ୍ଷେତ୍ରରେ ସନ୍ତୋଷ ପ୍ରକାଶ କରାଯାଇଥିବା ଜଣାଯାଇଛି । ମିରଟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଏସଭିଏସ ରାଣାଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୀତାମ୍ମା କେକେ ଏବଂ କେରଳ ବିଶ୍ୱ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରୀନା ଇତିଚାନ୍ଦଙ୍କୁ ନେଇ ଗଠିତ ଏହି ଟିମ୍ ଦୁଇଦିନ ଧରି ବୌଦ୍ଧ କଲେଜର ବିଭିନ୍ନ ବିଭାଗର ଭିତ୍ତିଭୂମି ଅନୁଧ୍ୟାନ, ଗୁଣାତ୍ମକ ଶିକ୍ଷାଦାନ ପାଇଁ ରହିଥିବା ସୁବିଧା ସୁଯୋଗ, ପୁରାତନ ଛାତ୍ର କମିଟି, ଅଭିଭାବକ କମିଟି, ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଏହାବ୍ୟତୀତ ସେମାନେ କଲେଜର ଏନସିସି, ରେଡକ୍ରସ, ଲିଙ୍ଗୁଷ୍ଟିକ ପରୀକ୍ଷାଗାର, କମ୍ପ୍ୟୁଟର ପାଠ୍ୟକ୍ରମର ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ନାକ୍ କମିଟିର ସଦସ୍ୟମାନେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିବା ସହିତ କଲେଜ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ । ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ସଞ୍ଜିତ କୁମାର ସାହୁ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନାକ୍ କମିଟି ସଂଯୋଜକ ଅଧ୍ୟାପକ ବୀର ନାରାୟଣ ମହାପାତ୍ର, ପ୍ରଫେସର ଡା. ମହେନ୍ଦ୍ର ନାଥ ଦେବତା, ଇଂଲିଶ ବିଭାଗ ମୁଖ୍ୟ ପ୍ରଭାସ କୁମାର ମିଶ୍ର, ଅଧ୍ୟାପକ ନିରଞ୍ଜନ ମିଶ୍ର ଓ ଲାଇବ୍ରେରିଆନ ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ କମିଟି ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, କଲେଜ ପରିଚାଳନା କମିଟି ସଭାପତି ଡା. ଶାନ୍ତିରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




ବୌଦ୍ଧ ପଞ୍ଚାୟତ କଲେଜରେ ନାକ କମିଟି ସଦସ୍ୟ ଉଦ୍‌ବୋଧନ ଦେଉଛନ୍ତି ।

■ ଲୁଣ୍ଡୁରିଝରି ଗାଁ

# ୯ ଦିନରେ ୩ ମୃତ

ତଲଗା,୨୨।୮(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଲଗାଁ ପଞ୍ଚାୟତର ଲୁଣ୍ଡୁରିଝରି ଗ୍ରାମରେ ୯ ଦିନରେ ୩ ଜଣଙ୍କ ମୃତ୍ୟୁ ହେଲାଣି । ଫଳରେ ଭୟରେ ଲୋକମାନେ ଗାଁ ଛାଡୁଥିବା ଦେଖିବାକୁ ମିଳିଛି ।

ସୂଚନା ମୁତାବକ, ଏହି ଗ୍ରାମରେ ଅନୁସୂଚିତ ଜାତି, ଜନଜାତି ସମ୍ପ୍ରଦାୟର ୭୫ଟି ପରିବାରର ୩୦୦ ଲୋକ ବସବାସ କରୁଛନ୍ତି। ଗତ ୧୨ ତାରିଖରେ ଗର୍ଭବତୀ ମହିଳା ସରସ୍ୱତୀ ଦେହୁରୀ(୨୯)ଙ୍କ ହଠାତ ମୃତ୍ୟୁ ହୋଇଥିବାବେଳେ ୧୪ ତାରିଖରେ ଲକ୍ଷ୍ମୀ ମାଝି(୬୦), ୨୧ ତାରିଖରେ ବନିତା ନାଏକଙ୍କ ମୃତ୍ୟୁ ଘଟିଥିଲା। ଗୁଣି ଗାରେଡି ଯୋଗୁ ଗ୍ରାମରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବିଶ୍ୱାସ କରି ଲୋକମାନେ ଗୁରୁବାର ଗୁଣିଆ ଡକାଇ ପୂଜାବିଧି ସହ ଝଡାଫୁଙ୍କା କରିଥିବା ଜଣାପଡିଛି । ଗ୍ରାମରେ ଥିବା ବିଦ୍ୟାଳୟରେ ଗୁରୁବାର ମାତ୍ର ୪ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ଅନ୍ୟମାନେ ଭୟରେ ଆସି ନାହାନ୍ତି। ଗ୍ରାମରେ ଭଡାରେ ରହୁଥିବା ଜଣେ ପ୍ରଧାନଶିକ୍ଷକ ଏହି ଘଟଣା ପରେ ଭୟରେ ଗ୍ରାମ ଛାଡି ଚାଲିଯାଇଛନ୍ତି। ଅଳ୍ପଦିନ ପୂର୍ବରୁ ଏହି ପଞ୍ଚାୟତର ତଲଗାଁ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରେ ଗୁଣିଗାରେଡି ଭୟରେ ଛାତ୍ରୀମାନେ ହଷ୍ଟେଲ ଛାଡି ଘରକୁ ଚାଲିଯାଇଥିଲେ। ସେହି ପଞ୍ଚାୟତର ଲୁଣ୍ଡୁରିଝରି ଗ୍ରାମରେ ପୁଣିଥରେ ଅଜଣା କାରଣରୁ ୯ ଦିନରେ ୩ ଜଣଙ୍କ ମୃତ୍ୟୁ ହେବା ପରେ ଗୁଣି ଗାରେଡି ସନ୍ଦେହରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଅନ୍ଧବିଶ୍ୱାସର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି ।

### ଭୟରେ ଗାଁ ଛାଡୁଛନ୍ତି ଲୋକେ

# ବୌଦ୍ଧରେ ଆରମ୍ଭ ହେବ ଚାଇଲ୍ଡ ଲାଇନ ସେବା

ବୌଦ୍ଧ,୨୨।୮(ସ୍ୱ.ପ୍ର)

ବୌଦ୍ଧ ସମେତ ଓଡିଶାର ୬ଟି ଜିଲାରେ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ଚାଇଲ୍ଡ ଲାଇନ ସେବା। ଏ ନେଇ ଜିଲାରେ ଶିଶୁ ସୁରକ୍ଷା ଉପରେ କାମ କରୁଥିବା ଅଂଶୀଦାରମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଜିଲାପାଳ ଜିଲାର ଜନଗହଳି ସ୍ଥାନ ଏବଂ ସ୍କୁଲ କାନ୍ଥ ମାନଙ୍କରେ ଚାଇଲ୍ଡ ଲାଇନ ୧୦୯୮ ବିଷୟରେ ସୂଚନା ଲେଖାଯିବା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶିଶୁମାନଙ୍କୁ ସମସ୍ତ ପ୍ରକାର ନିର୍ଯାତନାରୁ ସୁରକ୍ଷା ଦେବାକୁ ସମସ୍ତ ଅଧିକାରୀଙ୍କୁ ଯତ୍ନବାନ ହେବା ପାଇଁ ଜିଲାପାଳ କହିଥିଲେ। ଚାଇଲ୍ଡ ଲାଇନ ଇଣ୍ଡିଆ ଫାଉଣ୍ଡେଶନର କଲିକତା ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଆର୍କା ଲାହା ଯୋଗଦେଇ ଚାଇଲ୍ଡ ଲାଇନ ୧୦୯୮ ସେବା ପ୍ରଦାନ ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବୈଠକ କରି ବ୍ୟାପକ ସଚେତନତା ଉପରେ ମତ ରଖିଥିଲେ। ସେ ଆହୁରି କହିଥିଲେ ଯେ, ଭାରତର ଯେ କୌଣସି ଫୋନ ସେବାରୁ ୧୦୯୮ ନମ୍ବରକୁ ମାଗଣାରେ କଲ କରି ଚାଇଲ୍ଡ ଲାଇନ ସେଣ୍ଟର ସହ ଯୋଗାଯୋଗ କରିପାରିବେ। ଚାଇଲ୍ଡ ଲାଇନ ଟିମ୍ ଶିଶୁକୁ ସହାୟତା କରିବା ନିମନ୍ତେ ତୁରନ୍ତ ପହଞ୍ଚି ଯିବେ। ଶିଶୁକୁ ଥଇଥାନ ଏବଂ ନିରନ୍ତର ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜିଲାଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଅଭିଯାନ ବୌଦ୍ଧ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ, ସଦସ୍ୟାସଦସ୍ୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ସମନ୍ୱୟ ବୈଠକର ମଞ୍ଚାସୀନ ଅତିଥିବୃନ୍ଦ ।

■ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

# ବିଦ୍ୟୁତ ବିଭାଗ ଅଫିସ ଘେରିଲେ ଲୋକେ

**ମନମୁଣ୍ଡା, ୨୨।୮ (ଡି.ଏନ.ଏ):** ମନମୁଣ୍ଡା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତା ଓ ସାଧାରଣ ଲୋକ ଅତିଷ୍ଠ ହୋଇଗଲେଣି। ଏହାର ପ୍ରତିବାଦରେ ବୁଧବାର ରାତି ୮ଟା ବେଳେ ଗୁଡଭେଲିପଦର, ବୁକୁରାମୁଣ୍ଡା, ଉଚ୍ଚବାହାଲି ଆଦି ଗ୍ରାମର ଶତାଧିକ ଲୋକ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ଘେରାଉ କରି ନାରାବାଜି କରିଥିଲେ। ଏହା ରାତ୍ରି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ସ୍ଥାନୀୟ ପୋଲିସ ସେଠାକୁ ଆସି ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ପୁନର୍ବାର ଅଘୋଷିତ ବିଦ୍ୟୁତ ବିଭ୍ରାଟ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି, ମନମୁଣ୍ଡା ସବଷ୍ଟେଶନରେ ସାମାନ୍ୟ ପବନ ବହିଲେ ବିଦ୍ୟୁତ୍ କଟୁଛି। ମଧ୍ୟ ରାତ୍ରିରେ ବିଦ୍ୟୁତ୍ କଟିଗଲେ କର୍ମଚାରୀ ଘଣ୍ଟା ଘଣ୍ଟା ଧରି ଫ୍ୟୁଜ ବାନ୍ଧୁ ନାହାନ୍ତି । ବିଦ୍ୟୁତ ବିଭ୍ରାଟ ବେଳେ ଜେଇ, ଏସଡିଓଙ୍କ ଫୋନ ପ୍ରାୟତଃ ସୁଇଜ୍ ଅପ୍ ରହୁଛି । ସେ ଦୁହେଁ ସୋନପୁରରେ ରହୁଥିବାରୁ ଅସୁବିଧା ଜାଣି ପାରୁନାହାନ୍ତି। ଲୋକମାନେ ସେମାନଙ୍କ ସହ ଯୋଗାଯୋଗ ମଧ୍ୟ କରିପାରୁ ନାହାନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିକିଟା ମାଟି**
**ଖରାକଲେ ଯାଏ ଫାଟିଫୁଟି**
**ବରଷାରେ ଚକଟା ଚକଟି ।**

ଚିକିଟା ମାଟି ଅତ୍ୟଧିକ ଖରାହେଲେ ଶୁଷ୍କ ହୋଇ ଫାଟିଯାଇଥାଏ। ସେହିପରି ବର୍ଷା ଅଧିକ ପରିମାଣରେ ହେଲେ ପାଣି ଲାଗି ଏହା ନରମ ବା କାଦୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଷା ହୁଡ଼ିଲେ ବରଷେ**
**ମୂଲିଆ ହୁଡ଼ିଲେ ଦିବସେ ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ମୂଲିଆ କାମ କରି ମିଳୁଥିବା ପାରିଶ୍ରମିକରେ ନିଜର ଗୁଜୁରାଣ ମେଣ୍ଟାଇଥାଏ। କୌଣସି କାରଣବଶତଃ କାମକୁ ଯାଇ ନ ପାରିଲେ କାମ କରି ପେଟପୋଷିବାକୁ ତାକୁ ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BUSINESS

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୩ ଅଗଷ୍ଟ , ୨୦୧୯





ରୁଦ୍ର ପ୍ରସନ୍ନ ରଥ

# ପାରା ବ୍ୟାଡ୍‌ମିଣ୍ଟନର ଅର୍ଜୁନ

**ରାଜ୍ୟର ଅଷ୍ଟମ ଖେଳାଳି ଭାବେ ପ୍ରମୋଦ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତେବେ ପ୍ରଥମ ପାରା ଆଥଲେଟ୍ ହିସାବରେ ସେ ରାଜ୍ୟ ପାଇଁ ଏହି ସମ୍ମାନ ହାସଲ କରିବାକୁ ଯାଉଛନ୍ତି। ପୋଲିଓ କାରଣରୁ ଶାରୀରିକ ଭାବେ ଅକ୍ଷମ ହୋଇଥିଲେ ମଧ୍ୟ ଦୀର୍ଘଦିନର ସଂଘର୍ଷ ଓ ଅଧ୍ୟବସାୟ ବଳରେ ପାରା ବ୍ୟାଡମିଣ୍ଟନରେ ସେ ବିଶ୍ୱସ୍ତରୀୟ ସଫଳତା ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି...**



ଜଣେ ଶାରୀରିକ ଅକ୍ଷମ ହେଲେ ଅନେକ ଭାବନ୍ତି ଯେ ବୋଧହୁଏ ସେ ଲୋକଟିର ଜୀବନର ମାନେ କିଛି ନାହିଁ। ପରର ଦୟାରେ ଚଳିବ ଆଉ ବୋଧହୁଏ ସାରାଜୀବନ ଅନ୍ୟର ଗୋଡାଣିଆ ହୋଇ ରହିବାକୁ ବାଧ୍ୟ ହେବ। ଚାକିରି, ବିବାହ କିମ୍ବା ସଂସାର କରିବା ଆଦି କଥା ହୁଏତ ତା ଭାଗ୍ୟରେ ଥିଲେ ମିଳିପାରେ। ଆଉ ରହିଲା ଦେଶ କଥା। ଏପରି ଶାରୀରିକ ଅକ୍ଷମମାନେ ଦେଶ ବା ଜାତି ପାଇଁ କ'ଣ ବା କରିପାରିବେ। ଅତିବେଶିରେ ଗୀତ ଗାଇ କିମ୍ବା ଚିତ୍ରକରିବା ପରି ପାରମ୍ପରିକ ବିଦ୍ୟାରେ ହୁଏତ କିଛି ନାମ କମାଇ ପାରନ୍ତି। ମାତ୍ର ଏମିତି ବି ଭିନ୍ନକ୍ଷମ ଅଛନ୍ତି ଯେଉଁମାନେ ଏହି ପାରମ୍ପରିକ ଚିନ୍ତାଧାରାର ଆଡିବନ୍ଧ ଡେଇଁ ନିଜ ପାଇଁ ନାମ କମାନ୍ତି। ଦେଶକୁ ଥରେ ନୁହେଁ ବହୁବାର ଗୌରବାନ୍ୱିତ କରନ୍ତି। ଆଉ ସବୁଥର ଦେଶବାସୀ ତାଙ୍କ ପ୍ରସିଦ୍ଧି ଏବଂ ପ୍ରଦର୍ଶନରେ ହତଚକିତ ହୁଅନ୍ତି ଆଉ ଏହି ଭଳି ଭିନ୍ନ ଦକ୍ଷତା ପାଇଁ ସଲାମ କରନ୍ତି। ସେହିପରି ଜଣେ ଭିନ୍ନକ୍ଷମ ବ୍ୟାଡମିଣ୍ଟନ ଖେଳାଳି ହେଉଛନ୍ତି ପ୍ରମୋଦ ଭଗତ। ଦୀର୍ଘ ୪ ବର୍ଷଧରି ନିଜର ଅକ୍ଳାନ୍ତ ପରିଶ୍ରମ ଆଉ ଦୁନିଆ ବୁଲି ବୁଲି ଭାରତ ତଥା ନିଜ ପାଇଁ ପଦକ ଜିତୁଥିବା ପ୍ରମୋଦ ଏବେ ଅର୍ଜୁନ ପୁରସ୍କାର ପାଇ ଓଡିଶାବାସୀଙ୍କ ନୟନମଣି ହୋଇପାରିଛନ୍ତି।

> "ଜଣେ ଅର୍ଜୁନ ପୁରସ୍କାର ପାଇବା ବେଶ୍ ଗର୍ବର କଥା। ଆଉ ଏ ଯାଏ ଆସିବାକୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଲୋକ ମୋର ଦକ୍ଷତା ଅପେକ୍ଷା ଶାରୀରିକ ଅକ୍ଷମତାକୁ ବେଶି ଦେଖୁଥିଲେ। ଏହା ହିଁ ମୋତେ ମୋ ଅକ୍ଷମତା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିଲା" –ପ୍ରମୋଦ ଭଗତ

ଜଣେ ଅର୍ଜୁନ ପୁରସ୍କାର ପାଇବା ବେଶ୍ ଗର୍ବର କଥା। ଆଉ ଏ ଯାଏ ଆସିବାକୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି। ଏହା ହେଉଛି ନିକଟରେ ଅର୍ଜୁନ ପୁରସ୍କାର ଜିତିଥିବା ଭିନ୍ନକ୍ଷମ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ନିଜ କଥା। ଲୋକ ମୋର ଦକ୍ଷତା ଅପେକ୍ଷା ଶାରୀରିକ ଅକ୍ଷମତାକୁ ବେଶି ଦେଖୁଥିଲେ। ଏହା ହିଁ ମୋତେ ମୋ ଅକ୍ଷମତା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଯୋଗାଉଥିଲା। ଅର୍ଜୁନ ପୁରସ୍କାର ପାଇବାରେ ପ୍ରମୋଦ ହେଉଛନ୍ତି ୮ମ ଓଡିଆ। ଯେଉଁ ଲୋକମାନେ ଦିନେ ପ୍ରମୋଦଙ୍କ ଅକ୍ଷମତା ଦେଖୁଥିଲେ ଆଜି ସେମାନେ ତାଙ୍କ ପାଖରେ ରାଶି ରାଶି ପଦକ ଆଉ ପୁରସ୍କାର ଦେଖି ନିଜକୁ ଭୁଲ୍ ବୋଲି ପ୍ରମାଣିତ କରୁଛନ୍ତି। ପ୍ରମୋଦ ଦିନେ ବିଶ୍ୱରେ ଏକ ନଂ ପାରା ଶଟଲର ବିଶ୍ୱ ଚାମ୍ପିୟନ ହୋଇପାରିବ ତାହା ଅନେକଙ୍କର ଧାରଣା ବାହାରେ ଥିବା ସ୍ୱାଭାବିକ। ଅଥଚ ପ୍ରମୋଦ ଭିନ୍ନକ୍ଷମ ହୋଇ ଯେ ଖେଳିଛନ୍ତି ତା' ନୁହେଁ ବରଂ ଏ ଯାଏ ଯେତିକି ପଦକ ଜିତିଛନ୍ତି ତାହା ଶୁଣିଲେ ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ୍। ପ୍ରମୋଦଙ୍କ ପାଖରେ ଅଛି ଜାତୀୟ ସ୍ତରରେ ୩୦ଟି ସ୍ୱର୍ଣ୍ଣ ଏବଂ ୧୨ ରୌପ୍ୟ। ସେହିପରି ଅନ୍ତର୍ଜାତୀୟ ସ୍ତରରେ ସେ ଗୋଟାଇଛନ୍ତି ୧୯ ସ୍ୱର୍ଣ୍ଣ ଆଉ ୭ ରୌପ୍ୟ। ଏଥି ମଧ୍ୟରେ କେବଳ ୨୦୧୯ରେ ହିଁ ସେ ପାଇଛନ୍ତି ୮ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ ପଦକ।

ବୋଧହୁଏ ବ୍ୟାଡମିଣ୍ଟନ ଖେଳିବାକୁ ହିଁ ପ୍ରମୋଦ ଜନ୍ମ ହୋଇଥିଲେ। ୧୦ ବର୍ଷ ବୟସରୁ ଏହି ଖେଳ ପ୍ରତି ସେ ନିଜର ଭଲପାଇବା ଜାହିର କରିଆସିଛନ୍ତି। ନିଜର ତିନି ସାଙ୍ଗଙ୍କ ସହ ମଉଜମସ୍ତି କରିବା ପାଇଁ ଘର ପଛପଟେ ବ୍ୟାଡମିଣ୍ଟନ ଖେଳୁଥିବା ପ୍ରମୋଦ କେତେବେଳେ ଯେ ଏହି ଖେଳପ୍ରତି ସିରିୟସ ହୋଇଗଲେ ତାହା ବୋଧେ ସେ ନିଜେ ଜାଣିନଥିବେ। ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ସେ ସାଧାରଣ ଲୋକଙ୍କ ପରି ଖେଳିପାରୁଥିବା ଦେଖିଲେ ଅନେକ ଆଶ୍ଚର୍ଯ୍ୟ ହେଉଥିଲେ। ଏହା ଭିତରେ ତାଙ୍କର ବୟସ ବଢିବା ସଙ୍ଗେସଙ୍ଗେ ଶିଖିଥିଲେ। ଅନୁଗୋଳରେ ରହୁଥିବା କୋଚଙ୍କ ଘର ହିଁ ପାଲଟିଥିଲା ଆଜିର ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦଙ୍କ ପାଇଁ ପ୍ରଫେଶନାଲ ବ୍ୟାଡମଣ୍ଟନକୁ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଲାଗିଲେ। ୨୦୦୫ରେ ବୁର୍ଲାରେ ଆଉଟଡୋର ଟୁର୍ନାମେଣ୍ଟରେ ଭାଗନେଉଥିବା ବେଳେ ସେ ଭେଟିଥିଲେ ରାଜ୍ୟ ବ୍ୟାଡମଣ୍ଟନର ପ୍ରତିଷ୍ଠିତ ଖେଳାଳି କମଳ ଦାସଙ୍କ ସହ। ସେ ହିଁ ତାଙ୍କୁ ବ୍ୟାଡମିଣ୍ଟନରେ କ୍ୟାରିୟର କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। ତାଙ୍କରି ଚେଷ୍ଟାରେ ପ୍ରମୋଦ ଭେଟିଥିଲେ ପାରା ବ୍ୟାଡମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କୁ। କୋଚ୍ ଶିବ ପ୍ରସାଦଙ୍କ ପାଖରେ ରହି ସେ ଖେଳିବାର ମୂଳ ସୋପାନ ଚଢିବା ପରଖିବାର ରଙ୍ଗଭୂମି। ଏଇଠୁ ହିଁ ପ୍ରମୋଦ ପାଇଥିଲେ ଉଡିବାର ଅଭିଳାଷା, ଆଉ ପାରା ବ୍ୟାଡମିଣ୍ଟନକୁ ନେଇ ଏଇଠି ହିଁ ବଢୁଥିଲା ଓଡିଶାର ସୁଯୋଗ୍ୟ ସନ୍ତାନ।

ଓଡିଶା ପାରା ବ୍ୟାଡମିଣ୍ଟନର ନୂଆ ପୋଷ୍ଟରବୟ ପ୍ରମୋଦଙ୍କର ଏଇଠାରେ ହିଁ ଆରମ୍ଭ ହୋଇଥିଲା ଜୟଯାତ୍ରା। ଆଗରୁ ତିନିଥର ଆବେଦନ କରିଥିଲେ ବି ପ୍ରମୋଦ ଏଯାଏ ରାଷ୍ଟ୍ରର ଏହି ବହୁମୂଲ୍ୟ ସମ୍ମାନ ପାଇବାରେ ବିଫଳ ହୋଇଥିଲେ। କିନ୍ତୁ ଏଥର ସୁଇଜରଲାଣ୍ଡର ବାସିଲଠାରେ ବିଶ୍ୱ ଚାମ୍ପିୟନଶିପରେ ଭାଗନେବାକୁ ବିଦେଶ ଗସ୍ତରେ ଥିବାରୁ ଏ ବିଷୟରେ ସେ ଖବର ବିଳମ୍ବରେ ଜାଣିଲେ। ଖେଳରେ ନାମ କରିବା ନିଜର ଇଚ୍ଛା ଥିଲା ଆଉ ସରକାରୀ ଚାକିରି କରିବା ନିଜ ବାପାଙ୍କର ଇଚ୍ଛାଥିଲା। ଏବେ ଇଏସଆଇସି ଭୁବନେଶ୍ୱରେ ଚାକିରି କରୁଥିବା ପ୍ରମୋଦ ବିଶ୍ୱର ଚାରିଆଡେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିବା ପରେ ଉଭୟ ନିଜ ପିତା ଏବଂ ନିଜର ସ୍ୱପ୍ନକୁ ସାକାର କରିପାରିଛନ୍ତି। ଭିନ୍ନକ୍ଷମ ଥାଇ ଅନେକ ନିଜର ସ୍ୱପ୍ନ ପୂରଣ କରିପାରୁ ନ ଥିବାବେଳେ ପ୍ରମୋଦ ଥିଲେ ଏବଂ ତିନିଥର ବିଶ୍ୱ ଚାମ୍ପିୟନ ଏକଥା ଅନେକ ସମୟରେ ସହଜରେ ବିଶ୍ୱାସ କରିବା କଷ୍ଟକର ହୋଇଯାଏ। ପୁଣି ଆଶ୍ଚର୍ଯ୍ୟଜନକଭାବେ ସେ ଉଭୟ ସିଙ୍ଗଲ୍ସ ଏବଂ ଡବଲ୍ସ ଖେଳରେ ନିଜର ଦକ୍ଷତା ଦେଖାଇଛନ୍ତି।

ମାତ୍ର ୪ ବର୍ଷ ବୟସରୁ ପ୍ରମୋଦଙ୍କ ବାମଗୋଡ ପୋଲିଓର ଶିକାର ହୋଇଥିଲେ ବି ଏହା ତାଙ୍କୁ ଅଟକାଇ ପାରି ନ ଥିଲା। ଠିକ୍‌ରେ ଚାଲିପାରୁ ନ ଥିଲେ ବି ଜଣେ ଯେ ବ୍ୟାଡମିଣ୍ଟନ ପରି ଖେଳରେ ନିଜ ବିଭାଗରେ ଆମ ସମସ୍ତଙ୍କ ପାଇଁ ଏକ ଜାଜ୍ୱଲ୍ୟ ମାନ ଆଦର୍ଶ ନୁହେଁ କି? ବିଏ ପାସ କରିଥିବା ପ୍ରମୋଦଙ୍କ ଏବେ ଆଗାମୀ ଲକ୍ଷ୍ୟ ଟୋକିଓରେ ୨୦୨୦ରେ ହେବାକୁ ଥିବା ପାରା ଅଲିମ୍ପିକ୍ସ ଉପରେ। ଏଥିରେ ପଦକ ଜିତିପାରିଲେ ସେ ଯେ କେବଳ ଇତିହାସ ରଚିବେ ତାହା ନୁହେଁ ବରଂ ଜଣେ ଭିନ୍ନକ୍ଷମ ନିଜର ଇଚ୍ଛାଶକ୍ତିକୁ ପାଥେୟ କରି ଯେ ଇତିହାସରେ ସ୍ଥାନ ପାଇପାରେ ତାହା ପୁଣିଥରେ ପ୍ରମାଣିତ କରିବେ। କେବଳ ପ୍ରମୋଦ ନୁହନ୍ତି ପୂରା ଭାରତବର୍ଷ ଏବଂ ଆହୁରି ଅନେକ ଚାତକର ସହ ଏହି ଦିନକୁ ଅପେକ୍ଷା କରି ରହିବା ବେଶ୍ ସ୍ୱାଭାବିକ୍ କଥା।

## ସଂକ୍ଷେପରେ......

ନାମ: ପ୍ରମୋଦ ଭଗତ
ଜନ୍ମ: ୪ ଜୁନ୍ ୧୯୮୮
ଜନ୍ମସ୍ଥାନ: ଅତାବିରା, ବରଗଡ଼
ସ୍ପୋର୍ଟ୍ସ: ପାରା ବ୍ୟାଡ୍‌ମିଣ୍ଟନ (ଏସ୍‌ଏଲ୍-୩)
ଟ୍ରେନିଂବେସ୍: ଜିଆଇଏଚ୍ ୟୁନିଟ୍-୧, ଭୁବନେଶ୍ୱର
ଶାରୀରିକ ଅକ୍ଷମତାର ପ୍ରକୃତି- ଅର୍ଥୋପେଡିକ୍ ପୋଲିଓ (ବାମଗୋଡ)
ମାତାପିତା: କୁସୁମ ଦେବୀ, ସ୍ୱର୍ଗତ କୈଳାସ ଭଗତ
ପ୍ରମୁଖ ଅନ୍ତର୍ଜାତୀୟ ସଫଳତା:
ବ୍ରୋଞ୍ଜ - ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ପାରା ଚାମ୍ପିୟନଶିପ୍
ବ୍ରୋଞ୍ଜ (ସିଙ୍ଗଲ୍ସ ଓ ଡବଲ୍ସ)- ୨୦୧୬ ବିଡବ୍ଲ୍ୟୁଏଫ୍ ଏସିଆନ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍।
ସ୍ୱର୍ଣ୍ଣ (ଡବଲ୍ସ), ରୌପ୍ୟ (ସିଙ୍ଗଲ୍ସ)- ୨୦୧୫ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍



# ୟୁଏସ୍ ଓପନ ଟେନିସ

**ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ନୋଭାକ ଜୋକୋଭିଚ୍ ଓ ନାଓମି ଓସାକା ଏଥର ମଧ୍ୟ ୟୁଏସ୍ ଓପନ ଟାଇଟଲ ବଜାୟ ରଖିବେ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ ଉପରେ ଖେଳାଯାଉଥିବା ବର୍ଷର ଏହି ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୨୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ରାଫାଲ ନାଡାଲ, ରୋଜର ଫେଡେରର, ସିମୋନ ହାଲେପ, କାରୋଲିନା ପ୍ଲିସ୍କୋଭାଙ୍କ ପ୍ରଦର୍ଶନ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି..**

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ଏଥର ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖରେ ଶେଷ ହେବ। ଟୁର୍ନାମେଣ୍ଟର ଏହି ୧୩୯ତମ ସଂସ୍କରଣ ସବୁଥର ଭଳି ଏଥର ମଧ୍ୟ ସଫଳ ହେବା ସହ ଲୋକପ୍ରିୟ ହେବ ବୋଲି ଆଶା କରାଯାଉଛି। ହାର୍ଡ କୋର୍ଟ ଉପରେ ଖେଳାଯାଉଥିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶି ୫୭,୨୩୮,୭୦୦ ଆମେରିକୀୟ ଡଲାର ରଖାଯାଇଛି। ଆମେରିକାର ନ୍ୟୁୟର୍କ ସିଟିର ୟୁଏସ୍‌ଟିଏ ବିଲି ଜିନ୍ କିଙ୍ଗ ନ୍ୟାଶନାଲ ଟେନିସ ସେଣ୍ଟରର ୧୪ଟି ଡେକୋ ଟର୍ଫ ହାର୍ଡ କୋର୍ଟରେ ଟୁର୍ନାମେଣ୍ଟ ବିଭିନ୍ନ ବର୍ଗର ମ୍ୟାଚ୍‌ଗୁଡିକ ଖେଳାଯିବ। ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଦ୍ୱାରା ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଗତଥର ସର୍ବିଆର ନୋଭାକ ଜୋକୋଭିଚ୍ ଓ ଜାପାନର ନାଓମି ଓସାକା ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ଆମେରିକୀୟ ଯୋଡି ମାଇକ ବ୍ରାଏନ ଓ ଜ୍ୟାକ ସକ ଟାଇଟଲ ଜିତିଥିଲେ। ମହିଳା ଡବଲ୍ସରେ ଅଷ୍ଟ୍ରିଆ–ଆମେରିକା ଯୋଡି ଆଶଲେ ବାର୍ଟି ଓ କୋକୋ ଭାଣ୍ଡେୱେଘ୍ ବାଜି ମାରିଥିଲେ। ମିକ୍ସଡ ଡବଲ୍ସରେ ଆମେରିକାର ବେଥାନି ମାଟେକ ସାଣ୍ଡ୍ସ ଓ ବ୍ରିଟେନର ଜେମି ମୁରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ଉଭୟ ପୁରୁଷ ଓ ମହିଳା ବିଭାଗରେ ସିଙ୍ଗଲ୍ସ, ଡବଲ୍ସ ସହ ମିକ୍ସଡ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ଏଥି ସହିତ ବାଳକ, ବାଳିକା, ହ୍ୱିଲ ଚେୟାର ପୁରୁଷ ଓ ମହିଳା ବର୍ଗରେ ମଧ୍ୟ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଟୁର୍ନାମେଣ୍ଟ ମଧ୍ୟ ଆୟୋଜିତ ହୋଇଥାଏ। ୟୁଏସ୍ ଓପନ୍ ବର୍ଷର ଅନ୍ତିମ ସର୍ବବୃହତ୍ ଟୁର୍ନାମେଣ୍ଟ ହୋଇଥିବାରୁ ସବୁଥର ଭଳି ଏଥର ମଧ୍ୟ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ।

ପୁରୁଷ ସିଙ୍ଗଲ୍ସରେ ଜୋକୋଭିଚ୍ ଶ୍ରେଷ୍ଠ ସିଡ ମାନ୍ୟତା ପାଇଥିବା ବେଳେ ସ୍ପେନର ରାଫାଲ ନାଡାଲ ଦ୍ୱିତୀୟ, ସୁଇଜରଲାଣ୍ଡର ରୋଜର ଫେଡେରର ତୃତୀୟ, ଅଷ୍ଟ୍ରିଆର ଡୋମିନିକ୍ ଥିମ ଚତୁର୍ଥ, ରୁଷିଆର ଡାନିଲି ମେଡଭେଡେଭ ପଞ୍ଚମ ସିଡ ମାନ୍ୟତା ପାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଓସାକା ଶ୍ରେଷ୍ଠ ସିଡ ମାନ୍ୟତା ପାଇଛନ୍ତି। ସେହିପରି ଅଷ୍ଟ୍ରିଆର ଆଶଲେ ବାର୍ଟି ଦ୍ୱିତୀୟ, ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ତୃତୀୟ, ରୋମାନିଆ ସିମୋନା ହାଲେପ ଚତୁର୍ଥ, ୟୁକ୍ରେନର ଏଲିନା ଭିଟୋଲିନା ପଞ୍ଚମ ସିଡ ମାନ୍ୟତା ପାଇଛନ୍ତି। ପୁରୁଷ ଡବଲ୍ସରେ କଲମ୍ବିଆ ଯୋଡି ଜୁଆନ ସେବାଷ୍ଟିଆନ କାବାଲ ଓ ରୋବର୍ଟ ଫରହା, ମହିଳା ଡବଲ୍ସରେ ହଙ୍ଗେରୀ ଓ ଫ୍ରେଞ୍ଚ୍ ଯୋଡି ତିମିଆ ବାବୋସ ଓ କ୍ରିଷ୍ଟିନା ମ୍ଲାଡେନୋଭିକ ଶ୍ରେଷ୍ଠ ସିଡ ଯୋଡିର ମାନ୍ୟତା ପାଇଛନ୍ତି।

ୟୁଏସ୍ ଓପନରେ ଏଥର ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଅବଶ୍ୟ କେତେକ ଖେଳାଳି ବିଭିନ୍ନ କାରଣରୁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ତେବେ ଏହା ସତ୍ତ୍ୱେ ଟୁର୍ନାମେଣ୍ଟ ଲୋକପ୍ରିୟତା ଉପରେ କୌଣସି ପ୍ରଭାବ ପଡିବନି। ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲପୋଟ୍ରୋ ଓ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡ ଓହରିଯାଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରୁ ଅମେରିକାର ଅମଣ୍ଡା ଆନିସିମୋଭା, କାଥେରାଇନ୍ ବେଲିସ୍, ସ୍ଲୋଭାକିଆର ଡୋମିନିକା ସିବୁଲକୋଭା, ବ୍ରାଜିଲର ବିଆଟ୍ରିଜ୍ ମାଲା, ସ୍ଲୋଭାକିଆର ଆନ୍ନା କାରୋଲିନା ସ୍ମିଏଡୋଲଭା ଓହରିଯାଇଛନ୍ତି। ୱାଇଲ୍ଡ କାର୍ଡ ମାଧ୍ୟମରେ ମଧ୍ୟ କେତେକ ଯୁବ ଖେଳାଳି ୟୁଏସ୍ ଓପନ୍ ଖେଳିବାର ସୁଯୋଗ ହାସଲ କରିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଏଥର ଜୋକୋଭିଚ୍, ନାଡ଼ାଲ ଓ ଫେଡେରେର ଟାଇଟଲ ଦୌଡ଼ରେ ରହିଛନ୍ତି ଓ ଫେଭରାଇଟ୍ ମନେହେଉଛନ୍ତି। ଏହି ୩ ଖେଳାଳି ଅଭିଜ୍ଞତା ବଳରେ କମାଲ କରିବେ ବୋଲି ଆଶା କରାଯାଉଛି। ତେବେ ଫିଟ୍‌ନେସ ସମସ୍ୟା ଏମାନଙ୍କ ପାଇଁ ବାଧକ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ମହିଳା ସିଙ୍ଗଲ୍ସରେ ଓସାକାଙ୍କ ସମେତେ ହାଲେପ, ବାର୍ଟି, ପ୍ଲିସ୍କୋଭା ଫେଭରାଇଟ୍ ମନେହେଉଛନ୍ତି। ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାରେ ଅଭିଜ୍ଞ ଖେଳାଳିଙ୍କୁ ଯୁବ ଖେଳାଳିମାନେ ପଛରେ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଜୋକୋଭିଚ୍ ଓ ଓସାକା ଏଥର ମଧ୍ୟ ବାଜିମାରି ଟାଇଟଲ ବଜାୟ ଲକ୍ଷ୍ୟରେ ରହିଛନ୍ତି।



### ୨୦୧୯ ଟୁର୍ନାମେଣ୍ଟ

ସଂସ୍କରଣ: ୧୩୯
ତାରିଖ: ଅଗଷ୍ଟ ୨୬- ୮ ସେପ୍ଟେମ୍ବର
କାଟେଗୋରି: ଗ୍ରାଣ୍ଡସ୍ଲାମ
ପୁରସ୍କାର ରାଶି: ୫୭,୨୩୮, ୭୦୦ ଆମେରିକୀୟ ଡଲର
ସର୍ଫେସ: ହାର୍ଡ
ସହର: ନ୍ୟୁୟର୍କ

**ଗତଥରର ଚାମ୍ପିୟନ**

ପୁରୁଷ ସିଙ୍ଗଲ୍ସ: ନୋଭାକ ଜୋକୋଭିଚ୍
ମହିଳା ସିଙ୍ଗଲ୍ସ: ନାଓମି ଓସାକା
ପୁରୁଷ ଡବଲ୍ସ: ମାଇକ ବ୍ରାଏନ/ ଜ୍ୟାକ୍ ସକ
ମହିଳା ଡବଲ୍ସ: ଆଶଲେ ବାର୍ଟି/ କୋକୋ ଭାଣ୍ଡେୱେଘ୍
ମିକ୍ସଡ ଡବଲ୍ସ: ବେଥାନି ମାଟେକ ସାଣ୍ଡ୍ସ/ ଜେମି ମୁରେ

## କନ୍‌ଫ୍ୟୁଜ୍

ଆଣ୍ଟିଗୁଆ ସି ବିଚ୍‌ରେ ଟିମ୍
ଇଣ୍ଡିଆ ଖେଳୁଛି ଖେଳ
ବିରାଟ ସାଥିରେ ସ୍ତ୍ରୀ ଅନୁଷ୍କା ଶର୍ମା
ଆମ ଭାରତୀୟ ଦଳ
ଯେମିତ ପକାନ୍ତି ତାଳ
ଚଡି ପିନ୍ଧା ଟୋକା ଦେଶୀ ନା ବିଦେଶୀ
କନଫ୍ୟୁଜ ଲାଗେ ଭୋଳ।।।୧

ସୋଏବ ମଲିକ ପରେ ଆଉ ଜଣେ
ପାକିସ୍ତାନୀ କ୍ରିକେଟର
ଭାରତୀୟ କନ୍ୟା ହାତଧରି ହେଲେ
ସାମିଆ ଅରଜୁ ବର
କନଫ୍ୟୁଜ୍ ତାଙ୍କ ପ୍ୟାର
ଗୋଟିଏ ଦେଖାରେ ଦୁବାଇରେ ଅଲି
ମାରିଥିଲା ଲଭ ତୀର।।।୨



ୱାର୍ଲ୍ଡକପ୍ ଫେଲ୍ ପରେ ବି କୋଚ୍
ରବି ଶାସ୍ତ୍ରୀ ହେଲା ପୁଣି
ଯୁବ କ୍ରୀଡ଼ା ପୁରସ୍କାର ତାଲିକାରେ
କନଫ୍ୟୁଜ ନାଁଆ ମଣି
ବଟମରୁ ଯାଆ ଗଣି
ସବୁ ବିଭାଗରେ ପିସି କାରବାର
ଏଠି କରପ୍ସନ ଖଣି।।।୩

–ସୁବାସ ଚନ୍ଦ୍ର ପ୍ରଧାନ



“ ଦେଶର ଅର୍ଥନୀତିକୁ ଗତିଶୀଳ କରିବା ଲାଗି ସରକାର ଅନେକଗୁଡ଼ିଏ ପଦକ୍ଷେପ ନେବାକୁ ଯାଉଛନ୍ତି। ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
–ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ



“ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଯୁବବର୍ଗଙ୍କୁ ଆସନ୍ତା ୨ ବର୍ଷରେ ୨୦ ଲକ୍ଷ ଡେବିଟ ଓ କ୍ରେଡିଟ ପ୍ରଦାନ କରିବ।
–ପରାଗ ରାଓ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କଣ୍ଟ୍ରି ମୁଖ୍ୟ(କାର୍ଡ ପେମେଣ୍ଟ ପ୍ରଡକ୍ଟ)

## ସଂକ୍ଷେପରେ

### ବର୍ଷକରେ ବନ୍ଦ ହୋଇଛି ୫୫୦୦ ଏଟିଏମ୍, ୬୦୦ ଶାଖା

ନୂଆଦିଲ୍ଲୀ,୨୨-୮: ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଖର୍ଚ୍ଚ କମାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନେ ବଡ଼ ସହରରେ ନିଜର ଏଟିଏମ୍ ଓ ଶାଖା ବନ୍ଦ କରୁଛନ୍ତି। ସହରବାସୀ ଏବେ ଅଧିକ ସଂଖ୍ୟାରେ ଡିଜିଟାଲ ବ୍ୟାଙ୍କିଙ୍ଗ ଆଡ଼କୁ ଆକୃଷ୍ଟ ହେବା ବଡ଼ କାରଣ ବୋଲି ଦର୍ଶାଯାଉଛି। ଗତ ବର୍ଷକ ମଧ୍ୟରେ ସବୁଠାରୁ ଅଧିକ ଶାଖା ଥିବା ଦେଶର ଶୀର୍ଷ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୋଟ୍‌ରେ ୫୫୦୦ ନିଜର ଏଟିଏମ୍ ଓ ୬୦୦ ଶାଖାକୁ ବନ୍ଦ କରିଦେଇଛନ୍ତି। ବ୍ୟାଙ୍କଗୁଡ଼ିକର ତ୍ରୈମାସିକ ଫଳାଫଳ ବିଶ୍ଳେଷଣରୁ ଏହା ଜଣାପଡିଛି। ଏଥିରୁ ଜଣାପଡିଛି ଯେ, ଗତବର୍ଷ ଜୁନ୍‌ରୁ ଚଳିତବର୍ଷ ଜୁନ୍ ମଧ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସର୍ବାଧିକ ୪୨୦ ଶାଖା ଏବଂ ୭୬୮ ଏଟିଏମ୍ ବନ୍ଦ କରିଛି। ସେହିପରି ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କକୁ ମିଶାଇବା ପରେ ବ୍ୟାଙ୍କ ଅଫ୍ ବରୋଦା ମୋଟ ୪୦ ଶାଖା ଏବଂ ୨୭୪ ଏଟିଏମ୍ ବନ୍ଦ କରିଦେଇଛି। ଏହି ତାଲିକାରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାଡା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ୍ ବ୍ୟାଙ୍କ ସାମିଲ ହୋଇଛି।

### ଟଙ୍କା, ସେନ୍‌ସେକ୍ସ ହ୍ରାସ, ସୁନା ଦର ବୃଦ୍ଧି

ମୁମ୍ବାଇ,୨୨-୮: ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ଗୁରୁବାର ସ୍ପଷ୍ଟ କଲା ପରେ ମୁଦ୍ରା ଓ ଷ୍ଟକ୍ ବଜାରରେ ହଇଚଇ ସୃଷ୍ଟି ହୋଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮ ମାସର ସର୍ବନିମ୍ନ ସ୍ତର ଛୁଇଁଥିବା ବେଳେ ସେନ୍‌ସେକ୍ସ ୫୮୭ ପଏଣ୍ଟ ହ୍ରାସ ହୋଇଛି। ଅନ୍ୟପକ୍ଷରେ ସୁନା ଦରରେ ନିଆଁ ଲାଗିଛି। ଗୁରୁବାର ଏହି ଦର ବୃଦ୍ଧି ପାଇ ୩୯ ହଜାର ଟଙ୍କା ନିକଟତର ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚାଇନା ମୁଦ୍ରା ୟୁଆନ ମୂଲ୍ୟ ହ୍ରାସ ପାଇବା ସହ ବିଶ୍ୱ ବଜାରରେ ମାନ୍ଦାବସ୍ଥାର ସଙ୍କେତ କାରଣରୁ ଦେଶର ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇଥିଲା। ଗୁରୁବାର ଟଙ୍କାର ମୂଲ୍ୟ ୨୬ ପଇସା ହ୍ରାସ ପାଇ ୮ ମାସର ସର୍ବନିମ୍ନ ସ୍ତର ୭୧.୮୧ରେ ପହଞ୍ଚିଛି। ୨୦୧୮ ଡିସେମ୍ବର ୧୪ ପରେ ଏହା ସର୍ବନିମ୍ନ ସ୍ତର ରହିଛି। ସେହିପରି ସମାନ କାରଣରୁ ସେନ୍‌ସେକ୍ସ ୫୮୭.୪୪ ପଏଣ୍ଟ ହ୍ରାସ ପାଇ ୩୬,୪୭୨.୯୩ ରହିଥିବା ବେଳେ ନିଫ୍ଟି ୧୭୭.୩୫ ପଏଣ୍ଟ କମି ୧୦,୭୪୧.୩୫ରେ ବନ୍ଦ ହୋଇଛି। ଦିଲ୍ଲୀ ସର୍ରାଫା ବଜାରରେ ଗୁରୁବାର ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ୧୫୦ ଟଙ୍କା ବଢ଼ି ୩୮,୯୭୦ ଟଙ୍କାରେ ପହଞ୍ଚିଛି। ଚାହିଦା ବୃଦ୍ଧି କାରଣରୁ ରୁପା କେଜି ୬୦ ଟଙ୍କା ବଢ଼ି ୪୫,୧୦୦ ଟଙ୍କା ହୋଇଛି।

# ଋଣ ଅଭିବୃଦ୍ଧି ଉପରେ ଫୋକସ କରିବେ ବ୍ୟାଙ୍କ




- ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ
- ୫ଟ୍ରିଲିୟନ ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ଆଲୋଚନା
- ଜନଧନ, ଆଧାର, ମୋବାଇଲକୁ ଗୁରୁତ୍ୱ

ଭୁବନେଶ୍ୱର, ୨୨-୮(ବ୍ୟୁରୋ)

ଆଗାମୀ ୫ ବର୍ଷରେ ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ଦିଗରେ ବ୍ୟାଙ୍କଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଥିବା ବେଳେ ଅର୍ଥନୀତିକୁ ଆଗେଇ ନେବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ଶାଖା ସ୍ତରରୁ ମାନସମନ୍ଥନ ଆରମ୍ଭ ହୋଇଛି। ଚଳିତ ମାସ ୧୭ ଏବଂ ୧୮ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଶାଖାସ୍ତରୀୟ ପରାମର୍ଶ ଗ୍ରହଣ କରିବା ପରେ ଏବେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ,ଶିଳ୍ପ ପ୍ରତିନିଧି, ସରକାରଙ୍କ ଉଚ୍ଚାଧିକାରୀ ଯୋଗ ଦେଇ ସରକାରଙ୍କ ପ୍ରମୁଖ ଏଜେଣ୍ଡା ଉପରେ ଆଲୋଚନା କରିଛନ୍ତି। ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ଋଣ ପ୍ରଦାନ ଧାରାକୁ ପ୍ରୋତ୍ସାହିତ କରାଯିବ। ୧୨% ଋଣ ଅଭିବୃଦ୍ଧି ଲକ୍ଷ୍ୟ ନେଇ ବ୍ୟାଙ୍କଗୁଡିକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ପୂରଣ ଦିଗରେ ବିଭିନ୍ନ ବ୍ୟାଙ୍କଗୁଡିକ କାର୍ଯ୍ୟ କରିବେ ବୋଲି ଏହି ଅବସରରେ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଓଡ଼ିଶା ଏସ୍‌ଏଲ୍‌ବିସି ଅଧ୍ୟକ୍ଷ ଅଜୟ ବ୍ୟାସ୍ କହିଛନ୍ତି।

ଏଠାରେ ଆୟୋଜିତ ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ବ୍ୟାଙ୍କଗୁଡିକର କାର୍ଯ୍ୟଶୈଳୀରେ ଦକ୍ଷତା ବୃଦ୍ଧି, ବ୍ୟାଙ୍କିଙ୍ଗ ଧାରା, ଟେକ୍ନୋଲୋଜି ଗ୍ରହଣ, ଗ୍ରାହକଙ୍କ ଚାହିଦା ଉପରେ ପ୍ରାଥମିକତା ଦିଆଯାଉଛି। ଭଲ ପ୍ରଦର୍ଶନ କରୁଥିବା ଶାଖାକୁ ଉତ୍ସାହିତ ଏବଂ ଖରାପ ସ୍ଥିତିରେ ଥିବା ଶାଖାଗୁଡିକର କାର୍ଯ୍ୟଧାରାରେ ଉନ୍ନତି ଆଣିବାକୁ ପରାମର୍ଶ ଗ୍ରହଣ କରାଯାଇଛି। ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବା ପରେ ଏହାକୁ ବ୍ୟାଙ୍କଗୁଡିକ ନିଜର ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇ ଦେବେ। ଏହାପରେ ମୁଖ୍ୟ କାର୍ଯ୍ୟାଳୟରୁ ପରାମର୍ଶ ସରକାରଙ୍କୁ ପ୍ରଦାନ କରାଯିବ।

ସେ କହିଛନ୍ତି ଯେ, ଜନଧନ, ଆଧାର ସଂଯୋଗ ଏବଂ ମୋବାଇଲ ବ୍ୟବହାର ଦ୍ୱାରା ଅର୍ଥନୀତି ବିକାଶ ଦିଗରେ ଏକ ପ୍ରମୁଖ ଅଂଶୀଦାର ହେବ। ବ୍ୟାଙ୍କଗୁଡିକ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ଦ୍ୱାରା ଏହି କ୍ଷେତ୍ରରେ ନିଜର ଯୋଗଦାନ ରଖିପାରିବେ। ବର୍ତ୍ତମାନ ଜନଧନ ଯୋଜନାରେ ୩୫ କୋଟି ଆକାଉଣ୍ଟ ଖୋଲାଯାଇଥିବା ବେଳେ ୯୫% ଲୋକଙ୍କ ନିକଟରେ ଆଧାର ନମ୍ବର ରହିଛି। ଏହାକୁ ବ୍ୟବହାର କରିବା ନେଇ ସେ ବ୍ୟାଙ୍କଗୁଡିକୁ ଆହ୍ୱାନ ଦେଇଛନ୍ତି। ଏହାବାଦ ଏମ୍‌ଏସ୍‌ଏମ୍‌ଇକୁ ଋଣ ଯୋଗାଣ, କୃଷି କ୍ଷେତ୍ରକୁ ସହାୟତା, ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ, କର୍ପୋରେଟ ଗଭର୍ନାନ୍ସରେ ଉନ୍ନତି, ମାନ୍ଦାବସ୍ଥା ଦେଇ ଗତି କରୁଥିବା ଅର୍ଥନୀତିରେ ବିକାଶଧାରା ବୃଦ୍ଧି ପାଇଁ ନିବେଶ ପ୍ରୋତ୍ସାହନ ଉପରେ ବ୍ୟାଙ୍କଗୁଡିକ ଗୁରୁତ୍ୱ ଦେବାକୁ ମତାମତ ଗ୍ରହଣ କରାଯାଉଛି। ମୁଦ୍ରା ଯୋଜନାରେ ବ୍ୟାଙ୍କଗୁଡିକ ଭଲ ପରଫରମାନ୍ସ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେହିଭଳି ଇଜ ଅଫ୍ ଡୁଇଙ୍ଗ ବିଜନେସ, ନୂତନ ବ୍ୟାଙ୍କିଙ୍ଗ ପରିଭାଷା ଉପରେ ପ୍ରାଥମିକତା ଦିଆଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶୀଘ୍ର ଅଧିକାଂଶ ବ୍ୟାଙ୍କ ରେପୋ ରେଟ୍ ହ୍ରାସକୁ ସେମାନଙ୍କ ବ୍ୟବସ୍ଥା ସହ ଯୋଡିବେ ବୋଲି ଏଠାରେ ସୂଚନା ଦିଆଯାଇଛି। ଫଳରେ ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ ହେଲେ ତ୍ୱରିତ ଭିତ୍ତିରେ ଗ୍ରାହକ ଏହାର ଲାଭ ପାଇବେ। କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ସଚିବ ଏ.କେ.ମୀନା, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, ଇନଷ୍ଟିଚ୍ୟୁଶନାଲ ଫାଇନାନ୍ସର ସ୍ୱତନ୍ତ୍ର ସଚିବ ଏବଂ ନିର୍ଦ୍ଦେଶକ ପି.କେ. ବିଶ୍ୱାଳ, ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲ୍‌ବିସି ଆବାହକ ଟି.ଆର୍. ଚୋକଲିଙ୍ଗମ୍, ଆର୍‌ବିଆଇ ଉପମହାପ୍ରବନ୍ଧକ ବିଶ୍ୱ ରଞ୍ଜନ ପାତ୍ର, ଏସ୍‌ଏଲ୍‌ବିସି ଓଡ଼ିଶା ଇନଚାର୍ଜ ପି.କେ.ସି ଦାଶ ଏବଂ ଓସ୍‌ମେ ମହାସଚିବ ସାତ୍ୱିକ ସ୍ୱାଇଁ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ।

### ମାନସିକତା ବଦଳାନ୍ତୁ ଘରୋଇ କମ୍ପାନୀ:ସିଇଏ

- ଆର୍ଥିକ ପ୍ୟାକେଜ ଦେବେନି ସରକାର

ନୂଆଦିଲ୍ଲୀ,୨୨-୮

ଦେଶର ଅର୍ଥନୀତି ଧିମା ହେବା କାରଣରୁ ଉଦ୍ୟୋଗ ଜଗତ ଏବେ ମାନ୍ଦାବସ୍ଥାର ଶିକାର ହୋଇଛି। ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ଉଦ୍ୟୋଗ ଜଗତ ପକ୍ଷରୁ ଦାବି କରାଯାଇଛି। ତେବେ ସରକାର କୌଣସି ପ୍ରକାର ଆର୍ଥିକ ସହାୟତା ଘୋଷଣା କରିବେ ନାହିଁ ବୋଲି ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ କହିଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ଲାଭକୁ ନିଜର ବୋଲି ଦର୍ଶାଉଥିବା ବେଳେ କ୍ଷତିକୁ ସାର୍ବଜନୀନ ବୋଲି ଦେଖାଇବା ଠିକ୍ ଅର୍ଥଶାସ୍ତ୍ର ନୁହେଁ ବୋଲି ସେ କହିଛନ୍ତି। ଏଣୁ ସେମାନେ ନିଜର ମାନସିକତା ବଦଳାନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ହିରୋ ମାଇଣ୍ଡମାଇନ ସମିଟ,୨୦୧୯ରେ ଉଦ୍‌ବୋଧନ ଦେଇ ସୁବ୍ରମଣ୍ୟନ କହିଛନ୍ତି ଯେ, ଉଦ୍ୟୋଗ ଜଗତ ଲାଗି ଭଲ ଓ ଖରାପ ସ୍ଥିତି ଦେଖାଯିବା ଏକ ସାଧାରଣ ବ୍ୟାପାର। ଖରାପ ସମୟରେ ଉଦ୍ୟୋଗ ଜଗତ ସରକାରଙ୍କଠାରୁ ସମର୍ଥନ ଆଶାକରିବା ନୈତିକ ରୂପରେ କ୍ଷତିକାରକ ପ୍ରମାଣିତ ହୋଇପାରେ। ଘରୋଇ କମ୍ପାନୀଗୁଡ଼ିକୁ ନିଜର ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ସେ କହିଛନ୍ତି।

# ବଟରଫ୍ଲାଏ ପକ୍ଷରୁ ଡିଲରମିଟ



- ସିଜନ କଞ୍ଜ୍ୟୁମର ଅଫର ଘୋଷଣା
- ବଜାରକୁ ଆଣିଲା ନୂଆ ପ୍ରଡକ୍ଟ

ଭୁବନେଶ୍ୱର, ୨୨-୮(ବ୍ୟୁରୋ)

ଆପ୍ଲାଏନ୍ସ ଏବଂ କିଚେନୱେର କ୍ଷେତ୍ରରେ ପ୍ରମୁଖ ବ୍ରାଣ୍ଡ ବଟରଫ୍ଲାଏ ପକ୍ଷରୁ ଡିଲର ମିଟ୍ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଓଡ଼ିଶାରେ ଭଲ କାରବାର କରୁଥିବା ବେଳେ ନୂଆ ନୂଆ ପ୍ରଡକ୍ଟ ଉପଲବ୍ଧ କରୁଛି। ଏଠାରେ କମ୍ପାନୀକୁ ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଥିବା ବେଳେ ୧୩ ବିତରକ ଏବଂ ୫୦୦ରୁ ୬୦୦ ରିଟେଲ ନେଟୱର୍କ ସହ କାର୍ଯ୍ୟ କରୁଛି। ଏହି ଅବସରରେ ସିଜନ କଞ୍ଜ୍ୟୁମର ଅଫର ଘୋଷଣା କରାଯାଇଛି। ଏହା ଅଗଷ୍ଟଠାରୁ ଅକ୍ଟୋବର ଯାଏ ଉପଲବ୍ଧ ହେବ ବୋଲି କମ୍ପାନୀର ଇଲେକଟ୍ରିକାଲ ଆପ୍ଲାଏନ୍ସ କ୍ୟାଟେଗୋରୀ ହେଡ୍ ଭେଙ୍କଟେଶ କୁମାର ସୂଚନା ଦେଇଛନ୍ତି। ପାର୍ବଣ ସମୟରେ କମ୍ପାନୀ ଭଲ କାରବାର କରୁଥିବା ବେଳେ ମୋଟ କାରବାରର ଏହା ୪୦ରୁ ୫୦% ରହିଛି। ରାଜ୍ୟରେ ପାର୍ବଣରେ କମ୍ପାନୀ ୮ରୁ ୧୦ କୋଟି ବାଣିଜ୍ୟ ଲକ୍ଷ୍ୟ ରଖିଛି। ରାଜ୍ୟରେ ଉନ୍ନତ ଅଭିବୃଦ୍ଧି ଆଶା ରହିଥିବା କୁମାର କହିଛନ୍ତି। କମ୍ପାନୀ ଏମ୍‌ଜି ମିକ୍ସର ଗ୍ରାଇଣ୍ଡର କ୍ରୟ ଉପରେ ଆକର୍ଷଣୀୟ ରିହାତି, ପ୍ରେସର କୁକର ଉପରେ ୩୦% ପର୍ଯ୍ୟନ୍ତ ରିହାତି, ଚିମନୀ ତଥା ଅନ୍ୟ ପ୍ରଡକ୍ଟରେ ରିହାତି ପ୍ରଦାନ କରୁଛି। ଗ୍ରାହକଙ୍କ ଲାଗି ଭଲ ପ୍ରଡକ୍ଟ ଆଣିବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଓଡ଼ିଶା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାବେଳେ ଏଠାରେ ଅଭିବୃଦ୍ଧିଧାରା ଜାରି ରହିବ ବୋଲି କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଅରୁଣ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ କମ୍ପାନୀର ନୂଆ ପ୍ରଡକ୍ଟଗୁଡିକ ବଜାର ପ୍ରବେଶ କରାଯାଇଥିଲା। ମିକ୍ସର ଗ୍ରାଇଣ୍ଡର,ଏଲପିଜି କୁକ୍ ଟପ୍ ଭଳି ଆଉ କିଛି ପ୍ରଡକ୍ଟ ବର୍ଗରେ ଏଠାରେ ଉନ୍ନତ ବଜାର ଅଂଶ ହାସଲ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ନୀରବ ମୋଦିଙ୍କ ହାଜତ ମିଆଦ ସେପ୍ଟେମ୍ବର ୧୯ ଯାଏ ବୃଦ୍ଧି

ଲଣ୍ଡନ,୨୨-୮

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜେଲ୍ ହାଜତ ମିଆଦ ସେପ୍ଟେମ୍ବର ୧୯ ଯାଏ ବୃଦ୍ଧି ପାଇଛି। ଭାରତକୁ ପ୍ରତ୍ୟର୍ପଣ ନେଇ ଆଗତ ମାମଲାର ସାମ୍ନା କରୁଥିବା ନୀରବଙ୍କୁ ଏବେ ବ୍ରିଟେନର ୱାଣ୍ଡସୱର୍ଥ ଜେଲ୍‌ରେ ରଖାଯାଇଛି। ତାଙ୍କୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଗୁରୁବାର ୱେଷ୍ଟମିନିଷ୍ଟର ଅଦାଲତର ବିଚାରପତି ଟାନ ଇକରମ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ସେପ୍ଟେମ୍ବର ୧୯ରେ ଶୁଣାଣି ବେଳେ ପ୍ରତ୍ୟର୍ପଣ ମାମଲାର ଶୁଣାଣି ତାରିଖ ଘୋଷଣା କରାଯିବ। ପ୍ରାୟ ୨ ବିଲିୟନ ଡଲାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଜାଲିଆତି ମାମଲାରେ ନୀରବଙ୍କୁ ଲଣ୍ଡନରେ ଗିରଫ କରାଯାଇଛି। ତାଙ୍କୁ ଏହି ମାମଲାରେ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ବ୍ରିଟେନ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି।




# ହ୍ୟୁଣ୍ଡାଇର ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ

ନୂଆଦିଲ୍ଲୀ, ୨୨-୮

ହ୍ୟୁଣ୍ଡାଇ ପକ୍ଷରୁ ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ ମଡେଲ ବଜାରକୁ ଆସିଛି। ସ୍ମାର୍ଟମୋବିଲିଟି ପ୍ରଦାନ କରୁଥିବା ଏହି ଯାନଟି ତୃତୀୟ ପିଢ଼ିର କାର। ଏଥିରେ ଗ୍ରାହକମାନେ ଷ୍ଟାଇଲିସ ଲୁକ, ଆକର୍ଷଣୀୟ ଡିଜାଇନ ଏବଂ ଆଇଟେକ ଫିଚର୍ସ ଲାଭ କରିପାରିବେ। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଯାନଟିକୁ ଡିଜାଇନ କରାଯାଇଛି। ଏଥିରେ ପ୍ରିମିୟମ କ୍ୟାବିନ, ବିକଶିତ ପାୱାରଟ୍ରେନ ସୁବିଧା ଏବଂ ନୂଆ ଟେକ୍ନୋଲୋଜି ରହିଛି। ଏହା ବିଏସ୍ -୬ ଇଞ୍ଜିନ ୧.୨ ଲିଟର ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ, ଶକ୍ତିଶାଳୀ ଷ୍ଟିଲ ବଡି ଏବଂ ଭ୍ୟାରେବୁଲ ବେସିକ ୱାରେଣ୍ଟିଂ ସହ ଆସୁଛି। ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି। ଏହା ଗ୍ରାହକଙ୍କୁ ପସନ୍ଦ ଆସିବ ବୋଲି କମ୍ପାନୀର ସିଇଓ ଏସ୍‌ଏସ୍ କିମ୍ କହିଛନ୍ତି।

### ଓଏସ୍‌ଏଲ୍ ହ୍ୟୁଣ୍ଡାଇଠାରେ ମଡେଲର ଉନ୍ମୋଚନ

ଭୁବନେଶ୍ୱର,୨୨-୮

କଟକ ବକ୍ସି ବଜାରସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇଠାରେ ନୂଆ ଗ୍ରାଣ୍ଡ ଆଇ-୧୦ ନିଓସ ମଡେଲଟିର ବଜାର ପ୍ରବେଶ ହୋଇଛି। ଷ୍ଟେଟ ବ୍ୟାଙ୍କ ଆର୍‌ଏମ୍ ଦ୍ୱିବେନ୍ଦୁ ଦାସ, ଏଜିଏମ୍ ବୈକୁଣ୍ଠ ଚରଣ ଷଡଙ୍ଗୀ ନୂଆ ଯାନଟିକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ବିଆଇ ଚିଫ୍ ମ୍ୟାନେଜର ଶୁଭ୍ରଜ୍ୟୋତି କାନୁନଗୋ, ବିଏମ୍ ଜୟଶ୍ରୀ ପଟ୍ଟନାୟକ, ଶୋ’ରୁମର ବିକ୍ରିବିଭାଗ ଜିଏମ୍ ଶୁଭାଶିଷ ଚକ୍ରବର୍ତ୍ତୀ, ସର୍ଭିସ ଜିଏମ୍ ତନ୍ମୟ ମୁଖୋପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।



# ୭ମାସରେ ଚାକିରି ଛାଡ଼ିଛନ୍ତି ୫୮ ସିଇଓ-ଏମ୍‌ଡି

ନୂଆଦିଲ୍ଲୀ,୨୨-୮

ଇଣ୍ଡିଆ ଇଙ୍କ୍‌ର କର୍ନର ଅଫିସ୍‌ରୁ ଚଳିତ ବର୍ଷର ୭ ମାସ ମଧ୍ୟରେ ୫୮ ଜଣ ସିଇଓ-ଏମ୍‌ଡି ଚାକିରି ଛାଡ଼ିଛନ୍ତି। ପ୍ରାଇମ ଡାଟାବେସ୍ ପକ୍ଷରୁ ଏନ୍‌ଏସ୍‌ଇଇନ୍‌ଫୋବେସ୍ ଡଟ୍ କମ୍‌ର ତର୍ଜମା କରାଯିବା ପରେ ଏହି ତଥ୍ୟ ଜଣାପଡିଛି। ୨୦୦୯ରେ ଏହି ସଂଖ୍ୟା ୨୨ ଏବଂ ୨୦୦୬ରେ ଏହା ମାତ୍ର ୨୭ ଥିଲା। ତଥ୍ୟରୁ ଜଣାପଡିଛି ଯେ, ଅଧିକାଂଶ ସିଇଓ ତଥା ଏମ୍‌ଡି ବିଭିନ୍ନ କାରଣ ଓ ପରିସ୍ଥିତି ଯୋଗୁ ଚାକିରି ଛାଡ଼ିଥିବା ଜଣାପଡିଛି। ପ୍ରତିବର୍ଷ ସେମାନଙ୍କ ଇସ୍ତଫା ଦେବା ସଂଖ୍ୟା ଭିନ୍ନ ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଅନେକ କ୍ଷେତ୍ରରେ ଚାପ ବୃଦ୍ଧି, ସର୍ବୋଚ୍ଚ ସ୍ତରରେ କାର୍ଯ୍ୟଦକ୍ଷତା କମିବା ବରଦାସ୍ତ ନ କରିବା, ପ୍ରଦର୍ଶନ ସୁଧାରିବାର ଚାପ ଓ କୌଣସି ପ୍ରକାର ଜାଲିଆତି କାରଣରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଯୋଗୁ ଚଳିତବର୍ଷ ଅଧିକ ସଂଖ୍ୟାରେ ସିଇଓ ଓ ଏମ୍‌ଡି ବାହାରି ଯାଇଛନ୍ତି।

### ୨୦୧୮ରେ ସର୍ବାଧିକ ସିଇଓଙ୍କ ଇସ୍ତଫା

ଗତ ୧୪ ବର୍ଷରେ ସର୍ବାଧିକ ସିଇଓ ଗତବର୍ଷ ଇସ୍ତଫା ଦେଇଥିଲେ। ସେତେବେଳେ ବର୍ଷର ପ୍ରଥମ ୭ ମାସରେ ୫୯ ସିଇଓ ଓ ଏମ୍‌ଡି ପଦ ଛାଡ଼ିଥିଲେ। ସମ୍ପୂର୍ଣ୍ଣ ବର୍ଷରେ ଏହି ସଂଖ୍ୟା ୧୦୮ରେ ପହଞ୍ଚିଥିଲା। ପ୍ରାଇମ ଡାଟାବେସ୍ ଅନୁଯାୟୀ, ଏହା ଗ୍ଲୋବାଲ ଟ୍ରେଣ୍ଡ ସହିତ ତାଳ ଦେଇ ହେଉଥିଲା। ୨୦୧୮ରେ ବିଶ୍ୱରେ ସିଇଓ ଓ ଏମ୍‌ଡିଙ୍କ ଇସ୍ତଫା ସଂଖ୍ୟା ୧୯ ବର୍ଷର ଶୀର୍ଷରେ ପହଞ୍ଚିଯାଇଥିଲା। ପ୍ରାଇସ୍‌ୱାଟର ହାଉସ୍‌କୁପର୍ସର ଷ୍ଟ୍ରାଟେଜି ଆଣ୍ଡ ସିଇଓ ସକ୍ସେସ୍ ଷ୍ଟଡିରୁ ଏହି ସଂଖ୍ୟା ମିଳିଥିଲା। ସାରା ବିଶ୍ୱରେ ୨୫୦୦ ତାଲିକାଭୁକ୍ତ କମ୍ପାନୀ ମଧ୍ୟରୁ ୧୭.୫%କୁ ଷ୍ଟଡିରେ ସାମିଲ କରାଯାଇଥିଲା। ସେମାନଙ୍କ ସିଇଓ ବଦଳ ହାର ୩.୬% ରହିଥିଲା। ଏହି ଷ୍ଟଡି ଅନୁଯାୟୀ ନୈତିକତା ସମ୍ପର୍କିତ ମାମଲାରେ ଗତବର୍ଷ ସର୍ବାଧିକ ସିଇଓଙ୍କୁ ବିଦା କରାଯାଇଛି। ବ୍ରାଜିଲ, ଭାରତ ଓ ରୁଷ୍‌ରେ ୨୦୧୮ରେ ସିଇଓ ଟର୍ନଓଭର ୨୧.୬ ପ୍ରତିଶତରେ ପହଞ୍ଚି ଯାଇଥିଲା, ଯାହା ହାରାହାରି ଠାରୁ ଅଧିକ।




### ସିଇଓଙ୍କ ଉପରେ ଚାପ

ମ୍ୟାରିକୋ ଅଧ୍ୟକ୍ଷ ହର୍ଷ ମାରିୱାଲା କହିଛନ୍ତି ଯେ, ବ୍ୟବସାୟିକ ପରିବେଶ ଆହ୍ୱାନପୂର୍ଣ୍ଣ ହୋଇଗଲାଣି। ଅଭିବୃଦ୍ଧି ଧିମା ହେବା, ଲକ୍ଷ୍ୟ ହାସଲ କରିବା ଅଥବା ବାଧା କାରଣରୁ ଆଜି ସିଇଓଙ୍କ କାମ ଅନେକ ଚ୍ୟାଲେଞ୍ଜଯୁକ୍ତ ହୋଇଯାଇଛି। ପ୍ରାଇମ ଡାଟାବେସ୍ ଗ୍ରୁପ୍ ଏମ୍‌ଡି ପ୍ରଣବ ହଲ୍‌ଦିଆ କହିଛନ୍ତି ଯେ, ସିଇଓ ଓ ଏମ୍‌ଡି ଭୂମିକାରେ ଅଧିକ ଦାୟିତ୍ୱ କାରଣରୁ ଆଜି ଦରମା ବେଶ ବଢ଼ିଛି। କିନ୍ତୁ ଏଥିସହିତ ଅଧିକ ବିପଦ ମଧ୍ୟ ଯୋଡି ହୋଇଯାଇଛି। ଏହି କାରଣରୁ କମ୍ପାନୀର ଶୀର୍ଷ ପଦରେ ତିଷ୍ଠି ରହିବା ଅସମ୍ଭବ ହେଲାଣି। ସେ କହିଛନ୍ତି ଯେ, ସିଇଓଙ୍କ ଉପରେ ଆଜି ଅନେକ ଚାପ ରହିଛି। ତାଙ୍କୁ ବୋର୍ଡ, ନିବେଶକ ଓ ଶେୟାରଧାରୀଙ୍କ ଚାପର ସାମ୍ନା କରିବାକୁ ପଡିଥାଏ। ପ୍ରଦର୍ଶନ କରି ନ ପାରିଲେ ତାଙ୍କୁ ନିଜ ପଦ ଛାଡ଼ିବାକୁ ହେବ।

### ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ଯୋଡ଼ି ହେଉଛନ୍ତି ସିଇଓ

ପ୍ରକ୍ସି ଆଡ୍‌ଭାଇଜରୀ ଫାର୍ମ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡଭାଇଜରୀ ସର୍ଭିସେସ୍‌ର ଏମ୍‌ଡି ଅମିତ ଟଣ୍ଡନଙ୍କ କହିବାନୁଯାୟୀ, ସିଇଓଙ୍କ କାର୍ଯ୍ୟକାଳ ଛୋଟ ହୋଇ ଯାଉଛି। ସେ ଏହାର ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମତଃ, ସିଇଓଙ୍କଠାରୁ ଅଂଶଧନକାରୀମାନେ ଅଧିକ ଲାଭ ଆଶା କରୁଛନ୍ତି। ଦ୍ୱିତୀୟତଃ ସିଇଓ ଚାଲେଞ୍ଜିଙ୍ଗ ରୋଲ୍ ଖୋଜୁଛନ୍ତି। ସେମାନେ ନିଜର ବ୍ୟବସାୟ ଆରମ୍ଭ କରୁଛନ୍ତି ଅଥବା ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ନିଜକୁ ଯୋଡୁଛନ୍ତି। ଟଣ୍ଡନ କହିଛନ୍ତି ଯେ, ଯେଉଁ ଫ୍ୟାମିଲି ବ୍ୟବସାୟରେ ପ୍ରଫେଶନାଲ ମ୍ୟାନେଜମେଣ୍ଟ ରହିଛି, ସେମାନେ ପରିବାରର କୌଣସି ସଦସ୍ୟଙ୍କ ତୁଳନାରେ ପେସାଦାର ମ୍ୟାନେଜମେଣ୍ଟଠାରୁ ଅଧିକ କାମ ଆଶା କରୁଛନ୍ତି। ପରିବାରର କୌଣସି ସଦସ୍ୟ ଶୀର୍ଷ ପଦରେ ରହି ଖରାପ ପ୍ରଦର୍ଶନ କଲେ ତାଙ୍କୁ ହଟାଯିବାର ପରମ୍ପରା ଦେଖିବାକୁ ମିଳେ ନାହିଁ।


## OFFICE OF THE DISTRICT JUDGE, JAGATSINGHPUR

### ADVERTISEMENT

**Dated, Jagatsinghpur, the 22nd day of August, 2019**

Applications are invited from the desirous candidates in the prescribed format for the recruitment of the following category of posts in the judgeship of Jagatsinghpur

**CATEGORY WISE VACANCY POSITION**

| Sl. No. | Name of the Post | Level & Cell of Pay Matrix and Scale of Pay | UR | | SEBC | | SC | | ST | | Total |
|---|---|---|---|---|---|---|---|---|---|---|---|
| | | | M | W | M | W | M | W | M | W | |
| 1 | Jr. Clerk-Cum-Copyist | Level-4, Cell-1, (Rs. 19,900/- - 63,200/-) | 2 | 2 | 0 | 0 | 1 | 1 | 1 | 0 | 7 |
| 2 | Jr. Typist | Level-4, Cell-1, (Rs.19,900/- - 63,200/-) | 0 | 0 | 1 | 0 | 0 | 0 | 0 | 0 | 1 |
| 3 | Stenographer, Grade-III | Level-7, Cell-1 (Rs. 25,500/- - 81,100/-) | 1 | 1 | 1 | 0 | 1 | 0 | 1 | 0 | 5 |
| 4 | Driver | Level-4, Cell-1, (Rs. 19,900/- - 63,200/-) | 1 | 0 | 0 | 0 | 0 | 0 | 0 | 0 | 1 |

Note -1. Reservation in respect of Women / Physically Handicapped Persons/ Ex-Service men / Sports Persons shall be as per Rule.

2. The number of posts advertised in each cadre may increase or decrease as per the discreation of the District Recruitment Committee.

3. The application with the required documents and self attested copies of certificates must reach the OFFICE OF THE DISTRICT JUDGE, JAGATSINGHPUR, PIN - 754103 ON OR BEFORE 21.09.2019 either in post or in person during office hours on each working day. Applications received in the Office after the last date by any means shall be summarily rejected.

4. For further details please visit the website : https://districts.ecourts.gov.in/jagatsinghpur.

**Sd./- District Judge-cum-Chairman,**
**District Recruitment Committee, Jagatsinghpur**



ରାହୁଲ ଦ୍ରାବିଡଙ୍କ ଟିପ୍ସ ମୋତେ ପ୍ରଭାବିତ କରିଛି, ଯିଏକି ନିଜର ସ୍ୱାଭାବିକ ଷ୍ଟାଇଲରେ ଖେଳିବା ଲାଗି ସବୁବେଳେ ପ୍ରେରଣା ଦେଇଥାନ୍ତି ।

–ଶୁବମନ ଗିଲ୍, ଭାରତୀୟ କ୍ରିକେଟର

ମୋନାକୋ ଦଳ ମୋ କାର୍ଯ୍ୟରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ସଫଳ ମ୍ୟାନେଜର ଭାବେ ମୁଁ ନିଜକୁ ପ୍ରମାଣ କରି ଦେଖାଇବାକୁ ଚାହୁଁଛି ।

–ଥିଏରୀ ହେନ୍‌ରୀ, ଫ୍ରାନ୍ସ ଫୁଟ୍‌ବଲ କିମ୍ବଦନ୍ତୀ



## ସଂକ୍ଷେପରେ

### ବଲବୀରଙ୍କୁ ଭାରତ ରତ୍ନ ପାଇଁ ଦାବି



ଚଣ୍ଡିଗଡ଼, ୨୨।୮ (ପି.ଟି.)- କିମ୍ବଦନ୍ତୀ ହକି ଖେଳାଳି ବଲବୀର ସିଂ ସିନିୟରଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖିଛନ୍ତି। ଅମରିନ୍ଦର ତାଙ୍କ ଚିଠିରେ ୯୫ ବର୍ଷୀୟ ବଲ୍‌ବୀରଙ୍କୁ ତାଙ୍କ ସମୟର ଜଣେ ଚମତ୍କାର କ୍ରୀଡ଼ାବିତ୍ ଭାବେ ଅଭିହିତ କରିଛନ୍ତି। 'ମୁଁ ଆପଣଙ୍କ ଧ୍ୟାନ ଆକର୍ଷଣ କରି ଅନୁରୋଧ କରୁଛି କି ବଲ୍‌ବୀର ସିଂ ସିନିୟରଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ, ଯିଏ ସ୍ୱାଧୀନ ଭାରତର ସବୁଠାରୁ ସମ୍ମାନାସ୍ପଦ ଏବଂ ଚମତ୍କାର ଖେଳାଳି ରହିଥିଲେ' ବୋଲି ଅମରିନ୍ଦର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। 'ଫିଲ୍ଡ ହକିରେ ଜଣେ ଚମତ୍କାର ଖେଳାଳି ରହିଥିବା ବଲ୍‌ବୀର ୧୯୪୮, ୧୯୫୨ ଓ ୧୯୫୬ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ। ହକିକୁ ଅବଦାନ ଲାଗି ପୂର୍ବରୁ ୧୯୫୭ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏବେ ଭାରତ ରତ୍ନ ପୁରସ୍କାର ପାଇଁ ବଲ୍‌ବୀର ସିଂ ସିନିୟରଙ୍କ ନାମ ବିଚାରକୁ ନିଆଯାଉ' ବୋଲି ଅମରିନ୍ଦର ଏହି ଚିଠିରେ ଲେଖିଛନ୍ତି। ଗୋଟିଏ ଅଲିମ୍ପିକ ଫାଇନାଲରେ ବ୍ୟକ୍ତିଗତ ଭାବେ ସର୍ବାଧିକ ଗୋଲସ୍କୋର କରିବାର ରେକର୍ଡ ବଲ୍‌ବୀରଙ୍କ ନାମରେ ଆଜି ବି ଲିପିବଦ୍ଧ ହୋଇରହିଛି। ୧୯୫୨ ଅଲିମ୍ପିକ ଫାଇନାଲରେ ସେ ନେଦରଲାଣ୍ଡ ବିପକ୍ଷରେ ଏକାକୀ ୫ଟି ଗୋଲସ୍କୋର କରିଥିଲେ। ଏହି ମ୍ୟାଚ୍‌କୁ ଭାରତ ୬-୧ ଗୋଲରେ ଜିତି ଚାମ୍ପିୟନ ହୋଇଥିଲା। ସେହିଭଳି ୧୯୭୫ ବିଶ୍ୱ ବିଜୟୀ ଭାରତୀୟ ଦଳର ସେ ମ୍ୟାନେଜର ରହିଥିଲେ।

### ପଲ୍‌ଙ୍କ ସ୍ଥାନରେ କୁମିନ୍ସ

ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୨୨।୮: ସ୍ଥାନୀୟ ସାର୍ ଭିଭିଆନ୍ ରିଚାର୍ଡ୍ସ ଷ୍ଟାଡିୟମରେ ଗୁରୁବାରଠାରୁ ଭ୍ରମଣକାରୀ ଭାରତ ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଘରୋଇ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳକୁ ଧକ୍କା ଲାଗିଛି। ଦଳର ଯୁବ ଅଲ୍‌ରାଉଣ୍ଡର କେମୋ ପଲ୍ ଆଘାତଜନିତ ସମସ୍ୟା ଲାଗି ସିରିଜର ଏହି ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଗୋଇଠିରେ ଆଘାତ କାରଣରୁ ପଲ୍‌ଙ୍କ ସ୍ଥାନରେ ଦ୍ରୁତ ବୋଲର ମିଗୁଏଲ୍ କୁମିନ୍ସଙ୍କୁ ଶେଷ ମୁହୂର୍ତ୍ତରେ ଦଳରେ ସାମିଲ କରାଯାଇଛି ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ କୁହାଯାଇଛି। ୨୧ ବର୍ଷୀୟ କେମୋ ପଲ୍ ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ ଟେଷ୍ଟ ମ୍ୟାଚ୍‌ରୁ ୯୬ ରନ ଓ ୬ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ନିକଟରେ ଭାରତ ବିପକ୍ଷ ଟି୨୦ ସିରିଜରେ ସେ ସମସ୍ତ ୩ଟି ଯାକ ମ୍ୟାଚ୍ ଖେଳିଥିଲେ। ଡାହାଣହାତୀ ଦ୍ରୁତ ବୋଲର କୁମିନ୍ସ ୧୩ ଟେଷ୍ଟ ଖେଳି ୨୭ ଉଇକେଟ୍ ଅକ୍ତିଆର କରିଛନ୍ତି। କୁମିନ୍ସ ୨୦୧୬ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

# ଫିଜିକାଲ ଏଜୁକେଶନ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାରେ ଖେଳ ଭିତ୍ତିଭୂମି ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାର ଖେଳ ଭିତ୍ତିଭୂମିକୁ ନେଇ ଚର୍ଚ୍ଚା। ଭୁବନେଶ୍ୱର ଏବେ ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ଏଠାରେ ଏବେ ବିଭିନ୍ନ କ୍ରୀଡ଼ାର ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ମାତ୍ର ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇଛି। ସ୍କୁଲସ୍ତରରେ ପିଲାମାନଙ୍କୁ ଖେଳ ସମ୍ପର୍କରେ ଜ୍ଞାନ ଦେବା ଏବଂ ପ୍ରତିଭା ଚିହ୍ନଟ କରିବା କ୍ଷେତ୍ରରେ ଖେଳ ଶିକ୍ଷକଙ୍କ ଭୂମିକା ଅନସ୍ୱିକାର୍ଯ୍ୟ। ମାତ୍ର ଖେଳର ମୂଳଦୁଆ ପକାଉଥିବା ଏହି ଖେଳ ଶିକ୍ଷକଙ୍କ ପାଇଁ କାହାରି ଆଗ୍ରହ ନାହିଁ। ଏପରିକି ଆଗକୁ ଆଉ ଖେଳ ଶିକ୍ଷକ ନ ବାହାରିବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାରେ ଥିବା ୨ଟି ସରକାରୀ କଲେଜରୁ ନ୍ୟାଶନାଲ କାଉନ୍‌ସିଲ ଅଫ ଟିଚର ଏଜୁକେଶନ (ଏନ୍‌ସିଟିଇ) ସ୍ୱୀକୃତି ପ୍ରତ୍ୟାହାର କରି ନେଇଛି। ଫଳରେ ଖେଳ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଚାଲିଯାଇଛି।

ଓଡ଼ିଶାରେ ୨ଟି ସରକାରୀ ଫିଜିକାଲ ଏଜୁକେଶନ କଲେଜ ଅଛି। ଗୋଟିଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବଂ ଅନ୍ୟଟି ସମ୍ବଲପୁରସ୍ଥିତ କୁଲୁଣ୍ଡିରେ। ୨ଟି ଯାକ କଲେଜ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଅଧୀନରେ ଅଛି। କେତେ ଫାକଲ୍ଟି ଅଛନ୍ତି, ଗ୍ରାଉଣ୍ଡ ଏବଂ କଲେଜ ପାଇଁ ଘର ଆଦି ସମ୍ପର୍କରେ ସବିଶେଷ ବିବରଣୀ ଦେବା ପାଇଁ ନ୍ୟାଶନାଲ କାଉନ୍‌ସିଲ ଅଫ ଟିଚର ଏଜୁକେଶନ (ଏନ୍‌ସିଟିଇ) ପକ୍ଷରୁ ନୋଟିସ ଜାରି କରାଥିଲା। କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଥମେ ୨୦୧୮ ଏପ୍ରିଲ ୨୦ ଏବଂ ୨୦୧୮ ନଭେମ୍ବର ୨୮ରେ ୨ଥର କାରଣଦର୍ଶାଅ ନୋଟିସ ହୋଇଥିଲା। ସେହିପରି କୁଲୁଣ୍ଡି କଲେଜ କର୍ତ୍ତୃପକ୍ଷଙ୍କୁ ୨୦୧୯ ଫେବୃୟାରୀ ୨୧ ଏବଂ ମେ' ୨୧ରେ ୨ ଥର କାରଣଦର୍ଶାଅ ନୋଟିସ ହୋଇଥିଲା। ମାତ୍ର ସନ୍ତୋଷଜନକ ଉତ୍ତର ଦିଆଯାଇପାରି ନ ଥିବାରୁ ଏନ୍‌ସିଟିଇ ପକ୍ଷରୁ ଏହି ୨ଟି କଲେଜରେ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଆଡ୍‌ମିଶନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଛି। କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜ ଭାରତର

### ଅନ୍ଧାରରେ ଖେଳ ଶିକ୍ଷକଙ୍କ ଭବିଷ୍ୟତ

ଦ୍ୱିତୀୟ ସର୍ବପୁରାତନ କଲେଜ। ମାତ୍ର ଏପର୍ଯ୍ୟନ୍ତ ଏହି କଲେଜର ନିଜସ୍ୱ ଗ୍ରାଉଣ୍ଡ ନାହିଁ କି ଆବଶ୍ୟକ ଫାକଲ୍‌ଟି ନାହାନ୍ତି। ଏବେ ଏହି କଲେଜ ପାହାଲସ୍ଥିତ ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଉଠି ଯାଉଥିବା ଶୁଣିବାକୁ ମିଳୁଛି। ମାତ୍ର ସେଠାରେ ମଧ୍ୟ ଉପଯୁକ୍ତ ପଡ଼ିଆ ନାହିଁ କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଏନସିଟିଇକୁ ଅବଗତ କରାଯାଇ ନାହିଁ ବୋଲି ଜାଣିବାକୁ ମିଳିଛି। କଲେଜ ପାହାଳକୁ ଉଠାଇ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ବ୍ୟବହାର କରିବାକୁ ସମ୍ଭବତଃ ସରକାର ଚାହୁଁଛନ୍ତି। ମାତ୍ର ସେଠାରେ ମଧ୍ୟ ଏନସିଇଟିର ଆବଶ୍ୟକ ପୂରଣ ହେବାଭଳି ଭିତ୍ତିଭୂମି ନାହିଁ। ତେଣୁ ଫିଜିକାଲ ଏଜୁକେଶନ ଟିଚର୍ସ ଟ୍ରେନିଂ କଲେଜ ପାଇଁ କେହି ଆଗ୍ରହ ଦେଖାଉ ନ ଥିବା ପରିଲକ୍ଷିତ ହେଉଛି। ଘରୋଇ ଫିଜିକାଲ ଏଜୁକେଶନ କଲେଜ ଗୁଡ଼ିକ ଯେତେବେଳେ ଏନସିଟିଇର ସମସ୍ତ ନିୟମକୁ ପାଳନ କରୁଛନ୍ତି ସେ କ୍ଷେତ୍ରରେ ସରକାରୀ କ୍ଷେତ୍ରରେ ପାଳନ ହୋଇ ନ ପାରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁରି ମୂଳରେ ହେଲା କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜର ଆବଶ୍ୟକ ଫାକ୍‌ଲଟି ନାହାନ୍ତି। ନିଜସ୍ୱ ଗ୍ରାଉଣ୍ଡ କିମ୍ବା ଘର ନାହିଁ। ଆବଶ୍ୟକ ଷ୍ଟାଫ୍ ନ ଥିଲେ କେମିତି କଲେଜ ଚାଲିବ ବୋଲି ଜଣେ ପୂର୍ବତନ ଛାତ୍ର ପ୍ରଶ୍ନ କରିଛନ୍ତି।

କଲେଜର ପୂର୍ବତନ ପ୍ରିନ୍ସିପାଲମାନେ ମଧ୍ୟ ଅନୁରୂପ ମତ ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ ପରିସର କଲେଜ ୧୯୫୭ ମସିହାର। ତେବେ ଏପର୍ଯ୍ୟନ୍ତ ଏହାର ନିଜସ୍ୱ ଜାଗାବାଡ଼ି କିଛି ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ହିଁ ହେଉଛି ବାସ୍ତବତା। ୧୯୫୭ରୁ ୧୯୯୪ ପର୍ଯ୍ୟନ୍ତ ଏହା ବାରବାଟୀ ଷ୍ଟାଡିୟମରେ ପରିଚାଳିତ ହେଉଥିଲା। ୧୯୯୪ରୁ ଏହା କଳିଙ୍ଗ ଷ୍ଟାଡିୟମରେ ଚାଲୁଛି। ଏନ୍‌ସିଟିଇ ପକ୍ଷରୁ ୧୯୯୬ରେ ସର୍ବଭାରତୀୟ ସ୍ତରରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲା। ଏପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମର ଜାଗା ଜମି ଦେଖାଇ ଏହି କଲେଜର ସମସ୍ତ ଔପଚାରିକତା ପୂରଣ କରାଯାଉଥିଲା। ମାତ୍ର ଏବେ ଏନ୍‌ସିଟିଇ ଅନୁଭବ କଲା ଯେ, ଏହି କଲେଜର ନିଜସ୍ୱ ବିଲ୍ଡିଂ କିମ୍ବା ପଡ଼ିଆ ନାହିଁ କି ନିୟମ ଅନୁସାରେ ଆବଶ୍ୟକ ଷ୍ଟାଫ୍ ନାହାନ୍ତି। ତେଣୁ ୨୦୨୦-୨୧ ପାଇଁ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପୂର୍ବତନ ପ୍ରିନ୍ସିପାଲ ପ୍ରକାଶ କରିଛନ୍ତି। ୧୯୫୭ରେ ଗ୍ୱାଲିୟରରେ ଏଲଏନ୍‌ଇପି ଫିଜିକାଲ ଏଜୁକେଶନ କଲେଜ ପ୍ରତିଷ୍ଠା ହୋଇଥିଲା। ତାହା ଏବେ ୟୁନିଭର୍ସିଟି ହୋଇ ଅନ୍ତର୍ଜାତୀୟସ୍ତରର ହୋଇସାରିଲାଣି। ଏକା ବର୍ଷ ୨ଟି ଯାକ କଲେଜ ଆରମ୍ଭ ହୋଇଥିଲେ ହେଁ ଆମେ ପଛରେ ପଡ଼ିଯାଇଛୁ। ଏଥିପାଇଁ ସରକାରୀସ୍ତରରେ କେହି ଆନ୍ତରିକତା ଦେଖାଉନାହାନ୍ତି। ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି ସେ କହିଛନ୍ତି। ମୋ ସମୟରେ ଯେତେବେଳେ ଏନ୍‌ସିଟିଇ ଟିମ୍ ଆସିଥିଲା, ସେତେବେଳେ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ଦେଖାଇ ଆମେ ସ୍ଥିତିକୁ ସମ୍ଭାଳି ନେଇଥିଲୁ। ପରେ ବୋଧହୁଏ ଏହାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଫଳରେ ସ୍ୱୀକୃତି ପ୍ରତ୍ୟାହାର ପର୍ଯ୍ୟନ୍ତ କଥା ଯାଇଛି ବୋଲି ସେ କହିଛନ୍ତି। କଲେଜ ଏବେ ପାହାଳସ୍ଥିତ ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଉଠିଯାଉଛି ବୋଲି ଶୁଣିବାକୁ ପାଉଛି। ତାହା ହେଲେ ସ୍ଥିତି ଆହୁରି ସାଂଘାତିକ ହେବ। କଲେଜ ପୂରା ବନ୍ଦ ହୋଇଯିବ। ଏନ୍‌ସିଟିଇ ନିୟମ ଅନୁସାରେ କଲେଜ ନାମରେ ଅତିକମ୍‌ରେ ୮ ଏକର ଜମି ଏବଂ ଖେଳପଡ଼ିଆ ଥିବା ଆବଶ୍ୟକ। ଟ୍ରାକ୍, ଫୁଟ୍‌ବଲ ପଡ଼ିଆ, ହଷ୍ଟେଲ, ଷ୍ଟାଫ୍ ଥିବା ଆବଶ୍ୟକ। ଏତେସବୁ ସୁବିଧା ସୁଯୋଗ ଆପେକ୍ସରେ ନାହିଁ। ତେଣୁ ଏହି କଲେଜକୁ ଦେଖିଲେ ଏନ୍‌ସିଟିଇ ପୂରା କଲେଜକୁ ରିଜେକ୍ଟ କରିଦେବା ସମ୍ଭାବନା ରହିଛି। ଏବେ ୨ଟି ଯାକ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର ଦ୍ୱାରା ଏହାକୁ ପେସା କରିବାକୁ ଚାହୁଁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଗଲା ବୋଲି କହିବାକୁ ହେବ। ସମ୍ବଲପୁର କଲେଜରେ ଜମି କିମ୍ବା ବିଲ୍ଡିଂ ସମସ୍ୟା ନାହିଁ। ସେଠାରେ କେବଳ ଫାକଲ୍‌ଟି ସମସ୍ୟା ରହିଛି। ସରକାର ନିଯୁକ୍ତି ଦେବାକୁ କୁଣ୍ଠିତ ହେଉଛନ୍ତି। ଗେଷ୍ଟ ଫାକଲ୍‌ଟି ନେଇ ମଧ୍ୟ କାମ ଚଳାଇ ହୁଅନ୍ତା, ମାତ୍ର ତାହା ବି ହେଉନି। ତେଣୁ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର ପର୍ଯ୍ୟନ୍ତ କଥା ଯାଇଛି। ଏବେ ରି-ଆପ୍ଲାଏ କରିବାକୁ ପଡ଼ିବ। ଏନ୍‌ସିଟିଇର ସମସ୍ତ ଆବଶ୍ୟକତାକୁ ପୂରଣ କରି ଆବେଦନ କଲେ ଯାଇ କିଛି ହୋଇପାରିବ ବୋଲି ସେ କହିଛନ୍ତି।



ବିରାଟ କୋହଲିଙ୍କ ଉଇକେଟ ନେବା ପରେ ସାନନ ଗାବ୍ରିଏଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ

ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୨।୮

ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଖବର ମିଳିବା ବେଳକୁ ଭାରତ ୩ ଉଇକେଟ ହରାଇ ୬୮ ରନ ସଂଗ୍ରହ କରିଛି।

ଟସ୍ ଜିତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ପ୍ରଥମେ ଭାରତକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। ଘରୋଇ ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ମେଘୁଆ ପାଗ ଓ ପିଚ୍ ପରିବେଶରୁ ଫାଇଦା ଉଠାଇ କେମର ରୋଚ୍ ଓ ଶାନନ ଗାବ୍ରିଏଲ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦଳୀୟ ସ୍କୋର ମାତ୍ର ୫ ଥିବାବେଳେ ରୋଚ୍‌ଙ୍କ ବଲ୍‌ରେ ଶାଇ ହୋପ୍‌ଙ୍କୁ କ୍ୟାଚ ଦେଇ ମୟଙ୍କ ଅଗ୍ରୱାଲ ଆଉଟ ହୋଇଥିଲେ। ୧୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମୟଙ୍କ ମାତ୍ର ୫ ରନ କରିବାକୁ ସକ୍ଷମ ହୋଇଥିଲେ। ସେହିପରି ଦଳୀୟ ସ୍କୋରରେ ଆଉ ୨ ରନ ଯୋଗ ହେବାପରେ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ସମାନ ବୋଲର ଓ ଫିଲ୍ଡରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ପୂଜାରା ୪ ବଲ୍‌ରୁ ମାତ୍ର ୨ ରନ କରି ଆଉଟ ହେବାରୁ ୫ ଓଭର ବେଳକୁ ଭାରତୀୟ ସ୍କୋର ୭/୨ ହୋଇ ଯାଇଥିଲା। ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର କୋହଲି ୧୨ ବଲ୍‌ରୁ ୨ଟି ଦର୍ଶନୀୟ ଚୌକା ସହାୟତାରେ ୯ ରନ କରିଥିବାବେଳେ ଶାନନ ଗାବ୍ରିଏଲଙ୍କ ବଲ୍‌ରେ ଶାମରା ବ୍ରୁକ୍ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲିଙ୍କ ଆଉଟ ପରେ ସ୍ୱାଭାବିକଭାବେ ୱେଷ୍ଟଇଣ୍ଡିଜ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ୨୫ ରନରେ ଭାରତ ୩ୟ ଉଇକେଟ ହରାଇଥିଲା। ତେବେ ଲୋକେଶ ଓ ଅଜିଙ୍କ୍ୟ ରାହାନେ ସତର୍କତାର ସହ ବ୍ୟାଟିଂ କରି ପ୍ରଥମ ଦିବସ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଦଳୀୟ ସ୍କୋରକୁ ୬୮/୩ରେ ପହଞ୍ଚାଇଥିଲେ। ସେତେ ବେଳକୁ ରାହୁଲ ୭୦ ବଲ୍‌ରୁ ୪ ଚୌକା ସହାୟତାରେ ୩୭ ଓ ରାହାନେ ୪୩ ବଲ୍‌ରୁ ୨ ଚୌକା ସହ ୧୦ ରନ କରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରୋଚ୍ ୨ଟି ଓ ଗାବ୍ରିଏଲ ଗୋଟିଏ ଉଇକେଟ ନେଇଥିଲେ। ଭାରତ ଏହି ମ୍ୟାଚରେ ରୋହିତ ଶର୍ମା, ଋଦ୍ଧିମାନ ଶାହ, ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ ଓ ଉମେଶ ଯାଦବଙ୍କୁ ବାଦ୍ ଦେଇ ପଡ଼ିଆକୁ ଓହ୍ଲାଇଥିଲା।

## ଦୀପ୍ତିଙ୍କ ପ୍ରଭାବୀ ପ୍ରଦର୍ଶନ, ମନ୍ଧାନା ବିଫଳ

ଲଣ୍ଡନ, ୨୨।୮

ଏଠାରେ ଚାଲିଥିବା ୱମେନ୍ସ କ୍ରିକେଟ୍ ସୁପର୍ ଲିଗ୍‌ର ଏକ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟର୍ ଦୀପ୍ତି ଶର୍ମାଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦେଖିବାକୁ ମିଳିଛି। ୱେଷ୍ଟର୍ନ ଷ୍ଟ୍ରମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦୀପ୍ତି ବ୍ୟାଟିଂରେ ୨୬ ବଲରୁ ୩୨ ରନର ଦ୍ରୁତ ଇନିଂସ ଖେଳିଥିଲେ। ସେହିଭଳି ଡାହାଣହାତୀ ଅଫ୍-ସ୍ପିନ ବୋଲିଂ କରୁଥିବା ଦୀପ୍ତି ନିଜର ୪ ଓଭର କୋଟାରେ ୧୮ ରନ୍ ବ୍ୟୟ କରି ୩ଟି ଉଇକେଟ୍ ନେଇଥିଲେ। ଦୀପ୍ତିଙ୍କ ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ତାଙ୍କ ଦଳ ୱେଷ୍ଟର୍ନ ଷ୍ଟ୍ରମ୍ ୪ ରନରେ ପ୍ରତିପକ୍ଷ ସରେ ଷ୍ଟାର୍‌କୁ ପରାସ୍ତ କରିବାରେ ସଫଳ ହୋଇଥିଲା। ଅପରପକ୍ଷରେ ଅନ୍ୟତମ ତାରକା ଭାରତୀୟ ମହିଳା କ୍ରିକେଟର୍ ସ୍ମୃତି ମନ୍ଧାନାଙ୍କୁ ଏହି ମ୍ୟାଚ୍‌ରେ ନିରାଶ ହେବାକୁ ପଡ଼ିଛି। ଦୀପ୍ତିଙ୍କ ସହ ମିଶି ୱେଷ୍ଟର୍ନ ଷ୍ଟ୍ରମ ପକ୍ଷରୁ ଖେଳୁଥିବା ମନ୍ଧାନା ଓପନିଂ କରିବାକୁ ଆସି ୫ ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ପାରି ନ ଥିଲେ।

## କୋହଲିଙ୍କଠାରେ ମୋ ଭଳି ଉତ୍ସାହ ରହିଛି: ରିଚାର୍ଡ୍ସ

ଆଣ୍ଟିଗୁଆ, ୨୨।୮ (ପି.ଟି.)



ବିରାଟ କୋହଲି ଓ ଭିଭିଆନ ରିଚାର୍ଡ୍ସ।

ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଭିଭିଆନ ରିଚାର୍ଡ୍ସ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଗୁରୁବାର ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ କୋହଲି ରିଚାର୍ଡଙ୍କ ସାକ୍ଷାତକାର ନେଇଥିଲେ। ଏହି ଅବସରରେ ରିଚାର୍ଡ୍ସ କୋହଲିଙ୍କର ପ୍ରଶଂସା କରିଥିଲେ। ପଡିଆରେ କୋହଲି ମୋ ଭଳି ଉତ୍ସାହର ସହ ଖେଳୁଛନ୍ତି ବୋଲି ସେ କହିଛନ୍ତି। ରିଚାର୍ଡ୍ସଙ୍କୁ କୋହଲି ନିଜର ଆଦର୍ଶ କ୍ରିକେଟର ଭାବେ ସମ୍ମାନ କରିଥାନ୍ତି। ତାଙ୍କ ସମୟରେ ବିନା ଗାର୍ଡ ଓ ହେଲମେଟରେ ଦ୍ରୁତ ବୋଲରମାନଙ୍କୁ କିପରି ସେ ସାମ୍‌ନା କରୁଥିଲେ ବୋଲି କୋହଲି ପ୍ରଶ୍ନ କରିଥିଲେ। ସେତେବେଳେ ବିଶ୍ୱ କ୍ରିକେଟରେ ଦୁର୍ଦ୍ଧର୍ଷ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବା ନିଶ୍ଚିତ ଭାବେ କଷ୍ଟକର ଥିଲା। ପୁଣି ବଲ୍ ବାଉନ୍ସ ହେବାରେ ମଧ୍ୟ କୌଣସି କଟକଣା ନ ଥିଲା। ଏହା ସେଥିପ୍ରତି ରିଚାର୍ଡ୍ସ ବୋଲରଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଥିଲେ। ସେତେବେଳେ ଆପଣ ମନୋଭାବ କ'ଣ ଥିଲା ବୋଲି କୋହଲି ରିଚାର୍ଡ୍ସଙ୍କୁ ପ୍ରଶ୍ନ କରିଥିଲେ। ରିଚାର୍ଡ୍ସ ମଧ୍ୟ ଏହାର ଉତ୍ତର ରଖିଥିଲେ। ବ୍ୟାଟିଂ କରିବାକୁ ଯିବା ବେଳେ ମୋର ସବୁବେଳ ଆତ୍ମବିଶ୍ୱାସ ବେଶ୍ ଉଚ୍ଚକୋଟୀର ଥାଏ। ବୋଲରଙ୍କୁ ଡରିବା ବଦଳରେ ପ୍ରଭାବ ବିସ୍ତାର କରି ଖେଳିଥାଏ। ପ୍ରତ୍ୟେକ ସମୟରେ ନିଜେ ନିଜକୁ ସମର୍ଥନ କରିଥାଏ। ତେବେ ହେଲମେଟ୍ ପିନ୍ଧିବାରେ ଆଦୌ ସହଜ ଅନୁଭବ କରି ନ ଥାଏ। ତେଣୁ ବ୍ୟାଟିଂ କଲାବେଳେ ଟୋପି ପରିଧାନ କରିଥାଏ। ଟୋପି ପିନ୍ଧିଲେ ବେଶ୍ ସହଜ ଅନୁଭବ କରିଥାଏ। ଯେ କୌଣସି ବୋଲରଙ୍କୁ ସମ୍ମୁଖୀନ ହେବାରେ ମୁଁ ଉପଯୁକ୍ତ ବ୍ୟାଟ୍ସମ୍ୟାନ ବୋଲି ନିଜକୁ ଭାବିଥାଏ। ପୁଣି ଯଦି ବି ଦେହରେ ବଲ୍ ବାଜେ ତାହା ଭଗବାନଙ୍କ ଇଚ୍ଛାରେ ହେଉଛି ବୋଲି ଭାବି ନେଇଥାଏ। ଦେହରେ ବଲ୍ ବାଜିବା କ୍ରିକେଟର ଏକ ଅଂଶ ବୋଲି ଧରିନେବାକୁ ହୋଇଥାଏ। ଆହତ ହେଲେ ମଧ୍ୟ ମୁଁ ତିଷ୍ଠି ରହିବି ବୋଲି ରିଚାର୍ଡ୍ସ କୋହଲିଙ୍କୁ ଉତ୍ତର ଦେବା ଅବସରରେ କହିଥିଲେ। ସବୁବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୟାସ କରିଥାଏ। ପୁଣି ଖେଳିବା ବେଳେ କୋହଲିଙ୍କଠାରେ ମୋ ଭଳି ଉତ୍ସାହ ଦେଖିଛି ବୋଲି ରିଚାର୍ଡ୍ସ କହିଥିଲେ। ଉଲ୍ଲେଖଥାଉ କି, ତାଙ୍କ ସମୟରେ ବେଶ୍ ଦୁର୍ଦ୍ଧର୍ଷ ବ୍ୟାଟ୍ସମ୍ୟାନ ରୂପେ ପରିଗଣିତ ହେଉଥିବା ରିଚାର୍ଡ୍ସ ୧୯୯୧ରେ ଅବସର ଗ୍ରହଣ କରିଥିଲେ। ୧୨୧ଟି ଟେଷ୍ଟ ଖେଳି ସେ ୮, ୫୪୦ ଓ ୧୮୭ଟି ଦିନିକିଆ ଖେଳି ୬, ୭୨୧ ରନ ସଂଗ୍ରହ କରିଥିଲେ। ପୂର୍ବରୁ ମଧ୍ୟ ରିଚାର୍ଡ୍ସ କୋହଲିଙ୍କ ବ୍ୟାଟିଂ ଶୈଳୀଙ୍କୁ ବେଶ୍ ପ୍ରଶଂସା କରିଥିଲେ। କୋହଲି ମୋ ଭଳି ବ୍ୟାଟିଂ କରୁଛନ୍ତି ବୋଲି ସେ କହିଥିଲେ।

## ୟୁନିଟ-୬, ବିକାଶ ସ୍କୁଲ ବିଜୟୀ

### ୟୁନିଲାଇଟ କପ୍ ଫୁଟବଲ

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ୨ଟି ମ୍ୟାଚରେ ୟୁନିଟ-୬ ଓ ବିକାଶ ସ୍କୁଲ ଦଳ ବିଜୟ ହାସଲ କରିଛନ୍ତି।

ପ୍ରଥମ ମ୍ୟାଚରେ ୟୁନିଟ-୬ ବାଳକ ବିଦ୍ୟାଳୟ ୬-୦ ଗୋଲରେ ସେଣ୍ଟ ଜୋସେଫ ହାଇସ୍କୁଲକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ୟୁନିଟ-୬ର ଆକାଶ ନାୟକ ମ୍ୟାଚର ୧୦, ୧୫ ଓ ୨୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଦଳର ଅନ୍ୟତମ ଫରୱାର୍ଡ ବିକାଶ ଅମାତ ୨୪ ଓ ୨୮ ଓ ୪୦ତମ ମିନିଟରେ ଆଉ ୩ଟି ଗୋଲ ଦେଇ ମ୍ୟାଚରେ ଦ୍ୱିତୀୟ ହ୍ୟାଟ୍ରିକ ପାଇଥିଲେ। ମ୍ୟାଚ ଶେଷ ହେବାକୁ ଅଳ୍ପକିଛି ସମୟ ଥିବାବେଳେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଘଟିଥିଲା। ପରିସ୍ଥିତି ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ରେଫରି ଓ କର୍ମକର୍ତ୍ତାମାନେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଫେରି ୟୁନିଟ-୬ ଦଳର ୩ ଖେଳାଳି ଏବଂ ସେଣ୍ଟ ଜୋସେଫ ହାଇସ୍କୁଲ ଦଳର ଜଣେ ଖେଳାଳିଙ୍କୁ ରେଡ୍‌କାର୍ଡ ଦେଖାଇଥିଲେ। ଏଥିସହିତ ମ୍ୟାଚ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବତନ କର୍ପୋରେଟର ପ୍ରଣବ କିଶୋର ସ୍ୱାଇଁ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆକାଶ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବିକାଶ ରେସିଡେନ୍ସିଆଲ ସ୍କୁଲ ୫-୦ ଗୋଲରେ ବିଜେଇଏମ-୨କୁ ପରାସ୍ତ କରିଥିଲା। ବିକାଶ ସ୍କୁଲର ସୁନୀଲ ସାହୁ, ବିନୟ ସାହୁ, ବିଷ୍ଣୁ ପ୍ରସାଦ ସିଂ, ଯୁବରାଜ ପ୍ରଧାନ ଓ ଅମିତ ମିଶ୍ର ମ୍ୟାଚର ୧୦, ୧୪, ୨୪, ୪୦ ଓ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ପ୍ରିୟନାଥ ମିଶ୍ର ଅତିଥିଭାବେ ଯୋଗଦେଇ ବିକାଶ ସ୍କୁଲର ସୁନୀଲ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ଲକ୍ଷ୍ମୀ ପ୍ରସାଦ, କୀର୍ତ୍ତି ରଞ୍ଜନ ସ୍ୱାଇଁ, ଦିଗ୍‌ବିଜୟ ଦାସ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଦେବଜ୍ୟୋତି ସିଂ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ।



ସୁନୀଲ ସାହୁ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।



ଜଣେ ଅଣ ଚାଇନିଜ ଫୁଟ୍‌ବଲ ଭାବେ ମୁଁ ଚାଇନା ଜାତୀୟ ଦଳରେ ସ୍ଥାନ ପାଇଛି। ଦଳର ବିଶ୍ୱକପ୍ ଯୋଗ୍ୟତା ବର୍ତ୍ତମାନ ମୋର ପ୍ରଧାନ ଲକ୍ଷ୍ୟ ।

–ଏଲ୍‌କସନ, ବ୍ରାଜିଲିଆନ ଜନ୍ମିତ ଷ୍ଟ୍ରାଇକର



ମେସି ମୋତେ ଜଣେ ଉନ୍ନତ ଖେଳାଳିରେ ପରିଣତ କରିଛନ୍ତି। ହେଲେ ଆର୍ଜେଣ୍ଟିନାର ଏହି ମହାନ ଫୁଟ୍‌ବଲରଙ୍କ ସହ ମୋର ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହିଛି ।

–କ୍ରିଷ୍ଟିଆନୋ ରେନାଲ୍‌ଡୋ, ବିଶିଷ୍ଟ ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ଡେଭିସ୍ କପ୍ ମ୍ୟାଚ ନଭେମ୍ବରକୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୨୨।୮ (ପି.ଟି.): ପାକିସ୍ତାନ ବିପକ୍ଷ ଭାରତର ଡେଭିସ୍ କପ୍ ଟେନିସ ମ୍ୟାଚ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ଅନୁଧାନ ପରେ ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଇଟିଏଫ୍) ଗୁରୁବାର ଏହା ଘୋଷଣା କରିଛି। ଏହି ମୁକାବିଲା ସେପ୍ଟେମ୍ବର ୧୪-୧୫ରେ ଇସ୍‌ଲାମାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। 'ବିଶେଷ ପରିସ୍ଥିତି' ଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଖେଳର ଭେନ୍ୟୁରେ ପରିବର୍ତ୍ତନ କରାଯାଇ ନାହିଁ ବୋଲି ଆଇଟିଏଫ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପ୍ଟେମ୍ବର ୯ରେ ଆଇଟିଏଫ୍ ସୁରକ୍ଷା କମିଟି ବୈଠକ ବସିବ। ସେଦିନ ମ୍ୟାଚ ତାରିଖ ନିରୂପଣ କରାଯିବ। କିନ୍ତୁ ଏହି ସମୟ ମଧ୍ୟରେ ଆଇଟିଏଫ୍ ଏବଂ ଡେଭିସ୍ କପ୍ କମିଟି ପାକିସ୍ତାନ ସୁରକ୍ଷା ବ୍ୟବସ୍ଥା ଉପରେ ନିଘା ରଖିଥିବ। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ଅବନତି ଘଟିଛି। ସୁରକ୍ଷାଗତ କାରଣରୁ ଏହି ମ୍ୟାଚ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯାଉ ବୋଲି ଏଆଇଟିଏ ପକ୍ଷରୁ ହେଉଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିସାରିଛି। ହେଲେ ଶେଷରେ ଏହି ପ୍ରସଙ୍ଗ ନେଇ ଏଆଇଟିଏର ପ୍ରତିନିଧିଙ୍କ ସହିତ ଟେଲିକନଫରେନ୍ସ ଜରିଆରେ ଆଲୋଚନା କରିବା ଲାଗି ଆଇଟିଏଫ୍ ରାଜି ହୋଇଥିଲା। ମାତ୍ର ଏହା ପୂର୍ବରୁ ଆଇଟିଏଫ୍‌ର ଡେଭିସ୍ କପ୍ କମିଟି ମ୍ୟାଚକୁ ଘୁଞ୍ଚାଇ ଦେବାଲାଗି ନିଷ୍ପତ୍ତି ନେଇଛି।

### ବାପାଙ୍କ ବିୟୋଗ ଲାଗି ୟୁଏସ୍ ଓପନ୍‌ରୁ ଓହରିଲେ ଆମଣ୍ଡା

ନ୍ୟୁୟର୍କ, ୨୨।୮- ଆମେରିକା ଟେନିସ ଲଳନା ଆମଣ୍ଡା ଆନିସିମୋଭା ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୟୁଏସ୍ ଓପନ୍‌ରୁ ଓହରି ଯାଇଛନ୍ତି। ତାଙ୍କ ବାପା ତଥା କୋଚ୍ କନ୍‌ଷ୍ଟାଣ୍ଟିନାଙ୍କ ବିୟୋଗ ଯୋଗୁ ୧୭ ବର୍ଷୀୟା ଆମଣ୍ଡା ଏହି ନିଷ୍ପତ୍ତି ନେଇଛନ୍ତି। ଆମେରିକା ଟେନିସ ଆସୋସିଏଶନ ମଧ୍ୟ ଏହି ଅବସରରେ ଆମଣ୍ଡା ବାପାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛି। ଆମେରିକାର ଏହି ଟିନ୍‌ଏଜ୍ ଖେଳାଳି ଗତ ଜୁନ୍‌ରେ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେମିଫାଇନାଲ ପଥରେ ଆମଣ୍ଡା ୱିମ୍ବେଲଡନ୍ ଚାମ୍ପିୟନ ସିମୋନା ହାଲେପ୍‌ଙ୍କୁ ପରାସ୍ତ କରିଥିଲେ। ତେବେ ୟୁଏସ୍ ଓପନ୍ ଚାମ୍ପିୟନ ଆଶଲେଘ ବାର୍ଟିଙ୍କ ନିକଟରୁ ହାରି ସେ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ବିଶ୍ୱ ମାନ୍ୟତାର ୨୪ତମ ସ୍ଥାନରେ ରହିଥିବା ଆମଣ୍ଡା ସର୍ବକନିଷ୍ଠା ମହିଳା ଟେନିସ ଖେଳାଳି ଭାବେ ବିଶ୍ୱ ମାନ୍ୟତାର ଟପ୍-୧୦୦ରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି।

# ରାଠୋର ଭାରତର ନୂଆ ବ୍ୟାଟିଂ କୋଚ୍

## ବାଙ୍ଗର ବାଦ୍, ଅରୁଣ, ଶ୍ରୀଧର ପଦ ବଜାୟ ରଖିଲେ

ମୁମ୍ବାଇ,୨୨।୮(ପି.ଟି.)

ପୂର୍ବତନ ଓପନର ବିକ୍ରମ ରାଠୋର ଭାରତ ନୂଆ ବ୍ୟାଟିଂ କୋଚ୍ ରୂପେ ନିଯୁକ୍ତି ପାଇଛନ୍ତି। ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ତାଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଭରତ ଅରୁଣ ଓ ଆର. ଶ୍ରୀଧର ଯଥାକ୍ରମେ ବୋଲିଂ ଓ ଫିଲ୍ଡିଂ କୋଚ୍ ପଦ ବଜାୟ ରଖିଛନ୍ତି।

ଏମ୍‌ଏସ୍‌କେ ପ୍ରସାଦଙ୍କ ଅଧ୍ୟକ୍ଷତାରେ ସିନିୟର ଜାତୀୟ ଚୟନ କମିଟି ଭାରତୀୟ ସପୋର୍ଟ ଷ୍ଟାଫ୍‌ରେ ଅଦଳବଦଳ କରିଛନ୍ତି ଓ ଏହି ୩ଜଣଙ୍କ ନାମ ସୁପାରିଶ କରିଛି। ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ୩ଜଣଙ୍କ ନିଯୁକ୍ତି ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

୫୦ ବର୍ଷୀୟ ରାଠୋର ୧୯୯୬ରେ ୬ଟି ଟେଷ୍ଟ ଓ ୭ଟି ଦିନିକିଆ ଖେଳିଛନ୍ତି। ଅନ୍ତର୍ଜାତୀୟସ୍ତରରେ ସେତେଟା ସଫଳ ହୋଇ ନ ଥିଲେ ମଧ୍ୟ ସେ ପଞ୍ଜାବ ପାଇଁ ଘରୋଇ କ୍ରିକେଟ ଖେଳି ବେଶ୍ ସଫଳତା ହାସଲ କରିଥିଲେ ଓ ସେ ଜଣେ ଡେମୋଷ୍ଟିକ ହେଭିୱେଟ୍ ରୂପେ ପରିଗଣିତ ହୋଇଥିଲେ। ସେ ମଧ୍ୟ ୨୦୧୬ରେ ଜାତୀୟ ଚୟନ କମିଟିରେ ସନ୍ଦୀପ ପାଟିଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ବ୍ୟାଟିଂ ପରାମର୍ଶଦାତା ଓ ୧୯ ବର୍ଷରୁ କମ୍ ବ୍ୟାଟିଂ କୋଚ୍ ପଦ ପାଇଁ ଆବେଦନ କରିଥିଲେ। ତେବେ ତାଙ୍କ ଶାଳକ ଆଶିଷ କପୁର ୧୯ ବର୍ଷରୁ କମ୍ ଚୟନ କମିଟିର ଅଧ୍ୟକ୍ଷ ଥିବାରୁ ତାଙ୍କ ଆବେଦନକୁ ଝୁଲାଇ ରଖାଯାଇଥିଲା। ରାଠୋର ଜଣେ ଅଭିଜ୍ଞ ବ୍ୟକ୍ତି ଓ ତାଙ୍କ ଦକ୍ଷତା ଉପରେ ଆମେ ଭରସା କରିଛୁ। ତେବେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ତାଙ୍କର କିଛି ଭୂମିକା ନ ଥିବା ସମ୍ପର୍କରେ ସେ ଆମକୁ ଅବଗତ କରାଇବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି କହିଛନ୍ତି।

ଚୟନ କମିଟିର ପ୍ରସ୍ତାବ ଅନୁସାରେ ଏବେକାର କୋଚ୍ ସଞ୍ଜୟ ବାଙ୍ଗର ଦ୍ୱିତୀୟ ଓ ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ମାର୍କ ରାମପ୍ରକାଶ ତୃତୀୟ ସ୍ଥାନରେ ରହିଥିଲେ। ସପୋର୍ଟ ଷ୍ଟାଫ୍‌ମାନଙ୍କ ମଧ୍ୟରେ କିଛି ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଥିଲୁ ବୋଲି ଜୋହରି କହିଛନ୍ତି। ପୂର୍ବତନ ମୁମ୍ବାଇ ଫିଜିଓ ନିତିନ ପଟେଲ ୨୦୧୧ରେ ଜାତୀୟ ଦଳ ପାଇଁ କାର୍ଯ୍ୟ କରିଥିଲେ ଓ ସେ ଏଥର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଇଂଲଣ୍ଡର ଲୁକ୍ ଉଡ୍‌ହାଉସ୍ ଷ୍ଟ୍ରେନ୍ଥ ଓ କଣ୍ଡିସନିଙ୍ଗ୍ (ଟ୍ରେନର) କୋଚ୍ ହିସାବରେ ନିଯୁକ୍ତ ହୋଇଛନ୍ତି। ଅନ୍ୟପଟେ ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ପଦରୁ ସୁନୀଲ ସୁବ୍ରମନିୟମଙ୍କୁ ହଟାଯାଇଛି। ଚଳିତ ୱେଷ୍ଟଇଣ୍ଡିଜ୍ ଗସ୍ତରେ ସେ ଭାରତୀୟ ଦୂତାବାସର ଅଧିକାରୀଙ୍କୁ ଦୁର୍ବ୍ୟବହାର କରି ବିବାଦ ସୃଷ୍ଟି କରିଥିଲେ। ତାଙ୍କ ସ୍ଥାନରେ ଗିରିଶ ଡୋଙ୍ଗ୍ରେଙ୍କୁ ନିଯୁକ୍ତି ଦିଆଯାଇଛି।



ବିକ୍ରମ ରାଠୋର, ଆର. ଶ୍ରୀଧର ଓ ଭରତ ଅରୁଣ


## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀ ରବିନାୟକ ସାର୍**

ଭୀମଟାଙ୍ଗୀ, ଭୁବନେଶ୍ୱର

ଆପଣ ଜଣେ ବରିଷ୍ଠ ଆଇନଜୀବୀ, RN B.Ed College, RN +2 Junior College ଓ RN Degree College ର ପ୍ରତିଷ୍ଠା କରି ଶିକ୍ଷା କ୍ଷେତ୍ରରେ ଆପଣ ଅନନ୍ୟ ଭୂମିକା ନିଭାଇଛନ୍ତି। ଆପଣଙ୍କ ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ।

RN Group of College ର କର୍ମଚାରୀ ବୃନ୍ଦ।

ଧ-୬୭୨୧୬

## ଜନ୍ମଦିନ ଶୁଭେଚ୍ଛା



**ଦେବାଶିଷ ଦେବାଙ୍ଗ (ସୋମୁ)**

ଆଜି ତୋର ଜନ୍ମବାର୍ଷିକରେ ପ୍ରଭୁ ସୋମନାଥ ତୋ ଜୀବନରେ ସର୍ବଦା ସୁଖ, ଶାନ୍ତି ଭରିଦିଅନ୍ତୁ, ଦୀର୍ଘାୟୁ ଓ ଯଶସ୍ୱୀ କରି ଜନୈକ ଉତ୍ତମ ମଣିଷ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛାସହ:

ଜେଜେ, ଜେଜେମା, ବାପା– ବିପିନ, ମା'– ତନ୍ମୟୀ, ବୋଉ, ଦାଦା, ଖୁଡ଼ୀ ଓ ପରିବାରବର୍ଗ।

ଧ-୧୩୯୭୫

## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀ ରବିନାୟକ ସାର୍**

ହେ ରବିନାୟକ ସାର, ଆପଣ ଓଡ଼ିଶାର ରାଜେଶ୍ୱାନା ଅଟନ୍ତି। ଆପଣ Orissa Film & TV Institute / Indian School of Drama, Ravi Nayak Academy of Film & TV ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା। ୧୯୯୩ ମସିହାରୁ ଦୀର୍ଘ ୨୬ ବର୍ଷଧରି ଚଳଚ୍ଚିତ୍ର, ଦୂରଦର୍ଶନ ନାଟକ ଓ ଯାତ୍ରା ଜଗତକୁ ବହୁ ନାମୀ କଳାକାର ଦାନ କରିଛନ୍ତି। ସେଥିପାଇଁ ଆଜି ଆପଣଙ୍କ ଜନ୍ମତିଥିରେ ଆମ୍ଭେ ଭକ୍ତିପୂତ ପ୍ରଣାମ ଜଣାଉଛୁ।

ଶୁଭେଚ୍ଛା ସହ

Indian School of Drama ର ଛାତ୍ରଛାତ୍ରୀ ମାନେ।

ଧ-୬୭୨୧୪

## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀ ରବିନାୟକ ସାର୍**

ଭୀମଟାଙ୍ଗୀ, ଭୁବନେଶ୍ୱର

ହେ ରବିନାୟକ ସାର୍, ଆପଣ Rabi Nayak Film Studio/ Rabi Nayak TV Studio/ Rabi Nayak Acting Studio/ Rabi Nayak Dance Studio/ RN Films/ Rabi Nayak TV.com (Youtube)/ Rabi Nayak Bhati TV/ Rabi Nayak Music Studio/ Rabi Nayak Editing Studio ପ୍ରତିଷ୍ଠା କରି କଳା ଜଗତକୁ ବୁଦ୍ଧିମନ୍ତ କରିଛନ୍ତି। ଆପଣଙ୍କର ଏହି ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କର ଆଶୀର୍ବାଦ ଭିକ୍ଷା କରୁଛୁ। RN Studio ର ସମସ୍ତ ଟେକ୍‌ନିସିଆନ୍‌ମାନେ।

ଧ-୬୭୨୧୫


# ତୃତୀୟ ଆଶେସ ଟେଷ୍ଟ: ଅଷ୍ଟ୍ରେଲିଆ ୧୩୬/୩

ଲିଡ୍ସ (ୟୁନାଇଟେଡ କିଙ୍ଗଡମ୍), ୨୨।୮ (ଏଏଫ୍‌ପି)

ସ୍ଥାନୀୟ ହେଡିଂଲେଠାରେ ଗୁରୁବାର ତୃତୀୟ ଆଶେସ ଟେଷ୍ଟ ଆରମ୍ଭ ହୋଇଛି। ମେଘୁଆ ପାଗ ବୋଲରଙ୍କୁ ସୁହାଇବ ବୋଲି ଆଶା ରଖି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଅଷ୍ଟ୍ରେଲିଆ ଖବରନେବା ବେଳକୁ ୩ ଉଇକେଟ ବିନିମୟରେ ୧୩୬ ରନ କରିଥିଲା। ଡେଭିଡ ୱାର୍ନର ୬୧ ଏବଂ ମାର୍ନସ ଲବୁସ୍କେନ ୪୮* ରନ କରିଛନ୍ତି। ମାର୍କସ ହାରିସ ଏବଂ ଉସ୍‌ମାନ ଖ୍ୱାଜା ୮ ରନ ଲେଖାଏଁ କରି ପ୍ୟାଭିଲିୟନ ଫେରି ସାରିଥିଲେ।

ବର୍ଷାଜନିତ କାରଣରୁ ଖେଳ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ପୂର୍ବରୁ ଡକରା ପାଇ ଆସିଥିବା ଅଷ୍ଟ୍ରେଲୀୟ ଓପନର ମାର୍କସ ହାରିସ ମାତ୍ର ୮ ରନ କରି ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ବେୟାରଷ୍ଟୋଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଦଳର ସ୍କୋର ସେତେବେଳକୁ ମାତ୍ର ୧୨ ରନ ଥିଲା। ମଧ୍ୟାହ୍ନ ଭୋଜନ ପୂର୍ବରୁ ମାତ୍ର ୪ ଓଭର ବୋଲିଂ ସମ୍ଭବ ହୋଇଥିଲା। ଭ୍ରମଣକାରୀ ଦଳ ଏହି ମ୍ୟାଚରୁ ଓପନର କାମେରନ ବ୍ୟାଙ୍କ୍ରଫ୍ଟଙ୍କୁ ବାଦ୍ ଦେଇଥିଲା। ଏହି ବ୍ୟାଟ୍ସମ୍ୟାନ ଗତ ୪ଟି ଇନିଂସରେ ମାତ୍ର ୪୪ ରନ କରିବାରେ ସକ୍ଷମ ହୋଇଛନ୍ତି। ଡେଭିଡ ୱାର୍ନରଙ୍କ ପାର୍ଟନର ହେବାଲାଗି ହାରିସଙ୍କୁ ଦଳରେ ନେଇଥିଲା। ଲର୍ଡ୍ସଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ମ୍ୟାଚ ବର୍ଷାରେ ପ୍ରଭାବିତ ହେବା ସହ ଡ୍ର ଭାବେ ଶେଷ ହୋଇଥିଲା। ଉଭୟଙ୍କୁ ଇଂଲଣ୍ଡର ନୂଆ ବଲ୍ ବୋଲର ଷ୍ଟୁଆର୍ଟ ବ୍ରଡ୍ ଏବଂ ଆର୍ଚରଙ୍କ ବୋଲିଂ ବିରୋଧରେ ସଂଘର୍ଷ କରିବାକୁ ପଡ଼ିଥିଲା।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

# ଶ୍ରୀଲଙ୍କା ୮୫/୨

କଲମ୍ବୋ,୨୨।୮(ପି.ଟି.)

ଶ୍ରୀଲଙ୍କା ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଟେଷ୍ଟ ମ୍ୟାଚରେ ୬ ଉଇକେଟରେ ବିଜୟୀ ହୋଇଥିବା ଶ୍ରୀଲଙ୍କା ଦ୍ୱିତୀୟ ମୁକାବିଲାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ବର୍ଷା କାରଣରୁ ପ୍ରଥମ ଦିନର ଖେଳ ଏକାଧିକ ବାର ବାଧାପ୍ରାପ୍ତ ହୋଇଥିଲା। ପୁଣି ଖରାପ୍ ଆଲୋକ ମଧ୍ୟ ସମସ୍ୟା ସୃଷ୍ଟି କରିଥିଲା। ଫଳରେ ପ୍ରଥମ ଦିବସରେ ମାତ୍ର ୩୬. ୩ ଓଭର ଖେଳ ସମ୍ଭବ ହୋଇପାରିଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ପ୍ରଥମ ଦିନ ଖେଳି ଶେଷ ସୁଦ୍ଧା ୩୬.୩ ଓଭରରେ ୨ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତଥା ଓପନର ଦିମୁଥ କରୁଣାରତ୍ନେ ୪୯ ଓ ଆଞ୍ଜେଲୋ ମାଥ୍ୟୁସ କୌଣସି ରନ ନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ଲାହିରୁ ଥିରିମାନେ ୨ ଓ କୁଶଳ ମେଣ୍ଡିସ୍ ୩୨ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଗ୍ରାଣ୍ଡହୋମ ଓ ସମରଭିଲ୍ଲେ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ବିଜୟୀ ହୋଇ ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୬.୩ ଓଭରରେ ୮୫/୨ (କରୁଣାରତ୍ନେ -୪୯*, ମେଣ୍ଡିସ୍- ୩୨, ଗ୍ରାଣ୍ଡହୋମ- ୧/୧୪, ସମରଭିଲ୍ଲେ- ୧/୨୦ )।

# ରୁଷିଆ ଆଥଲେଟିକ୍ସ ଫେଡେରେଶନକୁ ମାରିୟାଙ୍କ ସମାଲୋଚନା

ମସ୍କୋ, ୨୨।୮

ରୁଷିଆ ଆଥଲେଟିକ୍ସ ଫେଡେରେଶନକୁ ଦେଶର ମହିଳା ହାଇଜମ୍ପ ବିଶ୍ୱ ଚାମ୍ପିୟନ ମାରିୟା ଲାସିଟ୍ସକେନ୍ ସମାଲୋଚନା କରିଛନ୍ତି। ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ପାଇଁ ରୁଷିଆ ୨୦୧୫ରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେବାପରେ ୨୬ବର୍ଷୀୟା ଲାସିଟ୍ସକେନ୍ ଜଣେ ନିରପେକ୍ଷ ଆଥଲେଟ୍ ଭାବେ ୨୦୧୭ରେ ଟାଇଟଲ ଜିତିଛନ୍ତି। ସେ କହିଛନ୍ତି, ବାସନ୍ଦ ମୁକ୍ତ ହେବା ଦିଗରେ ରୁଷିଆ ଆଥଲେଟିକ୍ସ ମହାସଂଘ ସେଭଳି କୌଣସି ପ୍ରୟାସ ହେଉଥିବା ମନେ ହେଉନାହିଁ। ଯାହା ଫଳରେ ଦେଶର ଉଦୀୟମାନ ଆଥଲେଟମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କାତାରରେ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭର କିଛିଦିନ ପୂର୍ବରୁ ଅର୍ଥାତ ସେପ୍ଟେମ୍ବର ୨୩ରେ ରୁଷିଆର ଷ୍ଟାଟସ ସମ୍ପର୍କରେ ଆଲୋଚନା ହେବ। ବର୍ଷାଧିକ କାଳ ଅନ୍ତର୍ଜାତୀୟସ୍ତରରେ ଅପରାଜେୟ ରହିଥିବା ଲାସିଟ୍ସକେନ୍ ଟାଇଟଲ ବଜାୟ ରଖିବାଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ସେ ରୁଷିଆର ଏକମାତ୍ର ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥଲେଟ୍ ଭାବେ ବିଶ୍ୱ ଟାଇଟଲ ଅଧିକାରିଣୀ ରହିଛନ୍ତି, ଯାହାକି ସେ ଲଣ୍ଡନରେ ଜିତିଥିଲେ। ଡୋପିଂ ପୃଷ୍ଠଭୂମି ନ ଥିବା ଲାସିଟ୍ସକେନ୍‌ଙ୍କ ଭଳି ରୁଷିଆର କିଛି ଆଥଲେଟ ନିରପେକ୍ଷ ପତାକା ଅଧୀନରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଉଛନ୍ତି। ସେମାନଙ୍କୁ ଅନ୍ୟ ଦେଶ ଆଥଲେଟମାନଙ୍କ ତୁଳନାରେ ଅଧିକ ଥର ଏବଂ କଡ଼ାକଡ଼ି ଡୋପ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡୁଛି। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଗଣ ଡୋପିଂର ପ୍ରାମାଣିତ ତଥ୍ୟ ଉପସ୍ଥାପନ କରିବା ପରେ ରୁଷିଆ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଛି। ନିର୍ଦ୍ଦେଶ ଅନୁସାରେ ଦେଶରେ ଡୋପିଂ ନିରୋଧୀ ଅଭିଯାନ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ରୁଷିଆ ଆଥଲେଟିକ୍ସ ମୁଖ୍ୟମାନେ ବିଫଳ ହୋଇଥିବାରୁ ଜୁନ୍‌ରେ ସସ୍‌ପେଣ୍ଡ ମିଆଦକୁ ବୃଦ୍ଧି କରାଯାଇଛି।



ମାରିୟା ଲାସିଟ୍ସକେନ୍

# ର୍‍ୟାମ୍ପରେ ଚାଲିଲେ ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ, ୨୨।୮

ଭାରତୀୟ କ୍ରିକେଟ୍ ଦଳ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାରେ ବ୍ୟସ୍ତ ରହିଛି। କିନ୍ତୁ ଏହି ସିରିଜରୁ ବିଶ୍ରାମ ପାଇଥିବା ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏକ ର୍‍ୟାମ୍ପ୍ ଶୋ'ରେ ଚାଲୁଥିବାର ଦେଖିବାକୁ ମିଳିଛି। ପ୍ରସାଧାନ ସାମଗ୍ରୀ ନିର୍ମାତା କମ୍ପାନୀ ଲାକ୍‌ମି ଫ୍ୟାଶନ ୱିକ୍ ଅବସରରେ ଅଭିନେତ୍ରୀ ଲିସା ହେଡେନଙ୍କ ସହ ପାଣ୍ଡ୍ୟା ଏକାଠି ର୍‍ୟାମ୍ପ୍‌ରେ ଚାଲୁଥିବାର ନଜରକୁ ଆସିଛନ୍ତି। ଡିଜାଇନର୍ ଅମିତ୍ ଅଗ୍ରୱାଲ ମଧ୍ୟ ଏହି ଅବସରରେ ଷ୍ଟେଜରେ ଉପସ୍ଥିତ ରହିଥିଲେ। ପାଣ୍ଡ୍ୟା ଏକ ମେରୁନ ରଙ୍ଗର ଡ୍ରେସ୍ ଓ ଲିସା ମଧ୍ୟ ସେହି ସମାନ ରଙ୍ଗର ଶାଢ଼ି ପରିଧାନ କରିଥିଲେ। 'କଫି ୱିଥ୍ କରନ୍'ର ବିବାଦୀୟ ଶୋ ପରେ ପାଣ୍ଡ୍ୟାଙ୍କୁ କୌଣସି ଇଭେଣ୍ଟରେ ଦେଖିବାକୁ ମିଳି ନ ଥିଲା। ଏହି ର୍‍ୟାମ୍ପ୍ ଶୋ'ର ଏକ ଭିଡିଓ ପାଣ୍ଡ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ର୍‍ୟାମ୍ପ ଶୋ ଅବସରରେ ଅଭିନେତ୍ରୀ ଲିସା ହେଡେନଙ୍କ ସହ କୁନାଲ ଓ ହାର୍ଦ୍ଦିକ ପାଣ୍ଡ୍ୟା।


## ମନେ ପଡ଼ନ୍ତି

### ୧୯ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ସିଂ (ଓପିଏସ୍)

(ପୂର୍ବତନ ଅବସରପ୍ରାପ୍ତ ଡି.ଏସ୍.ପି)

ଜଗନ୍ନାଥ ଭବନ, କୁଞ୍ଜକାନ୍ତ, ଢେଙ୍କାନାଳ

ଆବିର୍ଭାବ: ୨୭।୦୩।୧୯୪୩

ତିରୋଧାନ: ୨୩।୦୮।୨୦୦୦

ଆଜି ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:

ବନ୍ଧୁ ଓ ପରିବାରବର୍ଗ।

ଧ-୬୬୮୧୫

### ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁମନ୍ ପଟ୍ଟନାୟକ

ତିରୋଧାନ : ୨୩.୦୮.୨୦୧୦

ଆଜିର ପୁଣ୍ୟତିଥିରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ

ପରିବାରବର୍ଗ

ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୧୪୦୦୫

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅଧ୍ୟାପିକା ସ୍ୱାତୀ ମହାନ୍ତି

ବି-୮, ମେଟ୍ରୋ ଟାୱାର, ଭୋଇନଗର, ଭୁବନେଶ୍ୱର-୨୨

ଆବିର୍ଭାବ: ୧୯।୦୪।୧୯୫୮

ତିରୋଧାନ: ୦୭।୦୯।୨୦୦୪

(ଜନ୍ମାଷ୍ଟମୀ)

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ

ଲକ୍ଷ୍ମୀନୃସିଂହ ଓ ରୋନିତ୍

ଧ-୬୧୦୬୧

### ଦଶାହ ଉପଲକ୍ଷେ



୰ ପ୍ରାଣ ରଞ୍ଜନ ପାଣି

ଆବିର୍ଭାବ : ୧୬.୧୨.୧୯୬୨

ତିରୋଧାନ : ୧୪.୦୮.୨୦୧୯

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ । ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୬୧୯୨୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୩/୨୦୧୯ Sambalpur, Friday, August 23 / 2019




# ବିଦ୍ୟୁତ୍ ନେଲା ଜୀବନ

ବନ୍ତ, ୨୨।୮ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଗଭିଗଡ଼ିଆ ଗ୍ରାମର ଯଦୁନାଥ ନନ୍ଦ(୪୦)ଙ୍କର ଗୁରୁବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସକାଳ ପ୍ରାୟ ସାଢ଼େ ୮ଟା ବେଳେ ସେ ଘର ପାଖରେ କୌଣସି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।







# କ୍ଷୀର କରିଛି ଆତ୍ମନିର୍ଭରଶୀଳ



ନିରାକାର ଡିଲା। ବୟସ ୨୭। ସକାଳେ ସୂର୍ଯ୍ୟ ଉଇଁଲାବେଳକୁ ସାଇକେଲରେ କ୍ଷୀର ବୋତଲ ଭରା ବ୍ୟାଗ୍ ଧରି ଘରକୁ ଘର ପହଞ୍ଚି ଯାଆନ୍ତି ସେ । ସମସ୍ତଙ୍କ ପରି ତାଙ୍କର ମଧ୍ୟ ଇଚ୍ଛା ଥିଲା କଲେଜ ପାଠପଢା ସାରି ଚାକିରି କରିବେ। ମାତ୍ର ପରିବାରର ଆର୍ଥିକ ବୋଝକୁ ହାଲୁକା କରିବାକୁ ନିଜେ ଆତ୍ମନିର୍ଭରଶୀଳ ହେବା ପାଇଁ ସେ ଅଣ୍ଟା ଭିଡ଼ିଥିଲେ । ସେଥିପାଇଁ ତାଙ୍କୁ କଲେଜ ପାଠକୁ ଅଧାରୁ ଡୋରି ବାନ୍ଧିବାକୁ ପଡିଥିଲା। କ୍ଷୀର ବ୍ୟବସାୟ ଓ ଚା ଦୋକାନ କରି ଏବେ ସେ ନିଜ ଗୋଡରେ ସମ୍ମାନର ସହ ଛିଡା ହେବାକୁ ସକ୍ଷମ ହୋଇପାରିଛନ୍ତି। ପ୍ରତିଦିନ ଭୋର ୪ଟାରୁ ଉଠିପଡନ୍ତି ନିରାକାର। ସୁନ୍ଦରଗଡ଼ଠାରୁ ୧୯ କି.ମି. ଦୂର ସର୍ଗିପାଲି ଛକରେ ଥିବା ତାଙ୍କ ଚା ଦୋକାନ ଭୋର ୫ଟା ବେଳକୁ ଖୋଲେ। ଏହାପରେ ଆଖପାଖ ଗ୍ରାମାଞ୍ଚଳରୁ ପ୍ରାୟ ୧୦୦ଲିଟର କ୍ଷୀର ତାଙ୍କ ପାଖରେ ପହଞ୍ଚିଯାଏ। ଏଥିରୁ ୨୦ ଲିଟର ଚା' ଦୋକାନ ପାଇଁ ରଖନ୍ତି । ୨୦ଲିଟର କ୍ଷୀର ସ୍ଥାନୀୟ ସର୍ଗିପାଲି ଗ୍ରାମରେ ବିକ୍ରୀ କରନ୍ତି । ଅବଶିଷ୍ଟ ୬୦ଲିଟର କ୍ଷୀର ଧରି ବସ୍‌ରେ ସେ ସୁନ୍ଦରଗଡ଼ ସହରକୁ ଚାଲି ଆସନ୍ତି। ସୁନ୍ଦରଗଡ଼ ଆର୍‌ଆର୍‌ଆଇଟି କଲୋନୀରେ ନିଜ ସମ୍ପର୍କୀୟଙ୍କ ଘରେ ରଖିଥିବା ସାଇକେଲରେ କ୍ଷୀର ବୋତଲ ଭର୍ତ୍ତି ବ୍ୟାଗ ଝୁଲାଇ ସେ ଘରକୁ ଘର ଯାଇ ବିକ୍ରୀ କରିଥାଆନ୍ତି। ଦିନ ପ୍ରାୟ ୧୧ଟା ପର୍ଯ୍ୟନ୍ତ ତାଙ୍କୁ ଏଥିପାଇଁ ସାଇକେଲ ଚଳାଇ ବୁଲିବାକୁ ପଡିଥାଏ । ଦିନ ୧୨ଟା ସୁଦ୍ଧା ସେ ସର୍ଗିପାଲି ନିକଟସ୍ଥ ଢେଲସରା ବଞ୍ଜିରିବସ୍ଥିତ ନିଜ ଘରେ ପହଞ୍ଚି ଯାଆନ୍ତି। ଏହାପରେ ଗାଧୋଇ ସାରି ମଧ୍ୟାହ୍ନଭୋଜନ, ତାପରେ ସାମାନ୍ୟ ବିଶ୍ରାମ ନେଇ ଅପରାହ୍ନ ପ୍ରାୟ ୪ଟାବେଳେ ସର୍ଗିପାଲିସ୍ଥିତ ଚା'ଦୋକାନକୁ ଆସନ୍ତି । ରାତି ୯ଟା ପରେ ତାଙ୍କର ଦୋକାନ ବନ୍ଦ ହୁଏ । ଘରକୁ ଫେରି ରାତ୍ରିଭୋଜନ ପରେ ବିଛଣାକୁ ଯାଉଯାଉ ୧୧ଟା ହୋଇଯାଏ।

ମା ରମ୍ଭା ଓ ବାପା ସୁରେନ୍ଦ୍ରଙ୍କ ୩ ପୁଅ ମଧ୍ୟରୁ ନିରାକାର ମଝିଆଁ। ଯେତେବେଳେ ତାଙ୍କୁ ୫ରୁ ୬ ବର୍ଷ ବୟସ ହୋଇଥିଲା ସେତେବେଳେ ମାଆ ତାଙ୍କୁ ଛାଡି ଆରପୁରକୁ ଚାଲିଗଲେ। ସ୍ୱଳ୍ପ ଚାଷଜମିକୁ ଭରସା କରି ୩ ସନ୍ତାନଙ୍କ ପ୍ରତିପୋଷଣ ଭାର ବାପାଙ୍କ ଉପରେ ପଡିଥିଲା। ବଡଭାଇ ଅଲେଖଙ୍କ ବିବାହ ପରେ ନିରାକାର ଓ ସାନଭାଇ ଗଣେଶଙ୍କ ପାଠପଢା ଖର୍ଚ୍ଚ ମଧ୍ୟ ତୁଲାଉଥିଲେ ବାପା। ନିରାକାର ସୁନ୍ଦରଗଡ଼ ସରକାରୀ କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଥିବା ବେଳେ ଆର୍ଥିକ ଅନଟନ ଯୋଗୁ ତାଙ୍କ ପାଠପଢାକୁ ଅଧାରୁ ବନ୍ଦ କରିବାକୁ ହେଲା । ବାଧ୍ୟହୋଇ ଚା ଦୋକାନ ଓ କ୍ଷୀର ବ୍ୟବସାୟକୁ ତାଙ୍କୁ ଆପଣାଇବାକୁ ପଡିଲା। ଏବେ ଚା' ଦୋକାନରେ ସାନଭାଇ ତାଙ୍କୁ ସାହାଯ୍ୟ କରୁଛନ୍ତି। ଦୈନିକ ୩ ଶହରୁ ୪ଶହ କପ୍ ଚା ବିକ୍ରି କରୁଥିବା ନିରାକାର କ୍ଷୀର ବ୍ୟବସାୟରୁ ପ୍ରତିଦିନ ୫ଶହରୁ ଉର୍ଦ୍ଧ୍ୱ ଟଙ୍କା ଲାଭ କରିଥାନ୍ତି ବୋଲି କୁହନ୍ତି। କଠିନ ପରିଶ୍ରମ ଓ ଦୃଢ ଆତ୍ମବିଶ୍ୱାସ ବଳରେ ଜୀବନରେ ସବୁ ଅସମ୍ଭବକୁ ସମ୍ଭବ କରିହେବ ବୋଲି ସେ କୁହନ୍ତି ।

ଦିନକର କାହାଣୀ

**ରିପୋର୍ଟ: ଜୟନାରାୟଣ ମେଣ୍ଡୁଲି**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ସ୍ୱଭାବ କବି ମେହେରଙ୍କ ଜୟନ୍ତୀ ପାଳିତ

**ପାଇକମାଳ,୨୨।୮(ଡି.ଏନ.ଏ):** ପାଇକମାଳ ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହାସମାରୋହରେ ବୁଧବାର ପାଳିତ ହୋଇଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ଚାରୁଚରଣ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ବିଶ୍ୱନାଥ ସାହୁ ଗଙ୍ଗାଧରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇ କୃତୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକଙ୍କ ଅଧକ୍ଷତାରେ ମେହେର ଜୟନ୍ତୀ ପାଳନ କରାଯାଇଛି । ବରିଷ୍ଠ ଆଚାର୍ଯ୍ୟ ସୁଶୀଲ ମହାନନ୍ଦ, ଆଚାର୍ଯ୍ୟ ପ୍ରଶାନ୍ତ ହରିପାଲ ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବନମାଳି ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବ୍ୟାସଦେବ ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳ ବ୍ଲକର ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି ।

### ଶିଶୁ ମନ୍ଦିରରେ ବିଜ୍ଞାନମେଳା

**ପାଇକମାଳ, ୨୨।୮(ଡି.ଏନ.ଏ):** ପାଇକମାଳ ସରସ୍ୱତୀ ଶିଶୁ ମନ୍ଦିରର ରସାନନ୍ଦ ବାରିକଙ୍କ ତତ୍ତ୍ୱାଧାନରେ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜୟ ବାରିକ, ପ୍ରଶାନ୍ତ ହରିପାଲ ବିଚାରକ ଦାୟିତ୍ୱ ତୁଲାଇଥିବା ବେଳେ ବନମାଳି ବାଗ, ସୁଶୀଲ ମହାନନ୍ଦ, ବ୍ୟାସଦେବ ବଡ଼େଇଙ୍କ ସମେତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ ।

### ମାଛ ଯାଆଁଳ କେନ୍ଦ୍ରରେ ତାଲିମ

**ବରଗଡ଼ ଅଫିସ୍,୨୨।୮:** ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ, ବରଗଡ଼ ପକ୍ଷରୁ ମତ୍ସ୍ୟଚାଷୀଙ୍କୁ ଦିଆଯାଉଥିବା ତାଲିମକୁ ନେଇ ଗୁରୁବାର ପ୍ରଶିକ୍ଷାର୍ଥୀମାନେ ଭଟଲି ବ୍ଲକ ପିପଲମୁଣ୍ଡାଠାରେ ଥିବା ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଏଥିରେ ୩୫ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । ଜିଲା ମତ୍ସ୍ୟ ଅଧିକାରୀ ଫିଲିସିତା ଲାକ୍ରା, ଅବସରପ୍ରାପ୍ତ ମତ୍ସ୍ୟ ଅଧିକାରୀ ମୁକୁନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ, ବରଗଡ଼ର ନିର୍ଦ୍ଦେଶକ ଡିଙ୍ଗର ଭୋସାଗର ଉପସ୍ଥିତ ରହି ମତ୍ସ୍ୟ ଚାଷରେ ଆତ୍ମନିଯୁକ୍ତି ଉପରେ ଆଲୋକପାତ କରିଥିଲେ।

# ବନ୍ୟାରେ ନଈକୂଳିଆ ଚାଷୀ ସର୍ବସ୍ୱାନ୍ତ

**କନ୍ଧମାଳ,୨୨।୮(ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରେ ତେଲ ନଦୀ ବନ୍ୟାର ପ୍ରଭାବରେ ଚାଷୀମାନେ ସର୍ବସ୍ୱାନ୍ତ ହୋଇ ପଡିଛନ୍ତି। ଶହ ଶହ ଚାଷୀଙ୍କ ଫସଲକୁ ବନ୍ୟାଜଳ ସମ୍ପୂର୍ଣ୍ଣ ଉଜାଡି ଦେଇଛି। ବନ୍ୟାପାଣି ଛାଡିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଏଯାଏ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇନାହିଁ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି।

ତେଲ ନଦୀରେ ବନ୍ୟା ଆସିବା ଯୋଗୁ ନଦୀ କୂଳରେ ଥିବା ମାଣିକପୁର, ତମ୍ପାସିନା, ଗୁଆବାହାଲ, କମଘାଟ, ଉଦେପୁର, ମଲୀକୁଦ, ଘଂଟାପଡା, ଆମ୍ବଗହଣା, ଟୁଣ୍ଡୁମାଳ, କପାସିରା ଆଦି ଗାଁର ଧାନଫସଲ ଓ ଉଠାଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି । କେବଳ ଗୋଟିଏ ଗାଁ ଦପଲାର ଏକ ନମ୍ବର ଉଠାଜଳସେଚନ ପ୍ରକଳ୍ପର ଚାଷୀ ପୂର୍ଣ୍ଣ ରଣାଙ୍କ ୨ ଏକର, ଋଷି ରଣାଙ୍କ ୨ ଏକର, ବଳଦେବ ସେଠୀଙ୍କ ଦେଢ ଏକର, ସୀତାରାମ ରଣାଙ୍କ ୩ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ୨ ନମ୍ବର ଉଠାଜଳସେଚନ ପ୍ରକଳ୍ପର ଚାଷୀ ବିବେକ ରଣା, ଅଚ୍ୟୁତ ରଣା, ଅମ୍ୱେ ରଣା, ଅବସରା ସେଠୀ, ପରମେ ସେଠୀଙ୍କ ୧ ଏକର ଲେଖାଏଁ ଧାନ ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅରୂପ ରଣା, କୃଷ୍ଣ ରଣା, କୃତିବାସ ସେଠୀଙ୍କ ୨ ଏକର ଲେଖାଏଁ ଚାଷଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏ ନେଇ ଚାଷୀ ରୂପଲାଲ ରଣା କହିଛନ୍ତି ଯେ, ଆମର ପାଖେ ଆଉର ବିହନ ନାଇଁନ କି ଚାଷର ସମିଆ ବି ନାଇଁ। ଇ ବଛର ବଡିର ଲାଗି କ୍ଷେତପଡିଆ ପଡଲା । ବାସ୍ତବରେ ଏହି ଗୋଟିଏ ଗାଁରେ କ୍ଷତିଗ୍ରସ୍ତ ଚାଷୀଙ୍କ ସଂଖ୍ୟା ୩୦ ହୋଇଥିବା ବେଳେ କୃଷି ବିଭାଗ ତାର କ୍ଷୟକ୍ଷତି ଆକଳନରେ ୫୪ ଏକର ଦର୍ଶାଇଛି। ଏଯାଏ ରାଜସ୍ୱ ବିଭାଗ ଏ ନେଇ ଆକଳନ ଆରମ୍ଭ କରିନାହିଁ ଓ ଉଠାଜଳସେଚନ ବିଭାଗ କ୍ଷେତ୍ର ପରିଦର୍ଶନ କରିନାହିଁ । ସେହିପରି ବନ୍ୟାରେ ୧ ଓ ୨ ନମ୍ବର ଉଠାଜଳସେଚନ ପ୍ରକଳ୍ପର ଟ୍ରାନ୍ସଫର୍ମର ନଷ୍ଟ ହୋଇଛି। ୧ ନମ୍ବର ଉଠାଜଳସେଚନ ପ୍ରକଳ୍ପରେ ୧୪ଟି ବିଦ୍ୟୁତ ଖୁଣ୍ଟ ଓ ୨ନମ୍ବର ପ୍ରକଳ୍ପରେ ୭ଟି ଖୁଣ୍ଟ ଉପୁଡି ପଡିଛି। ବିବସ୍ତ ରଣା, ବିବେକ ରଣା, ଅଚ୍ୟୁତ ରଣା, ଅମ୍ୱେ ରଣାଙ୍କ ପରି ପ୍ରାୟ ୧୦ଜଣ ଚାଷୀଙ୍କ କ୍ଷେତରେ ଧାନ ଗଛର ଚିହ୍ନବର୍ଣ୍ଣ ନାହିଁ। କ୍ଷତିଗ୍ରସ୍ତ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଆଉ ଚାଷ ଉଠିଆ କରିବାକୁ ହାତରେ ବିହନ କି ସମୟ ନାହିଁ। ଯଥା ଶୀଘ୍ର କ୍ଷୟକ୍ଷତି ଆକଳନ, ଉଠାଜଳସେଚନ ପ୍ରକଳ୍ପର ମରାମତି ସହିତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ପ୍ରତିକ୍ରିୟା ଜଣାପଡିନାହିଁ।



ବନ୍ୟାରେ ଚାଷଜମିରେ ଧାନଗଛଗୁଡିକ ପଚି ନଷ୍ଟ ହୋଇଯାଇଛି ।




ରେଶମ ଗ୍ରାମପଞ୍ଚାୟତର ସରପଞ୍ଚ ଓ ଇଓ ରାସ୍ତା ସଫେଇ କରୁଛନ୍ତି ।

## ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ ଉଦ୍ୟମ

**ଭେଡ଼େନ,୨୨।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରେଶମ ଗ୍ରାମରେ ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଭେଡ଼େନରୁ ବରପାଲି ଯିବା ରାସ୍ତାରେ ରେଶମ କେନାଲ ରାସ୍ତାକଡ଼ରେ ଯେପରି ଆଉ କେହି ଖୋଲା ମଳତ୍ୟାଗ ନ କରିବେ ସେ ଦିଗରେ ରେଶମ ଗ୍ରାମପଞ୍ଚାୟତ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଛି । ଏ ଦିଗରେ ଆଗକୁ ବଢ଼ିଛନ୍ତି ପଞ୍ଚାୟତର ନିର୍ବାହୀ ଅଧିକାରୀ ଯୁବ କବି ତରଣୀସେନ ଜେନା । ସେ ତାଙ୍କର କବିତା ମୋ ନାଁ ପାଇଖାନା ମାଧ୍ୟମରେ ଗ୍ରାମରେ ସଚେତନତା ସୃଷ୍ଟି କରିଛନ୍ତି। ମଙ୍ଗଳବାର ରେଶମ ସରପଞ୍ଚ ସଂଖ୍ୟାକାରୀ ଖମାରୀଙ୍କ ସହାୟତାରେ କେନାଲ ରାସ୍ତାକୁ ଟ୍ୟାଙ୍କରରେ ପାଣି ନେଇ ଧୋଇ ସଫା କରିବା ସହ ରାସ୍ତା କଡ଼ରେ ବ୍ଲିଚିଂ ପାଉଡ଼ର, କୀଟନାଶକ, ଘାସ ସଫା ଓ ଔଷଧ ସିଞ୍ଚନ କରିଛନ୍ତି। ପଞ୍ଚାୟତର ଶରତ ବିଶି, ଦେବାନନ୍ଦ ବଗର୍ତ୍ତି, ଅଶ୍ୱିନୀ ଭୋଇ, ନରେନ୍ଦ୍ର ରାଉତ, ଅଶ୍ୱିନୀ ସାହୁ, ରାତ୍ର ଛତର, ଅମିତ ସାହୁ, ବସନ୍ତ ଭୋଇ, ଭାନୁ ଗଣ୍ଡ ପ୍ରମୁଖ ଯୁବକ ଏହି କାମରେ ସହଯୋଗ କରିଥିଲେ । ଆଗାମୀ ଦିନରେ ଏହି କାମକୁ ଆଗେଇ ନେଇ ଏକ ସୁସ୍ଥ ଏବଂ ସ୍ୱଚ୍ଛ ରେଶମ ପଞ୍ଚାୟତ ଗଠନ କରିବା ଦଗରେ ପଦକ୍ଷେପ ନିଆଯିବ ବୋଲି ଇଓ ଜେନା ପ୍ରକାଶ କରିଛନ୍ତି।

## ବିଧାୟକ ସୁବଳ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

**ବରପାଲି, ୨୨।୮ (ଡି.ଏନ.ଏ)**

ବିଜେପୁର ବିଧାୟକ ସୁବଳ ସାହୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ବରପାଲିର ବିଭିନ୍ନ ସ୍ଥାନରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଗୁରୁବାର ସକାଳେ ସୁବଳ ସାହୁ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସମସ୍ତ ସଦସ୍ୟ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସୁବଳ ସେନା ଓ ଟ୍ରଷ୍ଟର ସଦସ୍ୟ ମିଳିତ ଭାବେ ଏକ ଶୋଭାଯାତ୍ରାରେ ଯାଇ ସୁବଳ ସାହୁ ଉଦ୍ୟାନରେ ପହଞ୍ଚିଥିଲେ। ସେଠାରେ ପୂର୍ବତନ ବିଧାୟିକା ରୀତା ସାହୁ, ପୂର୍ବତନ ବ୍ଲକ ଅଧକ୍ଷା ମୀନା ସେଠ, ଡାକ୍ତର ସରୋଜ ସେଠ, ଟ୍ରଷ୍ଟ ସମ୍ପାଦକ ବନ୍ତ ସେଠ, ସନ୍ତୋଷ ସାହୁ, ସଭାପତି ଅଚ୍ୟୁତାନନ୍ଦ ପଣ୍ଡା ପ୍ରମୁଖ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଗୁଣାବଳୀ ଆଲୋଚନା କରିଥିଲେ । ଶେଷରେ ସ୍ଥାନୀୟ ଆହାର କେନ୍ଦ୍ରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଗଣା ଆହାର ଦିଆଯାଇଥିଲା।



ଶିଶୁ ଉଦ୍ୟାନରେ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ।



ବିଧାୟକ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ଓ ଭତ୍ତା ବଣ୍ଟନ କରୁଛନ୍ତି ।

### ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ପଦ୍ମପୁର, ୨୨।୮ (ଡି.ଏନ.ଏ)**

ରାଜବୋଡାସମ୍ବର ପଞ୍ଚାୟତ ସମିତି ତରଫରୁ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଏବଂ ମଧୁବାବୁ ପେନସନ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କଂସର, ବୁଡାମାଲ, ମହୁଲପାଲି ଏବଂ ଡଙ୍ଗାଘାଟ ଗ୍ରାମପଞ୍ଚାୟତରୁ ୩୪୩ ଜଣ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ସକାଶେ କାର୍ଯ୍ୟାଦେଶ ଏବଂ ୨୭୪ ଜଣଙ୍କୁ ମଧୁବାବୁ ପେନସନ ବଣ୍ଟନ କରିଥିଲେ। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ବିଡିଓ ଏଲିଜା ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ସହକାରୀ ଜିଲାପାଳ ଦିପ୍ତୀମୟୀ ଭୁଏ, ଏବିଡିଓ ସୋନୁ ବାଗ, ସହକାରୀ ଯନ୍ତ୍ରୀ ଗୋପୀନାଥ କାଲୋ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାରଙ୍କ ସମେତ ସରପଞ୍ଚ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**ଭେଡ଼େନ,୨୨।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଫିସ୍ ପରିସରରେ ବିଭିନ୍ନ ଗ୍ରାମପଞ୍ଚାୟତର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଏବଂ ବିଜୁ କୃଷକ କଲ୍ୟାଣ କାର୍ଡ଼ ଗୁରୁବାର ବିତରଣ କରାଯାଇଛି । ବିଡ଼ିଓ ମୁରଲିଧର ନାୟକଙ୍କ ପରିଚାଳନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୩୦୨ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହାସହ ମୋଟ ୪୮୩୭ ଜଣଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନାର କାର୍ଡ଼ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ପୂର୍ବତନ ଜିଲା ପରିଷଦ ସଭ୍ୟ ରଣଜିତ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନିର୍ବାହି ଅଧିକାରୀଙ୍କ ସମେତ ବ୍ଲକର ଅଧିକାରୀମାନେ ସହଯୋଗ କରିଥିଲେ ।



ବିଧାୟିକା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବିତରଣ କରୁଛନ୍ତି ।

## ଡାଏଲିସିସ୍ ମେଶିନ ସ୍ଥାପନ ପାଇଁ ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଡାଏଲେସିସ୍ ମେଶିନ ସ୍ଥାପନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାହା ସ୍ଥାପନ କରାଯାଇ ନ ଥିବାରୁ ଜିଲାର କିଡ୍‌ନୀ ରୋଗୀମାନେ ବହୁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସ୍ଥାନୀୟ କିଡ୍‌ନୀ ରୋଗୀମାନେ ଜିଲା ବାହାରକୁ ଯାଇ ଖର୍ଚ୍ଚାନ୍ତରେ ପଡୁଥିବା ଅଭିଯୋଗ ହୋଇଛି । ଫଳରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଡାଏଲେସିସ୍ ମେଶିନ ତୁରନ୍ତ ସ୍ଥାପନ ସହିତ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ଗୁରୁବାର ସାମାଜିକ କର୍ମୀ ଗୁରପ୍ରୀତ ସିଂ, ଭବାନୀ ପ୍ରସାଦ ସାହୁ, ରମେଶ ମହାପାତ୍ର, ପବିତ୍ର ଦେହୁରୀ, ସ୍ୱରୂପ କୁମାର ଭୋଇ, ଅସିତ କୁମାର ସାହୁ, ମେରିୟମ ବାର୍ଲା ପ୍ରମୁଖ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଡାଏଲେସିସ୍ ମେଶିନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ସ୍ୱେଚ୍ଛାସେବୀମାନେ ।

## ଚିନିକଲ ନିରାପତ୍ତା କର୍ମଚାରୀଙ୍କୁ ମିଳିନି ୨୪ ମାସର ଦରମା

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ସହର ଉପକଣ୍ଠ ଡୋରାସ୍ଥିତ ସମବାୟ ଚିନିକଳରେ କାର୍ଯ୍ୟରତ ନିରାପତ୍ତା କର୍ମଚାରୀଙ୍କୁ ୨୪ମାସର ଦରମା ମିଳିନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗୁରୁବାର ନିରାପତ୍ତା କର୍ମଚାରୀମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ। ସେମାନେ ଜିଲାପାଳଙ୍କୁ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଦରମା ମିଳୁ ନ ଥିବା ନେଇ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ କେବଳ ଆଶ୍ୱାସନା ଛଡ଼ା ଅନ୍ୟ କିଛି ମିଳୁ ନ ଥିବା ନିରାପତ୍ତା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଆଗକୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଆସୁଛି। ସେହି ପର୍ବ ପାଳନ କରିବା ପାଇଁ ମଧ୍ୟ ହାତରେ କିଛି ଅର୍ଥ ନାହିଁ। ଫଳରେ ବକେୟା ଦରମା ପ୍ରଦାନ କ୍ଷେତ୍ରରେ ବିହିତ ପଦକ୍ଷେପ ନେବା ପାଇଁ ନିରାପତ୍ତା କର୍ମଚାରୀଦୀପରାଜ ପ୍ରସାଦ, ବଳିଷ୍ଠ ସାହୁ, ନନ୍ଦିକିଶୋର ରଣା, ରାଜକିଶୋର ଦୀପ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚିନିକଳର ନିରାପତ୍ତା କର୍ମଚାରୀ ।

## ଆହାର କେନ୍ଦ୍ରରେ ମଧ୍ୟାହ୍ନଭୋଜନ କଲେ ମନ୍ତ୍ରୀ

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ସହରସ୍ଥିତ ଆହାର କେନ୍ଦ୍ରରେ ଗୁରୁବାର ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମଧ୍ୟାହ୍ନ ଭୋଜନ କରିଛନ୍ତି । ମନ୍ତ୍ରୀ ସିଂ ଅପରାହ୍ନ ପ୍ରାୟ ଦେଢ଼ଟା ସମୟରେ ଆହାର କେନ୍ଦ୍ରକୁ ଆସି ବୁଲି ଦେଖିଥିଲେ ଏବଂ ମଧ୍ୟାହ୍ନ ଭୋଜନ କରୁଥିବା ଲୋକଙ୍କୁ ଭେଟି ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ସେ ପାଖରେ ଥିବା ଅନ୍ୟ ଜଣେ ବୃଦ୍ଧଙ୍କୁ ନିଜ ପାଖକୁ ଡାକି ତାଙ୍କ ସହିତ ସେଠାରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏପରିକି ଭୋଜନ ବାବଦକୁ ପ୍ରତି ମିଲ୍ ପିଛା ୫ଟଙ୍କା ହାରରେ ଟିକେଟ୍ କାଟି ତାହା ଆହାର କେନ୍ଦ୍ରରେ ପୈଠ ମଧ୍ୟ କରିଥିଲେ। ଆହାର କେନ୍ଦ୍ରର ଭୋଜନ ବହୁତ ଭଲ ଥିଲା ବୋଲି ଖାଇବା ପରେ ମନ୍ତ୍ରୀ ସିଂ କହିଥିଲେ। ମନ୍ତ୍ରୀଙ୍କ ସହିତ ବିଜୁ ଛାତ୍ର ଜନତା ଜିଲା ସଭାପତି କରନ ସିକନ୍ଦର, କମଳ ତାଣ୍ଡି, ଛବିଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଆହାର କେନ୍ଦ୍ରରେ ମନ୍ତ୍ରୀ ସୁଶାନ୍ତ ସିଂ ମଧ୍ୟାହ୍ନ ଭୋଜନ କରୁଛନ୍ତି ।

## ଡାକ୍ତରଖାନାରେ ସୁସ୍ଥ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ

**ଭଟଲି,୨୨।୮(ଡି.ଏନ.ଏ)**

କେବଳ ଶିକ୍ଷା ଗ୍ରହଣ ନୁହେଁ, ଶିକ୍ଷା ସହିତ ସମାଜସେବା ଛାତ୍ରୀଛାତ୍ରଙ୍କ ମୁଖ୍ୟ ଲକ୍ଷ୍ୟ ଅଟେ । ସେମାନେ ପାଠପଢ଼ା ସହିତ ନିଜ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ ଜରିଆରେ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଏହି କ୍ରମରେ ଗୁରୁବାର ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଗାଇଡ୍ ଛାତ୍ରୀ ଏବଂ ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଛାତ୍ରମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୃକ୍ଷରୋପଣ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ପାଇଁ ଛାଇ ସୃଷ୍ଟି କରିବା ସହିତ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ସାମାଜିକ କାର୍ଯ୍ୟ ସେମାନେ କରିଥିଲେ। ଏହାସହିତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସର୍ବଦା ସଫାସୁତୁରା ରଖିବା ପାଇଁ ଉପସ୍ଥିତ ଡାକ୍ତରଖାନାର କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ପରେ ସୁସ୍ଥ ଓ ସୁନ୍ଦର ପରିବେଶ, ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟ ଶୀର୍ଷକ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ମଧ ଡାକ୍ତରଖାନା ପରିବେଶରେ ବୃକ୍ଷରୋପଣ କରି ନିଜ ଶରୀରକୁ ସୁସ୍ଥ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୀବ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିଏମ ମନୋରଞ୍ଜନ ପଧାନ, ଉମେଶ ଚନ୍ଦ୍ର ପଧାନ, ଦିପେନ୍ଦୁ ସରାଫ, ବିକାଶ ରଞ୍ଜନ ମହାପାତ୍ର, ପ୍ରଧାନ ଶିକ୍ଷକ ରବିନାରାୟଣ ଭୋଇ, ଶିକ୍ଷକ ଅଶୋକ କୁମାର ଡନସନା, କ୍ରୀଡ଼ା ଶିକ୍ଷକହିମାଂଶୁଶେଖର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସ୍କାଉଟ ଗାଇଡ ଛାତ୍ରୀଛାତ୍ର ଓ ଅନ୍ୟମାନେ ।



"ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।

- ଚାଣକ୍ୟ



## ସଂକ୍ଷେପରେ

### ବିନିକା ଅଞ୍ଚଳରୁ ୪ ଶିଶୁ ଶ୍ରମିକ ଉଦ୍ଧାର

**ସୋନପୁର,୨୨।୮(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରୁ ଗୁରୁବାର ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସହକାରୀ ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ, ଗ୍ରାମୀଣ ଶ୍ରମ ନିରୀକ୍ଷକ ପୂର୍ଣ୍ଣମଣି ସୋରେନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ମଣ୍ଡଳ ବିନିକାର ପାଣିଗ୍ରାହୀ ହୋଟେଲରୁ ୨ ଜଣ ଓ ବିନିକା ଏବଂ ବିଶାଳପାଲି ଢାବାରୁ ଜଣେ ଲେଖାଏଁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଥିଲା। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଶିଶୁମାନଙ୍କୁ ସୋନପୁର ଶିଶୁଗୃହରେ ରଖାଯାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ବରୁଣ କୁମାର ମହାନ୍ତି ଓ ଦିଲ୍ଲିପ କୁମାର ମୁଖୀ ଉପସ୍ଥିତ ଥିଲେ ।

### ବନ୍ୟାବିପନ୍ନଙ୍କୁ ସହାୟତା ପ୍ରଦାନ

**ତରଭା, ୨୨।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ଗତ ୧୩ତାରିଖରେ ଦେଖାଦେଇଥିବା ବନ୍ୟାରେ ପ୍ରଭୁତ କ୍ଷତି ହୋଇଛି। ବରଗଡ ଜିଲା ଆନ୍ଦ୍ରକମ୍ପ ଖଣ୍ଡହତାର ସ୍ୱେଚ୍ଛାକୃତ ରକ୍ତଦାତା ସଂଗଠନ ନିଷ୍ପାପକ୍ଷରୁ ତରଭା ବ୍ଲକର ତୁଲୁଣ୍ଡା, ନର୍ଡା, ନାଧରା ଓ ତରଭା ଏନଏସିର ହରିଜନ ପଡା, ଚମାରପଡାରେ ବନ୍ୟା ପ୍ରପୀଡିତ ଜନସାଧାରଣଙ୍କୁ ଧୋତି, ଶାଢୀ, ଗାମୁଛା, ପୋଷାକ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସଂସ୍ଥାର ସଭାପତି ରକ୍ଷପାଲ ସାହୁ, ଅଶ୍ୱିନୀ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ସାହୁଙ୍କ ସମେତ ସଂଗଠନର ୫୦ଜଣ ସଭ୍ୟ ଏଥିରେ ସାମିଲ ଥିଲେ। ସେହିପରି ତରଭା ଥାନାର ପୂର୍ବତନ ତଥା ସମ୍ବଲପୁର ଜିଲା ରେଙ୍ଗାଲି ଥାନାର ଆଇଆଇସି ସୁରୁବାବୁ ଛତ୍ରିଆଙ୍କ ତତ୍ତ୍ୱାବଧାନରେ ତରଭା ଅଞ୍ଚଳର ବନ୍ୟା ପୀଡିତ ଅର୍ନ୍ତିତା, ସରଗଜ, ନର୍ଡା, ତୁଲୁଣ୍ଡା ଆଦି ଅଞ୍ଚଳରେ ୫ଦିନ ଧରି ଟ୍ୟାଙ୍କର ଯୋଗେ ପାନୀୟ ଜଳ ବଣ୍ଟନ କରିଥିଲେ ।

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ଗାଇସିଲେଟ୍,୨୨।୮(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଗୌରେନମୁଣ୍ଡା ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ବବଲୁ ସାହୁ(୧୬)ଙ୍କ ମୃତ୍ୟୁ ହୋଇଛି । ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ତାଙ୍କ ଶବ ବ୍ୟବଚ୍ଛେଦ ହୋଇଛି । ଗାଧୋଇବାକୁ ଯାଇଥିବା ବେଳେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

### ଡେଙ୍ଗୁରେ ଜଣେ ମୃତ

**ପାଇକମାଲ,୨୨।୮(ଡି.ଏନ.ଏ)** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପୁରେନା ଗ୍ରାମରେ ପାହାନ୍ତି ମୁଟକିଆ(୧୭)ଙ୍କ ଗୁରୁବାର ମୃତ୍ୟୁ ହୋଇଛି । ଡେଙ୍ଗୁଜ୍ୱରରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି । ଗତ କିଛିଦିନ ତଳେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ । ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାର ତାଙ୍କ ମୃତ୍ୟୁ ହୋଇଥିଲା । ଏହା ପୂର୍ବରୁ ଗ୍ରାମରେ ଅନ୍ୟ ଜଣେ ଡେଙ୍ଗୁ ଜ୍ୱରରେ ମୃତ୍ୟୁବରଣ କରିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

### ମାରଣାସ୍ତ୍ର ଦେଖାଇ ଲୁଟିନେଲେ ଟଙ୍କା, ମୋବାଇଲ

**ବିନିକା, ୨୨।୮(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧୀନ ଚରଦା-ଶଙ୍କରା ଖେଳ ପଡିଆ ନିକଟରେ ବୁଧବାର ରାତିରେ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଓ ଏକ ମୋବାଇଲ ଫୋନ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ମହଦା ଗାଁର ବିଦ୍ୟାଧର ପଧାନ ଏ ନେଇ ବିନିକା ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଧର ବିନିକା ଷ୍ଟେଟ୍‌ବ୍ୟାଙ୍କ ଶାଖା ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ଗତ ରାତି ପ୍ରାୟ ୯ଟାରେ ସେ କାମ ସାରି ବାଇକରେ ଘରକୁ ଫେରିବା ସମୟରେ ଖେଳ ପଡିଆ ନିକଟରେ ଚାରିଜଣ ଯୁବକ ତାଙ୍କୁ ଅଟକାଇଥିଲେ। ବାଇକ ଚାବି ନେଇ ଯାଇଥିଲେ। ପରେ ତାଙ୍କୁ ଠେଲାପେଲା କରିବା ସହ ପକେଟରେ ଥିବା ୬୫୦୦ ଟଙ୍କା ଓ ମୋବାଇଲ ଛଡାଇ ନେଇ ପଳାଇ ଯାଇଥିବା ବିଦ୍ୟାଧର ଥାନାରେ କରିଥିବା ଏତଲାରେ ଦର୍ଶାଇଛନ୍ତି।

# ପୋଲିସ ହେପାଜତରେ ଥିବା ବନ୍ଦୀ ହାତ କାଟି ଦେଲେ

**ବରଗଡ଼ ଅଫିସ୍,୨୨।୮**

କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିବା ଜଣେ ବିଚାରାଧୀନ ବନ୍ଦୀ ଗୁରୁବାର ପୋଲିସ ହେପାଜତରେ ଥିବାବେଳେ ଧାରୁଆ ସାମଗ୍ରୀରେ ନିଜ ହାତ କାଟି ଦେଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ବନ୍ଦୀ ଜଣକ ବରପାଲିର ନକୁଳ ମାଝି। ସେ ଜମୁର୍ଡ଼ା ଗୁଳିକାଣ୍ଡ, ବରପାଲିରେ ପିସ୍ତଲ ମୁନରେ ଜଣେ ସରପଞ୍ଚଙ୍କୁ ଧମକ ଦେବା ଘଟଣାରେ ଗିରଫ ହୋଇ ବରଗଡ଼ ସବଜେଲରେ ଥିଲେ।

ପ୍ରକାଶ ଯେ, ଗୁରୁବାର ପୋଲିସ ସୁରକ୍ଷା ବଳୟରେ ନକୁଳଙ୍କ ସମେତ ଅନ୍ୟ କେତେକ ବନ୍ଦୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିଲା। ସମସ୍ତ ବନ୍ଦୀ ପୋଲିସ ହେପାଜତରେ ଥିବାବେଳେ ନକୁଳ କୌଣସି ଏକ ଧାରୁଆ ସାମଗ୍ରୀରେ ନିଜ ହାତ ଓ ଶରୀରର ଅନ୍ୟ କିଛି ଅଂଶକୁ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ବନ୍ଦୀ।

କାଟି ହୋଇଥିଲେ। ଏହାପରେ ପୋଲିସ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ସୁରକ୍ଷା ବଳୟରେ ତାଙ୍କ ଚିକିତ୍ସା ଚାଲିଛି। ଏ ସମ୍ପର୍କରେ ବରଗଡ଼ ସବଜେଲ ସୁପରିଣ୍ଟେଣ୍ଡେଣ୍ଟ ନମିତା କୁଲୁଙ୍କୁ ପଚାରିବାରୁ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ସେଠାରେ ନକୁଳ ହାତ କାଟି ଦେଇଥିଲେ। ବର୍ତ୍ତମାନ ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା କହିଥିଲେ। ଉଲ୍ଲେଖନୀୟ, ଗତ ଜୁନ ୯ତାରିଖ ଜମୁର୍ଡ଼ା ଗ୍ରାମରେ ଏକ ଗୁଳିକାଣ୍ଡ ଘଟିଥିଲା ଏବଂ ଏଥିରେ ସମ୍ବଲପୁର ଜିଲା ଧମା ଥାନା ବରଗାଁ ଗ୍ରାମର ମୂଳ ବାସିନ୍ଦା ବସନ୍ତ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏହି ଗୁଳିକାଣ୍ଡ ଘଟଣାରେ ୬ ଅଭିଯୁକ୍ତ ସାମିଲ ଥିବା ପୋଲିସ ତଦନ୍ତରେ ଜଣାପଡ଼ିଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ନକୁଳ ଜଣେ ହୋଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଅମ୍ବାଭୋନା ଗ୍ରାମର ରାକେଶ ବେହେରା ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା। ସେହିପରି ନକୁଳ ଫେରାର ଥିବା ସମୟରେ ବରପାଲିରେ ମହଦା ସରପଞ୍ଚ ନାରାୟଣ ପ୍ରଧାନଙ୍କୁ ପିସ୍ତଲ ମୁନରେ ଧମକ ଦେଇ ଗତ ଜୁନ ୨୩ତାରିଖରେ ଗିରଫ ହୋଇଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ ପୋଲିସ ଜୁନ୍ ୨୯ତାରିଖରେ ଗିରଫ କରିଥିଲା। ସେହିଦିନଠାରୁ ନକୁଳ ଏବଂ ଅନ୍ୟ ଅଭିଯୁକ୍ତ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

■ ଫୁଡ୍ ଓଡ଼ିଶା ପୋର୍ଟାଲ ଲିଙ୍କ୍ ଫେଲ୍

# ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ବାଧାପ୍ରାପ୍ତ

**ବିନିକା, ୨୨।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ୧୦ଟି ପ୍ୟାକ୍ସରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କଠାରୁ ଧାନକ୍ରୟ ନେଇ ନାମ ପଞ୍ଜୀକରଣ ପ୍ରକ୍ରିୟା ବ୍ୟାହତ ହୋଇଛି। ଫୁଡ୍ ଓଡିଶା ପୋର୍ଟାଲ ଲିଙ୍କ୍ ଫେଲ୍ ରହୁଥିବାରୁ ଏହି ସମସ୍ୟା ଦେଖାଦେଇଛି। ଜିଲା ଯୋଗାଣ ବିଭାଗ ନିର୍ଦ୍ଦେଶମତେ ୨୦୧୯-୨୦ ଖରିଫ ଋତୁରେ ଧାନକ୍ରୟ କରିବା ପାଇଁ ଅଗଷ୍ଟ ୬ ତାରିଖଠାରୁ ବିନିକାର ସମସ୍ତ ପ୍ୟାକ୍ସ ଦ୍ୱାରା ଚାଷୀମାନଙ୍କୁ ନାମ ପଞ୍ଜୀକରଣ ଆବେଦନ ପତ୍ର ପ୍ରଦାନ କରାଯାଇଥିଲା। ୧୦ତାରିଖରୁ ଫୁଡ୍ ଓଡିଶା ପୋର୍ଟାଲ ଦ୍ୱାରା ଚାଷୀମାନଙ୍କର ଧାନକ୍ରୟ କରିବା ନିମନ୍ତେ ପ୍ୟାକ୍ସଗୁଡିକ ପକ୍ଷରୁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେଲା । ଏଥି ସହିତ ଜିଲା ଯୋଗାଣ ବିଭାଗ ଅଗଷ୍ଟ ୩୧ ତାରିଖ ମଧ୍ୟରେ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଅଗଷ୍ଟ ୫ତାରିଖ ଦିନ ଡୁଙ୍ଗୁରିପାଲି ଆରଏମ୍‌ସି ମାର୍କେଟ ୟାର୍ଡ ପରିସରରେ ଅନୁଷ୍ଠିତ ସଭାରେ ପ୍ୟାକ୍ସ ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ବର୍ତ୍ତମାନ ଲିଙ୍କ୍ ଫେଲ୍ ରହୁଥିବା କାରଣରୁ ଏହି ପଞ୍ଜୀକରଣ କାମ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ମତେ, ଗତ ୨୦୧୮-୧୯ ଖରିଫରେ ବିନିକାର ସମସ୍ତ ପ୍ୟାକ୍ସରେ ଅଗଷ୍ଟ ମାସରୁ ନଭେମ୍ବର ଯାଏଁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିଲା । ୮୫୦୦ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତକରିଥିଲେ। ମାତ୍ର ଚଳିତ ଖରିଫ୍ ଋତୁ ପାଇଁ ଅଦ୍ୟାବଧି ବ୍ଲକ ଅଧୀନ ୧୦ ପ୍ୟାକ୍ସରେ ଗୁରୁବାର ସୁଦ୍ଧା ମାତ୍ର ୨୧ଶହ ଜଣ ନିବେଦନ ପତ୍ର ଦାଖଲ କରିଥିବା ବେଳେ ସେମାନଙ୍କ ମଧ୍ୟରୁ କେବଳ ୧୦୮୭ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇପାରିଛି। ଏଣୁ ଏ ଦିଗରେ ବିଭାଗୀୟ ପ୍ରଶାସନ ଦୃଷ୍ଟିଦେଇ ନିର୍ଦ୍ଦେଶ ଥିବା ସମୟ ଅବଧିକୁ ବଢାଇବା ସହିତ ଫୁଡ୍ ଓଡିଶା ପୋର୍ଟାଲ ଲିଙ୍କ କିଭଳି ସର୍ବଦା ସଚଳ ରହିବ ସେ ଦିଗରେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ମ୍ୟାଲେରିଆ, ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୨୨।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଘିଚାପାଲି ଗ୍ରାମରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଓ ଯକ୍ଷ୍ମା ରୋଗର ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୱାର୍ଡସଭ୍ୟା ନିବେଦିତା ସାହୁ ଅଧ୍ୟକ୍ଷତା କରିଥିଲେ। ମହିଳା ଏଏନ୍‌ଏମ୍ ତାରାମଣୀ ନାଏକ, ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ରାଜକୁମାର ସାହୁ ଯୋଗଦେଇ ରୋଗର କାରଣ ଏବଂ ନିରାକରଣ ଉପରେ ଆଲୋଚନା କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ଉର୍ମିଳା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଗବରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ଗର୍ଭବତୀ, ପ୍ରସୂତୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁ ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱନାଥ ମହାକୁର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସା ପରିଦର୍ଶକ ବିଶିକେଶନ ରଥ, ସ୍ୱାସ୍ଥ୍ୟ ପରିଦର୍ଶିକା ନିରୂପମା ବକ୍ସି, ବାଗବର ପଞ୍ଚାୟତ କ୍ଷେତ୍ର ପରିଦର୍ଶିକା ନମିତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ଯକ୍ଷ୍ମା ରୋଗର ଲକ୍ଷଣ ଏବଂ ନିରାକରଣ ନେଇ ଲୋକଙ୍କୁ ସଚେତନ କରାଇଥିଲେ। ଆଶାକର୍ମୀ ବେଦମତୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଙ୍ଗନୱାଡି କର୍ମୀ କବିତା ତରିଆ ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ବଣ୍ଟନ

**ପାଇକମାଲ, ୨୨।୮(ଡି.ଏନ.ଏ)**

ପାଇକମାଲ ଥାନା ପରିସରରେ ବରିଷ୍ଠ ନାଗରିକମାନଙ୍କୁ ପ୍ରମାଣ ପତ୍ରବଣ୍ଟନ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇାଯାଇଛି। ବରଗଡ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାଇକମାଳ ବରିଷ୍ଠ ନାଗରିକ କମିଟି ସଭାପତି ନନ୍ଦଲାଲ ତ୍ରିବେଦୀ, ଭାଗ୍ୟଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପୂର୍ବରୁ ୭୧ ଜଣ ଆବେଦନ କରିଥିବା ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରୁ ୪୩ ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅବଶିଷ୍ଟ ୨୮ ଜଣଙ୍କୁ ପରିବର୍ତ୍ତୀ ସମୟରେ ଦିଆଯିବ। କାର୍ଡ ପାଇଥିବା ହିତାଧିକାରୀମାନେ ପାରିବାରିକ ଓ ଅନ୍ୟ କ୍ଷେତ୍ରରେ ଅବହେଳିତ ହେଲେ ପୋଲିସ ସେମାନଙ୍କୁ ସୁରକ୍ଷା ଯୋଗାଇଦେବ ବୋଲି ଆଇଆଇସି ମନବୋଧ କହିଥିଲେ। ସବ୍‌ଇନ୍ସପେକ୍ଟର ବିପିନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ୧ଲକ୍ଷ ଚାରାରୋପଣ ପାଇଁ ପ୍ରସ୍ତୁତି

**ସୋନପୁର,୨୨।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାକୁ ସବୁଜ ସୁନ୍ଦର କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆସନ୍ତା ୨୫ତାରିଖ ସାମୂହିକ ବୃକ୍ଷରୋପଣ କରାଯିବ। ଜିଲାବାସୀଙ୍କ ମିଳିତ ସହଯୋଗରେ ରବିବାର ପୂର୍ବାହ୍ନ ୯ଟାରୁ ୧୦ଟା ମଧ୍ୟରେ ୧ଲକ୍ଷ ଚାରାରୋପଣ ପାଇଁ ଲକ୍ଷ୍ୟ ରହିଛି। ସରକାରୀ, ବେସରକାରୀ ସଂସ୍ଥା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦିଆଯାଇଛି । ନିଜର ଚାଷ ଜମି, ପଡିଆ, କ୍ଷେତବାଡି, ସରକାରୀ ବେସରକାରୀ ଅନୁଷ୍ଠାନର ନିଜସ୍ୱ ଜମିରେ ବନବିଭାଗ ଦ୍ୱାରା ପ୍ରସ୍ତୁତ ଚାରା ନେଇ ରୋପଣ କରିବାକୁ ପରାମର୍ଶ ଦିଆଯାଇଛି। ସହର ଉପକଣ୍ଠ ଝିଙ୍କିଟିକ୍ରାରେ ଥିବା ଖାଲି ସ୍ଥାନରେ ୧୦ ହଜାର ଚାରା ରୋପଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଆୟୋଜିତ ଉତ୍ସବରେ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ, ଜିଲା ଆଇନସେବା ପ୍ରାଧିକରଣ, ପୋଲିସ ପ୍ରଶାସନ, ଶିକ୍ଷା ବିଭାଗ, ଶ୍ରମ ବିଭାଗ, ଜିଲା ଓକିଲ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନ ବିଭାଗର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଉତ୍ତପ୍ତ ଜିଲା ଭାବେ ପରିଗଣିତ ହେଉଥିବା ଏହି ଜିଲାରେ ସବୁଜିମା ସୃଷ୍ଟି କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ଜିଲାବାସୀ ନିଜର ସମର୍ଥନ ଜଣାଇବା ସହ ସକ୍ରିୟ ଅଂଶଗ୍ରହଣ କରିବାକୁ ସମ୍ମତି ଜଣାଇଛନ୍ତି। ଗୁରୁବାର ସର୍କିଟ୍ ହାଉସଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ଓ ଦୌରାଜଜ୍ ରାଜ କୁମାର ସାହୁ, ଏଡିଜେ ମାନସ ପଣ୍ଡା, ସିଜେଏମ ମାନସରଞ୍ଜନ ରଥ, ରେଜିଷ୍ଟ୍ରାର ସୁବ୍ରତ କୁମାର ଆଚାର୍ଯ୍ୟ, ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ତହସିଲଦାର ଅରବିନ୍ଦ ବେହେରା, ସୋନପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ମ୍ୟୁନିସିପାଲିଟି ଇଓ ଜଗଦୀଶଚନ୍ଦ୍ର ମହାନନ୍ଦ ଓ କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ ।



ପ୍ରସ୍ତୁତି ବୈଠକରେ ଜିଲାପାଳ, ଜିଲା ଦୌରାଜଜ୍, ଏସ୍‌ପି ଓ ଅତିରିକ୍ତ ଜିଲାପାଳ ପ୍ରମୁଖ ।

## ମେଗା ବୃକ୍ଷରୋପଣ ପାଇଁ ପ୍ରସ୍ତୁତି ବୈଠକ

**ତରଭା, ୨୨।୮(ଡି.ଏନ.ଏ.)**

ତରଭା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ବିଡିଓ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୫ତାରିଖରେ ହେବାକୁ ଥିବା ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମର ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୧ଟି ସ୍କୁଲ, ୨୦ଟି ପଞ୍ଚାୟତର ଏସ୍‌ଏସ୍‌ଜି ମହିଳା, ଓଡିଶା ଜୀବିକା ମିଶନର ସିଆରପି, ୨୦ଟି ପଞ୍ଚାୟତ, ଅଙ୍ଗନୱାଡି କେନ୍ଦ୍ର ଓ ରାସ୍ତାକଡରେ ବୃକ୍ଷରୋପଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ପଞ୍ଚାୟତ ୫୦୦ବୃକ୍ଷ ଲେଖାଏଁ ଓ ଓଡିଶା ଜୀବିକା ମିଶନର ସିଆରପି ଗ୍ରୁପ ୫୦୦ବୃକ୍ଷ, ପ୍ରତ୍ୟେକ ସ୍କୁଲରେ ଓ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ୫ଟି ଲେଖାଏଁ ବୃକ୍ଷରୋପଣ କରାଯିବ ବୋଲି ନଷ୍ପତ୍ତି ନିଆଯାଇଥିଲା। ତରଭା ବ୍ଲକ ଅଞ୍ଚଳରେ ପ୍ରାୟ ୨୭ହଜାର ବୃକ୍ଷରୋପଣ କରାଯିବ ବୋଲି ବିଡିଓ କହଁର ପ୍ରକାଶ କରିଥିଲେ। ଏହି ସବୁ ଚାରାଗୁଡିକ ଖାରୀ, ନାରାୟଣପୁର, ତିଲେଇମାଲ, କୁମ୍ଭାରମୁଣ୍ଡା ପ୍ରଭୃତି ନର୍ସରୀରୁ ଯୋଗାଇ ଦିଆଯିବ ବୋଲି କୁମ୍ଭାରମୁଣ୍ଡା ଫରେଷ୍ଟର ଭକ୍ତବନ୍ଧୁ ମିଶ୍ର ପ୍ରକାଶ କରିଥିଲେ । ବିଇଓ କେଶବ ମେହେର,ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଜିପିଇଓ ରାମଚନ୍ଦ୍ର ସାହୁ, ଜିଲାପରିଷଦ ସଭ୍ୟ ସରୋଜ କମ୍ପ ଓ ପ୍ରବୀଣ ନାଗ, ସରପଞ୍ଚ ଦଶରଥ ସାହୁ, ସୁରେଶ ନାଗ, ଅଶ୍ୱିନୀ ସାହୁ, ସମିତି ସଭ୍ୟ ହେମନ୍ତ ମାଝୀ, କୀର୍ତ୍ତନ ପୋଡଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ଜଳଯୋଗାଣ ପ୍ରକଳ୍ପ ପାଇଁ ଦାବିପତ୍ର ପ୍ରଦାନ

**ଅମରପାଲି, ୨୨।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ କମିରାରେ ଜଳଯୋଗାଣ ପ୍ରକଳ୍ପ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓଙ୍କୁ ଗ୍ରାମବାସୀ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ୪ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଲୋକସଂଖ୍ୟା ୩ ହଜାରରୁ ଅଧିକ। ଗ୍ରାମରେ ୧୦ବର୍ଷ ତଳେ ଏକ ଜଳଯୋଗାଣ ପ୍ରକଳ୍ପ କରାଯାଇଥିଲା। ମାତ୍ର ପାଣିଟାଙ୍କି କରାଯାଇ ନ ଥିଲା। ଇନ୍‌ଟେକୱେଲରୁ ସିଧାସଳଖ ଜଳଯୋଗାଣ କରାଯାଉଥିଲା। ବିଦ୍ୟୁତ୍ ନ ଥିଲେ ଜଳଯୋଗାଣ ହୋଇପାରୁ ନ ଥିଲା। ଏପରିକି ଉକ୍ତ ପ୍ରକଳ୍ପ ଅଧିକାଂଶ ସମୟରେ କାର୍ଯ୍ୟକ୍ଷମ ନହୋଇ ପଡି ରହୁଥିଲା। ଗ୍ରାମରେ ପ୍ରକଳ୍ପ ଥିଲେ ମଧ୍ୟ ନଥିଲା ଭଳିଆ ଥିଲା। ଗ୍ରାମରେ ଥିବା ନଳକୂପଗୁଡିକରୁ କେତେକ ଅଚଳ ଥିବା ବେଳେ ଆଉ କେତେକ ନଳକୂପର ପାଣି ପିଇବା ଯୋଗ୍ୟ ନୁହେଁ। ତେଣୁ ବିଭିନ୍ନ ସମୟରେ ଗ୍ରାମର ଲୋକେ ନିକଟସ୍ଥ ସୁରବାଲି ଯୋରରେ ଚୁଆ କରି ଜଳ ସଂଗ୍ରହ କରିଥାନ୍ତି। ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଗ୍ରାମବାସୀ ଏନେଇ ଏମ୍‌ପି ସିଂଦେଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମରେ ଜଳ ପ୍ରକଳ୍ପ ପାଇଁ ପାଣି ଟାଙ୍କି ନିର୍ମାଣ ସହିତ ଜଳଯୋଗାଣ ପ୍ରକଳ୍ପର ପୁର୍ନଗଠନ କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ କମିରାରୁ ଲଖନୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ନିମ୍ନମାନର ହୋଇଥିବରାରୁ ଏହାକୁ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ସପନ ପଧାନଙ୍କ ନେତୃତ୍ୱରେ ରାମପ୍ରସାଦ କର୍ଣ୍ଣ, ପ୍ରଦୀପ ସାହୁ, ସାନନ୍ଦ ସାହୁ, ପ୍ରକାଶ ବାରିକ ପ୍ରମୁଖ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



କମିରା ଗ୍ରାମବାସୀ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଏମପି ସଙ୍ଗୀତା ସିଂଦେଓଙ୍କୁ ଫେରାଦ ହେଉଛନ୍ତି ।

## ଶିକ୍ଷାଜିଲ୍ଲା ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ଗୁରୁବାର ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତୀୟ ଗଣତାନ୍ତ୍ରିକ ପଦ୍ଧତି ଓ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଆଗ୍ରହ ବୃଦ୍ଧି ଓ ସଚେତନତା ପାଇଁ ଶିକ୍ଷାଜିଲାସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୨ଟି ବ୍ଲକର ୧୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଓ ଭାର୍ଗବ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ତରଣୀସେନ ବୁଦ୍ଧିଆ ଓ କେଶବ ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଜେପୁରର ଛାତ୍ରୀ ଓଜସ୍ୱିନୀ ବାରିକ ଆସନ୍ତା ୨୮ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଜିଲା ଶିକ୍ଷା ଅଧିକାରୀ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଣାପ୍ରତାପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ ବାଗବର ଉପ୍ରା ସ୍କୁଲରେ ଗଙ୍ଗାଧର ଜୟନ୍ତୀ

## ସାହିତ୍ୟରେ କାଳଜୟୀ ଥିଲେ ଗଙ୍ଗାଧର

**ଅମରପାଲି, ୨୨।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ସରକାରୀ ଉପ୍ରା ସ୍କୁଲରେ ଗୁରୁବାର ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେରଙ୍କ ସାହିତ୍ୟ ଚର୍ଚ୍ଚା କରିବା ସହିତ ସେ ସାହିତ୍ୟ କାଳଜୟୀ ବୋଲି ମତପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ମାର୍କଣ୍ଡେଶ୍ୱର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ସ୍ୱଭାବ କବଙ୍କ ରଚିତ କବିତାକୁ ଛାତ୍ରୀ ସ୍ମୃତିପ୍ରଭା ସିଂ, ପ୍ରିୟଙ୍କା ସାହୁ, ଜ୍ୟୋର୍ତିମୟୀ ସାହୁ ଓ ଛାତ୍ର ସୁନାତନ ଭୋଇ ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତଥା ସାହିତ୍ୟିକ ଲକ୍ଷ୍ମୀନାରାୟଣ ସାହୁ ପରିଚାଳନା କରିଥିଲେ। ଶେଷରେ ପ୍ରଭୁଦତ୍ତ ବେଦୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ବାଗବର ୟୁପି ସ୍କୁଲରେ ଗଙ୍ଗାଧର ମେହେର ଜୟନ୍ତୀରେ ମଞ୍ଚାସୀନ ଅତିଥିଗଣ ।



 କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଠିକ୍ ସର୍ଭେ, ଉପଯୁକ୍ତ ସହାୟତା ଦାବିକଲେ କ୍ଷତିଗ୍ରସ୍ତ

**ଲୋଇସିଂହା,୨୨।୮(ଡି.ଏନ.ଏ):** ଗତ ୧୩ ଏବଂ ୧୪ ତାରିଖ ଲଗାଣ ବର୍ଷାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ପ୍ରଭୁତ କ୍ଷତି ହୋଇଛି । ଅନେକ ଘରଦ୍ୱାର ଭାଙ୍ଗିବ ସହ ଚାଷଜମି ବାଲିଚର ହୋଇଯାଇଛି । ପ୍ରଶାସନ ପକ୍ଷରୁ କରାଯାଉଥିବା ସର୍ଭେରେ ଅନିୟମିତତାକୁ ନେଇ ଆଦିବାସୀ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଗୁରବାର ଏକ ପ୍ରତିନିଧି ତହସିଲଦାର ଏବଂ ସହକାରୀ କୃଷି ଅଧିକାରୀଙ୍କୁ ସାକ୍ଷାତ୍ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ତଥା ସହାୟତା ଦେବାକୁ ଅନୁରୋଧ କରିଛନ୍ତି। ଲୋଇସିଂହା ବ୍ଲକ ଆଦିବାସୀ ସଂଘ ସଭାପତି କାହ୍ନୁଚରଣ ପଧାନ, ଶ୍ୟାମସୁନ୍ଦର ଭୋଇ, ଲାଲାମନ ନାଗଙ୍କ ସମେତ କେତେକ ପ୍ରତିନିଧି ପ୍ରଥମେ ତହସିଲଦାର ଆରତୀ ଭୋଇ ଏବଂ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କୁ ଭେଟିଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀଙ୍କ ଦାବିଥିଲା ଯେ, ଠିକ୍ ଭାବରେ ସର୍ଭେ କରାଯାଉ ଏବଂ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବାରୁ ବଞ୍ଚିତ ନରୁହନ୍ତୁ। କ୍ଷୟକ୍ଷତି ସର୍ଭେର ଦୁରୁପଯୋଗ ହେଉଥିବା ଦୃଷ୍ଟି ଆକର୍ଷଣ କରିଥିଲେ ।

### ବନ୍ୟାରେ ଧୋଇଯାଇଥିବା ରାସ୍ତା ବୁଲି ଦେଖିଲେ ମନ୍ତ୍ରୀ

**ଗୁଡଭେଲା,୨୨।୮(ଡି.ଏନ.ଏ.):** ବନ୍ୟାରେ ବଲାଙ୍ଗୀର ଜିଲା ତୁଷୁରା-ଚାଣ୍ଡିପଦର ରାସ୍ତାର ସୋନଗଡ ନଦୀ ପୋଲ ପାଖର ଅପ୍ରୋଜ ରୋଡ ଓ ତୁଷୁରା ବାଇପାସ୍ ରୋଡ ଧୋଇ ହୋଇ ଯାଇଛି। ଗୁରୁବାର ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଘଟଣାସ୍ଥଳ ଦେଖି ଫେରିଛନ୍ତି । କେଉଁଟିଯୋର ଓ ସୋନଗଡ ନଦୀର ସଙ୍ଗମସ୍ଥଳ ଏଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବାରୁ ବନ୍ୟାଜଳୟ ଏହି ରାସ୍ତାକୁ ଧୋଇ ଦେଉଛି । ଏଣୁ ଉକ୍ତ ସଙ୍ଗମସ୍ଥଳରେ ସ୍ଥାୟୀ ଆଡିବନ୍ଧ ନିର୍ମାଣ କରାଗଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରିବ ବୋଲି ରମେଶ ବେହେରା, ରଘୁନାଥ ଦାଶ, ବିଷ୍ଣୁ ନାୟକ ପ୍ରମୁଖ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ପରେ ଦୁଇମନ୍ତ୍ରୀ ତୁଷୁରା-ବଲାଙ୍ଗୀର ମୁଖ୍ୟରାସ୍ତାର ନଅଗାଁ ଛକଠାରୁ ଆରମ୍ଭ ହୋଇଥିବା ନିର୍ମାଣାଧୀନ ବାଇପାସ୍ ରାସ୍ତାକୁ ବୁଲି ଦେଖିଥିଲେ । ଏହି ଗସ୍ତରେ ସମୟରେ ରାଜ୍ୟ ପୂର୍ତ୍ତ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ରାଏ, ଜିଲା ଅଧୀକ୍ଷଣ ଯନ୍ତ୍ରୀ ନଳିନୀକାନ୍ତ ଦାଶ, ଏସଡିଓ ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦିବ୍ୟାଙ୍ଗଙ୍କର ଗୁହାରି

# ରୁଜ୍‌ଗାର ଦିଅ ନଚେତ୍ ମରବାକେ ଅନୁମତି ଦିଅ

**ଲାଠୋର, ୨୨।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଁଚେତ୍ ଅଧୀନ ବାଞ୍ଜିପାଲି ଗାଁର ଦିବ୍ୟାଙ୍ଗ ସୁରେନ୍ଦ୍ର ତାଣ୍ଡି। ମୋତେ ରୁଜ୍‌ଗାର ଯୁଗେଇ ଦିଆଯାଉ, ନାଇଁ ହେଲେ ଇଚ୍ଛା ମୁରତୁ ଲାଗି ଅନୁମତି ଦିଆଯାଉ ବଲି ଟୁଇଟର ଜରିଆରେ ପ୍ରଧାନମନ୍ତ୍ରୀ ଆର ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍।

ସୂଚନା ଅନ୍‌ସାରେ ସୁରେନ୍ଦ୍ର ଜନ୍‌ମୁ ଦିବ୍ୟାଙ୍ଗ ଆଏ। ବହୁତ୍ ବଛର ହେଲା ତାକର ବାପା ଘରଛାଡ଼ି ଉନିଆ କେନ୍‌ଆଡ଼େ ପଲେଇ ଯାଇଛନ୍। ଏନ୍‌ତାଥି ଘରର ସବୁ ବୋଝ୍ ତାକର ଉପରେ ରହିଛେ। ସୁରେନ୍ଦ୍ର ଉଚ ଶିକ୍ଷିତ ହେଇ ବି କାମ୍‌ଧଁଦା ଅଭାବୁ ଘରେ ବସି ରହିଛନ୍। ତାକର ଉପରେ ପରିବାର ଲୋକ୍ ରଖିଥିବାର ଅଶ୍ ଦିନୁଦିନ୍‌କେ ମହଲିବାରେ ଲାଗିଛେ। ପରିବାର କହେଲେ ମା' ବହେନ୍ ଆର ଭାଇକେ ନେଇ ସେ ରହୁଛନ୍। ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ୍ ମିଲୁଥିବାର ୩୫ କେ.ଜି. ଚାଉଳ, ମା' ପାଉଥିବାର ୫ଶହ ଟଁକା ଭାତା ଆର ନିଜେ ପାଉଥିବାର ୭ଶହ ଟଁକା ଭିନ୍ନକ୍ଷମ ଭତା। ଯେନ୍‌ତା ପରିବାର ଚଲବାରେ ନଅଁଟ୍ ହେଉଛେ। ଏନ୍‌ତାଥି ସେ କେନ୍‌ଥେଇ ପରିବାର ଚଲାବେ ସେ ଚିନ୍‌ତାରେ ଘାରି ହେଉଛନ୍। ଇଆଡ଼େ ଚାକ୍‌ରି ଖଁଡ଼େର ଲାଗି ଇ ଅଫିସ୍‌ରୁ ସେ ଅଫିସ୍ ନରଦି ନରଦି ନିରାଶ ହେଇଛନ୍। ଇ ଘଟନା ବାବ୍‌ଦେ ବରଗଡ଼ ଜିଲା ବିଜେପୁର ବ୍ଲକର ଝନେ ସାମାଜିକ




ସୁରେନ୍ଦ୍ର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଥିବାର ସ୍କ୍ରିନ୍‌ଶଟ୍ ।

କରମୀ ଦିବସ କୁମାର ସାହୁ ସୁରେନ୍ଦ୍ରକେ ସାହାଯ୍ କରବାର ଲାଗି ମୁଖ୍ୟମନ୍ତ୍ରୀ, ଓଡ଼ିଶା ଆର ବଲାଙ୍ଗୀର ଜିଲାପାଲଙ୍କୁ ଟୁଇଟ୍ କରି ଅନୁରୋଧ୍ କରିଥିଲେ। ତାକର ଅନୁରୋଧ ଅନ୍‌ସାରେ ସିଏମ୍‌ଓରୁ ବଲାଙ୍ଗୀର ଜିଲାପାଲଙ୍କୁ ଘଟନାର ତଦଁତ୍ କରବାକେ ନିରଦେଶ ଦିଆଯାଇଥିଲା। ଗଲା ଜୁନ୍ ୬, ୨୦୧୯ରେ କଣ୍ଟାବାଞ୍ଜି ତହସିଲଦାର ଆଲୋକ କୁମାର ମାଝି ଆର ତୁରେକେଲା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଲ ଘଟନାର ତଦଁତ୍ କରିଥିଲେ। ଟିଟିଲାଗଡ଼ ଉପଜିଲାପାଳଙ୍କର କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୯୩୧/ତା.୭।୬।୨୦୧୯ରେ ତଦଁତ୍ ରିପୋର୍ଟ ପଠାଯାଇଥିଲେ ବି ସୁରେନ୍ଦ୍ର କେହେନ୍‌ସି ପରକାର ଉପ୍‌କାର ନାଇଁପାଇ। ଶେଷେ ସୁରେନ୍ଦ୍ର ଉପେ ଶୁଇନ୍ ହେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଆର ବଲାଙ୍ଗୀର ଜିଲାପାଳଙ୍କୁ ସେ ନିଜେ ଟୁଇଟର ଜରିଆରେ ଗଲା ୨୮।୭।୨୦୧୯ରେ ରୁଜ୍‌ଗାର ଦିଆଯାଉ ନାଇଁ ହେଲେ ମୋତେ ଇଚ୍ଛା ମୁରତୁ ଲାଗି ଅନୁମତି ଦିଆଯାଉ ବଲି ଅନୁରୋଧ୍ କରିଥିଲେ। ଠିକ୍ ତାର ଦୁଇ ଦିନ୍ ଉତାରୁ ୩୦।୭।୨୦୧୯ରେ ତୁରେକେଲା ବିଡିଓ ପ୍ରଭାତ କୁମାର ସାହୁ ଆର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ରଙ୍କର ଘରେ ପୁହୁଁଚିଥିଲେ। ତାହାକୁ ବୁଝାସୁଝା କରିଥିଲେ। ଇ ବାବ୍‌ଦେ ତୁରେକେଲା ବିଡିଓଙ୍କୁ ପଚ୍‌ରାଲାରୁ ଚାକିରିଟେ ଦେବାର ମୋର ପକ୍ଷେ ସମ୍ଭବ ନୁହେ। ମୁଇଁ ସବୁ ପରକାର ସୂଚନା ଉପର ଅଧିକାରୀଙ୍କୁ ଦେଇଛେଁ, ସେମାନେ ଯାହା ପଦକ୍ଷେପ ନେବେ ବଲି ସେ କହିଥିଲେ।

### ଦଶଦିନ ହେଲା ତୁଷୁରାରେ ଏଟିଏମ୍ ବନ୍ଦ

**ଗୁଡ଼ଭେଲା,୨୨।୮(ଡି.ଏନ.ଏ.)**

ତୁଷୁରା ସହରରେ ଥିବା ଏସବିଆଇ ଏଟିଏମ ଗତ ୧୦ଦିନ ହେଲା ବନ୍ଦ ପଡିଛି। ଏଟିଏମରେ ଲାଗିଥିବା ଦୁଇଟି ଯାକ ମେଶିନ କାମ କରୁନି। ତୁଷୁରା ଅଞ୍ଚଳରେ ବନ୍ୟା ଫଳରେ ବିଏସଏନଏଲ ଇଣ୍ଟରନେଟ ଫେଲ ହେବାରୁ ଏପରି ହେଉଥିବା ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି। ଏପରିକି ଗତ ଦୁଇଦିନ ହେଲା ଉକ୍ତ ନେଟ କାମ କରୁଥିଲେ ମଧ୍ୟ ଏଟିଏମ କାମ ଦେଉ ନଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଏଟିଏମ ମାସର ୨୦ଦିନ କାମ କରୁଥିବାବେଳେ ପ୍ରାୟ ଦିନ ଟଙ୍କା ସରି ଯାଉଥିବା ଦେଖିବାକୁ ମିଳୁଛି। ତୁଷୁରା ଓ ଗୁଡ଼ଭେଲା ଅଞ୍ଚଳର ୫୦ ଖଣ୍ଡ ଗ୍ରାମର ଗ୍ରାହକ ଏସବିଆଇ ଏଟିଏମ ଉପରେ ନିର୍ଭର କରୁଥିବା ବେଳେ ଏହି ଅବ୍ୟବସ୍ଥା ସେମାନଙ୍କୁ ଅସୁବିଧାରେ ପକାଉଛି।

ଯୋଗଦେଲେ ନୂଆ ଏସ୍‌ପି

## ଅପରାଧ ନିୟନ୍ତ୍ରଣ ସହ ଆଦର୍ଶ ପ୍ରତିଷ୍ଠା କରାଯିବ

**ବଲାଙ୍ଗୀର ଅଫିସ, ୨୨।୮**

ବଲାଙ୍ଗୀର ଜିଲାର ନୂଆ ଏସପି ଭାବେ ମାଡକର ସନ୍ଦୀପ ସମ୍ପତ୍ ଗୁରୁବାର ଅପରାହ୍ଣରେ ଯୋଗଦାନ କରିଛନ୍ତି । ଜିଲା ପୋଲିସ କାର୍ଯ୍ୟାଳୟରେ ବିଦାୟୀ ଏସ୍‌ପି କେ. ଶିବା .ସୁବ୍ରମଣିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଏସପି ସମ୍ପତ୍ ଜିଲାରେ ଅପରାଧ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ଏହା ସହିତ ଲୋକଙ୍କ ସହ ମିଶି ଜିଲାରେ କିଭଳି ନୂଆ ଆଦର୍ଶ ପ୍ରତିଷ୍ଠା କରାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାରେ ମାଓବାଦୀ ଦମନ, ଆଇନଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯିବ । ସରକାରଙ୍କ ସମସ୍ତ ସ୍କିମକୁ କାର୍ଯ୍ୟକାରୀ କରାଯାଇ ଲୋକଙ୍କ ସହଯୋଗରେ କମ୍ୟୁନିଟି ପୋଲିସ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି । ଏକ ଅପରାଧ ମୁକ୍ତ ଓ ଶାନ୍ତିର ବଲାଙ୍ଗୀର ଗଠନରେ ଜିଲାବାସୀ, ଗଣମାଧ୍ୟମ ଏ ଦିଗରେ ସହଯୋଗ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ୨୦୧୨ ବ୍ୟାଚ୍‌ର ଏସପି ସମ୍ପତ୍ କଟକ ସିଆଇଡି ଏସପି ଭାବେ ପୂର୍ବରୁ କାର୍ଯ୍ୟରତ ଥିଲେ । ଏହି ଅବସରରେ ନୂଆ ଏସପି ସମ୍ପତ୍‌ଙ୍କୁ ଜିଲାର ସମସ୍ତ ପୋଲିସ ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।



ବଲାଙ୍ଗୀରର ନୂଆ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍ ।

### ୪ ହାଇୱେ ଲୁଟେରା ଗିରଫ

**ବଲାଙ୍ଗୀର ଅଫିସ, ୨୨।୮**

ବଲାଙ୍ଗୀର ଟାଉନ୍ ପୋଲିସ ୪ଜଣ ହାଇୱେ ଲୁଟେରାଙ୍କୁ ଗିରଫ କରିଛି । ଲୁଟେରାଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ଅନ୍ୟ ୩ ଅଭିଯୁକ୍ତ ହେଲେ ବଲାଙ୍ଗୀରର ରଞ୍ଜିତ ନାଗ, ଶରତ ନାଗ, ନେତ୍ରାନନ୍ଦ ପଧାନ । ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଗତ ୮ ତାରିଖ ରାତିରେ ବଲାଙ୍ଗୀର-ଟିଟିଲାଗଡ ୨୬ ନଂ ଜାତୀୟ ରାଜପଥର କଦଳୀମୁଣ୍ଡା ନର୍ସରୀ ନିକଟରେ ଦୁଇଜଣ ଟ୍ରକ ଡ୍ରାଇଭରଙ୍କୁ ଏହି ଲୁଟେରାମାନେ ମାରଣାସ୍ତ୍ର ଦେଖାଇ ମାରପିଟ କରିବା ସହ ଲୁଟ୍ କରିଥିଲେ । ଏନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା । ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନ ଥିବାରୁ ସହର ମଧ୍ୟଦେଇ ଭାରୀଯାନ ଯାଉଛି। କ୍ରମାଗତ ଦୁର୍ଘଟଣା ପରେ ପ୍ରଶାସନ ସକାଳ ୮ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହର ଭିତର ଦେଇ କୌଣସି ଭାରୀଯାନ ଯାତାୟାତ କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଛନ୍ତି । ଏହି କାରଣରୁ ସହର ଉପକଣ୍ଠ ଜାତୀୟ ରାଜପଥ କଡରେ ଭାରୀଯାନ୍ ଅଟକି ରହୁଛନ୍ତି । ଏହାର ସୁଯୋଗ ନେଇ ଲୁଟେରାମାନେ ଅଟକି ରହିଥିବା ଡ୍ରାଇଭରଙ୍କଠାରୁ ଲୁଟ୍ କରୁଥିବା ଅଭିଯୋଗ ହେଉଥିଲା । ଲୁଟେରାଙ୍କୁ କାବୁ କରିବା ପାଇଁ ଏସପି ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିଥିଲେ ।



ନକ୍‌ଆଉଟ ଫୁଟବଲ ଗ୍ରୁପ 'ଜି'ର ଗୁରୁବାର ମ୍ୟାଚରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

## ଜିଲ୍ଲାସ୍ତରୀୟ ନକ୍‌ଆଉଟ ଫୁଟବଲ: ଭୂତିଆରବାହାଲ ବିଜୟୀ

**ଦେଓଗାଁ,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲାସ୍ତରୀୟ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟର ଗ୍ରୁପ ଜି ପର୍ଯ୍ୟାୟ ମ୍ୟାଚ ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଅନୁଷ୍ଠିତ ହେଉଛି । ଗୁରୁବାର ଥିଲା ଏହାର ଦ୍ୱୀତିୟ ଦିବସ। ଏହି ଦିନ ଭୂତିଆରବାହାଲ ଫ୍ରେଣ୍ଡସ୍ କ୍ଲବ ଓ ନୂଆଁପଡା ମଧ୍ୟରେ ଲିଗ ମ୍ୟାଚ ଅମୀମାଂସିତ ରହିଥିଲା । ଏଥିରେ ଭୁତିଆରବାହାଲ ୫-୪ ଗୋଲରେ ବିଜୟୀ ହୋଇଥିଲା । କୁନ୍ତେ ମେହେର, ଶ୍ରୀବତ୍ସ ମେହେର, ଲକ୍ଷ୍ମୀ ମହାନ୍ତି ଓ ପ୍ରଶାନ୍ତ ଥନାପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିଏନଏଏ ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ପରିଚାଳନାରେ ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ଆନନ୍ଦ ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଶୁକ୍ରବାର ଘୁଁଚିପାଲି ଓ ଚନ୍ଦ୍ରପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ପୋଖରୀରେ ଭାସୁଛି ଆବର୍ଜନା

**ଲୋଇସିଂହା, ୨୨।୮(ଡି.ଏନ.ଏ.)**

ଲୋଇସିଂହା ସଦର ମହକୁମାସ୍ଥିତ ତ୍ରିଶୂଳ ବନ୍ଧରେ ଏବେ ଆବର୍ଜନା ସବୁ ଭାଶୁଛି । ଏହାର ପ୍ରତିକାର ଦାବିରେ ମହିଳମାନେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ସାକ୍ଷାତ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରି ୩ଦିନ ମଧ୍ୟରେ ପରିଷ୍କାର କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଗତ ସପ୍ତାହର ଦୁଇଦିନିଆ ଲଗାଣ ବର୍ଷାରେ ତ୍ରିଶୂଳ ବନ୍ଧରେ ପାଣି ଉଚ୍ଛୁଳୁଛି । ଏଥିଯୋଗୁ ବନ୍ୟା ଜଳରେ ଭାସି ଆସିଥିବା ଆବର୍ଜନା ତ୍ରିଶୂଳବନ୍ଧରେ ପଶିଛି । ପ୍ଲାଷ୍ଟିକ ବୋତଲ, ପଲିଥିନ ଓ କାଠିକୁଟାରେ ଏବେ ପୁରା ବନ୍ଧ ଭରିଯାଇଛି। ଆବର୍ଜନା ଯୋଗୁ ଲୋକେ ବନ୍ଧରେ ସ୍ନାନଶୌଚ କରି ପାରୁ ନାହାନ୍ତି। ବିଭୂତି ପଧାନଙ୍କ ନେତୃତ୍ୱରେ ଗାଁର ବହୁ ମହିଳା ବ୍ଲକ ଅଫିସକୁ ଯାଇ ସମସ୍ୟାର ସମାଧାନ ପାଇଁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଘର ଭାଂଗ୍‌ଲା, ବାସ୍‌ହରା ହେଲେ ପରିବାର

**ଲୋଇସିଂହା,୨୨।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗାଁର ବିଧବା ମହିଲା ଜାହ୍ନବି ପଟେଲଙ୍କର ଘରର କାଁଥି ମଙ୍ଗଲବାର ରାତିରେ ଭାଂଗି ଯାଇଛେ। ମା'ଝି ରାତିରେ ଖାଇପିଇ ଶୁଇଥିଲାବେଲେ ହଠାତ୍ ଅଧ୍ ରାତିରେ ଘରର କାଁଥି ମାଡ଼ି ବସିଥିଲା। ହେଲେ ଅଲପ୍‌କେ ମା'ଝି ଗୁଟେ ବଡ଼ ଦୁରଘଟନାରୁ ବରତି ଯାଇଛନ୍।

ସୂଚନା ଅନ୍‌ସାରେ ଯୋଗୀସର୍ଡା ପଁଚେତ୍ ସଦର ଗାଁର ସ୍ୱର୍ଗତ କମ୍ଭୁଧର ପଟେଲଙ୍କର ବିଧବା ମାଏକିନା ଜାହ୍ନବୀ ପଟେଲ। ଗୁଟେ ବଲି ଝିଁ ବୀଣା(୧୧)କେ ନେଇ ତାକର ସଁସାର। କମ୍ଭୁଧର ପେଶାରେ ଝନେ ଡ୍ରାଇଭର ଥିଲେ। ସେଥିରୁ ସେ ଯାହା କମଉଥିଲେ କୁଟୁମ୍‌ଟା ସୁଖେସୁଖେ ଚଲିଯାଉଥିଲେ। ହେଲେ ଗଲା ଜାନୁୟାରୀ ୨୦୧୭ ରେ କମ୍ଭୁ ଗୁଟେ ଦୁରଘଟନାର ଶିକାର ହେଇ ଆରପାରକେ ଚାଲିଯାଇଥିଲେ। ଆପ୍‌ନେକେ ହରେଇ ଜାହ୍ନବୀ ଭାଂଗି ପଡ଼ିଥିଲେ। ପଛେ ସେ ନିଜକୁ ନିଜେ ବୁଝେଇ କୁଲିମଜୁରି କରି ଝିଁକେ ପାଲୁଛନ୍। ହେଲେ ଦୁଖ୍ ଦୁରଦଶା ଇ ପରିବାରର ପିଛା ନାଇଁ ଛାଡ଼ବାର। ଦୁଖର ଉପରେ ଲଲିତା ବିଡ଼ା ଲେଖେଁ ମା'ଝି ମଙ୍ଗଲବାର ରାତି ଖାଇପିଇ ଶୁଇଥିଲା ବେଲେ ତାକର ଘରର କାଁଥିଟା ଭାଂଗି ଯାଇଥିଲା। ହେଲେ କାଁଥିଟା ବାହାର ଫାଲ୍‌କେ ପଡ଼ଲାରୁ ମା'ଝି ଅଲପ୍‌କେ ଗୁଟେ ବଡ଼ ବିପଦ୍‌ରୁ ରକ୍ଷା ପାଇଯାଇଛନ୍। ଏହେଦେ ମା'ଝି କେନ୍‌ନେ ରହିବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍। ଇଆଡ଼େ ଆପ୍‌ନେ କମ୍ଭୁଧର ଚାଲିଯିବାର ଆଏଜ୍‌କେ ୧୮ ମାସ୍ ବିତିଯାଇଥିଲେ ବି ଜାହ୍ନବୀ ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ପଁଚେତ୍‌ରୁ ମିଲୁଥିବାର ପିଡିଏସ୍‌ଚାଉଲସେମାନକରସାହାଭରସା। ଜିଲା ପରଶାସନ ଇ ଦୁଖ୍ ପରିବାର ଉପରେ ଦୁରୁଷ୍ଟି ଦେଇ ଆବାସ ଯୋଜନାରେ ଘର ଖଁଡ଼େ ଆର ଜାହ୍ନବୀଙ୍କୁ ବିଧବା ଭତା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



ନିଜର ଭଂଗା ଘର ଆଘେ ଜାହ୍ନବୀ ଆର ଝିଁ ବୀଣା।

## ବନ୍ୟାଞ୍ଚଳ ବୁଲି ଦେଖିଲେ ଦୁଇମନ୍ତ୍ରୀ

**ଦେଓଗାଁ,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଓ ସଦର ବ୍ଲକର ବନ୍ୟାଞ୍ଚଳକୁ ଗୁରୁବାର ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ଗୃହ ନିର୍ମାଣ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ପରିଦର୍ଶନ କରିଥିଲେ। ଉଭୟ ମନ୍ତ୍ରୀ ଦେଓଗାଁ ବ୍ଲକର ଗାଇବାହାଲ ପଞ୍ଚାୟତ ଅର୍ଡା ରାସ୍ତାରେ ଧୋଇଯାଇଥିବା ପୋଲ ପରିଦର୍ଶନ କରିବା ପରେ ଧଣ୍ଡାମାଲ ରାସ୍ତାର ଅବସ୍ଥିତିକୁ ଅନୁଧ୍ୟାନ କରିଥିଲେ। ପରେ ସଦର ବ୍ଲକ କୁଡାସିଂହାର ବାଉରୀନାଲା, ଭୂତିଆରବାହାଲରୁ କୁଡାସିଂହା ମଧ୍ୟରେ ଧୋଇଯାଇଥିବା ରାସ୍ତା ଓ ନିକଟସ୍ଥ ଚାଷୀଙ୍କ ବାଲିଚର ଜମି ବୁଲି ଦେଖିଥିଲେ। ଏହି ଅବସରରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦ ପ୍ରମୁଖ ଜଲିଆ ଭାୟା ଜାମଝରନ ଫଟାମୁଣ୍ଡା, ଉପରଝର, ରୁଗୁଡିପାଲି, ଭୀମଡୁଙ୍ଗୁରୀ, ମକୁନ୍ଦପୁର ଓ ହିର୍ଲିମାଲ ପ୍ରଧାନମନ୍ତ୍ରୀ ସଡକର ମରାମତି, ନୂଆଁପାଲି ଛକରୁ ଦେଓଗାଁ ଭାୟା ଶିରାବାହାଲ ଓ ଉଡାର ଆରଡିରାସ୍ତା, ପିଡବୁଡି ଛକରୁ ଖଗସିକନା ରତାଖଣ୍ଡିଭାୟା ବଡବାହାଲ କେନ୍ଦୁଘାଟ ଓ ଗୌରଗୋଠ ଆରଡି ରାସ୍ତାର ଉନ୍ନତୀକରଣ ଦାବି କରିଥିଲେ। ସେହିପରି ଜରାସିଂହା ପିଡବୁଡି ଛକରୁ ବଗଡା ଭାୟା ବଡଡୁଙ୍ଗୁରୀପାଲି, ସାଲେପାଲି, ଘାଟୁଲଡୁଙ୍ଗୁରୀରୁ ରାମଚନ୍ଦ୍ରପୁର ଭାୟା ସିଂହାମୁଣ୍ଡା ଆରଡି ରାସ୍ତାର ଉନ୍ନତୀକରଣ କରିବା ପାଇଁ ସେମାନେ ଦୁଇମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ । ଏହି ଅବସରରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଆଦିତ୍ୟ କୁମାର ରାଏ, ଏସି ଉମେଶ ଚନ୍ଦ୍ର ମିଶ୍ର ଓ ଏସଡିଓ ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନେତ୍ର ଯୋଜନାରେ ଚଷମା ବଣ୍ଟନର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୨୨।୮**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଚକ୍ଷୁ ବିଭାଗରେ ଓଡିଶା ସରକାରଙ୍କ ସୁନେତ୍ର ଯୋଜନାର ଶୁଭାରମ୍ଭ କରାଯାଇଛି । ଗୁରୁବାର ଅନୁଷ୍ଠିତ ସଭାରେ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥିଭାବେ ଯୋଗଦେଇ ସୁନେତ୍ର ଯୋଜନାରେ ଦିଆଯାଉଥିବା ମାଗଣା ଚଷମା ବଣ୍ଟନ କରିଥିଲେ । ବଲାଙ୍ଗୀର ଜନସାଧାରଣ ନିୟମିତ ଚକ୍ଷୁ ପରୀକ୍ଷା କରାଇ ଏହି ଯୋଜନାର ସୁବିଧା ଉପଲବ୍ଧ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ସମଗ୍ର ଜିଲାରେ ବିଭିନ୍ନ ସ୍ଥାନରେ ୪୩୨ ଜଣଙ୍କୁ ମାଗଣା ଚଷମା ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ରଜତ ସାହୁ, ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ଆଚାର୍ଯ୍ୟ, ଡା.ଉଷାରାଣୀ ଦାସ, ଡା ସୋନୀ ସାହୁ, ଡା ସୁନିତା ହୋତା, ଡା ବିଷ୍ଣୁପ୍ରସାଦ ମିଶ୍ର, ଡା ନୀଳମାଧବ ପ୍ରଧାନ ଉପସ୍ଥିତ ଥିଲେ । ଚକ୍ଷୁ ସହାୟକ କୈଳାସ ସାମଲ, ନର୍ସ ସୁକନ୍ୟା ପଟ୍ଟନାୟକ ଏବଂ ଆସିଷ୍ଟାଣ୍ଟ ସାଜିଦା ବେଗମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




ବଲାଙ୍ଗୀର ହସପିଟାଲରେ ଜିଲାପାଳ ଅରିନ୍ଦମ୍ ଡାକୁଆ ସୁନେତ୍ର ଯୋଜନାର କରୁଛନ୍ତି ।

## ଆର୍‌ଆଇ ଅଫିସରେ ତାଲା ପଡିବାକୁ ନେଇ ଅସନ୍ତୋଷ

**ଲୋଇସିଂହା,୨୨।୮(ଡି.ଏନ.ଏ)**

ବନ୍ୟା ପ୍ରପିଡିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ମାଗଣାରେ ପଲିଥିନ ବଣ୍ଟନ କରାଯାଉଛି। ପଲିଥିନ ପାଇବା ଆଶାରେ ବଲାଙ୍ଗୀର ଜିଲା ଲୋଇସିଂହା ଆରଆଇ ସର୍କଲ ଅଧୀନ ବିଭିନ୍ନ ଗ୍ରାମର ଅସହାୟ ପରିବାର ତହସିଲ ଏବଂ ଆରଆଇ ଅଫିସରେ ଭିଡ ଜମାଉଛନ୍ତି। ହେଲେ ଗୁରବାର ଲୋଇସିଂହା ଆରଆଇ ଅଫିସରେ ତାଲା ପଡିଥିବାରୁ ବହୁ ପରିବାର ନିରାଶ ହୋଇ ଫେରଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସୂଚନାମତେ, ଗତ ସପ୍ତାହରେ ଦୁଇଦିନଧରି ହୋଇଥିବା ଲଗାଣ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରବଳ ବର୍ଷାରେ ମାଟିଘର ଭାଙ୍ଗି ପଡି ଅନେକ ବେଘର ହୋଇ ପଡିଛନ୍ତି। ଏପରିକି ଅନେକଙ୍କ ନଡା ଛପର ନଷ୍ଟ ହୋଇଛି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ତହସିଲରେ ପଲିଥିନ ବଣ୍ଟନ କରାଯାଉଛି। ଅଦ୍ୟାବଧି ବ୍ଲକର ୮ ଶହରୁ ଅଧିକ ଲୋକଙ୍କୁ ପଲିଥିନ ବଣ୍ଟନ ହୋଇ ସାରିଛି । ଗୁରୁବାର ଲୋଇସିଂହା ଗ୍ରାମର ରାଜେନ୍ଦ୍ର ସାହୁ, ପଞ୍ଚା ରଣା, ଅବେଳ ମିସ୍ତ୍ରୀ, କଲୀପାଟ ଗ୍ରାମର ଚନ୍ଦ୍ରମଣୀ ଧରୁଆ, ଚକାମନ ଦୀପ, ଶୁକ୍ରୁ ସୁନା, ମାଣ୍ଡିଆପଦର ଗ୍ରାମର ଚୂଡାମଣୀ ପାଣ୍ଡେ, ଗିରଧାରୀ କୁଅଁର, ତହସିଲଦାର ସାହୁ, ବାରଢୁଲ ଗ୍ରାମର ମହେଶ୍ୱର ପୁଟେଲଙ୍କ ସମେତ ବହୁ ଲୋକ ଆରଆଇ ଅଫିସକୁ ଦରଖାସ୍ତ ଦାଖଲ ପାଇଁ ଆସିଥିଲେ । ହେଲେ ଆରଆଇ ଏବଂ କର୍ମଚାରୀଙ୍କୁ ଅପେକ୍ଷା କରି ରହିଥିଲେ ସୁଦ୍ଧା କେହି ଅଫିସ ଆସି ନ ଥିଲେ। ଫଳରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ଅଫିସ ତାଲା ନ ଖୋଲିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । କେତେକ ତହସିଲଦାର ଆରତୀ ଭୋଇଙ୍କ ପାଖକୁ ଯାଇ ଏ ନେଇ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି।




ତାଲା ପଡିଥିବା ଆରଆଇ ଅଫିସ ସମ୍ମୁଖରେ ଜନସାଧାରଣ ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

ବେଆଇନ ମୋରମ ଚାଲାଣ

### ଟ୍ରାକ୍ଟର ଜବତ, ୬୦ ହଜାର ଟଙ୍କା ଜରିମାନା

**ସିନାପାଲି,୨୨।୮(ଡି.ଏନ.ଏ.)-** ନୂଆପଡା ଜିଲା ସିନାପାଲି ତହସିଲ କେନ୍ଦୁମୁଣ୍ଡା ଅନ୍ତର୍ଗତ ଚାନ୍ଦେଲଠାରେ ବେଆଇନ ମୋରମ ଚାଲାଣ ବେଳେ ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି ଚଢାଉ କରିଛନ୍ତି । ସେଠାରୁ ଏକ ଟ୍ରାକ୍ଟରକୁ ଜବତ କରିବା ସହ ଜରିମାନା ବାବଦକୁ ୬୦ ହଜାର ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ପ୍ରାପ୍ତ ଖବର ଅନୁସାରେ ବୁଧବାର ସନ୍ଧ୍ୟା ସାଢେ ୭ଟାରେ କୌଣସି ସୂତ୍ରରୁ ଖବର ପାଇ ଅତିରିକ୍ତ ତହସିଲଦାର ମାଝି ବେଆଇନ ମୋରମ ଚାଲାଣ ଉପରେ ଚଢାଉ କରିଥିଲେ। ମୋରମ ବୋଝେଇ ଏକ ଟ୍ରାକ୍ଟର (ନଂ.ଓଡି୨୬-ଡି-୧୦୩୧)କୁ ଜବତ କରିଥିଲେ। ଉକ୍ତ ଟ୍ରାକ୍ଟର କେନ୍ଦୁମୁଣ୍ଡା ନିବାସୀ ନେମିଚନ୍ଦ ଜୈନଙ୍କ ବୋଲି ଜଣାପଡିଛି। ପ୍ରକାଶ ଯେ, ମାଝି ସିନାପାଲି ଅତିରକ୍ତ ତହସିଲଦାର ଭାବେ ଯୋଗଦାନ ପରଠାରୁ ବେଆଇନ ଚୋରା ଚାଲାଣ ଉପରେ ନଜର ରଖି ଚଢାଉ କରୁଛନ୍ତି ।

ଓଡ଼ିଶା–ଛତିଶଗଡ଼ ସମନ୍ୱୟ ବୈଠକ

# ବ୍ୟାଘ୍ର ପ୍ରକଳ୍ପ ପାଇଁ ସୁନାବେଡ଼ାରେ ଭିତ୍ତିଭୂମି ଅଛି

**ନୂଆପଡ଼ା ଅଫିସ,୨୨।୮**

ଓଡ଼ିଶା–ଛତିଶଗଡ଼ ସୀମାନ୍ତ ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟରେ ବ୍ୟାଘ୍ର ଭଳି ମୂଲ୍ୟବାନ ଜନ୍ତୁମାନେ ସୁରକ୍ଷିତ ଭାବେ ରହିଥିବାବେଳେ ଏହାକୁ ବ୍ୟାଘ୍ର ପ୍ରକଳ୍ପ ଭାବେ ଘୋଷଣା କରିବାକୁ ସରକାର ପ୍ରସ୍ତୁତି କରୁଛନ୍ତି। ବ୍ୟାଘ୍ର ପ୍ରକଳ୍ପ ପାଇଁ ଏଠାରେ ଆବଶ୍ୟକ ଭିତିଭୂମି ରହିଛି ବୋଲି ମତ ପ୍ରକାଶ ପାଇଛି। ଗୁରୁବାର ଏଠାରେ ଦୁଇ ରାଜ୍ୟର ବନ୍ୟପ୍ରାଣୀ ବିଭାଗର ସମନ୍ୱୟ ବୈଠକରେ ଯୋଗଦେଇ ବରିଷ୍ଠ ଅଧିକାରୀମାନେ ମତ ରଖିଛନ୍ତି ।

ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଜିଲାପାଳଙ୍କ ସଭାବନା ସଭା ଗୃହରେ ଆୟୋଜିତ ବୈଠକରେ ଏନଟିସିଏ (ନ୍ୟାଶନାଲ ଟାଇଗର କରଜରଭେସନ ଅଥରିଟି) ଏଡିସନାଲ ଡାଇରେକ୍ଟର ଜେନେରାଲ





ଓଡ଼ିଶା–ଛତିଶଗଡ଼ ବନ୍ୟପ୍ରାଣୀ ବିଭାଗ ସମନ୍ୱୟ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଯୋଗଦେଲେ ବନ୍ୟପ୍ରାଣୀ ବିଭାଗ ଅଧିକାରୀ**

ଡ.ଅନୁପ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ପିସିସିଏଫ (ଓଡିଶା) ଶଶି ପାଲ, ପିସିସିଏଫ (ଛତିଶଗଡ) ଜେ.ଏ.ସି.ଏସ ରାଓ, ଡେପୁଟି ଇନ୍ସପେକ୍ଟର ଜେନେରାଲ ଫରେଷ୍ଟ ସୁରେନ୍ଦର ମେହରା, କାମଡି ହେମନ୍ତ ଭାସ୍କର, ଉଦନ୍ତୀ– ସୀତାନଦୀ ଟାଇଗର ରିଜର୍ଭ ଫିଲ୍ଡ ଡାଇରେକ୍ଟର କେ.କେ. ବିଶେନ, ଆରସିସିଏଫ ଭବାନୀପାଟଣା ଅଭିରାମ ନାଏକ, ଛତିଶଗଡର ଚିଫ ୱାଇଲ୍ଡ ଲାଇଫ ୱାର୍ଡେନ ଅତୁଲ ସୁକ୍ଳା, ରାୟପୁର ସିସିଏଫ ସଙ୍ଗୀତା ପ୍ରମୁଖ ଯୋଗଦେଇଥିଲେ । ଏଥିରେ ନୂଆପଡା ସମେତ ଆଖପାଖ ବରଗଡ ଏବଂ ବଲାଙ୍ଗୀର ଜିଲାର ସମସ୍ତ ବନବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ ଯେ, ନୂଆପଡା ଜିଲା ସମୁଦ୍ର ପତନରୁ ୩ ହଜାର ଫୁଟ ଉଚ୍ଚରେ ଅବସ୍ଥିତ। ୬ଶହ ବର୍ଗ କି.ମି. ଦୂର ପରିବ୍ୟାପ୍ତ ସୁନାବେଡାକୁ ସରକାର ୧୯୮୮ରେ ଅଭୟାରଣ୍ୟର ମାନ୍ୟତା ଦେଇଥିବାବେଳେ ବର୍ତ୍ତମାନ ଏଠାରେ ବାଘମାନଙ୍କର ସୁରକ୍ଷା ଦୃଷ୍ଟି କୋଣରୁ ଏହାକୁ ବ୍ୟାଘ୍ର ପ୍ରକଳ୍ପର ମାନ୍ୟତା ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହାକୁ ଲାଗି ଛତିଶଗଡର ଉଦନ୍ତୀ ଏବଂ ସୀତା ନଦୀ ବ୍ୟାଘ୍ର ପ୍ରକଳ୍ପ ରହିଛି। ଏଥିପାଇଁ ଦୁଇ ରାଜ୍ୟର ସମନ୍ୱୟ ଆବଶ୍ୟକ ରହିଛି ବୋଲି ଅଧିକାରୀମାନେ କହିଥିଲେ । ପୂର୍ବରୁ ନବେ ଦଶକରେ ହୋଇଥିବା ସର୍ଭେ ଅନୁଯାୟୀ ଏଠାରେ ୩୨ଟି ମହାବଳ ବାଘ ଏବଂ ୩୬ଟି କଲରାପତରିଆ ବାଘ ରହିଥିବା କୁହାଯାଉଥିଲା। ଏବେ ଏହା ଧୀରେ ଧୀରେ କମିବାରେ ଲାଗିଥିବା ପରବର୍ତ୍ତି ରିପୋର୍ଟରେ ପରିଲକ୍ଷିତ ହୋଇଛି । ଏଥିପାଇଁ ସରକାରୀସ୍ତରରେ ତତ୍ପରତା ଆବଶ୍ୟକ ରହିଛି । ଅନ୍ୟପକ୍ଷେ ବ୍ୟାଘ୍ର ପ୍ରକଳ୍ପ ହେଲେ ନୂଆପଡା ସମେତ ଆଖପାଖ ଅଞ୍ଚଳର ଆର୍ଥିକ ସ୍ଥିତିରେ ପ୍ରଗତି ଆସିବ। ଏହା ସାରା ଦେଶର ଏକ ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇ ରହିବ । ବୈଠକରେ ଏକ ରିପୋର୍ଟ ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କ ବିଭାଗୀୟ ଦପ୍ତରକୁ ପଠାଇବା ଯୋଜନା ରହିଥିବା କୁହାଯାଇଛି । ବୈଠକକୁ ସୁନାବେଡା ବନ୍ୟପ୍ରାଣୀ ବିଭାଗର ଅଧିକାରୀମାନେ ପରିଚାଳନା କରିଥିଲେ।

### ଖଡ଼ିଆଳ ଅଟୋନମସ୍ କଲେଜର ପିଜି ବିଭାଗର ସ୍ୱାଗତ ଉତ୍ସବ

**ଖଡିଆଳ,୨୨।୮ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଅଟୋନମସ୍ କଲେଜରେ ପ୍ରଥମ କରି ପିଜି ବିଭାଗ ଆରମ୍ଭ ହୋଇଯାଇଛି । ନୂତନ ଭାବେ ଖୋଲିଥିବା ପୋଷ୍ଟ ଗ୍ରାଜୁଏଟ ୪ଟି ବିଭାଗରେ ଏମଏସି, ରସାୟନ ବିଜ୍ଞାନ, ଏମଏ ଓଡିଆ, ହିନ୍ଦୀ ଓ ରାଜନୀତି ବିଜ୍ଞାନର ସ୍ୱାଗତ ଉତ୍ସବ ତଥା ଇଣ୍ଡକ୍ସନ ମିଟିଙ୍ଗ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପିକାଅଧ୍ୟାପକ ଛାତ୍ରୀଛାତ୍ରଙ୍କୁ କଲେଜ ଗୌରବ ଓ ଉନ୍ନତି ପାଇଁ କାମ କରିବାକୁ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ଖଡିଆଳ ସ୍ୱୟଂ ଶାସିତ କଲେଜ ଅଧକ୍ଷ ଡ. ହରେନ୍ଦ୍ର ପଣ୍ଡା ଅଧକ୍ଷତା କରିଥିବା ବେଳେ ଯୁକ୍ତ ୨ ଇନଚାର୍ଜ ଗଙ୍ଗାଧର ପାଣିଗ୍ରାହୀ, ଡ. ପ୍ରମୋଦ ସାହୁ, ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ତରୁଣ କୁମାର ପ୍ରଧାନ, ହିନ୍ଦୀ ମୁଖ୍ୟ ଡ. ବିଷ୍ଣୁଦେବ ମଲ୍ଲିକ, ଓଡିଆ ମୁଖ୍ୟ ବିଜୟ ବାରିକ, ରାଜନୀତି ବିଜ୍ଞାନ ମୁଖ୍ୟ ଡ. ପଦ୍ମଲୋଚନ ବର୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟାପିକା ନିବେଦିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

### କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ଏମ୍ପିଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା,୨୨।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ପରିଷଦର ପରିସରରେ ବୁଧବାର ସନ୍ଧ୍ୟାରେ କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇଛି। ଜିଲାର ସାମଗ୍ରୀକ ବିକାଶ ସହିତ କଳାହାଣ୍ଡିର କଳା, ସଂସ୍କୃତି ଓ ସାହିତ୍ୟର ବିକାଶ ପାଇଁ ପ୍ରୟାସ କରିବା ସହିତ କଳାକାରମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପରିଷଦ କରୁଥିବା ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଜିଲାର ସାଂସ୍କୃତିକ ଅନୁଷ୍ଠାନର ଭିତ୍ତିଭୂମିର ବିକାଶ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବେ ବୋଲି ପଣ୍ଡା କହିଛନ୍ତି। ପରିଷଦ ସଭାପତି ଉମେଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପରିଷଦ ଉପଦେଷ୍ଟା ରାହାସ ବିହାରୀ ବେହେରା, ପରିଷଦର ଉପସଭାପତି ସୁରେନ୍ଦ୍ର ନେଗୀ, ନାଟ୍ୟକାର ଅଶୋକ ପାତ୍ର, ଶିକ୍ଷାବିତ୍ ଡ. ଅଜୟ ମିଶ୍ର, ପ୍ରଭାଶ ଚନ୍ଦ୍ର ମିଶ୍ର, ସୁଧିର ପଣ୍ଡା, ଭିମଶେନ ସାହୁ, ଶେଷଦେବ ମିଶ୍ର, ଧ୍ୟାନ ପଣ୍ଡା, ତାପସ ପଟେଲ, ତରୁଣ ମହାପାତ୍ର, ରଞ୍ଜନ ରଥ, ଶକିତ ରତେ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଶଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦ ସମ୍ପାଦକ ଭାନୁ ପ୍ରକାଶ ରଥ ପରିଚାଳନା କରିଥିଲେ।

# ଚାକିରି ଦେବା ନାଁରେ ଠକେଇ, ୪ ଗିରଫ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୨।୮(ଡି.ଏନ୍.ଏ.)**

- ଶତାଧିକ ଯୁବକ ଠକେଇର ଶିକାର
- ୫୪ ହଜାର ଟଙ୍କା, ୪ ମୋବାଇଲ ଫୋନ୍, କାର୍, ଜାଲ୍ ବ୍ୟାନର, ୫୦ ବାୟୋଡାଟା, ସ୍କାନର, ଟାବ୍‌ଲେଟ ଜବତ

ଝାରସୁଗୁଡ଼ାର ବିଭିନ୍ନ କଳକାରଖାନାରେ ଚାକିରି କରାଇଦେବା ନାଁରେ ଶତାଧିକ ଯୁବକଙ୍କୁ ଠକେଇ କରାଯାଇଛି। ଏଭଳି ଘଟଣା ଝାରସୁଗୁଡ଼ା ବଡ଼ମାଲ ଥାନା ଅଞ୍ଚଳରେ ଘଟିଛି। ପୋଲିସ ଘଟଣାର ପର୍ଦ୍ଦାଫାଶ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ସିଂହଭୂମି ଜିଲା ଇଡେଲବେରା ଗ୍ରାମର ଜୟନ୍ତ ରଜକ (୩୦), ବ୍ରଜରାଜନଗର ଇଏସ୍ଆଇ ଛକର ରଞ୍ଜନ ମହାନନ୍ଦ ଓରଫ ତୃପ୍ତି (୨୪), କଳାହାଣ୍ଡି ଜିଲା କେସିଙ୍ଗା ଥାନା ପୋଡ଼ଖାମ ଗ୍ରାମର ପ୍ରଳୟ ନନ୍ଦ (୫୨) ଓ ଏମ୍.ରାମପୁର ଗ୍ରାମର ମହେଶ୍ୱର ପଟ୍ଟନାୟକ (୪୦)। ଗୁରୁବାର ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜୟନ୍ତ ଏହି ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବାବେଳେ ଅନ୍ୟମାନେ ତାଙ୍କ ଅଧୀନରେ କାମ କରୁଥିଲେ। ଏମାନଙ୍କ ନିକଟରୁ ପୋଲିସ ୫୪ ହଜାର ଟଙ୍କା, ଓଡି୨୩–ଏଚ୍୫୧୧୭ନଂ ମାରୁତି କାର୍, ୪ ମୋବାଇଲ, ୫୦ରୁ ଉର୍ଦ୍ଧ୍ୱ ବାୟୋଡାଟା, ହାଇଟେକ୍ ପି.ଆର୍. ମ୍ୟାନ୍‌ପାୱାର ସପ୍ଲାଇ ଲେଖାଥିବା ବ୍ୟାନର, ସ୍କାନର, ଟାବ୍‌ଲେଟ୍ ଆଦି ଜବତ କରିଛି।



ପୋଲିସ ଗିରଫ କରିଥିବା ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

### ଜୁନାଗଡ଼ ସହରରେ ଚୋର ର୍‍ୟାକେଟ ସକ୍ରିୟ, ପୁଣି ଏକ ବାଇକ୍ ଚୋରି

**ଜୁନାଗଡ,୨୨।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଚୋରି ର୍‍ୟାକେଟ ସକ୍ରିୟ ହେବାରେ ଲାଗିଛି। ଗତ କିଛି ଦିନ ତଳେ ସହରର ଏକ ଘରୁ ରାତିରେ ଜଣେ ଦୁର୍ବୃତ୍ତ ବାଇକ ଚୋରି କରି ନେଇଥିଲେ। ଏହି ଘଟଣାର କିଛି ଦିନ ପରେ ବୁଧବାର ସନ୍ଧାରେ ପୁଣି ସହରର ଏକ ଦୋକାନ ପରିସରରୁ ଦୁର୍ବୃତ୍ତ ଏକ ବାଇକ ଚୋରି କରି ନେଇଛନ୍ତି। ସ୍ଥାନୀୟ ପୋଲିସର ଡିଲା ପାଟ୍ରୋଲିଂ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଲମପୁରର ପ୍ରକାଶ ରଞ୍ଜନ ଠାକୁର ଜୁନାଗଡ ସହରକୁ ବୁଧବାର ସନ୍ଧ୍ୟାରେ ଜିନିଷପତ୍ର କିଣିବାକୁ ଆସିଥିଲେ। ଏହି ସମୟରେ ସେ ତାଙ୍କ ପଲସର ଗାଡି (ନଂଓଡି୦୮ଇ ୧୮୮୪)କୁ ଏକ ଦୋକାନ ଆଗରେ ରଖି ଯାଇଥିଲେ। ଦୋକାନ ସାମଗ୍ରୀ କିଣିବାର କିଛି ସମୟ ମଧ୍ୟରେ ଜଣେ ଦୁର୍ବୃତ୍ତ ବାଇକ ନେଇ ସେଠାରୁ ଫେରାର ହୋଇଯାଇଥିଲା। ସେଠାକାର ବିଭିନ୍ନ ଦୋକାରେ ଲାଗିଥିବା ସିସିଟିଭି ଫୁଟେଜରୁ ଦୁର୍ବୃତ୍ତ ଆସି ବାଇକ ଚୋରି କରିନେଇଥିବା ଜଣାପଡିଥିଲା। ଘଟଣା ସମ୍ପର୍କରେ ଉକ୍ତ ଦିନ ରାତିରେ ପ୍ରକାଶ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀଙ୍କୁ ପଚାରିବାରୁ ସେଠାକାର ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଖୁବଶୀଘ୍ର ଚୋରଙ୍କୁ ଠାବ କରାଯିବ ବୋଲି କହିଥିଲେ।

ଟଙ୍କା ପଏସା ଅଭାବ୍

# ଉଚ ଶିକ୍ଷାରୁ ବଁଚିତ୍ ଜ୍ୟୋତିଜୟା

**କୋମନା,୨୨।୮ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ପଏଁର ପଁଚେତ୍ ଅଧୀନ ମହୁଲଭଟା ଗାଁର ଝନେ ଗରିବ୍ ଛାତ୍ରୀ ଟଁକା ପଏସା ଅଭାବୁ ଉଚ ଶିକ୍ଷାରୁ ବଁଚିତ୍ ହେଇଛନ୍।

ସୂଚନା ଅନ୍‌ସାରେ ମହୁଲଭଟା ଗାଁର ସ୍ୱର୍ଗତ ଗଜାନନ ପାତ୍ରଙ୍କର ଝି' ଜ୍ୟୋତିଜୟା ପାତ୍ର(୧୭)। ଚଲତି ବଛର ସେ ଯୁକ୍ତ ଦୁଇ ପାସ୍ କରିଛନ୍। ହେଲେ ଟଁକା ପଏସା ଅଭାବୁ ଯୁକ୍ତ ତିନ୍‌ରେ ନାଁ ଲେଖାବାରୁ ବଁଚିତ୍ ହେଇଛନ୍। ଯେନ୍‌ଥିରଲାଗି ତାକର ସବୁ ସପନ୍ ଏହେଦେ ଭାଂଗି ଯାଇଛେ। ୨୦୧୩ରେ ବାପା ଗଜାନନ ପାତ୍ର ହଠାତ୍ ହୃଦ୍‌ଘାତର



ମା' ଆର ଭାଇର ସଂଗେ ଜ୍ୟୋତିଜୟା।

ଶିକାର ହେଇ ଆରପାରକେ ଚାଲିଗଲେ। ଏହେଦେ ବିଧବା ମା' ଆର ଦୁଇ ଭାଇ ବହେନ୍‌କୁ ନେଇ ତାକର ପରିବାର। ସାନ୍ ଭାଇ ଗାଁ ସ୍କୁଲରେ ପରଥମ ଶ୍ରେଣୀରେ ପଢୁଥିଲାବେଳେ ମା' ଝି' କୁଲିମଜୁରି କରି ପରିବାର ଚଲଉଛନ୍। ସେଥିରୁ ଯାହା ବଳ୍‌କୁଛେ ସେଥିରେ ଦୁଇ ଭାଇ ଭହେନ୍ ପାଠ୍ ପଢୁଥିଲେ। ଇତାର ବାହାରେ ପରିବାରକେ ମିଳୁଥିବାର ସରକାରୀ ସାହାଯ୍ କହେଲେ ମା' ପାଉଥିବାର ୫ଶହ ଟଁକା ବିଧବା ଭତା ଆର ୩୫ କେ.ଜି. ଚାଉଲ ସାହା ଭରସା। ଏନ୍‌ତା ପରିସ୍ଥିତିରେ ସେ ଚଲତି ବଛର ପାଠ୍‌ପଢ଼ବାର ଅନେକ ଲୁକ୍‌କୁ ସାହାଯ୍ ମାଗି ନିରାଶ ହେଇଛନ୍। ଯେନ୍‌ଥିରଲାଗି ଏହେଦେ ତାକର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ିଛେ। ଏନ୍‌ତାଥି ଉପେ ଶୁଇନ୍ ବିଧବା ମା' ଝି'ର ପାଠ୍‌ପଢ଼ା ସାହାଯ୍ ଲାଗି ଗଣମାଧ୍ୟମ ଜରିଆରେ ସରକାରୀ, ବେସରକାରୀ, ସହୃଦ୍ ଲୁକ୍‌କୁ ସହଯୋଗ୍‌ର ହାତ୍ ବଢ଼ାବାକେ ଗୁହାରି କରିଛନ୍।

# ସିନାପାଲି ତହସିଲରେ ୧୪୫ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ

**ସିନାପାଲି,୨୨।୮ (ଡି.ଏନ.ଏ.)**

ସିନାପାଲି ତହସିଲ ପରିସରରେ ଗୁରୁବାର ଜମିହୀନମାନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଆଜି ବସୁନ୍ଧରା ଯୋଜନା ମାଧ୍ୟମରେ ସିନାପାଲି ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୧୪୫ ଜଣ ହିତାଧିକାରୀଙ୍କୁ ୪ ଡିସିମିଲ ପରିମାଣର ସରକାରୀ ଜମି ଯୋଗାଇ ଦେବା ସହିତ ଏହାର ପଟ୍ଟା ପ୍ରଦାନ କରାଯାଇଛି। ଏହା ସହିତ ପୂର୍ବରୁ ପଡିରହିଥିବା ୩୧୦ ଜଣଙ୍କ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା। ନୂଆପଡା ଅତିରିକ୍ତ ଜିଲାପାଳ ଏହି କାର୍ଯ୍ୟକ୍ରମରେ



ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିକାରୀ ।

ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ସିନାପାଲି ଭାରପ୍ରାପ୍ତ ତହସିଲଦାର କପଲଦେବ ସାହୁ ଓ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲା ପରିଷଦ ଅଧ୍ୟକ୍ଷାଙ୍କ ନବୋଦୟ ବିଦ୍ୟାଳୟ ପରିଦର୍ଶନ

**କୋମନା,୨୨।୮(ଡି.ଏନ.ଏ.)**

ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ଅଚାନକ ଭାବେ ତରବୋଡସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସ୍କୁଲର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖ ଛାତ୍ରମାନେ ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ସ୍କୁଲ ପାଚେରି ଡେଇଁ ୧୦ କି.ମି. ଚାଲି ନୂଆପଡା ଜିଲାପାଳଙ୍କୁ ଭେଟି ଭିଭିନ୍ନ ସମସ୍ୟା ଜଣାଇଥିଲେ। ଏ ନେଇ ଜିଲାପାଳ ମଧୁସ୍ମିତା ସାହୁ ସବୁ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଛାତ୍ରମାନେ ଫେରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ ଅଚାନକ ବିଦ୍ୟାଳୟ ପରିଦର୍ଶନ କରଛନ୍ତି। ଅଧ୍ୟକ୍ଷା ପ୍ରକୋଷ୍ଠରେ ବସି ବିଦ୍ୟାଳୟର ବଭିନ୍ନ ସମସ୍ୟାଗୁଡିକ ଉପରେ ଆଲୋଚନା କରିଥିଲେ। ପ୍ରିନ୍ସିପାଲ ଜିଲା ପରିଷଦ ଅଧ୍ୟକ୍ଷାଙ୍କୁ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଜଣାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଏହାର ସମାଧାନ ସ୍ୱରୁପ ଛାତ୍ରୀଛାତ୍ରଙ୍କୁ ଠିକ ଭାବେ ଶିକ୍ଷାଦାନ କରିବା, ଖାଦ୍ୟପେୟ, ଖେଳକୁଦ ସହିତ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହା ପରେ ହଷ୍ଟେଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଭେଟି କଥାବାର୍ତ୍ତା ହୋଇଥିଲେ। ଖାଦ୍ୟପେୟର ମାନ ଜାଣିବା ପାଇଁ ମଧ୍ୟାହ୍ନଭୋଜନ ଚାଖିଥିଲେ। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଉପରେ ଅବଗତ କରିବାକୁ କହି ଫେରି ଆସିଥିଲେ।



ଜିଲା ପରିଷଦ ଅଧ୍ୟକ୍ଷା ତରବୋଡସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

ସ୍ୱତନ୍ତ୍ର ଭାବେ ଚାଲିବ ଜୁନାଗଡରୁ ଭୁବନେଶ୍ୱର ଟ୍ରେନ

# ମାଣିକେଶ୍ୱରୀ ଏକ୍ସପ୍ରେସ୍ ନାମ ଲାଗି ପ୍ରସ୍ତାବ

**ଭବାନୀପାଟଣା,୨୨।୮ (ଡି.ଏନ.ଏ.)**

ଆଗକୁ ଭୁବନେଶ୍ୱରରୁ ଜୁନାଗଡ ଏବଂ ଭୁବନେଶ୍ୱରରୁ ଜଗଦଲପୁରକୁ ୨ଟି ପୃଥକ ଟ୍ରେନ୍ ଚଳାଚଳ କରିବ। ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ କରିଥିବା ଅନୁରୋଧକୁ ରକ୍ଷା କରି ସେ ଏହାକୁ ସ୍ୱୀକୃତି ଦେଇଛନ୍ତି।

ଏହା ପରେ କଳାହାଣ୍ଡି ରେଳଯାତ୍ରୀ ସଂଘ ପକ୍ଷରୁ ଗୁରୁବାର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଧନ୍ୟବାଦ ଓ କୃତଜ୍ଞତା ପତ୍ର ସଂଘ ଅଧକ୍ଷ ଭବାନୀଶଙ୍କର ନିଆଲ ପ୍ରଦାନ କରିଛନ୍ତି । ଏଥି ସହ କେନ୍ଦ୍ର ରେଳମନ୍ତ୍ରୀ ଗୋୟଲଙ୍କୁ ଜୁନାଗଡରୁ ଭୁବନେଶ୍ୱର ସଂଯୋଗ କରୁଥିବା ଟ୍ରେନକୁ ମାଣିକେଶ୍ୱରୀ ଏକ୍ସପ୍ରେସ ଓ ଗୁଡହାଣ୍ଡି ରଖାଯାଉ ବୋଲି ସେ ଅନୁରୋଧ କରିଛନ୍ତି । କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଜୁନାଗଡ ତଥା ସମଗ୍ର ଧର୍ମଗଡ ଉପଖଣ୍ଡ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ଅନୁସାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧକ୍ରମେ କେନ୍ଦ୍ରରେଳ ମନ୍ତ୍ରୀ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଭାବେ ଜୁନାଗଡକୁ ଟ୍ରେନ ଚଳାଚଳ କରିବ ବୋଲି ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ଭୁବନେଶ୍ୱରରୁ ଯାଉଥିବା ଟ୍ରେନ୍‌ର ୧୦ଟି ବଗି ରାୟଗଡା ଷ୍ଟେସନରେ ଅଲଗା ହୋଇ ଜୁନାଗଡ ଅଭିମୁଖେ ଯାଉଛି। ଅବଶିଷ୍ଟ ୧୨ଟି ବଗି ଜଗଦଲପୁର ଅଭିମୁଖେ ଯାତ୍ରା କରୁଛି। ଫେରିବା ସମୟରେ ଉଭୟ ଜଗଦଲପୁର ଏବଂ ଜୁନାଗଡରୁ ଆସୁଥିବା ଭିନ୍ନଭିନ୍ନ ଟ୍ରେନ୍ ରାୟଗଡା ଷ୍ଟେଶନରେ ଗୋଟିଏ ଇଞ୍ଜିନରେ ଯୋଡି ହୋଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ଉପରୋକ୍ତ ବ୍ୟବସ୍ଥା ବିଶେଷଭାବେ କଳାହାଣ୍ଡି ଟ୍ରେନ୍ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଭଳି ଜଟିଳ ବ୍ୟବସ୍ଥା ସମ୍ପର୍କରେ ସଚେତନ ନ ଥିବା ଯାତ୍ରୀମାନେ ଅନେକ ସମୟରେ ଠିକ୍ ବଗିରେ ଚଢି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ସିଧାସଳଖ ଜୁନାଗଡରୁ ଭୁବନେଶ୍ୱର ଟ୍ରେନ ଚଳାଚଳ କଲେ ଯାତ୍ରୀ ଉପକୃତ ହେବେ।

### ଲଙ୍କେଶ୍ୱରୀ ଏକ୍ସପ୍ରେସ ନାମରେ ନାମିତ ପାଇଁ ଦାବି

ମା' ମାଟି ମମତା ସଙ୍ଗଠନ ପକ୍ଷରୁ ରେଳ ମନ୍ତ୍ରୀଙ୍କୁ ଦାବିପତ୍ର

**ଜୁନାଗଡ,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡଠାରୁ ଭୁବନେଶ୍ୱରକୁ ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସକୁ ଲଙ୍କେଶ୍ୱରୀ ଏକ୍ସପ୍ରେସ ନାମରେ ନାମିତ କରିବା ପାଇଁ ଜୁନାଗଡ ମା' ମାଟି ମମତା ସଙ୍ଗଠନ ପକ୍ଷରୁ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଇସ୍ପାତ ଏକ୍ସପ୍ରେସକୁ ଟିଟଲାଗଡରୁ ଜୁନାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ମଧ୍ୟ ଦାବି କରାଯାଇଛି। ସେହିପରି ଏହି ଦାବି ପତ୍ରର ଏକ ନକଲ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡି ଏମ୍ପି ବସନ୍ତ କୁମାର ପଣ୍ଡା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ଜିଲାର ସମସ୍ତ ବିଧାୟକ ଓ ଡିଆରଏମ ସମ୍ବଲପୁରକୁ ମଧ୍ୟ ପ୍ରେରଣ କରାଯାଇଛି। ଏହି ଦାବିପତ୍ରକୁ ମା' ମାଟି ସଙ୍ଗଠନର ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର, ଉପସଭାପତି ପ୍ରମୋଦ କୁମାର ବେହେରା, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ରାଉତ,ନ କୋଷାଧକ୍ଷ ବିଶ୍ୱନାଥ ସାହୁ, ଉପଦେଷ୍ଟା ଅକ୍ଷୟ କୁମାର ନନ୍ଦ, ତ୍ରିଲୋଚନ ସିଂ, କୈଳାସ ରାଉତ, ଲକ୍ଷ୍ମଣ ରଣବୀର, ରମେଶ ଚନ୍ଦ୍ର ନାଏକ, ଦାମୋଦର ବେହେରା ପ୍ରମୁଖ ପ୍ରେରଣ କରିଛନ୍ତି। ସେହିପରି ଜୁନାଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମଧ୍ୟ ଏହି ଦାବିପତ୍ର ପ୍ରେରଣ କରାଯାଇଛି। ଜୁନାଗଡ ସହର ହଜାରେ ବର୍ଷର ସହର। ଏଠାରେ ଅନେକ ଐତିହାସିକ କିମ୍ବଦନ୍ତୀ ଦେଖିବାକୁ ମିଳେ। ପୂର୍ବରୁ ଏହା କଳାହାଣ୍ଡିର ରାଜଧାନୀ ମଧ୍ୟ ରହିଥିଲା। ମା' ଲଙ୍କେଶ୍ୱରୀ ଏଠାରେ ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜାପାଉଛନ୍ତି। ସେହି ଦୃଷ୍ଟି କୋଣରୁ ହୀରାଖଣ୍ଡ ଏକ୍ସପ୍ରେସକୁ ଲଙ୍କେଶ୍ୱରୀ ଏକ୍ସପ୍ରେସ ନାମରେ ନାମିତ କରିବାକୁ ଦାବି କରାଯାଉଛି।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା



## ସଂକ୍ଷେପରେ

### ନାଏବ ସରପଞ୍ଚ ଉପନିର୍ବାଚନ: ଭାଗୀରଥି ନିର୍ଦ୍ୱନ୍ଦ୍ୱ ନିର୍ବାଚିତ

**ଲୋଇସିଂହା,୨୨।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରଷୁଣ୍ଡି ପଞ୍ଚାୟତର ନାଏବ ସରପଞ୍ଚ ଉପନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗୀରଥି ବୁଡେକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ଦୁର୍ଗାପ୍ରସାଦ ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ। ୯ନଂ ୱାର୍ଡର ସଭ୍ୟ ବୁଡେକ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ନିର୍ବାଚନ ଅଧିକାରୀ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ପଞ୍ଚାୟତର ନାଏବ ସରପଞ୍ଚ ରଘୁ ମିଶ୍ରଙ୍କ ଗତ ଡିସେମ୍ବର ମାସରେ ଅକାଳ ବିୟୋଗ ଘଟିଥିଲା। ତେଣୁ ୮ ମାସ ହେଲା ଏହି ପଦବୀ ଖାଲି ପଡିଥିଲା।

### ଜିଲାସ୍ତରୀୟ ଫୁଟବଲ ଲିଗ୍: ସୁଜିଆ ବିଜୟୀ

**ଲୋଇସିଂହା,୨୨।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଲିଗ୍‌ର ବି ଗ୍ରୁପର ଗୁରୁବାର ଦ୍ୱିତୀୟ ଦିବସରେ ସୁଜିଆ ଏବଂ ତେନ୍ତୁଳିଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୧-୧ ଗୋଲରେ ବାରାବର ରହିଥିଲେ। ଫଳରେ ମ୍ୟାଚ ଅମୀମାଂସିତ ରହିଥିଲା। ଫଳରେ ରେଫରି ଟାଇବ୍ରେକରର ସହାଯ୍ୟ ନେଇଥିଲେ।। ଏଥିରେ ସୁଜିଆ ୪-୨ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।

ବନ୍ୟା, ବାଇପାସ ରାସ୍ତାକୁ ନେଇ ସମୀକ୍ଷା

# ଛିଣ୍ଡିଲାନି ବାଇପାସ୍ ରାସ୍ତା ଗଣିତ

**ବଲାଙ୍ଗୀର ଅଫିସ, ୨୨।୮**



ପୂର୍ତ୍ତମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମପି, ବିଧାୟକମାନେ।

- ଭୁବନେଶ୍ୱରରେ ହେବ ସ୍ୱତନ୍ତ୍ର ବୈଠକ
- ବନ୍ୟା କ୍ଷୟକ୍ଷତି ଆକଳନ କଲାପରେ ଅର୍ଥ ବ୍ୟବସ୍ଥା ହେବ

ବଲାଙ୍ଗୀର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ବୈଠକରେ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଜିଲାର ବନ୍ୟା କ୍ଷୟକ୍ଷତି ଓ ବଲାଙ୍ଗୀର ବାଇପାସ୍ ରାସ୍ତା ଉପରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଢ଼େର ଆଲୋଚନା ହୋଇଥିଲେ ମଧ ବହୁପ୍ରତୀକ୍ଷିତ ବାଇପାସ୍ ରାସ୍ତା ନିର୍ମାଣ ଅଗ୍ରଗତି ନେଇ କୌଣସି ନିଷ୍କର୍ସ ବାହାରି ପାରି ନ ଥିଲା । ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ବୈଠକରେ କିଛି ବି ଠୋସ୍ ନିଷ୍ପତ୍ତି ହୋଇପାରି ନ ଥିଲା। ଏହାପରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଭୁବନେଶ୍ୱରରେ ବଲାଙ୍ଗୀର ବାଇପାସ୍ ରାସ୍ତା ସଂକ୍ରାନ୍ତରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କୌଣସି ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ କରିବା ପାଇଁ ମନ୍ତ୍ରୀ ମଲ୍ଲିକ କହିଥିଲେ। ବଲାଙ୍ଗୀର ଜିଲାର ପ୍ରଳୟଙ୍କରୀ ବନ୍ୟା କ୍ଷୟକ୍ଷତି ଆକଳନ ପରେ ସମସ୍ତ ଧୋଇ ହୋଇଯାଇଥିବା ରାସ୍ତାଘାଟ, ପୋଲ ଓ କୋଠା ନିର୍ମାଣ ଓ ମରାମତି ଶୀଘ୍ର କରାଯିବ ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ପାଟଣାଗଡ ବିଧାୟକ ସରୋଜ ମେହେର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଉପାଧ୍ୟକ୍ଷ ପାଣ୍ଡବ ସାହୁ ମଞ୍ଚାସୀନ ଥିଲେ । ଜିଲାପାଳ ଅରିନ୍ଦମ ଡାକୁଆ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ବନ୍ୟା କ୍ଷୟକ୍ଷତି ସମ୍ପର୍କରେ କହିଥିଲେ । ଏହାପରେ ମନ୍ତ୍ରୀ ମଲ୍ଲିକ ବଲାଙ୍ଗୀର ବାଇପାସ୍ ରାସ୍ତା ଉପରେ ବିଧାନସଭାରେ ବିଧାୟକ ମିଶ୍ର ଓ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଆଣିଥିବା କଲିଂ ଆଟେନ୍‌ସନ୍ ଉପରେ ଆଲୋଚନା କରିବାକୁ କହିଥିଲେ । ବିଧାୟକ ମିଶ୍ର ଜାତୀୟ ରାଜପଥ ବାଇପାସ୍ ରାସ୍ତା ଓ ରାଜ୍ୟ ରାଜପଥ ବାଇପାସ୍ ଉପରେ ବର୍ତ୍ତମାନ୍ ସ୍ଥିତାବସ୍ଥା କ'ଣ ବୋଲି ପ୍ରଶ୍ନ କରିଥିଲେ। ଜାତୀୟ ରାଜପଥ ବିଭାଗ ମୁଖ୍ୟଯନ୍ତ୍ରୀ ରଶ୍ମିରଞ୍ଜନ ବହିଦାର ସୂଚନା ଦେଇ ଏ ପର୍ଯ୍ୟନ୍ତ ଜାତୀୟ ରାଜପଥ ମନ୍ତ୍ରଣାଳୟରେ ଏଷ୍ଟିମେଟ୍ ମଞ୍ଜୁରୀ ଅପେକ୍ଷାରେ ରହିଛି ବୋଲି କହିଥିଲେ । ପ୍ରଥମେ ୨୦୧୨-୧୩ ମସିହାରେ ଏହି ପ୍ରକଳ୍ପ ପାଇଁ ୪୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ପରବର୍ତ୍ତୀ ସମୟରେ ୨୦୧୫ ମସିହା ବେଞ୍ଚମାର୍କ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ୨୪୧ କୋଟିର ଏଷ୍ଟିମେଟ୍ ପଠାଯାଇଥିଲା । ଏହାକୁ ମନ୍ତ୍ରଣାଳୟ ଫେରାଇ ଦେଇଥିଲେ। ପରେ ଏହାକୁ ୪ଟି ପର୍ଯ୍ୟାୟରେ କମାଇ ପ୍ରାୟ ୧୩୨ କୋଟିର ଏଷ୍ଟିମେଟ ପଠାଯାଇଥିଲା । ଏହା ମଧ ମଞ୍ଜୁର ହୋଇନାହିଁ। ଏବେ ମନ୍ତ୍ରଣାଳୟ କେତେ ଟଙ୍କା ମଞ୍ଜୁର କରିବା ତାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି । କିଭଳି ପରିସ୍ଥିତିରେ ଓ କାହାର ଭୁଲ ଯୋଗୁଁ ଏଭଳି ଦ୍ୱନ୍ଦ୍ୱାତ୍ମକ ଏଷ୍ଟିମେଟ୍ ପଠାଯାଇଛି ଓ ବଲାଙ୍ଗୀରବାସୀ ଏହାର ପରିଣାମ ଭୋଗୁଛନ୍ତି ବୋଲି ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ଏମପି ସିଂଦେଓ ଏଭଳି ଦ୍ୱନ୍ଦ୍ୱାତ୍ମକ ଏଷ୍ଟିମେଟ୍ ବାରମ୍ବାର ପଠାଯାଇ କେନ୍ଦ୍ର ସରକାରଙ୍କୁ କାହିଁକି ଅଯଥାରେ ବଦ୍‌ନାମ କରାଯାଉଛି ବୋଲି କହିଥିଲେ। ଭ୍ରମାତ୍ମକ ଏଷ୍ଟିମେଟ୍ ପଠାଯାଉଥିବାରୁ ବଲାଙ୍ଗୀରବାସୀ ଆଉ କେତେଦିନ ଅସୁବିଧାର ସମ୍ମୁଖୀନ ହେବେ ବୋଲି ପ୍ରଶ୍ନ କରିଥିଲେ । ବଲାଙ୍ଗୀର ତହସିଲଦାର ତଥା କାଲା ଅଧିକାରୀ ଲଲାଟ୍ ଲୁହା ରାଜପଥ ମନ୍ତ୍ରଣାଳୟର ପଠାଇଥିବା ସୂଚୀ ଅନୁସାରେ ଏଷ୍ଟିମେଟ୍ ପଠାଯାଇଥିଲା ବୋଲି କହିଥିଲେ । ତେବେ ଜାତୀୟ ବାଇପାସ୍ ରାସ୍ତା ନିର୍ମାଣ କେବେ ହେବ ସେନେଇ କୌଣସି ନିର୍ଯ୍ୟାସ ବାହାରି ନ ଥିବାରୁ ବିଧାୟକ ମିଶ୍ର ଭୁବନେଶ୍ୱରରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ବୈଠକ କରିବାକୁ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଥିଲେଦ୍। ମନ୍ତ୍ରୀ ମଲ୍ଲିକ ଏହା ଉପରେ ସମ୍ମତି ପ୍ରକାଶ କରିଥିଲେ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଏହି ବୈଠକ କରାଯିବ । ଉକ୍ତ ବୈଠକରେ ମନ୍ତ୍ରୀଙ୍କ ସହ ଏମପି ସିଂଦେଓ, ବିଧାୟକ ମିଶ୍ର, ଜିଲାପାଳ, ପୂର୍ତ୍ତବିଭାଗ ଓ ଜାତୀୟ ରାଜପଥ ବିଭାଗ ଅଧିକାରୀ ଉପସ୍ଥିତ ରହିବେ ବୋଲି କହିଥିଲେ।

ସମ୍ବଲପୁର ରାସ୍ତାରୁ ପାଟଣାଗଡକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ବାଇପାସ୍ ଶୀଘ୍ର ସମାପ୍ତି ଉପରେ ଆଲୋଚନା ହୋଇଥିଲା । ବନ୍ୟା କ୍ଷୟକ୍ଷତି ଉପରେ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସ ରିପୋର୍ଟ ଉପସ୍ଥାପନ କରିଥିଲେ । ବନ୍ୟାରେ ଧୋଇ ହୋଇଯାଇଥିବା ରାସ୍ତା, ଭାଙ୍ଗିଯାଇଥିବା କୋଠା ମରାମତି ଓ ନିର୍ମାଣ କରିବାକୁ ମନ୍ତ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଟୁକୁନୀ ସାହୁ ଟିଟିଲାଗଡ ରେଲୱେ ଓଭରବ୍ରିଜ୍ କାମ ଶୀଘ୍ର ସମାପ୍ତ ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲୋଇସିଂହା ବିଧାୟକ ମହାଲିଙ୍ଗ ସାଲେଭଟା-କୁଟାସିଂହା ରାସ୍ତା ଓ ସାଲେଭଟା-ଆଗଲପୁର-ନଅଗାଁ ରାସ୍ତା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ମଦରନ୍ଧାରେ ବ୍ୟବହୃତ ସାମଗ୍ରୀ।

### ବିପୁଳ ପରିମାଣର ମଦ ଜବତ, ୪ ଗିରଫ

**ପାଟଣାଗଡ, ୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଅବକାରୀ ଅଧୀକ୍ଷକ ଶ୍ରୀକର ମାଝିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଲରମ୍ବା ଥାନା ଅଧିନ ରେଙ୍ଗାଲି ଗ୍ରାମରେ ଗୁରୁବାର ଚଢାଉ କରାଯାଇଥିଲା। ଚଢାଉ ସମୟରେ ବିପୁଳ ପରିମାଣର ଦେଶୀ ରନ୍ଧାମଦ ଏବଂ ମହୁଲ ପୋଚ ଜବତ କରାଯାଇଥିଲା। ଚଢାଉରେ ୬୩୦ଲିଟର ଦେଶୀ ରନ୍ଧାମଦ, ୯୭୦ଲିଟର ମହୁଲ ପୋଚ ଜବତ କରାଯାଇଥିଲା। ରେଙ୍ଗାଲି ଗ୍ରାମର ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଈଶ୍ୱର ବିଭାର, ପ୍ରତ୍ୟୁଷ ନନ୍ଦ, ଲକ୍ଷ୍ମଣ ସାହୁ ଏବଂ କୀର୍ତ୍ତି ସାହୁ। ମଦରନ୍ଧାରେ ବ୍ୟବହୃତ ଅନେକ ସାମଗ୍ରୀ ମଧ ଜବତ କରାଯାଇଛି। ଏହି ଚଢାଉରେ ପାଟଣାଗଡ ଏପିଆର ଫୋର୍ସ, ବଲାଙ୍ଗୀର ମୋବାଇଲ ୟୁନିଟର ଝସକେତନ ବରିହା, ଗିରିଜା ଚନ୍ଦ୍ର ପାଣିଗ୍ରାହୀ, ବଲାଙ୍ଗୀର ସଦର ଅବକାରୀ ଥାନାର ପ୍ରସନ୍ନ କୁମାର ନାଏକ, ପଦ୍ମଲୋଚନ ନାଏକ, ତୁଷୁରା ଅବକାରୀ ଥାନାର ଶଶିକାନ୍ତ ଦଉ ସହଯୋଗ କରିଥିଲେ।

ଅଜନା ରୋଗ୍‌ରେ ପୀଡ଼ିତ ଭାଇବହେନ୍

## ଚିକିତ୍ସା ସାହାଯ୍ ଲାଗି ଗୁହାରି କଲେ ମା'ବାପ୍

**ଖପ୍ରାଖୋଲ, ୨୨।୮ (ଡି.ଏନ୍.ଏ)**



ଅଜନା ରୋଗ୍‌ରେ ପୀଡ଼ିତ ପଦ୍ମିନୀ ଆର ପୁସ୍ତମ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଁଚେତ୍ ବାଗଝରେନ୍ ଗାଁର ସମାରୁ ଭୋଇକଁର ଝି' ପଦ୍ମିନୀ(୩୦) ଆର ପୁଓ ପୁସ୍ତମ(୨୫) ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ପାଖାପାଖି ୧୫ ବଛର ହେଲା ଦୁଇ ଭାଇ ବହେନ୍ ଚାଲବୁଲ କି କଥା କହି ନାଇଁ ପାରବାର। ଯେନ୍‌ଥିରଲାଗି ଭାଇ ଭହେନ୍‌କୁ ଗଧାମଖା, ଖାନାପିନା, ଝାଡ଼ାଝପଟ ସବୁରେ ମା'ବାପ୍‌ର ସାହାଯ୍ ଦରକାର ପଡୁଛେ। ଗଲା ୧୫ ବଛର ହେଲା ସମାରୁ ଝିଁପୁଓକେ ଭିନେ ଭିନେ ଡାକ୍ତରଖାନା ନେଇ ଚିକିତ୍ସା କରଉଛନ୍। ହେଲେ ଆଏଜ୍‌ତକ ଦୁଇ ଭାଇ ବହେନ୍‌କେ କାଏଁ ରୋଗ୍ ହେଇଛେ ଜନା ନାଇଁ ପଡ଼ବାର। ଛୋଟ ବେଲୁ ଭାଇ ବହେନ୍ ନିରୁଜ୍ ଥିଲେ, ଘରେ ଚାଷ୍‌ବାସରେ ବି ସହଯୋଗ କରୁଥିଲେ। ଦରକାର ପଡ଼ଲେ ଉନିଆଁ ଲୁକ୍‌କର କାମ୍‌ବୁତା କରି ଦୁଇ ପଏସା କମଉଥିଲେ। ଏନ୍ତା କି ମା'ବାପ୍ ସଂଗେ ଦାଦନ୍ ଯାଇ କାମ୍ କରୁଥିଲେ। ହେଲେ ଆଏଜ୍‌କେ ପାଖାପାଖି ୧୫ ବଛର ତଲୁ ଦୁଇ ଭାଇ ବହେନ୍‌କର ଦିହିପା ଦୁରବଲ ହେବାର ସଂଗେ ତାକର ଗୋଡ଼ହାତ୍ ଠିକ୍‌ରେ କାମ୍ ନାଇଁ କଲା। ଦିନୁଦିନ୍‌କେ ଦୁଇଝନ କଥା କହେବାର ଶକ୍ତି ବି ହରେଇ ଦେଲେ। ଏହେଦେ ରୋଗ୍ ପରଭାବରେ ଦୁଇ ଭାଇ ଭହେନ୍ ମାନ୍‌ସିକ, ଶାରୀରିକ୍ ସ୍ତରରେ ଦୁରବଲ ହେବାର ସଂଗେ ଭିନ୍ନକ୍ଷମ ପାଲଟିଯାଇଛନ୍। ଏନ୍ତାଥି ମା'ବାପ୍ ଝିଁପୁଓର ସେବା ଯତନ୍ କରବାରେ ଦିନ୍ ଯାଉଛେ। ଇଆଡ଼େ ପଦ୍ମିନୀକେ ସରକାରୀ ଯୋଜନାରେ ଚାଉଲ ଆର ଭତା ମିଲୁଥିଲବେଲେ ପୁସ୍ତମ ଏଭ୍‌ତକ ଭତାରୁ ବଁଚିତ୍ ହେଇ ରହିଛନ୍। ଉପେ ଶୁଇନ୍ ଗରିବ୍ ମା'ବାପ୍ ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ଝିଁପୁଓର ଚିକିତ୍ସା ସାହାଯ୍ ଲାଗି ଗୁହାରି କରିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁଁ ପଚରାଲାରୁ ଆପଣକଁରନୁ ଇ ସୂଚନା ପାଇଲି। ଭାଇ ବହେନ୍‌ର ଦିହିପା ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ ସଂଗେ ଆଲୋଚନା କରମି ଆର ଯେନ୍‌ଟା ହେବା ସାହାଯ୍ ଯୁଗେଇ ଦେବାର ବେବସ୍ତା କରାଯିବା। ଯେତେ ଜଲ୍‌ଦି ହେବା ପୁସ୍ତମକେ ଭତା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।

### ଆଇନ ସଚେତନତା ଶିବିର

**କଣ୍ଟାବାଞ୍ଜି, ୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାସ୍ଥିତ ସରକାରୀ ହାଇସ୍କୁଲରେ ସିଭିଲ କୋର୍ଟ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି।। ଶିବିରରେ ଜନସାଧାରଣ ଏବଂ ଅସହାୟ କିପରି ଏହି କମିଟି ଜରିଆରେ ଆଇନର ସହାୟତା ପାଇ ପାରିବେ ତାହା ଉପରେ ସୂଚନା ଦିଆଯାଇଥିଲା। ଏପରିକି ତାଲୁକ ଆଇନ କମିଟି କାହିଁକି କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି । ଏହି ଶିବିରରେ ସ୍ଥାନୀୟ ସବ୍‌ଜଜ୍ ବିନୋଦ ବିହାରୀ ସାହୁ, ଜେଏମଏଫସି ଲିଙ୍କିପ୍ରିୟା ସାହୁ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଦୁଃଖିଶ୍ୟାମ ଗୁରୁ ବିଭିନ୍ନ ଆଇନ ସହିତ ମହିଳାମାନଙ୍କ ଆଇନ ଉପାଦେୟତା ଉପରେ ନିଜର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ଅନ୍ୟ ସଦସ୍ୟମାନଙ୍କ ସହିତ ପୋଲିସ, ତୁରେକେଲା ଏବଂ ତାଲୁକ ଆଇନ ସହାୟତା କମିଟିର ଅସିଫ ଅଲି ଉପସ୍ଥିତ ଥିଲେ।

## ରେଳ ଭୂତଳପୋଲ ଉଦ୍‌ଘାଟିତ

**ଟିଟିଲାଗଡ଼,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡବାସୀଙ୍କ ବହୁ ପ୍ରତୀକ୍ଷିତ ରେଳବାଇ ଭୂତଳ ପୋଲ ଗୁରୁବାର ଉଦ୍‌ଘାଟିତ ହୋଇଛି। ସହରର ରାଧାକୃଷ୍ଣ ମନ୍ଦିରରୁ ଶିବ ମନ୍ଦିର ମାର୍ଗରେ ରାଜ୍ୟ ସରକାରଙ୍କ ୧୦ କୋଟି ଅନୁଦାନରେ ନିର୍ମିତ ଏହି ପୋଲକୁ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଡିସେମ୍ବର ସୁଦ୍ଧା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣାଧୀନ ସହର ମଧ୍ୟସ୍ଥ ରେଳବାଇ ଓଭରବ୍ରିଜ ଓ ମହଦାଠାରେ ତେଲନଦୀ ଉପରେ ଟିଟିଲାଗଡ-କେସିଙ୍ଗା ରାସ୍ତାରେ ନିର୍ମାଣାଧୀନ ବ୍ରିଜ ସମ୍ପୂର୍ଣ୍ଣ ହେବ ବୋଲି ଏହି ଅବସରରେ ଉଭୟ ମନ୍ତ୍ରୀ କହିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପଜିଲାପାଳ ସୁଧାକର ନାୟକ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ରେଳବିଭାଗ ସମ୍ବଲପୁର ସିନିୟର ଡିଇଏନ ରାଜୀବ କୁଅଁର,



ରେଳବାଇ ଭୂତଳ ପୋଲକୁ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଓ ଟୁକୁନୀ ସାହୁ ଉଦ୍‌ଘାଟନ କରୁଛନ୍ତି।

ଟିଟିଲାଗଡ଼ ଏଇଏନ କାଶୀନାଥ ସାହୁ, କେ. ନରସିହ୍ମା ରାଓ ଓ ପ୍ରୀତିବାସ ବେହେରା, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଆଦିତ୍ୟ କୁମାର ରାଏ, ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ମିଶ୍ର, ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରା ଓ ସ୍ଥାନୀୟ ଏସଡିଓ ଆଲୋକ ନାୟକ, ଉପଜିଲାପାଳ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଟିଟିଲାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ନାଗରିକ ମଞ୍ଚ ସଭାପତି ରାଧାକାନ୍ତ ପାଢୀ, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପୂର୍ବତନ ପୌର ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ବିଜେଡି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ଅରୁଣ ମିଶ୍ର, ରଣଜିତ ପୃଷ୍ଟି, ଉମାଦେବୀ ଅଗ୍ରୱାଲଙ୍କ ସମେତ ସହରର ବହୁ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କାର୍ ସହ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

**ଦେଓଗାଁ,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଭୂତିଆରବାହାଲ ଛକ ନିକଟରେ ଗୁରୁବାର ଏକ କାରରେ ଚୋରାଚାଲାଣ ହେଉଥିବା ଗଞ୍ଜେଇକୁ ବନ୍ଧପଡା ପୋଲିସ ଜବତ କରିଛି। ତେବେ ଘଟଣାସ୍ଥଳରେ ଗଞ୍ଜେଇ ସହ କାରକୁ ଛାଡି ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି। ଏ ସଂକ୍ରାନ୍ତରେ ବନ୍ଧପଡା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଦେଓଗାଁ ଥାନା ଏଏସଆଇ ଜନାର୍ଦ୍ଦନ ସାହୁ କହିଛନ୍ତି । ସୂଚନା ଅନୁସାରେ ଗୁରୁବାର ସକାଳେ ଭୂତିଆରବାହାଲ ଓ ସାହାଜବାହାଲ ରାସ୍ତାରେ ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ ପାଟ୍ରୋଲିଂ କରୁଥିବା ବେଳେ ଓଡି ୧୭ ଏମ୯୮୯୯ ଲେଖାଥିବା ଏକ ସ୍ୱିଫ୍ଟ ଡିଜାୟାରା କାର ଦେଓଗାଁ ପଟରୁ ସାହାଜବାହାଲ ରାସ୍ତାଦେଇ ଯାଉଥିଲା। ପୋଲିସ ଭ୍ୟାନକୁ ଦେଖି ସେମାନେ ହଠାତ ଫେରିଯିବାରୁ ପୋଲିସ ସନ୍ଦେହରେ କାରକୁ ଅଟକାଇବା ପାଇଁ ପିଛା କରିଥିଲା । ପୋଲିସ ଗାଡି ଆସୁଥିବା ଦେଖି ଅଭିଯୁକ୍ତମାନେ କାରକୁ ଭୂତିଆରବାହାଲଛକ ନିକଟ ରାସ୍ତାରେ ଛାଡି ଧାନବିଲ ଦେଇ ଫେରାର ହୋଇଯାଇଥିଲେ। ଜବତ କାର ମଧ୍ୟରୁ ୪ଟି ଜରି ପ୍ୟାକେଟରୁ ୮୧ କେଜି ଗଞ୍ଜେଇ ବାହାରିଥିବା ବେଳେ ଦେଓଗାଁ ତହସିଲଦାର ସୋନାଲୀ ପାତ୍ରଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା।



ଜବତ କାରରୁ ଗଞ୍ଜେଇକୁ ଓଜନ କରାଯାଉଛି।

ଦେଓଗାଁ ପଞ୍ଚାୟତ ସମିତି ବୈଠକ

## ବନ୍ୟା କ୍ଷୟକ୍ଷତି ସୁଧାର ଉପରେ ଗୁରୁତ୍ୱାରୋପ

**ଦେଓଗାଁ,୨୨।୮(ଡି.ଏନ.ଏ.)**



ଦେଓଗାଁ ବ୍ଲକ ସଭାଗୃହରେ ପଞ୍ଚାୟତସମିତି ବୈଠକ ଚାଲିଛି।

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ସଭାଗୃହଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୀନା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ୍ୟାରେ କ୍ଷତି ଗ୍ରସ୍ତ ହୋଇଥିବା ଗ୍ରାମର କିପରି ସୁଧାର ଆସିପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏପରି କି ବନ୍ୟାରରେ ଗାଁଗୁଡିକର ଅନେକ ରାସ୍ତା ବିଚ୍ଛିନ୍ନ ହୋଇଯାଇଥିବାରୁ ସାଧାରଣ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରି କି ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବାଆସିବା କରିବାରେ ହଇହଇା ହେଉଥିବା ଦେଖିବାକୁ ମିଳିଛି। ଏନେଇ ପ୍ରତି ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ବନ୍ୟାରେ କ୍ଷତି ହୋଇଥିବା ରାସ୍ତାର ତାଲିକା ଦେବାକୁ ବୈଠକରେ କୁହାଯାଇଥିଲା। ଏହି ଅବସରରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ବନ୍ୟା ଅନେକ ଲୋକଙ୍କୁ କ୍ଷତି ପହଞ୍ଚାଇଛି। ଏଣୁ ବ୍ଲକସ୍ତରରୁ ପ୍ରକୃତ ତଥ୍ୟ ଆକଳନ କରି ସରକାରଙ୍କୁ ପଠାଇବା ସହ ଜିଲାକୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣାରେ ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ବ୍ଲକ ଅଧୀନରେ ଥିବା ୮ଟି ରାସ୍ତାକୁ ଗ୍ରାମ୍ୟଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଅନୁମୋଦନ କରାଯାଇଥିଲା। ଫୋର୍ଥ ଏସ୍‌ଏଫ୍‌ସି ଡିଭୋଲ୍ୟୁସନ ଫଣ୍ଡ ୧୯ ଲକ୍ଷ ଟଙ୍କା ଆସିଛି। ଏହାକୁ ପଞ୍ଚାୟତର ଜନପ୍ରତିନିଧିମାନେ ନିତାନ୍ତ ଜରୁରୀ ସ୍ଥାନରେ ଖର୍ଚ୍ଚ କରିବା ଦିଗରେ ଅନୁମୋଦନ କରିବାକୁ ବିଡିଓ ବେର୍ଣ୍ଣଦେତ ଲାକ୍ରା ଅନୁରୋଧ କରିଥିଲେ। ଏପରି କି ବିଜୁ କେବିକେ ଯୋଜନାରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରତି ପଞ୍ଚାୟତରେ ଅତିକମ୍‌ରେ ୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବିଜୁଳି, ସଡ଼କ ଓ ପାନୀୟଜଳ ସମ୍ବନ୍ଧରେ ପ୍ରସ୍ତାବ ଦେବାକୁ ଅନୁରୋଧ କରିଥିଲେ । ଲୁଣ୍ଡାପଥର ପଞ୍ଚାୟତ ଝିକେରମାଲ, ସିଂହାମୁଣ୍ଡାର ବାଗପଡ଼ା, ଭାଟିପଡ଼ା ତଥା ରାମଚନ୍ଦ୍ରପୁର ପଞ୍ଚାୟତର ହରିଜନପଡ଼ାରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ବନ୍ୟାରେ ମତ୍ସ୍ୟଚାଷୀମାନଙ୍କ ବ୍ୟାପକ କ୍ଷତି ହୋଇଥିବା ବେଳେ ଏନେଇ କୌଣସି ବୀମା ସୁବିଧା ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସାଲେପାଲି ଅଙ୍ଗନୱାଡିକେନ୍ଦ୍ର ଗୃହ ନିର୍ମାଣ ହୋଇଥିଲେ ହେଁ ଜନୈକଙ୍କ ରୟତି ଜମିରେ ନିର୍ମାଣ କରାଯାଇଥିବାରୁ କୋମଳମତି ଶିଶୁମାନେ ହଇହଇା ହେଉଥିବା ତଥା ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେସୁଦ୍ଧା କୌଣସୀ ଆଖିଦୃଶୀୟା ପଦକ୍ଷେପ ନିଆଯାଉ ନ ଥିବା ସାଲେପାଲି ସରପଞ୍ଚ ନିଳାଞ୍ଚଳ କୁଅଁର ଅଭିଯୋଗ କରିଥିଲେ । ବୈଠକରେ ଜଲାପରିଷଦ ସଦସ୍ୟ ଶୁଶିଳ କୁମାର ଚାନ୍ଦ, ଗୁରୁଦେବ ରଣା, ବ୍ଲକ ଉପାଧ୍ୟକ୍ଷ ରାଜୁ ବାଗ, ଏମ୍‌ପିଙ୍କ ପ୍ରତିନିଧି ପଙ୍କଜିନି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ଅଧିକାରୀ ପ୍ରତାପ ସିଂ ନାଏକ ବିବରଣୀ ପଠନ ତଥା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜିଲିମୁଣ୍ଡାରେ ଜଳଶକ୍ତି ଅଭିଯାନ

**ଦେଓଗାଁ, ୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ବିଜିଲିମୁଣ୍ଡାରେ ରିଲାଏନ୍ସ ଫାଉଣ୍ଡେସନ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହାୟତାରେ ଜଳଶକ୍ତି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗ୍ରାମବାସୀ ଏବଂ ଏସ୍‌ଏଚଜିମହିଳାମାନେ ଏକ ସଚେତନତା ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଜଳଶକ୍ତିକୁ ଅପବ୍ୟବହାର ନ କରିବା ତଥା ଗଛଲଗାଇ ତାର ଉପଯୁକ୍ତ ଯତ୍ନ ନେବା ଉପରେ ସଚେତନ କରାଇଥିଲେ। ପରେ ଫାଉଣ୍ଡେସନର ସିଆର୍‌ପି ଗୋପାଳ ସାହୁଙ୍କ ସଂଯୋଜନାରେ ପ୍ରତ୍ୟେକ ପରିବାର ଅତିକମ୍‌ରେ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନନେବା, ଜଳର ଅପବ୍ୟବହାର ନ କରିବା ପାଇଁ ଶପଥ ନେଇଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଗହଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ଭୋଇ, ଡିଆର୍‌ଡିଏ ପିଡି ମହେଶ୍ୱର ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ରର ସାର୍ଥକ ପଟ୍ଟନାୟକ, ଫାଉଣ୍ଡେସନର ସନ୍ତୋଷ ଖଣ୍ଡାଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭବାନୀପାଟଣା,୨୨।୮(ଡି.ଏନ.ଏ.)- ଭବାନୀପାଟଣା ସଦର ବ୍ଲକ ବୋର୍ଡା ଫାଣ୍ଡି ଅନ୍ତର୍ଗତ କାନ୍ଦୁଲଝର ଗାଁରେ ହୃଷୀକେଶ ଜୁଆଡ (୨୩)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ହୃଷୀକେଶ ବୁଧବାର ସକାଳୁ ଘରୁ ଚାଷ ପାଇଁ ବାହାରିଥିଲେ। ବହୁ ବିଳମ୍ବ ସତ୍ତ୍ୱେ ସେ ଘରକୁ ଫେରି ନ ଥିଲେ। ଘର ଲୋକ ଖୋଜାଖୋଜି କଲା ପରେ ସନ୍ଧ୍ୟା ୫ଟାରେ ଗାଁ ନିକଟ ଏକ ଚହଲାରୁ ତାଙ୍କ ମୃତଦେହ ମିଳିଥିଲା। ଏ ସମ୍ପର୍କରେ ବୋର୍ଡା ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅନୁସନ୍ଧାନ ଜାରି ରଖିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ରିଷିଡ଼ା-ମ.ରାମପୁର ରାସ୍ତାର ବାଲିବସ୍ତା ଦବୁଛି

ରିଷିଡା,୨୨।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା- ମ.ରାମପୁର ରାସ୍ତାର ବଡଡୁଙ୍ଗୁରୀଗୁଡା ରାସ୍ତା ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି । ଏହାର ମରାମତି କରିବା ପାଇଁ ବାଲିବସ୍ତା ପକାଯାଇଛି । ଯାନବାହନ ଯାତାୟାତ କରୁଥିବାରୁ ବାଲିବସ୍ତାଗୁଡିକ ଆସ୍ତେ ଆସ୍ତେ ଦବୁଥିବାରୁ ରାସ୍ତା ବିପଦସଙ୍କୁଳ ହେଉଛି। ତୁରନ୍ତ ମାଟି ଭର୍ତ୍ତି କରି ରାସ୍ତା ମରାମତି କରିବା ପାଇଁ ଦାବି ହେଉଛି ।

### ବଡଡୁଙ୍ଗୁରୀଗୁଡା-ଗଜବାହାଲ ରାସ୍ତା ବନ୍ଦ

ରିଷିଡା,୨୨।୮(ଡି.ଏନ.ଏ.)- ଗତ ବନ୍ୟାରେ ବଡଡୁଙ୍ଗୁରୀଗୁଡା-ଗଜବାହାଲକୁ ସଂଯୋଗ କରୁଥିବା ରାସ୍ତାର ଲକ୍ଷ୍ମୀ ନାଳର ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ଏହି ରାସ୍ତାରେ ଯାନବାହନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ପଞ୍ଚାୟତ କାର୍ଯ୍ୟାଳୟକୁ ଗ୍ରାମବାସୀ ୭ କି.ମି. ଅଧିକ ଦୂର ବୁଲି ଯାଉଛନ୍ତି । ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ମେଗା ରକ୍ତଦାନ ଶିବିର

ଭବାନୀପାଟଣା,୨୨।୮(ଡି.ଏନ.ଏ.) ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ବାନ୍ଦୋପଲା ଭବାନୀପାଟଣାଠାରେ ଡ. ଏପିଜେ ଅବଦୁଲ କଲାମ ଫାଉଣ୍ଡେଶନ ଟ୍ରଷ୍ଟ କଳାହାଣ୍ଡି ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଜିଲା ଚିକିତ୍ସା ଅଧିକାରୀ ଡ. ବନଲତା ଦେବୀ, ଯାନ୍ତ୍ରିକ କଲେଜ ଅଧକ୍ଷ ଡ. ଡିଲୁ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ରକ୍ତଦାତା ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଜିଲାପାଳ ଏହି ରକ୍ତଦାନ ଶିବିରରେ ନିଜେ ରକ୍ତଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଜିଲାପାଳଙ୍କ ସହ ଆହୁରି ୧୦୦ ଜଣ ରକ୍ତଦାନ କରିଥିଲେ। ଟ୍ରଷ୍ଟ ଉପାଧକ୍ଷ ସ୍ୱାଧୀନ ପାତ୍ର, ସଂଯୋଜକ ମୁକୁନ୍ଦ ରେଡ୍ଡି, ସହସଂଯୋଜକ ବିରଞ୍ଚି ନାରାୟଣ ମୁଣ୍ଡ, ସଦସ୍ୟ ରବି କାନୁନଗୋ, ଭ୍ରୁକୁଟି ଗଉଡ, ଧନଞ୍ଜୟ ସାହୁ, ଶିବ ନାଏକ ପ୍ରମୁଖ ପରିଚାଳନା କରିଥିଲ । ଛାତ୍ର ପ୍ରତିନିଧି ସୌମ୍ୟଜିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବ୍ୟବସ୍ଥାରେ ଅରେବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ବିପଦସଙ୍କୁଳ କୋଠାରେ ପାଠପଢ଼ା

ଭବାନୀପାଟଣା/କଲମପୁର, ୨୨।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରଣମାଳ ପଞ୍ଚାୟତ ଅରେବେଡା ସରକରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଗତି କରୁଛି। ୧୯୪୨ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଏଠାରେ ସମୁଦାୟ ୧୮୦ ଜଣ ଛାତ୍ରୀଛାତ୍ର ଅୟନ କରୁଛନ୍ତି। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨ ଜଣ ଦ୍ୱିତୀୟରେ ୨୫, ତୃତୀୟରେ ୧୫, ଚତୁର୍ଥରେ ୨୧, ପଞ୍ଚମରେ ୧୪, ଷଷ୍ଠରେ ୩୩, ସପ୍ତମମରେ ୩୯ ଓ ଅଷ୍ଟମରେ ୨୧ ଜଣ ରହିଛନ୍ତି। ତେବେ ସେଥି ମଧ୍ୟରୁ ଛାତ୍ରୀ ୮୩ ଓ ଛାତ୍ର ସଂଖ୍ୟା ୯୭ ସମୁଦାୟ ୧୮୦ ଜଣ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ମୋଟେ ୪ଟି କୋଠା ରହିଥିବାବେଳେ ଡିପିଇପି କୋଠା ଗୋଟିଏ ଏବଂ ଅନ୍ୟ କୋଠା ୩ଟି ରହିଛି। ସମୁଦାୟ ୪ଟି କୋଠାରୁ ୩ଟି କୋଠା ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇପଡିଛି। ଆଉ ଗୋଟାଏ କୋଠାରେ ସମସ୍ତ ଛାତ୍ରୀଛାତ୍ର ପାଠ








ଅରେବେଡା ସରକରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ବାମ) । ଛାତରୁ ସିମେଣ୍ଟ ଖସି ପଡ଼ିଛି।

#### ବର୍ଷାରେ ଛାତରୁ ପାଣି ଗଳୁଛି

ପଢୁ ଥିବାବେଳେ ସେହି କୋଠା ଦୀର୍ଘ ୨୫ ବର୍ଷ ତଳେ ନିର୍ମାଣ କରାଯାଇଥିବା ବେଳେ ଉକ୍ତ କୋଠା ଛାତରୁ ବର୍ଷା ହେଲେ ପାଣି ଗଳୁଛି। ଅନ୍ୟପଟେ ଅଫିସ୍ ଗୃହ ଓ କମନରୁମରେ ମଧ୍ୟ ଛାତ ଉପରୁ ସିମେଣ୍ଟ ଅତଡା ଖସି ପଡୁଥିବା ବେଳେ କାନ୍ଥ ମଧ୍ୟ ଫାଟି ଆଁ କଲାଣି। ବିଭିନ୍ନ ସମୟରେ ସ୍କୁଲର ଏହି ଅବସ୍ଥା ନେଇ ଶିକ୍ଷକ, ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଆସୁଛନ୍ତି। ହେଲେ ଆଜି ଯାଏଁ ସମସ୍ୟା କୌଣସି ସମାଧାନ ହୋଇପାରିନାହିଁ। ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇଆସୁଥିବା ବେଳେ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକ ନିଯୁକ୍ତି ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏଥିସହିତ ଶ୍ରେଣୀ ଗୃହକୁ ସୁନ୍ଦର କରିବା ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଆସୁ ଥିବାବେଳେ ଅରେବେଡା ସରକରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହଗୁଡିକ ଏବେ ଶୋଚନୀୟ ଅବସ୍ଥାରେ ଥିଲେ ମଧ୍ୟ ଏଥିପ୍ରତି କହାରି ଦୃଷ୍ଟି ପଡୁନାହିଁ। ଫଳରେ ଛାତ୍ରୀଛାତ୍ରମାନେ ସେହି ବିପଦସଙ୍କୁଳ କୋଠାରେ ଶିକ୍ଷାଦାନ କରୁଛନ୍ତି। ଏହି ବିଦ୍ୟାଳୟ ଶ୍ରେଣୀ ଗୃହ ସମସ୍ୟାକୁ ଶୀଘ୍ର ସମାଧାନ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ମାଝି, ବୈଦେହି ବାଗ, ଭୁପତି ଚନ୍ଦନ, ରମଣୀ ରଞ୍ଜନ ହଂସ, ବଳରାମ ଶବର, ସନାତନ ବାଗ, ଦୁଷ୍ମନ୍ତ ବେଣୁପାଣି, ତରୁଲତା ଲହଜଲ, ଦୁର୍ମିଳା ଶବର, ପଦ୍ମାବତୀ ବାଗ, କୌଶଲ୍ୟା ଧଙ୍ଗଡା ମାଝି, ୱାର୍ଡ ସଭ୍ୟ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବିଆର୍‌ସିସି କରୁଣା କର ବାଗଙ୍କୁ ପଚାରିବାରୁ ଆମେ ଏହି ସ୍କୁଲର ସମସ୍ୟା ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଦେଇଛୁ।

# ଧୋଇଗଲା ବଡ଼ଡୁଙ୍ଗୁରୀଗୁଡ଼ା-ଜଗବାହାଲ ରାସ୍ତା

ଭବାନୀପାଟଣା,୨୨।୮(ଡି.ଏନ.ଏ.)

ଗତ ଲଗାଣ ବର୍ଷାରେ ଗଜବାହାଲ ପଞ୍ଚାୟତ ଅଧୀନ ବଡଡୁଙ୍ଗୁରୀଗୁଡାଠାରୁ ଗଜବାହାଲକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଧୋଇଯାଇଛି। ଏହି ରାସ୍ତାର ଲକ୍ଷ୍ମୀନାଳା ନିକଟ ରାସ୍ତା ସମ୍ପୂର୍ଣ୍ଣ ଧୋଇ ନେଇଥିବାରୁ ଯାତାୟାତ ଠପ ରହିଛି। କିନ୍ତୁ ସପ୍ତାହେ ବିତିଯାଇଥିଲେ ମଧ୍ୟ ବିଭାଗୀୟ ପ୍ରଶାସନ ଆଦୌ ଦୃଷ୍ଟି ଦେଇନାହାନ୍ତି। ଅନ୍ୟ ରାସ୍ତାଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ଭାବେ ବାଲି ବସ୍ତା ଦେଇ ଯାତାୟାତ ପାଇଁ ଖୋଲାଯାଉଛି। କିନ୍ତୁ ଏହି ରାସ୍ତା ପାଇଁ କାହାର ଚିନ୍ତା ନାହିଁ। ଯଦ୍ୱାରା ଗଜବାହାଲ ପଞ୍ଚାୟତ ସଦର ସହ ବଡଡୁଙ୍ଗୁରୀଗୁଡା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ବଡଡୁଙ୍ଗୁରୀଗୁଡାରୁ ଗଜବାହାଲ ହାଇସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରମାନେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବଡଡୁଙ୍ଗୁରୀଗୁଡା ଅଞ୍ଚଳବାସୀ ମଧ୍ୟ ପଞ୍ଚାୟତ ସଦରକୁ ଯିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏମାନେ ଦୀର୍ଘ ପଥ ଅତିକ୍ରମ କରି ରିଷିଡା-ଡୁଷୁରା ପିଡକ୍ଲୁଡି ଛକ ଦେଇ ଗଜବାହାଲକୁ ଯାଉଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ପ୍ରକାଶ ଥାଉକି କେବଳ ବଡଡୁଙ୍ଗୁରୀଗୁଡା ନୁହେଁ, ରିଷିଡା ଅଞ୍ଚଳର ଲୋକେ ମଧ୍ୟ ଏହି ରାସ୍ତା ଦେଇ ଗଜବାହାଲ ଯାଇଥାନ୍ତି। ଗଜବାହାଲ ଅଞ୍ଚଳବାସୀ ମଧ୍ୟ ଡାକ୍ତରଖାନା ତଥା ବ୍ଲକ ସଦରକୁ ଯିବାରେ ଅସୁବିଧା ସୃଷ୍ଟି ହେଉଛି।



ବର୍ଷାରେ ବଡଡୁଙ୍ଗୁରୀଗୁଡା-ଗଜବାହାଲକୁ ସଂଯୋଗ ପ୍ରଧାନମନ୍ତ୍ରୀ ସଡକ ଧୋଇଯାଇଛି।



କର୍ଲାମୁଣ୍ଡାଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ଆୟବ୍ୟୟ ଅଟକଳ କରାଯାଉଛି।

### କର୍ଲାମୁଣ୍ଡା ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଟକଳ

କର୍ଲାମୁଣ୍ଡା,୨୨।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ଆଗାମୀ ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଗାପୂଜା କମିଟି ସଭାପତି ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ସ୍ଥିର କରାଯାଇଛି। ପୂଜା ସେପ୍ଟେମ୍ବର ୨୮ଠାରୁ ଆରମ୍ଭ ହୋଇ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନବରାତ୍ର ଓ ପାରାୟଣ କରାଯିବାକୁ ସର୍ବସମ୍ମତିରେ ସ୍ଥିର କରାଯାଇଥିଲା । ଏଥିରେ ପୂଜା କମିଟି ସମ୍ପାଦକ ଡୋଳାମଣି ଭୋଇ, ନନ୍ଦି କିଶୋର ଭୋଇ, ଚନ୍ଦ୍ରଭାନୁ ସାହୁ, ହେମସାଗର ସାହୁ, ଗୁରୁବାରୁ ସାହୁ, କୌତୁକ ସାହୁ, ଭୁବନ ବିହାରୀ ସିଂ, ଦିନବନ୍ଧୁ ସାହୁ, ଘନଶ୍ୟାମ ସାହୁ, ସୁରେନ୍ଦ୍ର ଭୋଇ, ପ୍ରେମାନନ୍ଦ ସାହୁ, ଲାଉଚନ୍ଦ୍ର ସାହୁ, ସଂସାର ଭୋଇ, ଭାଗିରଥି ଷଡଙ୍ଗୀ, ପ୍ରସନ୍ନ ସାହୁ, ଜଗଦିଶ ସାହୁ, ମୀନକେତନ ସାହୁ, କୁଞ୍ଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### କଳାହାଣ୍ଡି କଳାକାର ପେନସନ ଭୋଗୀ ମହାସଂଘ ଗଠିତ

ଭବାନୀପାଟଣା,୨୨।୮(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ କଳାହାଣ୍ଡି ଜିଲାରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ପେନସନ ପାଉଥିବା ୩୯୩ ଜଣ କଳାକାରଙ୍କୁ ନେଇ କଳାହାଣ୍ଡି କଳାକାର ପେନସନ ଭୋଗୀ ମହାସଂଘ ଗଠିତ ହୋଇଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ଓ ବରିଷ୍ଠ ନୃତ୍ୟ ଗୁରୁ ସୁରୁ ବାରିକଙ୍କ ଉପସ୍ଥିତିରେ ନାଟ୍ୟଭୂଷଣ ପ୍ରଦୀପ ଡି. ମାଝି ସାଧାରଣ ସଭା ପରିଚାଳନା କରିଥିଲେ। କଳାକାରମାନଙ୍କ ବିଭିନ୍ନ ସମସ୍ୟା ତଥା ବିଲୁପ୍ତପ୍ରାୟ ଲୋକ କଳାର କେମିତି ପୁନରୁଦ୍ଧାର ହୋଇ ପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଶେଷରେ ସଙ୍ଗଠନର ଆଭିମୁଖ୍ୟକୁ ଆଗେଇ ନେବା ପାଇଁ ସର୍ବସମ୍ମତିକ୍ରମେ ନାଟ୍ୟ ଭୂଷଣ ପ୍ରଦୀପ ଡି.ମାଝିଙ୍କୁ ଚେୟାରମେନ, ଲଳିତ ପଣ୍ଡାଙ୍କୁ କୋଷାଧ୍ୟକ୍ଷ, ୩ଟି ବ୍ଲକକୁ ନେଇ ଗଠିତ ଗୋଟିଏ ଗୋଟିଏ ଜୋନରୁ ଜଣେ ଲେଖାଏଁ ଉପଚେୟାରମ୍ୟାନ ଓ ଯୁଗ୍ମ ସଂପାଦକ ତଥା ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ କାର୍ଯ୍ୟକାରୀ ସଭାକୁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ସର୍ବଶ୍ରୀ ରିୟାଜ ଖାନ, ସୁଶୀଲ ଗହୀର, ସୁରୁ ଥାନାପତି, ଅନୁରାଗ ଦାଶ, ସୌରଭ ମହାପାତ୍ର, ପ୍ରଦୀପ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ସୌଭାଗ୍ୟ ଜ୍ୟୋତି ବିଦ୍ୟୁତ୍ ଯୋଜନା ଫେଲ୍

ଗୋଲାମୁଣ୍ଡା,୨୨।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ସୌଭାଗ୍ୟ ଜ୍ୟୋତି ବିଦ୍ୟୁତ୍ ଯୋଜନା ଫେଲ ମାରୁଛି। ଗୋଲାମୁଣ୍ଡା ବ୍ଲକ ଅଧୀନ ଚପ୍ରିଆ ଗାଁରେ ଦୀର୍ଘ ଏକ ବର୍ଷ ହେବ ଗରିବ ହିତାଧିକାରୀଙ୍କ ଘରେ ଘରେ ମିଟର ଖାଞ୍ଜା ଯାଇଥିବା ବେଳେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ଦୀର୍ଘ ଏକ ବର୍ଷ ହେବ ମିଟର, ବୋର୍ଡ ଓ ତାର ସବୁ ଖାଞ୍ଜି ଯାଇଛି। କିନ୍ତୁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଚପ୍ରିଆ ଗ୍ରାମର ନିରିହ ଲୋକ ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି । ଠିକାଦାରମାନେ ରାସ୍ତା କଡରେ ବିଦ୍ୟୁତ୍ ଖୁଣ୍ଟ ଆଣି ରଖିବା ପରେ ସ୍ଥାନୀୟ ବିଦ୍ୟୁତ୍ ସେବା ପାଇବା ଆଶାରେ କରିଥିଲେ। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିବା ମଧ୍ୟ ଲୋକଙ୍କ ଆଶା ପୂରୁଣ ହୋଇନାହିଁ । ସେହିଭଳି ଗୋଲାମୁଣ୍ଡା ବ୍ଲକର ଅନେକ ଗାଁରେ ସମାନ ଅବସ୍ଥା ହୋଇଥିବା ଜଣାପଡିଛି । ନିର୍ମାଣ ଦାୟିତ୍ୱରେ ଥିବା

#### ଗୋଲାମୁଣ୍ଡା ବ୍ଲକ

ଠିକାଦାରର ମଧ୍ୟ ଦେଖା ମିଳୁ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗୋଲାମୁଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଅଧାପନ୍ତରିଆ ନିର୍ମାଣ କରି ଛାଡି ଦେଇଛନ୍ତି । ଏଭଳି ଗୋଲାମୁଣ୍ଡା ବ୍ଲକର ଅନେକ ଗ୍ରାମରେ ହୋଇଛି, ଠିକାଦାରମାନେ ଆମ ବିଭାଗକୁ ହସ୍ତାନ୍ତର କରିନାହାନ୍ତି । ହସ୍ତାନ୍ତର କଲେ ବିଦ୍ୟୁତ୍ ସଂଯୋଗ କରି ଦିଆଯିବ ବୋଲି କହିଥିଲେ। ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ସୌଭାଗ୍ୟ ଜ୍ୟୋତି ଯୋଜନାରେ ଏକ ଘରେ କେବଳ ବିଦ୍ୟୁତ୍ ମିଟର ଲଗାଯାଇଛି।

# ପାଚିକା ଆସିଲେନି, ମଧ୍ୟାହ୍ନଭୋଜନ ବନ୍ଦ

କେଗାଁ,୨୨।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଲାଞ୍ଜି ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପାଚିକାଙ୍କ ଅନୁପସ୍ଥିତି ଯୋଗୁ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ଖାଇବାରୁ ବଞ୍ଚିତ ହୋଇଛନ୍ତି । ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗତ ଅଗଷ୍ଟ ୧୫ ତାରିଖରେ କିଛି ଘଟଣାକୁ ନେଇ ସ୍କୁଲ କମିଟି ଜଣେ ସଦସ୍ୟ ସମ୍ପୃକ୍ତ ପାଚିକାଙ୍କୁ ମାଡ ମାରିଥିଲେ। ଏଥି ଯୋଗୁ ପାଚିକା ସ୍କୁଲକୁ ଆସି ନ ଥିବା ବେଳେ ସ୍କୁଲ କମିଟି କିମ୍ବା ପ୍ରଧାନ ଶିକ୍ଷକ ଗୁରୁତ୍ୱ ଦେଇ ନ ଥିବା ଯୋଗୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ହେଲା ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଅପରପକ୍ଷରେ ଏକ କମିଟି ସମସ୍ୟ ଆସି ପାଚିକାଙ୍କୁ ପିଟିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନାହିଁ । ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ହେବା ଓ ପାଚିକାଙ୍କୁ ମାଡ ମାରିବା ଘଟଣାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପୂଝାରୀଙ୍କୁ ପଚାରିବାରୁ ପାଚିକା ଆସି ନ ଥିବାରୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଥିବା କହିଥିବା ବେଳେ ପାଚିକା କାହିଁକି ଆସିଲେ ନାହିଁ ତାହାର ଉତ୍ତର ଦେଇ ନ ଥିଲେ ।



ବ୍ଲକସ୍ତରୀୟ ବର୍ଷାକାଳୀନ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଖୋଖୋ ଖେଳ ସହିତ ଅନ୍ୟାନ୍ୟ ଖେଳ ଖେଳୁଛନ୍ତି ।

# ବ୍ଲକସ୍ତରୀୟ ବର୍ଷାକାଳୀନ ଖେଳକୁଦ ପ୍ରତିଯୋଗିତା

କେସିଙ୍ଗା,୨୨।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ତରୀୟ ବର୍ଷାକାଳୀନ ଖେଳକୁଦ ପ୍ରତିଯୋଗିତା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ସ୍ଥାନୀୟ ବିଦ୍ୟାପୀଠ ଖେଳପଡିଆଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ ରୁ ୧୭ ବର୍ଷର ୨୯ଟି ହାଇସ୍କୁଲ ଏବଂ ଏମଇ ୨୬୦ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ବାରିକ ଉଦ୍‌ଘାଟନ କରିଥିଲେ। ଏହି ଦିନିକିଆ ଖେଳ କୁଦ ପ୍ରତିଯୋଗିତାରେ ଫୁଟବଲ, କବାଡି ଓ ଖୋଖୋ ଖେଳ ପ୍ରତିଯୋଗିତା ହୋଇଥିଲା । ଖେଳ ଶିକ୍ଷକ ସଂଘର ବ୍ଲକ ସଭାପତି ଯୋଗେଶ୍ୱର ବିଶି, ଜିଲା ସମ୍ପାଦକ ଅଶ୍ୱିନୀ ପ୍ରଧାନ ପ୍ରମୁଖ ଖେଳ ଶିକ୍ଷକ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କେସିଙ୍ଗା ବିଦ୍ୟାପୀଠ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ମଳୟ ଭୋଇ ସହଯୋଗ କରିଥିଲେ ।

### ପୂର୍ତ୍ତ ମନ୍ତ୍ରୀଙ୍କ ଦ୍ୱାରା ବିଜୁ ଏକ୍ସପ୍ରେସ, ମେଡିକାଲ କଲେଜ ନିର୍ମାଣ ସମୀକ୍ଷା

# ବାଇପାସ୍ ରାସ୍ତା ପାଇଁ ୧୫ କୋଟି ବ୍ୟୟ ବରାଦ

ଭବାନୀପାଟଣା,୨୨।୮ (ଡି.ଏନ.ଏ.)

ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବୁଧବାର କଳାହାଣ୍ଡି ଗସ୍ତ କରିଥିଲେ। କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଯୋଗଦେଇ ଭଙ୍ଗାବାରୀଠାରେ ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜର ଓ କଳାହାଣ୍ଡି ଜିଲା ବିଜୁ ଏକ୍ସପ୍ରେସର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହିତ ତୁରନ୍ତ ଉକ୍ତ ୨ଟି ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆମପାଣିଠାରୁ ଗୋଲାମୁଣ୍ଡା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୯୮ ଏକର ଜମି ଅଧିଗ୍ରହଣ ପାଇଁ ବାକି ରହିଛି। ଏ ପର୍ଯ୍ୟନ୍ତ ମାତ୍ର ୧୬ ଏକର ଜମି ଅଧିଗ୍ରହଣ ଶେଷ ହୋଇଛି। ତୁରନ୍ତ ବାକିଥିବା ଜମି ଅଧିଗ୍ରହଣ ପାଇଁ ଆଲୋଚନା ହୋଇଥିଲା। ଜିଲାରେ ଚାଲିଥିବା ବିଜୁ ଏକ୍ସପ୍ରେସର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭବାନୀପାଟଣା ସହରର ୭ କି.ମି. ବାଇପାସ ରାସ୍ତା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଭବାନୀପାଟଣା ସହର ନିକଟସ୍ଥ ଲାଲପୁଲିଆଠାରେ ଭଙ୍ଗାବାରୀ ଓଭରବ୍ରିଜ ନିକଟ ଦେଇ ରିଷିଗାଁ ପର୍ଯ୍ୟନ୍ତ ୭ କି.ମି. ବାଇପାସ ରାସ୍ତା ପାଇଁ ରାଜ୍ୟ ସରକାର ୨୫ କୋଟି ଟଙ୍କାର ବ୍ୟୟ ବରାଦକୁ ଅନୁମତି ପ୍ରଦାନ କରିଛନ୍ତି। ଜମି ଅଧିଗ୍ରହଣ ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଏ ନେଇ ମନ୍ତ୍ରୀ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାଇପାସ ରାସ୍ତାର ବିଭିନ୍ନ ସ୍ଥାନ ମନ୍ତ୍ରୀ ପରିଦର୍ଶନ କରିଥିଲେ। ଉତ୍କେଳା ଏୟାରଷ୍ଟ୍ରିପ ପାଇଁ ଆବସ୍ୟକ ଥିବା ଅଧିକ ୮ ଏକର ଜମି ତୁରନ୍ତ ଅଧିଗ୍ରହଣ କାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ମଲ୍ଲିକ ଭଙ୍ଗାବାରୀଠାରେ ନିର୍ମାଣାଧୀନ ମେଡିକାଲ କଲେଜ ସ୍ଥାନକୁ ଯାଇ ଗତ ୩ ମାସର ନିର୍ମାଣରେ ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ତୁରନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଆରୋପ କରିଥିଲେ। ସମୀକ୍ଷା ବୈଠକରେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ଏମ୍‌ପି ବସନ୍ତ ପଣ୍ଡା, ଜିଲାପାଳ ଡା. ଗାଭାଲି ପରାଗ ହର୍ଷର୍ଷଦ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ପୂର୍ତ୍ତ ବିଭାଗ ନିବାହୀ ଯନ୍ତ୍ରୀ ଇଂ ଅଜିତ କୁମାର ବାବୁଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରୁଛନ୍ତି ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



**ସଂକ୍ଷେପରେ**



## ପୁଟିଗାଁରେ ଶ୍ରମିକ ସଂଘ ଗଠିତ

କର୍ଲାମୁଣ୍ଡା,୨୨।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସର୍ଗୁଲମାଲପଡା ପଞ୍ଚାୟତ ପକ୍ଷରୁ ପୁଟିଗାଁରେ ଜବକାର୍ଡଧାରୀମାନଙ୍କୁ ନେଇ ଶ୍ରମିକ ସଂଘ ଗଠନ ହୋଇଯାଇଛି। ଏଥିରେ ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇ, ମିଶନ ଶକ୍ତି ବ୍ଲକ ସଭାପତି ଜୟନ୍ତୀ ସାହୁ ଯୋଗଦେଇ ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅତିକମ୍‌ରେ ୧୦ ଦିନ କାମ କରିଥିବା ଶ୍ରମିକମାନଙ୍କୁ ନେଇ ୧୫ ଜଣିଆ ଶ୍ରମିକ ସଂଘ ଗଠନ କରାଯାଇଛି।

# ବନ୍ୟାରେ ୩୦୨ ହେକ୍ଟର ଚାଷଜମି ବାଲିଚର

କର୍ଲାମୁଣ୍ଡା,୨୨।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ଲକର ୧୨ଟି ପଞ୍ଚାୟତର ଅଧିକାଂଶ ଗ୍ରାମ ପ୍ରଭାବିତ ହେବା ସହ ଚାଷୀଙ୍କ ରୁଆଧାନ ନଷ୍ଟ ହେବା ସାଙ୍ଗକୁ ମାଟିଘରଗୁଡିକ ଭୁଶୁଡି ପଡିଥିଲା। ବ୍ଲକର ବିଭିନ୍ନ ରାସ୍ତାର ସ୍ଥାନେ ସ୍ଥାନେ ଘାଇ ସୃଷ୍ଟି ହୋଇଥିଲା। ଏଥି ମଧ୍ୟରୁ କିଛି ଯାଗାରେ ଆରଡି ଓ ପିଡବ୍ଲୁଡି ବିଭାଗ ପକ୍ଷରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଗ୍ରାମପଞ୍ଚାୟତ ଓ ସମିତି ରାସ୍ତାଗୁଡିକର ମରାମତି କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ହୋଇପାରି ନ ଥିବା ଜଣାପଡିଛି। କର୍ଲାମୁଣ୍ଡାଠାରୁ ରିଞ୍ଜାକୁ ସଂଯୋଗ କରୁଥିବା ଆରଡି ରାସ୍ତା ସରବରା ଯୋରଠାରେ ଥିବା ବ୍ରିଜ ଗୋଟାଏପଟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲେ ହେଁ ବିଭାଗ ପକ୍ଷରୁ ମରାମତି କରାଯାଉ ନ ଥିବାରୁ ଚାରିଚକିଆ ଗାଡି ଏହି ରାସ୍ତା ଦେଇ ଯିବାଆସିବା ଅସମ୍ଭବ ହୋଇପଡିଛି। ଅନ୍ୟପଟେ ଏହି ବ୍ଲକ ଉତେଇନଦୀ ଓ ତେଲନଦୀ ନିକଟରେ ଥିବା ତେରେକେଲା, ତେରେସିଂହା, ବିନ୍ଧାଣୀ, ବୁଢୀପଦର, ଖରଝୁରା, ପୁଟିଗାଁ, ସନ୍ଧିମୁଣ୍ଡା, ମାଲପଡା, ବାଗବୁରାଇ, ରିଞ୍ଜା, ଦେଗାଁ, ଖଲିଆପାଲି, ବୋରପଦର ରେଗେଡା, ଯୋଗିପଲା, ବିଜାପାଟି, ସାପଲହରା, କେର୍ଣ୍ଡାପଲା, ଏକାତରା, ଟେର୍ଚ୍ଚାପଲା ପ୍ରଭୃତି ଗାଁଗୁଡିକରେ ରୁଆ ଧାନ ଚାଷ ବାଲିଚର ହୋଇଛି। ବ୍ଲକର ସରବରା ଯୋର (ନାଳ) ନିକଟରେ ଥିବା ରେଙ୍ଗାଲି, କର୍ଲାମୁଣ୍ଡା, ଶିଆଳପଲା, କେନ୍ଦୁମୁଣ୍ଡି, ମଙ୍ଗଲା ଯୋର ନିକଟରେ ଥିବା କଣ୍ଡରେଇ, କାର୍ଣ୍ଣିଖୁଣ୍ଟି, ଦାଣ୍ଡିଭଜା, ଭଇରମୁଣ୍ଡା, ବୁଢୀମୁଣ୍ଡା ଯୋର ନିକଟରେ ଥିବା ସୁରୁଜୁଲି, ରାଜପୁର, ଲକ୍ଷ୍ମୀ ନାଳ ଯୋର ନିକଟରେ ଥିବା ଅବୁଜବାହାଲ, ଧଅାଁରାଖମନ, ଟେଟେଙ୍ଗପଦର, ଡୁଙ୍ଗାର ଯୋର ନିକଟରେ ଥିବା ଯମୁନାପୁର, ଲକ୍ଷ୍ମୀ ଯୋର ନିକଟରେ ଥିବା ସରାବାହାଲି ଗାଁଗୁଡିକରେ ଚାଷ ଜମିଗୁଡିକ ମଧ୍ୟ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହା ବ୍ୟତିତ କର୍ଲାମୁଣ୍ଡା ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବୋରପଦର ପଞ୍ଚାୟତ ବତୀକୁପା, ପୁରଗୁଡିପଦରରେ ପାହାଡ ପାଣି ଆସି ଚାଷ ଜମିକୁ ସମ୍ପୂର୍ଣ୍ଣ ଉଜାଡି ଦେଇଛି। ପ୍ରବଳ ବର୍ଷା ପାଣିରେ ରିଷିଡା ଅଞ୍ଚଳରେ ମଧ୍ୟ ଚାଷଜମି କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଏ ନେଇ କର୍ଲାମୁଣ୍ଡା ଭାରପ୍ରାପ୍ତ ତହସିଲଦାର ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ବନ୍ୟାରେ ବ୍ଲକର ୧୨ଟି ପଞ୍ଚାୟତରେ ମୋଟ ୩୦୨ ହେକ୍ଟର ଚାଷଜମିରେ ବାଲିଚର ଓ ୫୪ଟି ଘର ଭାଙ୍ଗିଥିବା କହିଛନ୍ତି। ଅନ୍ୟପଟେ କର୍ଲାମୁଣ୍ଡା କୃଷି ବିଭାଗ ପକ୍ଷରୁ ୬୨୧ ହେକ୍ଟର ଜମି ପ୍ରଭାବିତ ହୋଇଥିବା ସୂଚନା ଦେଇଛନ୍ତି। ଉଭୟ ବିଭାଗର ତଥ୍ୟ ତାଳମେଳ ରହୁ ନ ଥିବାରୁ ଉପଯୁକ୍ତ ତଦନ୍ତ ସହିତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚ ଓ ଚାଷୀମାନେ ଅନୁରୋଧ କରିଛନ୍ତି।

ରିପୋର୍ଟ: ପ୍ରଦୀପ କୁମାର ସାହୁ



କର୍ଲାମୁଣ୍ଡା ସରବରା ଯୋର ନିକଟରେ ଥିବା ଜଣେ ଚାଷୀଙ୍କ ଚାଷ ଜମିକୁ ବାଲିଚର ହୋଇ ରୁଆଧାନକୁ ନଷ୍ଟ କରିଦେଇଛି।

**କର୍ଲାମୁଣ୍ଡା ବ୍ଲକ**
- ୫୪ ଘର ଭାଙ୍ଗିଛି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିକିଟା ମାଟି**
**ଖରାକଲେ ଯାଏ ଫାଟିଫୁଟି**
**ବରଷାରେ ଚକଟା ଚକଟି।**

ଚିକିଟା ମାଟି ଅତ୍ୟଧିକ ଖରାହେଲେ ଶୁଷ୍କ ହୋଇ ଫାଟିଯାଇଥାଏ। ସେହିପରି ବର୍ଷା ଅଧିକ ପରିମାଣରେ ହେଲେ ପାଣି ଲାଗି ଏହା ନରମ ବା କାଦୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଷା ହୁଡ଼ିଲେ ବରଷେ**
**ମୂଲିଆ ହୁଡ଼ିଲେ ଦିବସେ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ମୂଲିଆ କାମ କରି ମିଳୁଥିବା ପାରିଶ୍ରମିକରେ ନିଜର ଗୁଜୁରାଣ ମେଣ୍ଟାଇଥାଏ। କୌଣସି କାରଣବଶତଃ କାମକୁ ଯାଇ ନ ପାରିଲେ କାମ କରି ପେଟପୋଷିବାକୁ ତାକୁ ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଦେଶୀପଡ଼ା ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

ଭବାନୀପାଟଣା,୨୨।୮(ଡି.ଏନ.ଏ.)

ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ପ୍ରଦେଶୀପଡ଼ା ଦୁର୍ଗାପୂଜା କମିଟି ଆଗାମୀ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଗଦୀଶ ମଣ୍ଡଳ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଇନ୍ଦୁମୌଳୀ ପାଣିଗ୍ରାହୀ ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ବୈଠକରେ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସ୍ଥାୟୀ ଅଧ୍ୟକ୍ଷ ଭାବେ ରାଜେଶ୍ୱର ଠାକୁର, ସଭାପତି ଭାବେ ଜଗଦୀଶ ମଣ୍ଡଳ, ଉପସଭାପତି କ୍ଷୀରୋଦ ପ୍ରସାଦ ନେଗୀ ଓ ଗିରିଧାରୀ ବାଗ, ସମ୍ପାଦକ ଇନ୍ଦୁମୌଳୀ ପାଣିଗ୍ରାହୀ, ସହସମ୍ପାଦକ କାର୍ତ୍ତିକେଶ୍ୱର ପଣ୍ଡା ଓ ନିରଞ୍ଜନ ଛତ୍ରିଆ, କୋଷାଧ୍ୟକ୍ଷ ଚୋଳଶଙ୍କର କୁଅଁର, ସହକୋଷାଧ୍ୟକ୍ଷ ବିଜୟ କୁମାର ପାଲ, ସାଂସ୍କୃତିକ ସମ୍ପାଦକ ପ୍ରକାଶ ମଙ୍ଗରାଜ, କର୍ଣ୍ଣ ମାହାର ଓ ରାଜୁ ବାଗ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ବିନୋଦ ମଣ୍ଡଳ, ମନୋଜ ପାଣିଗ୍ରାହୀ, ବିଶ୍ୱନାଥ ନାୟକ, ଆଦିତ୍ୟ ଖମାରୀ ଓ ରବିନ୍ଦ୍ର ଜାଲି ମନୋନୀତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଶୋର ପାଣିଗ୍ରାହୀ, ଶ୍ରୀଧର ତ୍ରିପାଠୀ, ଅକ୍ଷୟ ନେଗୀ, ମହିମା ହରପାଲ, ନିତିକେଶ ମିଶ୍ର, ରାଜେଶ ମାହାର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆସନ୍ତା ୨୩ ତାରିଖ ଜନ୍ମାଷ୍ଟମୀରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମୃତ୍ତିକା ଆବାହନ କରାଯିବାକୁ ସ୍ଥିର କରାଯାଇଛି। ସଭାପତି ଆଗାମୀ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପଦେଷ୍ଟା ଗଜେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କେସିଙ୍ଗା,୨୨।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବସ ଓ ଟ୍ରେନ ଭିନ୍ନକ୍ଷମ ଭତ୍ତା, ମାନସିକ ଅନଗ୍ରସର, ଶାରିରୀକ ଭିନ୍ନକ୍ଷମ, ଶ୍ରବଣ, ଦୃଷ୍ଟିହୀନ, ବାଧିତ ଭିନ୍ନକ୍ଷମ ଲୋକେ ଯୋଗଦାନ କରିଥିଲେ। ଏଥି ମଧ୍ୟରୁ ୧୩୧ ଜଣ ଶାରୀରିକ ଭିନ୍ନକ୍ଷମ (ଗୋଡ, ହାତ), ୪୧ ଦୃଷ୍ଟିହୀନ, ୩୪ କାନ, ୨୭ ମାନସିକ, ୩ଜଣ ସିକିଲସେଲଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଅନଲାଇନରେ ଆବେଦନ କରିଥିବା ୨୨୫ ଭିନ୍ନକ୍ଷମମାନଙ୍କୁ ମଧ୍ୟ ବିଭିନ୍ନ ପ୍ରମାଣ ପ୍ରଦାନ କରାଯାଇଛି । ଏହି ଶିବିରରେ ଚାଞ୍ଚେର ଗ୍ରାମର ଭିନ୍ନକ୍ଷମ ରବି ମାଝି (୧୦)ଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା ପାଇଁ ଡା. ସୁନୀଲ ପାଢ଼ୀ ଅସ୍ଥିଶୈଲ୍ୟ ବିଶେଷଜ୍ଞ, ଡା. ପ୍ରିୟଙ୍କା ସିନ୍ଦେ ଚକ୍ଷୁ ବିଶେଷଜ୍ଞ, ଡା. ପ୍ରତାପ ପଟ୍ଟନାୟକ ମାନସିକ ରୋଗ ବିଶେଷଜ୍ଞ, ଡା. ପ୍ରଦ୍ୟୁମ୍ନ ପଣ୍ଡା କର୍ଣ୍ଣନାଶା ଓ ଗଳା ବିଶେଷଜ୍ଞ, ବାଦଲ ପଟ୍ଟନାୟକ ଅଡିଓଲୋଜିଷ୍ଟ, ନିବାସ ସାହୁ ଚଳନ ପ୍ରଶିକ୍ଷକ, ରମେଶ ଜେନା ପୁନର୍ବାସ ସହାୟକ, ନିବେଦିତା ସାହୁ ଟେଲି ମେଡିସିନ ପ୍ରମୁଖ ପରୀକ୍ଷା କରିଥିଲେ । ଶିବିରକୁ କରୁଣାକର ସାମିନୀ ପରିଚାଳନା କରିଥିଲେ ।



ଶିବିରରେ ଜଣେ ଭିନ୍ନକ୍ଷମଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଉଛି।

## ୨୭ ଲିଟର ଦେଶୀ ରନ୍ଧା ମଦ ଜବତ, ୨ କୋର୍ଟଚାଲାଣ

ଜୁନାଗଡ,୨୨।୮ (ଡି.ଏନ.ଏ.)

ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱନାଥ ସତପଥୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ଓ ଧର୍ମଗଡ ଅବକାରୀ ରେଞ୍ଜ ମିଳିତ ଉଦ୍ୟମରେ ଗୁରୁବାର ଜୁନାଗଡ ବ୍ଲକର ରଣପୁର ଓ ଏକନାଗୁଡା ଗ୍ରାମରେ ଅତର୍କିତ ଚଢାଉ କରାଯାଇଥିଲା। ଏହି ସମୟରେ ରଣପୁର ଗ୍ରାମର ଗଙ୍ଗାରାମ ଭଏଁସାଲ ଓ ଏକନାଗୁଡା ଗ୍ରାମର ଜଗତରାମ ଶବରଙ୍କଠାରୁ ୨୭ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଥିଲା। ପରେ ୨ଜଣଙ୍କୁ ଗିରଫ କରି ଜୁନାଗଡ ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଚଢାଉରେ ଧର୍ମଗଡ ଅବକାରୀ ନିରୀକ୍ଷକ ପ୍ରଶାନ୍ତ କୁମାର କହଁର, ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ଉପନିରୀକ୍ଷକ ଦିଲୀପ କୁମାର ରଥ, ଏଏସ୍‌ଆଇ ବସନ୍ତ ବିଶି, ମାନସ ରଞ୍ଜନ ମୁଣ୍ଡା, କନଷ୍ଟେବଳ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ପ୍ରତିମା ଗହୀର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ଅଭିଯୁକ୍ତଙ୍କ ସହ ଅବକାରୀ ବିଭାଗ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନକାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଘଣ୍ଟାରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BUSINESS

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

See Color Display Classified on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସଙ୍ଗୀତ ସନ୍ଧ୍ୟା 'ଉଡ଼ିଗଲା ପକ୍ଷୀ' ୨୪ରେ

**ରାଉରକେଲା ଅଫିସ,୨୨।୮**

ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହର ସେବା ସମିତି ପକ୍ଷରୁ ଆସନ୍ତା ୨୪ ସନ୍ଧ୍ୟାରେ ସିଭିକ୍ ସେଣ୍ଟରଠାରେ ଓଡ଼ିଆ ସିନେ ଜଗତର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ବାସୁଦେବ ରଥ ଓ ମହାନ କଣ୍ଠଶିଳ୍ପୀ ସ୍ୱର୍ଗତ ଚିତ୍ତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଡ଼ିଗଲା ପକ୍ଷୀ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓ ରାଉରକେଲା ସହରର ବହୁ ପ୍ରମୁଖ କଣ୍ଠଶିଳ୍ପୀ ଯୋଗଦେଇ ସଙ୍ଗୀତ ପରିବେଷଣ କରିବେ। ଏଥିରେ ସହଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ଆବାହକ ଶୈଳେନ୍ଦ୍ର ମହାନ୍ତି ଅନୁରୋଧ କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆର୍‌ଏସ୍‌ପିକୁ ୮ ନିୟୁତ ଟନ କ୍ଷମତାସମ୍ପନ୍ନ କର

**ରାଉରକେଲା ଅଫିସ,୨୨।୮**


ଆର୍‌ଏସ୍‌ପି ପକ୍ଷରୁ ପାରଦର୍ଶିତା ସଫଳ କରିବା ଆହ୍ୱାନରେ ଉପସ୍ଥିତ କର୍ମଚାରୀ।

- ଗଣ ଯୋଗାଯୋଗ କାର୍ଯ୍ୟକ୍ରମରେ ଆହ୍ୱାନ
- ବିଶ୍ୱର ଶ୍ରେଷ୍ଠ ପରିବେଶ ଅନୁକୂଳ ଇସ୍ପାତ ନିର୍ମାତା ହେଉ
- କର୍ମଚାରୀଙ୍କ ପାରଦର୍ଶିତା ସଫଳ କରାଇବ

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)କୁ ୮ ନିୟୁତ ଟନ କ୍ଷମତା ବିଶିଷ୍ଟ ଇସ୍ପାତ ଉତ୍ପାଦନକାରୀ ସଂସ୍ଥାରେ ପରିଣତ କର। ଏହା କିପରି ବିଶ୍ୱର ଶ୍ରେଷ୍ଠ ପରିବେଶ ଅନୁକୂଳ କାରଖାନା ଭାବେ ଉଭା ହେବ ସେ ନେଇ କର୍ମଚାରୀ, ଅଧିକାରୀ ନିଷ୍ଠା ପ୍ରଦର୍ଶନ କରନ୍ତୁ ବୋଲି ବୁଧବାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଆୟୋଜିତ ଗଣ ଯୋଗାଯୋଗ କାର୍ଯ୍ୟକ୍ରମରେ ଯୋଗଦେଇ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିରେ କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀଙ୍କ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉତ୍ତମ ବିକ୍ରିଲବ୍ଧ ରାଶି ହାସଲ କରିବା କଷ୍ଟସାଧ୍ୟ କହି ସାମ୍ପ୍ରତିକ ପ୍ରତିକୂଳ ବଜାର ସମ୍ବନ୍ଧରେ ଉଲ୍ଲେଖ କରିଥିଲେ ଚଟ୍ଟରାଜ। ସେ କହିଥିଲେ, ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନ ପରିମାଣରେ ବୃଦ୍ଧି ଏବଂ ହାରାହାରି ଉତ୍ପାଦନ ଖର୍ଚ୍ଚ କାଟ କରିବା ଏଭଳି ଆହ୍ୱାନର ସର୍ବୋତ୍ତମ ଉପାୟ। ଅପଚୟ ହ୍ରାସ, ବିଭିନ୍ନ ସୁବିଧା ସୁଯୋଗର ନିପୁଣ ଉପଯୋଗ, ଅଟୋମେଶନର ସଦୁପଯୋଗ, ବୈଷୟିକ ଓ ଆର୍ଥିକ ପରିମାପକତାର ଉନ୍ନତି, ହାଉସ କିପିଙ୍ଗ, ସର୍ବନିମ୍ନ ଇନ୍‌ପୁଟ ମାଧ୍ୟମରେ ସର୍ବାଧିକ ଆଉଟପୁଟ ହାସଲ, ସୁରକ୍ଷା ସଂସ୍କୃତିର ଉନ୍ନତି, ଉତ୍ତମ ରକ୍ଷଣାବେକ୍ଷଣ ଓ କର୍ମଚାରୀଙ୍କ ମଧ୍ୟରେ ସଚେତନତା ଉପରେ ସିଇଓ ଚଟ୍ଟରାଜ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅଧିକାରୀ ବାନାର୍ଜୀ ବକ୍ତବ୍ୟ ପ୍ରଦାନ କରି ସୁରକ୍ଷା ନିୟମାବଳୀ ଉପରେ ସମସ୍ତ କର୍ମଚାରୀ ଓ ଅଧିକାରୀ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେଲ ସମ୍ପର୍କିତ ଅଡିଓ ଭିଜୁଆଲ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଅନୁଷ୍ଠିତ ମତ ବିନିମୟ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ଉତ୍ପାଦନ, ଉତ୍ପାଦକତା ଓ ଅନ୍ୟ ପ୍ରସଙ୍ଗ ଉପରେ ମୂଲ୍ୟବାନ ମତ ପ୍ରଦାନ କରିଥିଲେ। ଶପଥଗ୍ରହଣ ସହ ଶେଷ ହୋଇଥିବା ଏହି ଅଧିବେଶନକୁ ଏଚ୍‌ଆର୍‌ଡି ବିଭାଗ ସିନିୟର ଇନଷ୍ଟ୍ରକଟର ସମିତା ମିଶ୍ର ପରିଚାଳନା କରିଥିଲେ।

## ଚିତ୍ରାଙ୍କନ ପ୍ରତିଯୋଗିତା ୨୫ରେ

**ରାଉରକେଲା ଅଫିସ,୨୨।୮**

ୟୁଥ୍ ମୁଭ୍‌ମେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ ନେତୃତ୍ୱରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତ ଆସନ୍ତା ୨୫ ତାରିଖରେ ସେକ୍ଟର-୬ ଟେଲିଫୋନ ଭବନ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରଥମ ବର୍ଗରେ ୧ମରୁ ୩ୟ ଶ୍ରେଣୀ ପିଲାଙ୍କ ପାଇଁ ଚିତ୍ରାଙ୍କନ ବିଷୟବସ୍ତୁ ମାରୁତି କାର୍ କିମ୍ବା ଯେ କୌଣସି ଗାଡ଼ି ରଖାଯାଇଛି। ଏମାନଙ୍କ ପ୍ରତିଯୋଗିତା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ଦ୍ୱିତୀୟ ବର୍ଗରେ ୪ର୍ଥରୁ ଷଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ବିଷୟବସ୍ତୁ ରହିଛି ପ୍ରଦୂଷଣମୁକ୍ତ ମୋଟର ଯାନ। ଏହି ବର୍ଗର ପ୍ରତିଯୋଗିତା ପୂର୍ବାହ୍ନ ୧୧ଟା ୩୦ରୁ ଆରମ୍ଭ ହେବ। ୩ୟ ବର୍ଗରେ ୭ମରୁ ୯ମ ଶ୍ରେଣୀ ଓ ୪ର୍ଥ ବର୍ଗରେ ଦଶମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇପାରିବେ। ଉଭୟ ବର୍ଗଙ୍କ ପାଇଁ ବିଷୟବସ୍ତୁ ଏକ କାର୍‌ରେ ପରିବାରର ଆନନ୍ଦ ରଖାଯାଇଛି। ଏହି ପ୍ରତିଯୋଗିତା ଅପରାହ୍ନ ୩ଟାରୁ ଆରମ୍ଭ ହୋଇ ୪ଟା ୩୦ ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୫ଟାରେ ସମସ୍ତ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ସେହି ସ୍ଥାନରେ ଆୟୋଜିତ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।


ରାଉରକେଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଓକିଲ ସଂଘ ଆନ୍ଦୋଳନକୁ ମାସେ ପୂରିଲା

**ରାଉରକେଲା ଅଫିସ,୨୨।୮**

**୫ ଯାଏ ଅପେକ୍ଷା**

ଏସ୍‌ଡିଜେଏମ୍ ବଦଳି ଦାବିରେ ରାଉରକେଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ମାସେ ପୂରିଛି। ତଥାପି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଗୁରୁବାର ଆୟୋଜିତ ସଂଘ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଆସନ୍ତା ୫ ତାରିଖ ଯାଏ ଅପେକ୍ଷା କରାଯିବ। ସଂଘ ସଭାପତି ରମେଶ ବଳ କହିଛନ୍ତି, ବେଆଇନ ନିର୍ଦ୍ଦେଶ ବଳରେ ଜାମିନ ଦେଉଥିବା ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ଆନ୍ଦୋଳନ ଜାରି ରହିଛି। ବହୁ ପ୍ରତୀକ୍ଷା ପରେ ଜିଲା ସେସନ୍ସ ଜଜ୍‌ଙ୍କ ପଦକ୍ଷେପ ଆଶା ସଞ୍ଚାର କରିଛି। ତେବେ ଏହା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚି ନ ଥିବାରୁ ୫ ଯାଏ ଅପେକ୍ଷା କରାଯିବ। କାରଣ ଜଣେ ଦୁର୍ନୀତିଗ୍ରସ୍ତ ବିଚାରପତିଙ୍କ ବଦଳି ନ ହେଲେ ଆଇନ ଉପରୁ ଲୋକଙ୍କ ଆସ୍ଥା ତୁଟିଯିବ। ଏ ନେଇ ଓଡ଼ିଶା ହାଇକୋର୍ଟ, ବିଭାଗୀୟ ମନ୍ତ୍ରୀ, ଜିଲାପାଳ ଓ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଯାଇଛି। କିନ୍ତୁ ଏସ୍‌ଡିଜେଏମ୍‌ଙ୍କ ବଦଳି ନେଇ ପଦକ୍ଷେପ ନିଆଯାଇନି। ବିଶ୍ୱାସ ରହିଛି, ଏହା ଉପରେ ସକାରାତ୍ମକ ଫଇସଲା ନିଶ୍ଚିତ ଆସିବ। ସେବେଯାଏ ଓକିଲ ସଂଘ ଅପେକ୍ଷା କରିବ। ୫ରେ ବିବାଦର ସମାଧାନ ହୋଇଯିବ ବୋଲି ଆଶା ରହିଛି। ଅନ୍ୟଥା ସଂଘ ସାଧାରଣ ପରିଷଦ ନିଷ୍ପତ୍ତିକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ବଳ ପ୍ରକାଶ କରିଛନ୍ତି।

# ମହାତ୍ମାଙ୍କ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ

**ରାଉରକେଲା ଅଫିସ,୨୨।୮**

ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ମାହାତ୍ମା ଗାନ୍ଧୀଙ୍କ ୧୫୦ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏନ୍‌ଆଇଟି ପରିସରରେ ଥିବା ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ଗାନ୍ଧୀ ପିସ୍ ଫାଉଣ୍ଡେଶନ ଅଧ୍ୟକ୍ଷ କୁମାର ପ୍ରଶାନ୍ତ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସେ ଗାନ୍ଧିଜୀଙ୍କ ଚିନ୍ତା, ଚେତନା, କାର୍ଯ୍ୟଶୈଳୀ ଓ ଦେଶ ପାଇଁ ତାଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ଗାନ୍ଧୀ ମାନବୀୟ ମୂଲ୍ୟବୋଧକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ସାମାଜିକ ନ୍ୟାୟ, ସମଭାବ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତାଙ୍କ ଜୀବନର ବ୍ରତ ଥିଲା। ବୈଷମ୍ୟତାଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଉଥିଲେ। ତାଙ୍କ ମନରେ କେବଳ ସାମାଜ ସଂସ୍କୃତି କଥା ନୁହେଁ ବିଜ୍ଞାନ କାରିଗରି କୌଶଳର ଭାବନା ମଧ୍ୟ ଭରି ରହିଥିଲା। ତେବେ ଏସବୁ କେବଳ ସମାଜ ମଙ୍ଗଳ ଉଦ୍ଦେଶ୍ୟରେ ପ୍ରେରିତ ହେବା ଉଚିତ ବୋଲି ସେ ମତ ପ୍ରକାଶ କରୁଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ପରିବର୍ତ୍ତେ ବିଜ୍ଞାନ ସମ୍ମତ ଯୁକ୍ତିକୁ ସେ ଅଧିକ ପସନ୍ଦ କରୁଥିଲେ। ସମସ୍ତଙ୍କର ଯେପରି ସମାଜିକ କ୍ଷେତ୍ରରେ ପ୍ରତିବଦ୍ଧତା ଓ ସହଭାଗିତା ରହିବ, ସେ ଦିଗରେ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ। ଆଜି ତାଙ୍କ ୧୫୦ତମ ଜୟନ୍ତୀ ପାଳିତ ହେଉଥିବା ବେଳେ ଦେଶର ଯୁବ ଓ ଛାତ୍ର ଗାନ୍ଧୀ ବିଚାରଧାରାରେ ଅନୁପ୍ରାଣିତ ହେବାକୁ ପ୍ରଶାନ୍ତ ଆହ୍ୱାନ ଦେଇଥିଲେ। ଏଥିରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଆନିମେଶ ବିଶ୍ୱାସ, ରେଜିଷ୍ଟ୍ରାର ପ୍ରଫେସର ପି.କେ. ଦାସ, ସ୍ୱାଧୀନତା ସଂଗ୍ରାମୀ କ୍ରିଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ ଡେପୁଟି ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୫ଶହ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ।



ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।


ଉଦିତନଗର ପୋଲିସ ଦ୍ୱାରା ଅଟକ ରଖାଯାଇଥିବା ଭାରିଯାନ।

# ଭାରିଯାନରୁ ଜରିମାନା ଆଦାୟ

**ରାଉରକେଲା ଅଫିସ,୨୨।୮**

ପରିବହନ ନୀତି ଫାଙ୍କି ବାରକୋଟ ଅଞ୍ଚଳକୁ ବର୍ଜ୍ୟ ସ୍ଲାଗ ଚାଲାଣ କରୁଥିବା ୧୫ଟି ଭାରୀଯାନକୁ ବୁଧବାର ବିଳମ୍ବିତ ରାତିରେ ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କ ନିର୍ଦ୍ଦେଶକ୍ରମେ ଉଦିତନଗର ପୋଲିସ ଅଟକ ରଖିଥିଲା। ଜରିମାନା ଆଦାୟ ପରେ ଗୁରୁବାର ଏହି ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଛି। ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ଶୀତଳପଡ଼ାରୁ ନିୟମିତ ବର୍ଜ୍ୟ ସ୍ଲାଗ ଉତ୍ତୋଳନ କରି ଜିଲା ବାହାରକୁ ଚାଲାଣ କରୁଥିବା ଭାରିଯାନଗୁଡ଼ିକ ଉପରେ ନିୟମାନୁଯାୟୀ ପାଲ ଘୋଡ଼ାଯାଉ ନ ଥିଲା। ଫଳରେ ପଚାରରୀଙ୍କୁ ନାକେଦମ ହେବାକୁ ପଡୁଥିଲା। ବିଶେଷକରି ବାଇକ୍ ଓ ସାଇକେଲ ଆରୋହୀମାନେ ଅଧିକ ହଇରାଣ ହରକତ ହେଉଥିଲେ। ରାସ୍ତାରେ ଭାରିଯାନଗୁଡ଼ିକ ଯାଉଥିବାବେଳେ ସେଗୁଡ଼ିକରୁ ଧୂଳି ଉଡ଼ି ବାଇକ୍, ସାଇକେଲ ଆରୋହୀଙ୍କ ଆଖିରେ ପଶୁଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏହାକୁ ନଜରରେ ରଖି ତହସିଲଦାର ରଥ ସେଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଗାଡ଼ି ଅଟକ ରଖିବା ପରେ ଗୁରୁବାର ସେଗୁଡ଼ିକର ମାଲିକ ଥାନାକୁ ଆସି ଜରିମାନା ଦେବା ସହ ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି କହିଥିଲେ।

# ଦିନ ଦିପ୍ରହରରେ ବାଇକ୍ ଲୁଟି ନେଲେ ଦୁର୍ବୃତ୍ତ

**ବାଲିଶଙ୍କରା, ୨୨।୮ (ଡି.ଏନ.ଏ)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ଭଣ୍ଡାରକରୁବାହାଲ ଗ୍ରାମର ସୁନୀଲ କଚ୍ଛପଙ୍କ ବାଇକକୁ ଦିନ ଦିପ୍ରହରରେ ଲୁଟ୍ ହୋଇଛି। ଏନେଇ କିଞ୍ଜିରକେଲା ଥାନାରେ ଅଭିଯୋଗ ହୋଇଛି। ସୁନୀଲ ଓଡି ୧୬-୮୨୨୯ ବାଇକ ଯୋଗେ ନିଜ ଶ୍ୱଶୁର ଘର କନିକାରୁ ନିଜ ଘର କରୁଆବାହାଲକୁ ଆସୁଥିଲେ । ରାସ୍ତାର ରାଇଡିହି ଜଙ୍ଗଲ ପାଖରେ ବାଇକରେ ୩ଜଣ ଯୁବକ ଆସି ତାଙ୍କୁ ଅଟକାଇ ବାଇକକୁ ଛଡ଼ାଇ ଫେରାର୍ ହୋଇଯାଇଥିଲେ। ଖବରପାଇ କିଞ୍ଜିରକେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଚଳାଇଥିବା ଜଣାପଡ଼ିଛି।

# ସ୍କୁଲର ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଜରୁରୀ

**ରାଉରକେଲା ଅଫିସ,୨୨।୮**

ଉଦିତନଗର ସରକାରୀ ହାଇସ୍କୁଲ ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ରସଂସଦ ସଭାପତି ପ୍ରତାପ ଶେଖର ନାୟକଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସରରେ ଆୟୋଜିତ ବୈଠକରେ ସମ୍ପାଦକ ଅଜୟ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଭାପତି ନାୟକ କହିଥିଲେ, କୌଣସି ଅନୁଷ୍ଠାନର ସମୃଦ୍ଧି କାମନା କରିବାକୁ ହେଲେ ସହଯୋଗ ଏକାନ୍ତ ଆବଶ୍ୟକ। ଉଦିତନଗର ହାଇସ୍କୁଲର ସ୍ୱତନ୍ତ୍ରତା ରହିଛି। ଏହାର ଗୌରବମୟ ଇତିହାସକୁ ବଜାୟ ରଖିବାକୁ ହେଲେ ସମସ୍ତ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ବିଦ୍ୟାଳୟରେ ଉଚ୍ଚ ମାନର ଶିକ୍ଷା ପ୍ରଦାନ ସହ ଛାତ୍ରୀଛାତ୍ରଙ୍କ ସମସ୍ୟା ଦୂର ନେଇ ଆଗାମୀ ଦିନରେ ସଂଗଠନ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଥିଲା। ନୂତନ ଭାବେ ବିଦ୍ୟାଳୟରେ ଯୋଗ ଦେଉଥିବା ଶିକ୍ଷକ ଓ ବିଦାୟୀ ଶିକ୍ଷକଙ୍କୁ ସଂଗଠନ ପକ୍ଷରୁ ଯଥାସମ୍ଭବ ସମ୍ମାନ କରିବାକୁ ଏଥିରେ ମତ ପ୍ରକାଶ ପାଇଥିଲା। ବୈଠକରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। କ୍ୟାପଟେନ ଏସ୍.ଏନ୍. ରାଉତ, ରାଜେଶ ବାନାର୍ଜୀ, ଦେବବ୍ରତ ବିହାରୀ, ହିମାଂଶୁଶେଖର ନାୟକ, ଅବନୀନ୍ଦ୍ର ଓଝା, ମାନସ ମିଶ୍ର, ବିଷ୍ଣୁ ଦାସ, ପ୍ରକାଶ ପାଢ଼ୀ, ଟି.ଏସ୍.କେ. ପାତ୍ର, ହିମାଂଶୁ ସାହୁ, ସୁଶାନ୍ତ ପଣ୍ଡା, ରାଜଲକ୍ଷ୍ମୀ ଦାସ, ସୁଶାନ୍ତ ରାଉତ, ବିଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦେବବ୍ରତ ବିହାରୀ ଧନ୍ୟବାଦ ପ୍ରଦାନ କରିଥିଲେ।


ଉଦିତନଗର ହାଇସ୍କୁଲ ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

# ବିଶ୍ୱ ବରିଷ୍ଠ ନାଗରିକ ଦିବସ

**ରାଉରକେଲା ଅଫିସ,୨୨।୮**


ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୂଜ୍ୟପୂଜା ପରିଷଦ ପକ୍ଷରୁ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ବାଲିଯୋଡ଼ି ଛକରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏଥିରେ ରାଉରକେଲା ଅତିରିକ୍ତ ଏସ୍‌ପି ସୁରେଶ ପାଠୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ, ଗାୟତ୍ରୀ ଉପାସକ ଡାକ୍ତର ଆର୍.ବି. ମହାପାତ୍ର, ରାଉରକେଲା ମହାନଗର ନିଗମ ବିକାଶ ପରିଷଦ ଅଧ୍ୟକ୍ଷ ଡାକ୍ତର ଫକୀର ହୋତା, ପୂର୍ବତନ ସୈନିକ ସଂଘ ସଭାପତି ଡାକ୍ତର ଅକ୍ଷୟ ସାମଲ, କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡାକ୍ତର ବିଷ୍ଣୁପ୍ରିୟା ସାହୁ, ପତଞ୍ଜଳି ଯୋଗ ସମିତି କର୍ମକର୍ତ୍ତା ଅକ୍ରୁର ମାର୍ଥା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ସର୍ବୋପରି ପାରିବାରିକ ସମସ୍ୟା ନେଇ ଆଲୋକପାତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କୁ ପ୍ରତି କ୍ଷେତ୍ରରେ କିପରି ସାହାଯ୍ୟ, ସହଯୋଗ ଓ ସମ୍ମାନ ମିଳିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ଅବସର ଜୀବନକୁ ଏମାନେ କିପରି ସୁଖଶାନ୍ତିରେ କାଟିବେ ସେ ଦିଗରେ ପ୍ରତ୍ୟେକ ଦାଇତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଥିଲା। ଡାକ୍ତରୀ ଚିକିତ୍ସା, ଗମନାଗମନ ଭଳି କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ସର୍ବଦା ସହଯୋଗ କରିବାକୁ ଅତିଥି ପରାମର୍ଶ ଦେଇଥିଲେ। ପାରିବାରିକ କ୍ଷେତ୍ରରେ ବରିଷ୍ଠ ନାଗରିକ ବା ବୟସ୍କଙ୍କୁ ଅଣଦେଖା ନ କରି ଉପଯୁକ୍ତ ଯତ୍ନ ନେବାକୁ କୁହାଯାଇଥିଲା। ପୋଲିସ ବିଭାଗ ପକ୍ଷରୁ ଏମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ ନିମନ୍ତେ ମତ ପ୍ରକାଶ ପାଇଥିଲା। ଦକ୍ଷିଣ ରାଉରକେଲା ଅଞ୍ଚଳରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ସଭାଗୃହ ସହ ପାଠାଗାର, ଯୋଗ, ବ୍ୟାୟାମ ଓ ସ୍ୱାସ୍ଥ୍ୟସେବା ଆଦି ଉଦ୍ଦେଶ୍ୟରେ ପଦକ୍ଷେପ ନିଆଯିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ଏହାର ସୁଯୋଗ ନେବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ବାଲିଯୋଡ଼ି ଗ୍ରାମର ବରିଷ୍ଠ ନାଗରିକ ପ୍ରଭାକର ମଲ୍ଲିକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମିହିର ସାହୁ, ସଚଳା ପଣ୍ଡା, ଦେବେନ୍ଦ୍ର ସାହୁ, ବାସୁଦେବ ସାମଲ, ପ୍ରଫୁଲ୍ଲ ସାହୁ, ବାସୁଦେବ ସାହୁ, ଯଦୁମଣି ମହାପାତ୍ର, ଅନ୍ତର୍ଯ୍ୟାମୀ ବେହୁରିଆ, ଧନେଶ୍ୱର ସାହୁ, ଶ୍ରୀଧର ସେଠୀ, ତ୍ରିଲୋଚନ ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଧନେଶ୍ୱର ସାହୁ, ବିଦ୍ୟାଧର ମଲ୍ଲିକ ଓ ଶଶଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶ୍ରୀନାଥ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅରୁଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ସନାତନ ସାହୁ ମଞ୍ଚ ପରିଚାଳନା କରିଥିଲେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

ବଣାଇ, ୨୨।୮ (ସ୍ୱ.ପ୍ର.)

ବଣାଇ ଉପଖଣ୍ଡ ଅନ୍ତର୍ଗତ କୋଇଡା ଥାନାର ଏରିଏନ ଖଣି ନିକଟରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ କୋଇଡା ପୋଲିସ ଦ୍ୱାରା ଉଦ୍ଧାର କରାଯାଇଥିବା ଜଣାପଡିଛି। ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ସବିଶେଷ ତଥ୍ୟ ଜଣାପଡି ନ ଥିବାରୁ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କୋଇଡା ପୋଲିସ ପକ୍ଷରୁ ସୂଚନା ମିଳିଛି।



### ହାଇୱା - ଟ୍ରକ ମୁହାଁମୁହିଁ ଧକ୍କା: ୩ ଗୁରୁତର

କୁତ୍ରା, ୨୨।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଦେଇ ଯାଇଥିବା ୧୦ନଂ. ରାଜ୍ୟ ରାଜପଥର କୁତ୍ରା ଥାନା ପାଖରେ ଗୁରୁବାର ଦୁର୍ଘଟଣା ଘଟିଛି। ଭୁଲ ପାର୍ଶ୍ୱରେ ଆସୁଥିବା ଏକ ହାଇୱା ନଂ. ଓଡି ୧୪ ସି- ୬୯୯୧ ସହ ଏକ ଟ୍ରକ ନଂ. ଓଡି ୧୬ ସି- ୨୫୯୨ର ମୁହାଁମୁହିଁ ଧକ୍କା ଦେବା ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ଅପରାହ୍ନ ୩ଟାରେ ଏକ ସ୍ଲାପ ବୋଝେଇ ହାଇୱା କୁତ୍ରାରୁ କନ୍ଦେଇମୁଣ୍ଡାଠାରେ ଥିବା ଏକ ସିମେଣ୍ଟ କାରଖାନାକୁ ଯାଉଥିଲା। ଉକ୍ତ ହାଇୱା କୁତ୍ରାରୁ ଠିକ୍ ସାଇଡରେ ନ ଯାଇ ଭୁଲ ସାଇଡରେ ଦ୍ରୁତଗତିରେ ଯାଉଥିଲା। ଫଳରେ ସୁନ୍ଦରଗଡରୁ ରାଉରକେଲା ପଟକୁ ଯାଉଥିବା ଏକ ଟ୍ରକକୁ ମୁହାଁମୁହିଁ ଧକ୍କା ଦେଉଥିଲା। ଫଳରେ ଉଭୟ ଗାଡିର ଡ୍ରାଇଭର ଓ କ୍ଲିନର ଗାଡି ଭିତରେ ଚାପି ହୋଇ ରହିଯାଇଥିଲେ। ଅଗ୍ନିଶମ କର୍ମଚାରୀ, ପୋଲିସ ପହଞ୍ଚି ଜେସିବି ମେଶିନ ସାହାର୍ଯ୍ୟରେ ଦୁଇ ଘଣ୍ଟା ପ୍ରୟାସ ପରେ ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ଡାକ୍ତରଖାନାକୁ ପଠାଇଥିଲେ।

### ଲ୍ୟାମ୍ପସ ନିର୍ଦ୍ଦେଶକଙ୍କ ଅକାଳ ବିୟୋଗ

ସୁନ୍ଦରଗଡ଼, ୨୨।୮ (ଡି.ଏନ୍.ଏ)

-କରମଡିହି ଲ୍ୟାମ୍ପସର ନିର୍ଦ୍ଦେଶକ ମିତେଶ ଖଣ୍ଡାଙ୍କର ବୁଧବାର ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୩୯ବର୍ଷ ବୟସ ହୋଇଥିଲା। ସେ ବ୍ରେନ ଟ୍ୟୁମର ଯୋଗୁ ଅସୁସ୍ଥ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିଲା। ତାଙ୍କ ଅକାଳ ବିୟୋଗ ନେଇ ନିଜର ସହକର୍ମୀ, ପରିବାରବର୍ଗ, ବନ୍ଧୁ ପରିଜନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।





ହାତୀପଲ ଭାଙ୍ଗିଦେଇଥିବା ଘର (ବାମ)। ଗଛ ଉପରେ ହୋଇଥିବା ମଞ୍ଚାରୁ ଲୋକେ ଓହ୍ଲାଉଛନ୍ତି।

■ କୋଇଡ଼ା ବନଖଣ୍ଡ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ ଅତିଷ୍ଠ

# ହାତୀ ଭୟରେ ଗଛ ଉପରେ ଘର

ସମୀର କୁମାର ପାଢୀ
ଟେନ୍ସା, ୨୨।୮ (ଡି.ଏନ.ଏ)

- ■ ୫ମାସରେ ୪ଜଣଙ୍କୁ ଦଳି ମାରିଛନ୍ତି ହାତୀପଲ
- ■ ଘର ଭାଙ୍ଗି ଧାନଚାଉଳ ଖାଉଛନ୍ତି
- ■ ବ୍ୟାପକ ଫସଲ ମାଡ଼ିଦଳି ନଷ୍ଟ କରୁଛନ୍ତି
- ■ ଲୋକେ ଜଣାଇଲେ ବି ବନ ବିଭାଗ ନୀରବ

ସୁନ୍ଦରଗଡ଼ ଜିଲା କୋଇଡା ବନଖଣ୍ଡ ରେଞ୍ଜରେ ଗତ ୫ମାସ ହେଲା ବଣୁଆ ହାତୀ ପଲ ଉପଦ୍ରବ ଚଳାଇଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗିବା, ଫସଲ ନଷ୍ଟ କରିବା ଏପରିକି ମଣିଷକୁ ଦଳି ମାରି ଦେଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା କୋଇଡାବାସୀ ଅଭିଯୋଗ କରିଛନ୍ତି। ୫ମାସ ମଧ୍ୟରେ ବିଭିନ୍ନ ସ୍ଥାନରେ ୪ଜଣଙ୍କୁ ହାତୀପଲ ଦଳି ମାରିଛନ୍ତି। ହାତୀ ଭୟରେ ଲୋକେ ଗଛ ଉପରେ ମଞ୍ଚାବାନ୍ଧି ଘର କରି ରହୁଥିବା ଜଣାପଡ଼ିଛି। ବୁଧବାର ରାତିରେ କୋଇଡା ରେଞ୍ଜ ନିକଟ କନ୍ତର କୋଇଡା ଗ୍ରାମରେ ହାତୀ ପଲ ପଶି ଫସଲ ନଷ୍ଟ କରିଛନ୍ତି। ଘାସିରାମ ମୁଣ୍ଡା ଓ ଶୁକ୍ରୁରାମ ମୁଣ୍ଡାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେବା ସହ ଘରେ ଥିବା ଚାଉଳ ଖାଇ ନଷ୍ଟ କରି ଦେଇଛନ୍ତି। ସେହିପରି ବନ୍ଧଇ ଗ୍ରାମରେ ପଶି ଅଢ଼େଇ ଏକର ଧାନ ଫସଲ ସମେତ ମକା ଫସଲ ଖାଇ ଦଳି ଚକଟି ନଷ୍ଟ କରିଛନ୍ତି। ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ସେମାନେ ଆସି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ସ୍ଥାନୀୟ କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ କନ୍ତର କୋଇଡା ଗ୍ରାମରେ ପହଞ୍ଚି ଘର ଭାଙ୍ଗିଥିବା ପରିବାରକୁ ସହାୟତା କରିବା ସହ କିପରି କ୍ଷତିପୂରଣ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଥିଲେ। ସେହିପରି ଗତ ଜୁଲାଇ ୧୫ରେ ମିଲର୍ଡା ଗ୍ରାମରେ ପଶି ଘର ଦ୍ୱାର ଭାଙ୍ଗିବା ସହ ଫସଲ ନଷ୍ଟ କରିବାର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ପ୍ରଦୀପ ନାଏକ ଘର ଭାଙ୍ଗି ଦେବା ସହ ଘର ଭିତରେ ହାତୀ ପଶି ବ୍ୟାପକ ନଷ୍ଟ କରିଦେଇଛନ୍ତି। ପ୍ରଦୀପ କିଛି ଉପାୟ ନପାଇ ନିଜ ୪ ପିଲା ଛୁଆଁଙ୍କୁ ଧରି ଆମ୍ବ ଗଛରେ ମଞ୍ଚା ବନ୍ଧି ରହୁଥିବାର ଅଭିଯୋଗ କରିଛନ୍ତି। ଏକ ମାସ ଧରି ଆମ୍ବ ଗଛରେ ଆଶ୍ରୟ ନେଇଥିବା ପ୍ରଦୀପ ନାଏକଙ୍କୁ ବନବିଭାଗ ପକ୍ଷରୁ କୌଣସି ସାହାଯ୍ୟ ସହଯୋଗ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। କୋଇଡ଼ା ଅଞ୍ଚଳର କାସିଡ଼ା,ମାଲଦା, ପାଟମୁଣ୍ଡା, ଟେନ୍ସା ଜିରୋ ପଏଣ୍ଟ, କଦଲ, କଦଳିଆ ପ୍ରଭୃତି ଅଞ୍ଚଳରେ ହାତୀ ଉପଦ୍ରବରେ ବ୍ୟାପକ କ୍ଷତି ହୋଇଛି।

କୋଇଡା ସହର ଉପକଣ୍ଠରେ ଥିବା ସରକାରଙ୍କ ବଣାଇ ନିୟନ୍ତ୍ରିତ ବଜାର କମିଟିର ଏକ ଗୋଦାମ ଗୃହକୁ କୋଇଡା ଯୋଗାଣ ବିଭାଗ ପକ୍ଷରୁ ଭଡାରେ ନେଇ ସେଠାରେ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଟଙ୍କାକିଆ ଚାଉଳ ବସ୍ତା ରଖାଯାଇଥିଲା। କୌଣସି ମତେ ହାତୀପଲ ଗତ ୧୬ ତାରିଖ ସନ୍ଧ୍ୟାରେ ଗୋଦାମ ଗୃହ ନିକଟକୁ ଆସି ସଟର୍ ଭାଙ୍ଗି ପକାଇଥିଲେ। ଭିତରେ ଥିବା ଚାଉଳ ଖାଇଦେବା ପରେ ଗଛିତଥିବା ଅନ୍ୟ ଚାଉଳ ବସ୍ତାକୁ ଦଳି ଚକଟି ଦେଇ ନଷ୍ଟ କରିଦେଇଥିଲେ। ପରଦିନ ଏ ବିଷୟରେ ଖବରପାଇ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ବଣାଇ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବାବୁଲାଲ କୁମାର ଘଟଣା ସ୍ଥଳରେ ପହଞ୍ଚି ସଙ୍ଗେସଙ୍ଗେ ଭାଙ୍ଗିଥିବା ସଟରକୁ ମରାମତି କରିଥିଲେ। ହାତୀପଲ ପୁନର୍ବାର ଆସି ସଟରକୁ ଭାଙ୍ଗି ଦେଇଥିଲେ ମଧ୍ୟ ଚାଉଳ ଖାଇପାରି ନ ଥିଲେ। ପୁଣି ବିଭାଗୀୟ ଅଧିକାରୀ ସେଠାକୁ ଯାଇ ଭଙ୍ଗା ସଟରକୁ ମରାମତି କରିବା ସହ ଆଉ ଯେମିତି ହାତୀପଲ ନ ଆସନ୍ତି ଗୋଦାମ ପରିସରରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରିଥିବା ଜଣାପଡିଛି। ହାତୀପଲ ଜନବସତିମୁହାଁ ହେଉଥିବାରୁ ସନ୍ଧ୍ୟା ପରେ ଭୟ ଖେଳିଯାଉଛି।

ହାତୀ ଘୋଡାଇବା, ହାତୀ କ୍ଷତି କରିଥିବା ପରିବାରକୁ ସହାୟତା ପାଇଁ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ କ୍ଷତିଗ୍ରସ୍ତ ପରିବାରକୁ ମିଳୁନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ କୋଇଡାବାସୀ ଓ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ ଦାବି କରିଛନ୍ତି।

## ଜିଲାପାଳଙ୍କ କୁତ୍ରା ବ୍ଲକ ପରିଦର୍ଶନ, ଉନ୍ନୟନ କାମ ସମୀକ୍ଷା

କୁତ୍ରା, ୨୨।୮ (ଡି.ଏନ.ଏ)

ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ ଗୁରୁବାର କୁତ୍ରା ବ୍ଲକ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନମୂଳକ କାମ ପରିଦର୍ଶନ କରିବା ସାଙ୍ଗକୁ ଲୋକମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି। ପୂର୍ବାହ୍ନ ୧୧ଟାରେ ଜିଲାପାଳ କୁତ୍ରା ଆସି ପ୍ରଥମେ କୁତ୍ରାଠାରେ ଥିବା ସେଣ୍ଟ୍ରାଲ ସ୍କୁଲକୁ ଯାଇ ଶିକ୍ଷକଙ୍କ ସହିତ ସ୍କୁଲର ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ। ପରେ କୁତ୍ରା ବ୍ଲକ ଯାଇ କୃଷି, ଆଇସିଡିଏସ ଭଳି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଏକ ବୈଠକ କରି ବ୍ଲକରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପରେ କୁତ୍ରା ବ୍ଲକର ମଖାପଡା ଗ୍ରାମକୁ ଯାଇ ପ୍ରାଇମେରି ସ୍କୁଲ, ଅଙ୍ଗନୱାଡି, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ତିଆରି କରାଯାଇଥିବା ମଣ୍ଡପ, ଡଙ୍ଗୱୋଲ ଇତ୍ୟାଦି ଦେଖିଥିଲେ। ପରେ ଆମ୍ବଗୋଭା, ଖଡକୁରବାହାଲ, ଭେଲୁଆଡିହି ଗ୍ରାମକୁ ଯାଇ ବିଭିନ୍ନ ଉନ୍ନୟନ କାମ ପରିଦର୍ଶନ କରିଥିଲେ। ଖଡକୁରବାହାଲଠାରେ ଥିବା ଏକ ପରିତ୍ୟକ୍ତ ଖାଦାନର ପାଣିକୁ ଲିଫ୍ଟ ଦ୍ୱାରା ଚାଷୀଙ୍କୁ ଯୋଗାଇ ଦିଆଯିବା ପ୍ରସ୍ତାବକୁ ନେଇ ଉକ୍ତ ଖାଦାନକୁ ପରିଦର୍ଶନ କରିବା ସାଙ୍ଗକୁ ଜ୍ଞାନପାଲିଠାରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ଦିଗରେ ପଦକ୍ଷେପ ନେବା ପାଇଁ ଜ୍ଞାନପାଲି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏହାଛଡା ରାଜଗାଙ୍ଗପୁର ବ୍ଲକର କୁକୁଡା ଗ୍ରାମ ପଞ୍ଚାୟତର କୁକୁଡା ଗ୍ରାମକୁ ଯାଇ ସେଠାରେ ହୋଇଥିବା ଆରୋପ୍ଲାଣ୍ଟକୁ ପରିଦର୍ଶନ କରିଥିଲେ।

## ଜିଲାସ୍ତରୀୟ ପିଲାଙ୍କ ଯୁବ ପାର୍ଲାମେଣ୍ଟ ପ୍ରତିଯୋଗିତା

ସୁନ୍ଦରଗଡ଼, ୨୨।୮ (ଡି.ଏନ୍.ଏ)

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ପିଲାଙ୍କ ଯୁବ ପାର୍ଲାମେଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ତର୍କ ପ୍ରତିଯୋଗିତାରେ ଧାରା -୩୭୦ଉଚ୍ଛେଦ ଭାରତର ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଉଚିତ ପଦକ୍ଷେପ ବିଷୟ ଆଧାରିତ ଥିଲା। ଛାତ୍ରୀଛାତ୍ର ଏହା ସପକ୍ଷରେ ନିଜର ମତ ରଖିଥିଲେ। ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରେଷ୍ଠ ବିବେଚିତ ପ୍ରାର୍ଥୀ ଭାବେ ସୁନ୍ଦରଗଡ ପବ୍ଲିକ ସ୍କୁଲର ସୁଶ୍ରୀ ରୁଦ୍ରାକ୍ଷୀ ନନ୍ଦ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୨୮ରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏହି ଜିଲାରୁ ପ୍ରତିନିଧିତ୍ୱ କରିବେ। ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୮ଜଣ ପ୍ରତିନିଧିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲା ବିଜ୍ଞାନ ନୀରିକ୍ଷକ ଗୋପୀନାଥ ନାଏକ, ସୁଧାଂଶୁ କୁମାର ଚୌଧୁରୀ, ଅଶୋକ ବାଗ୍, ସୁମନ୍ତ ପ୍ରଧାନ, ତାରାଚାନ୍ଦ ପଟେଲ, ବିଧୂଭୂଷଣ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାଏକ, ରାଜେନ୍ଦ୍ର ଦାଶ ଓ ଅନନ୍ତ ପାଣ୍ଡେ ପ୍ରମୁଖ ରହିଥିଲେ।



ଯୁବ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ମାନପତ୍ର ପାଇଥିବା ଛାତ୍ରୀଛାତ୍ର ଶିକ୍ଷକଙ୍କ ଗହଣରେ।

## ବିଦ୍ୟୁତ୍ ତାର ଲାଗି ଦୁଇ ବଳଦ ମୃତ

ଲହୁଣୀପଡା, ୨୨।୮ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ କୁଳିପୋଷ ଗ୍ରାମରେ ବିଦ୍ୟୁତ ତାର ଲାଗି ଦୁଇଟି ବଳଦର ମୃତ୍ୟୁ ଘଟିଥିବା ଜଣାଯାଇଛି। କୁଳିପୋଷ ଗ୍ରାମର ଆନନ୍ଦ ସାହୁ ଓ ରସାୟ ମୁଣ୍ଡାଙ୍କ ଦୁଇଟି ବଳଦ ଚରିବାକୁ ଯାଇଥିବା ବେଳେ କାଳିଆ ମୁଣ୍ଡା ଘରକୁ ସଂଯୋଗ ହୋଇଥିବା ବିଦ୍ୟୁତ ତାର ଛିଣ୍ଡି ତଳେ ପଡିଥିଲା। ସେଥିରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। ସେହି ତାର ସଂସ୍ପର୍ଶରେ ଆସି ଦୁଇଟି ଯାକ ବଳଦର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ବିଦ୍ୟୁତ ବିଭାଗ ମହୁଲଡିହି ସେକସନ୍‌ର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ ମଧ୍ୟ ସେ ସନ୍ଧ୍ୟା ସୁଦ୍ଧା ପହଞ୍ଚି ନ ଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଖୁଣ୍ଟଗାଁ ରାଜସ୍ୱ ନିରୀକ୍ଷକ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଖୁଣ୍ଟଗାଁ ପ୍ରାଣୀ ଚିକିତ୍ସକ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ନ ପହଞ୍ଚିବା ଯୋଗୁ ଗ୍ରାମରେ ଅସନ୍ତୋଷ ଦେଖାଦେବା ସହିତ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।




ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଅତିଥି।

## ବରିଷ୍ଠ ନାଗରିକମାନେ ସମାଜର ଦିଗ୍‌ଦର୍ଶକ

ସୁନ୍ଦରଗଡ଼, ୨୨।୮ (ଡି.ଏନ୍.ଏ)

ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ଥାନୀୟ ବୀରମିତ୍ର ପାର୍କ ପରିସରରେ ଥିବା ସଂଘ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜକୁ ଉପଯୁକ୍ତ ଦିଗଦର୍ଶନ ଦେବାରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସମାଜରେ ତାଙ୍କର ମୂଲ୍ୟବାନ ଗଠନମୂଳକ ପରାମର୍ଶ ଓ ସହଯୋଗର ଆବଶ୍ୟକତା ସବୁବେଳେ ରହିଆସିଛି। ଏଣୁ ପରିବାରଠାରୁ ଆରମ୍ଭ କରି ସବୁଠି ତାଙ୍କ ପ୍ରତି ଆମମାନଙ୍କର ଉପଯୁକ୍ତ ସମ୍ମାନବୋଧ ରହିବା ଆବଶ୍ୟକ ବୋଲି ସେ କହିଥିଲେ। ଏନ୍‌ଟିପିସି ଡୁଲୁଙ୍ଗା କୋଇଲାଖଣି ପ୍ରକଳ୍ପର ଅଧିକାରୀ ସୁବାସ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପ୍ରତି ଅବହେଳା ଓ ଅଣଦେଖା କରୁଥିବା ସମାଜର କେବେ ଉନ୍ନତି ହୁଏ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡି ସରାଫ, ସମୀର କୁମାର କର ପ୍ରମୁଖ ବକ୍ତବ୍ୟ ରଖି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ପଦ୍ମଲୋଚନ ସରାଫ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଶୁତୋଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ଚାଳକ ଗିରଫ

ବଣାଇ, ୨୨।୮(ସ୍ୱ.ପ୍ର.)

ବଣାଇ ବନଖଣ୍ଡ ଅନ୍ତର୍ଗତ ସରସରା ବଲାଙ୍ଗ ଅଞ୍ଚଳରେ ବନବିଭାଗ ପକ୍ଷରୁ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ବନବିଭାଗର ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଉକ୍ତ ପିକଅପ୍ ଭ୍ୟାନକୁ ଅଟକ ରଖି ଯାଞ୍ଚ କରିବା ପରେ ସେଥିରେ ଚୋରା କାଠ ବୋଝେଇ ହୋଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ବଣାଇ ବନାଞ୍ଚଳ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ସହିତ ସରସରା ଫରେଷ୍ଟର ଏବଂ ବନରକ୍ଷୀମାନେ ଏହି ପାଟ୍ରୋଲିଂରେ ସାମିଲ ଥିଲେ। ପିକ୍‌ଅପ୍ ଭ୍ୟାନ ନମ୍ବର ଓଡି୧୪ ଏମ-୫୯୩୭ ରେ ୨୫ଖଣ୍ଡ କାଠଖଣ୍ଡ ବୋଝେଇ କରି ଚୋରା ଚାଲାଣ ହେଉଥିବା ଦେଖି ସମ୍ପୃକ୍ତ ଭ୍ୟାନକୁ ଜବତ କରାଯିବା ସହ ଚାଳକ ସିପୁନ ସିଂ ଦଣ୍ଡପାଟଙ୍କୁ ଗିରଫ କରାଯାଇଥିଲା।



ବନବିଭାଗ କର୍ମଚାରୀମାନେ କାଠ ବୋଝେଇ ପିକ୍‌ଅପ୍ ଜବତ କରିଛନ୍ତି।

■ ହିନ୍ଦୁସ୍ଥାନ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

## ଝରାକଣ୍ଡେଲକୁ ହରାଇ ନୂଆପାଲି ଚାମ୍ପିୟନ

ବଣାଇ, ୨୨।୮(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ କେଲୋ ହିନ୍ଦୁସ୍ଥାନ କ୍ଲବ ପକ୍ଷରୁ ୭ଦିନ ଧରି ଚାଲିଥିବା ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। କେଲୋ ଖେଳ ପଡିଆଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମୁଦାୟ ୬୨ଗୋଟି ଦଳ ଅଂଶଗ୍ରହଣ କରି ଗତ ୧୫ ତାରିଖ ଠାରୁ ନକଆଉଟ ପର୍ଯ୍ୟାୟରେ ଖେଳିଥିଲେ। ଅନୁଷ୍ଠିତ ଫାଇନାଲ ମ୍ୟାଚ ନୂଆପାଲି ଦଳ ଓ ଝରାକଣ୍ଡେଲ ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାକୁ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ଶେଷରେ ଟାଏବ୍ରେକର ମାଧ୍ୟମରେ ଫଇସଲା ହୋଇ ୪/୨ ଗୋଲରେ ନୂଆପାଲି ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କ୍ଲବର ସଭାପତି ନୃପମଣି ଛଟିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସରପଞ୍ଚ ସେବତୀ କିଷାନ, ମନୋଜ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ଓ କପ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ରବିନାରାୟଣ ଡଗରା, ନରେନ୍ଦ୍ର କିଷାନ, ଉପେନ୍ଦ୍ର କିଷାନ, ପୁରେନ୍ଦ୍ର କିଷାନ, ଗଣେଶ୍ୱର ଡଗରା ପ୍ରମୁଖ ସହଯୋଗିତା କରିଥିଲେ।



ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ନାଳରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ବେଲପାହାଡ଼,୨୨।୮(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ବୁଧବାର ଉଲାପ ଗାଁ ନାଳରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପ୍ରାୟ ୪୫ ବର୍ଷ ଏବଂ ଉଚ୍ଚତା ୫ ଫୁଟ ୨ ଇଞ୍ଚ ହେବ। ଗ୍ରାମବାସୀ ନାଳରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଏ ସଂକ୍ରାନ୍ତରେ ବେଲପାହାଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ମୃତଦେହକୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ମର୍ଗ ହାଉସ୍‌ରେ ସଂରକ୍ଷିତ ରଖାଯିବ ବୋଲି ପୋଲିସ କହିଛି।

### ବିଣିକା ଅଞ୍ଚଳରୁ ୪ ଶିଶୁ ଶ୍ରମିକ ଉଦ୍ଧାର

**ସୋନପୁର,୨୨।୮(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ବିଣିକା ଅଞ୍ଚଳରୁ ଗୁରୁବାର ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସହକାରୀ ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ, ଗ୍ରାମୀଣ ଶ୍ରମ ନିରୀକ୍ଷକ ପୂର୍ଣ୍ଣମଣି ସୋରେନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ମଣ୍ଡଳ ବିଣିକାର ପାଣିଗ୍ରାହୀ ହୋଟେଲରୁ ୨ ଜଣ ଓ ବିଣିକା ଏବଂ ବିଶାଳପାଲି ଢାବାରୁ ଜଣେ ଲେଖାଏଁ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଥିଲା। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଶିଶୁମାନଙ୍କୁ ସୋନପୁର ଶିଶୁଗୃହରେ ରଖାଯାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ବରୁଣ କୁମାର ମହାନ୍ତି ଓ ଦିଲ୍ଲିପ କୁମାର ମୁଖୀ ଉପସ୍ଥିତ ଥିଲେ।

### ଡେଙ୍ଗୁରେ ଜଣେ ମୃତ

**ପାଇକମାଳ,୨୨।୮(ଡି.ଏନ.ଏ)** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପୁରେନା ଗ୍ରାମରେ ପାହାନ୍ତି ମୁଟକିଆ(୧୭)ଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଡେଙ୍ଗୁଜ୍ୱରରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଗତ କିଛିଦିନ ତଳେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହା ପୂର୍ବରୁ ଗ୍ରାମରେ ଅନ୍ୟ ଜଣେ ଡେଙ୍ଗୁ ଜ୍ୱରରେ ମୃତ୍ୟୁବରଣ କରିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

### ମାରଣାସ୍ତ୍ର ଦେଖାଇ ଲୁଟ୍

**ବିଣିକା, ୨୨।୮(ଡି.ଏନ୍.ଏ.):** ବିଣିକା ଥାନା ଚରଦା-ଶଙ୍କରା ଖେଳପଡିଆ ନିକଟରେ ବୁଧବାର ରାତିରେ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଓ ଏକ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ମହଦା ଗାଁର ବିଦ୍ୟାଧର ପଧାନ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଧର ବିଣିକା ଷ୍ଟେଟ୍‌ବ୍ୟାଙ୍କ ଶାଖା ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ରାତି ପ୍ରାୟ ୯ଟାରେ ସେ କାମ ସାରି ବାଇକରେ ଫେରିବା ସମୟରେ ଖେଳପଡିଆ ନିକଟରେ ଚାରିଜଣ ଯୁବକ ତାଙ୍କୁ ଅଟକାଇ ଲୁଟପାଟ କରିଥିଲେ।

# ଚାକିରି ଦେବା ନାଁରେ ଠକେଇ, ୪ ଗିରଫ

■ ୫୪ ହଜାର ଟଙ୍କା, ୪ ମୋବାଇଲ ଫୋନ୍, କାର୍, ଜାଲ୍ ବ୍ୟାନର, ୫୦ ବାୟୋଡାଟା, ସ୍କାନର, ଟାବ୍‌ଲେଟ ଜବତ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୨।୮(ଡି.ଏନ୍.ଏ.)**

ଝାରସୁଗୁଡ଼ାର ବିଭିନ୍ନ କଳକାରଖାନାରେ ଚାକିରି କରାଇଦେବା ନାଁରେ ଶତାଧିକ ଯୁବକଙ୍କୁ ଠକେଇ କରାଯାଇଛି। ଏଭଳି ଘଟଣା ଝାରସୁଗୁଡ଼ା ବଡ଼ମାଲ ଥାନା ଅଞ୍ଚଳରେ ଘଟିଛି। ପୋଲିସ ଘଟଣାର ପର୍ଦ୍ଦାଫାଶ କରି ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ସିଂହଭୂମି ଜିଲା ଇଡେଲବେରା ଗ୍ରାମର ଜୟନ୍ତ ରଜକ (୩୦), ବ୍ରଜରାଜନଗର ଇଏସ୍‌ଆଇ ଛକର ରଞ୍ଜନ ମହାନନ୍ଦ ଓରଫ ତୃପ୍ତି (୨୪), କଳାହାଣ୍ଡି ଜିଲା କେସିଙ୍ଗା ଥାନା ପୋଡ଼ଖାମ ଗ୍ରାମର ପ୍ରଳୟ ନନ୍ଦ (୫୨) ଓ ଏମ୍.ରାମପୁର ଗ୍ରାମର ମହେଶ୍ୱର ପଟ୍ଟନାୟକ (୪୦)। ଗୁରୁବାର ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜୟନ୍ତ ଏହି ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବାବେଳେ ଅନ୍ୟମାନେ ତାଙ୍କ ଅଧୀନରେ କାମ କରୁଥିଲେ। ଏମାନଙ୍କ ନିକଟରୁ ପୋଲିସ ୫୪ ହଜାର ଟଙ୍କା, ଓଡି୨୩-ଏଚ୍‌୫୧୧୭ନଂ ମାରୁତି କାର୍, ୪ ମୋବାଇଲ, ୫୦ରୁ ଉର୍ଦ୍ଧ୍ୱ ବାୟୋଡାଟା, ହାଇଟେକ୍ ପି.ଆର୍. ମ୍ୟାନ୍‌ପାୱାର ସପ୍ଲାଇ ଲେଖାଥିବା ବ୍ୟାନର, ସ୍କାନର, ଟାବ୍‌ଲେଟ୍ ଆଦି ଜବତ କରିଛି। ଠକେଇର ଶିକାର ହୋଇଥିବା ଏମ୍.ରାମପୁର ଆମ୍ବାଗନ ଗ୍ରାମର ସୁନୀଲ କୁମାର ସିଂହ (୨୬)ଙ୍କ ଅଭିଯୋଗକୁ ଭିତ୍ତିକରି ଶୁକ୍ରବାର ପୋଲିସ ଏକ ମାମଲା (ନଂ. ୧୩୦/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ପ୍ରଥମେ ଟଙ୍କା ଜମା ହୋଇଥିବା ଜୟନ୍ତଙ୍କ ଏସ୍‌ବିଆଇ ଆକାଉଣ୍ଟ ଯାଞ୍ଚ କରିଥିଲା। ଏହି ଆଧାରରେ ପୋଲିସ ଜୟନ୍ତ ଓ ରଞ୍ଜନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ପରେ କଳାହାଣ୍ଡି ଅଞ୍ଚଳର କେତେଜଣ ଯୁବକଙ୍କୁ ଚାକିରି ଦେବାକୁ କହି ପ୍ରଳୟ ଓ ମହେଶ୍ୱର ବୁଧବାର ବେଦାନ୍ତ ପ୍ରକଳ୍ପ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା। କଳାହାଣ୍ଡି ଅଞ୍ଚଳର ଏହି ୨ ଦଲାଲ ଜୟନ୍ତ ଓ ରଞ୍ଜନଙ୍କ ସହ ଯୋଗାଯୋଗ କରି ଯୁବକମାନଙ୍କୁ ଚାକିରି ପାଇଁ ଯୋଗାଡ଼ କରୁଥିଲେ ବୋଲି ବଡ଼ମାଲ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କୈଳାସ ଅଚାର୍ଯ୍ୟ ଓ ଆଇଆଇସି ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ପୋଲିସ ତଦନ୍ତରୁ ଜଣାପଡ଼ିଛି, ବେଦାନ୍ତ ଆଲୁମିନା କମ୍ପାନୀରେ ଚାକିରି କରାଇଦେବା ପାଇଁ ଅଭିଯୁକ୍ତମାନେ ସୁନୀଲଙ୍କ ନିକଟରୁ ପ୍ରଥମ କିସ୍ତିରେ ୨୫ ହଜାର ଟଙ୍କା ନେଇଥିଲେ। ପରେ ଆଉ ୧୨ହଜାର ଟଙ୍କା ଦାବି କରିଥିଲେ। ଏହା ନିର୍ଦ୍ଦିଷ୍ଟ ସମୟରେ ନ ଦେଲେ ନିଯୁକ୍ତି ତାଲିକାରେ ନାମ ବାହାରିବ ନାହିଁ ବୋଲି ସେମାନେ କହିଥିଲେ। ଠିକ୍ ସେହିଦିନ ପ୍ରବଳ ବର୍ଷା ହେଉଥିବାରୁ ସୁନୀଲ ସେମାନଙ୍କ ନିକଟରେ ଟଙ୍କା ଧରି ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଫଳରେ ଅଭିଯୁକ୍ତମାନେ ସୁନୀଲଙ୍କ ସହ ଯୋଗାଯୋଗ କରି ଜୟନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ପାଇଁ କହିଥିଲେ। ସୁନୀଲ ଗତ ୨୯ ତାରିଖରେ ଜୟନ୍ତଙ୍କ ଏସ୍‌ବିଆଇ ଆକାଉଣ୍ଟରେ ୧୨ ହଜାର ଟଙ୍କା ଜମା କରିଥିଲେ। ଅଗଷ୍ଟ ୧୬ରେ ସୁନୀଲ ବେଦାନ୍ତ କମ୍ପାନୀରେ ନିଯୁକ୍ତି ପାଇବେ ବୋଲି ଅଭିଯୁକ୍ତମାନେ କହିଥିଲେ। ଉକ୍ତଦିନ ସୁନୀଲ ବେଦାନ୍ତ ପ୍ରକଳ୍ପ ଫାଟକ ସମ୍ମୁଖରେ ପହଞ୍ଚି ଅପେକ୍ଷା କରିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ କେହି ସେଠାରେ ପହଞ୍ଚି ନ ଥିଲେ କି ଫୋନ୍ ମଧ ରିସିଭ୍ କରି ନ ଥିଲେ। ଏ ନେଇ ସୁନୀଲଙ୍କ ମନରେ ସନ୍ଦେହ ଉପୁଜିଥିଲା। ସେ ଠକେଇର ଶିକାର ହୋଇଥିବା ଅନୁଭବ କରି ବଡ଼ମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖାଲି ସୁନୀଲ ନୁହେଁ ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶାର ଶତାଧିକ ଯୁବକ ଏହି ଦଲାଲଙ୍କ କବଜାରେ ଫସିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏମାନଙ୍କ ନିକଟରୁ ଦଲାଲମାନେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ପୋଲିସ ସନ୍ଦେହ କରୁଛି।



ପୋଲିସ ଗିରଫ କରିଥିବା ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

**ଶତାଧିକ ଯୁବକ ଠକେଇର ଶିକାର**

### ବନ୍ଧୁକ ଦେଖାଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍

**ଲଖନପୁର,୨୨।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ବିଣିକା-ଛଡ଼ାରମା ରାସ୍ତାରୁ ଗୁରୁବାର ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଏକ ଘରୋଇ ଫାଇନାନ୍ସ କର୍ମଚାରୀଙ୍କ ନିକଟରୁ ୬୦ହଜାରୁ ଅଧିକ ଟଙ୍କା ଲୁଟିନେଇଛନ୍ତି। ଖବର ପାଇ ବନହରପାଲି ଥାନା, ବନ୍ଧବାହାଲ ଓ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ବିଭିନ୍ନ ରାସ୍ତା ସିଲ୍ କରି ଯାନବାହାନ ଯାଞ୍ଚ କରିଥିଲା। ତେବେ ଦୁର୍ବୃତ୍ତଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇନାହିଁ। ଏ ନେଇ ଲୁଟ୍‌ର ଶିକାର ଫାଇନାନ୍ସ କର୍ମଚାରୀ ରୀତା ବଗର୍ତ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୦୪/୧୯) ରୁଜୁକରି ତଦନ୍ତ ଚଳାଇଛି। ବେଲପାହାଡ଼ର ସମ୍ପୃକ୍ତ ଫାଇନାନ୍ସ ସଂସ୍ଥା ଅଞ୍ଚଳର ଏସ୍‌ଏଚ୍‌ଜିଗୁଡ଼ିକୁ ଋଣ ଯୋଗାଇ ଦେଉଛି। ପ୍ରତି ସପ୍ତାହରେ ସଂସ୍ଥା କର୍ମଚାରୀମାନେ ବୁଲିବୁଲି ଏସ୍‌ଏଚ୍‌ଜି ନିକଟରୁ ମୂଳଧନ ସହ ସୁଧ ଅସୁଲ କରିଥାନ୍ତି। ସଂସ୍ଥାର ରୀତା ବଗର୍ତ୍ତି ଓ ଦେବଶ୍ରୀ ନାୟକ ଗୁରୁବାର ସକାଳେ ବେଲପାହାଡ଼ରୁ ଏକ ସ୍କୁଟିରେ ଆସି ବନ୍ଧବାହାଲ, କର୍ପାବାହାଲ ଅଞ୍ଚଳର ଏସ୍‌ଏଚ୍‌ଜି ନିକଟରୁ ଋଣ ଅସୁଲ କରି ଛଡ଼ାରମା ଗ୍ରାମକୁ ଯାଉଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ସେମାନଙ୍କ ପିଛା କରିଥିଲେ। ନିଛାଟିଆ ସ୍ଥାନରେ ସେମାନଙ୍କୁ ଅଟକାଇ ବନ୍ଧୁକ ଦେଖାଇ ସ୍କୁଟି ଡିକିରୁ ଟଙ୍କା ଲୁଟିନେଇଥିଲେ। ରୀତା ଓ ଦେବଶ୍ରୀଙ୍କ କହିବା ଅନୁସାରେ ଏକ ନାଲି ରଙ୍ଗର ବାଇକ୍‌ରେ ୨ଜଣ ଯୁବକ ଥିଲେ। ଜଣେ ହେଲ୍‌ମେଟ ପିନ୍ଧିଥିବାବେଳେ ଅନ୍ୟଜଣେ ମୁହଁରେ କପଡ଼ା ଗୁଡ଼ାଇଥିଲେ।

## ଚମ୍ପାପଡ଼ା, ମାଲିବେଉଁରାରେ ଚାରାରୋପଣ

**କିର୍ମିରା,୨୨।୮(ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଚମ୍ପାପଡ଼ା ଓ ମାଲିବେଉଁରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଅର୍ଡା ପଞ୍ଚାୟତ ଚମ୍ପାପଡ଼ା ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଲ୍‌ଟ୍ରାଟେକ ସିମେଣ୍ଟ କାରଖାନା ମୁଖ୍ୟ ପ୍ରବନ୍ଧକ ଦେବୀପ୍ରସାଦ ଭୁରିଟି ମୁଖ୍ୟଅତିଥି, ପୂର୍ବତନ କିର୍ମିରା ବିଇଓ ସୁଶିଲ ବାଗ, ଝାରସୁଗୁଡ଼ା ରେଞ୍ଜ ଫରେଷ୍ଟର ରମେଶ ଚନ୍ଦ୍ର ନାଥ, ମାନବସମ୍ବଳ ଅଧିକାରୀ ଆଶିଷ ପାଲ, ଏବିଇଓ କରୁଣାସାଗର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତ ସଚେତିକା ଚନ୍ଦନା ଜେନା, ମନ୍ମୟ ବଖରା, ସଞ୍ଜୟ ପଟେଲ, ପ୍ରଧାନ ଶିକ୍ଷୟିତ୍ରୀ ଭଗବତୀ ଜୟପୁରିଆ, ଶିକ୍ଷକ ଚାରାଚାନ୍ଦ ବାଗ, ନିର୍ମଳା ପାଣ୍ଡେ, ସରିତା ନେଟୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ରାସ୍ତା ପାର୍ଶ୍ୱରେ ଚାରାରୋପଣ କରି ଗ୍ରାମବାସୀଙ୍କୁ ଗଛ ଲଗାଇବାକୁ ସଚେତନ କରିଥିଲେ। ସେହିପରି ଝାରମୁଣ୍ଡା ପଞ୍ଚାୟତ ମାଲିବେଉଁରା ଗ୍ରାମ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଭୋଜରାଜ ପରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏବିଇଓ କରୁଣାସାଗର ପଟେଲ, ସିଆର୍‌ସିସି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ କିଷାନ, ସହକାରୀ ଶିକ୍ଷୟିତ୍ରୀ ରୋହିଣୀ କାଲୋ, ଝାରମୁଣ୍ଡା ପ୍ରଧାନ ଶିକ୍ଷୟିତ୍ରୀ ଅବନ୍ତୀ ଭଇଁଷାଲ, ସ୍କୁଲ ପରିଚାଳନା କମିଟି ସଭାପତି ଗଙ୍ଗାଧର ବୁଦୁଲା, ବାଗଡିହି ରେଞ୍ଜର ଗଜେନ୍ଦ୍ର ନାଏକଙ୍କ ସମେତ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଚାରାରୋପଣ କରିଥିଲେ।



ଚମ୍ପାପଡ଼ା ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅତିଥିମାନେ ଚାରାରୋପଣ ପାଇଁ ବାହାରିଛନ୍ତି।

### କାର୍ ସହ ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

**ଦେଓଗାଁ,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଭୂତିଆରବାହାଲ ଛକ ନିକଟରେ ଗୁରୁବାର ଏକ କାରରେ ଚୋରାଚାଲାଣ ହେଉଥିବା ଗଞ୍ଜେଇକୁ ବନ୍ଧପଡା ପୋଲିସ ଜବତ କରିଛି। ତେବେ ଘଟଣାସ୍ଥଳରେ ଗଞ୍ଜେଇ ସହ କାରକୁ ଛାଡି ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି। ଏ ସଂକ୍ରାନ୍ତରେ ବନ୍ଧପଡା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଦେଓଗାଁ ଥାନା ଏଏସଆଇ ଜନାର୍ଦ୍ଦନ ସାହୁ କହିଛନ୍ତି। ସୂଚନା ଅନୁସାରେ ଗୁରୁବାର ସକାଳେ ଭୂତିଆରବାହାଲ ଓ ସାହାଜବାହାଲ ରାସ୍ତାରେ ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ ପାଟ୍ରୋଲିଂ କରୁଥିବା ବେଳେ ଓଡି ୧୭ ଏମ୯୮୯୯ ଲେଖାଥିବା ଏକ ସ୍ୱିଫ୍ଟ ଡିଜାୟାର କାର ଦେଓଗାଁ ପଟରୁ ସାହାଜବାହାଲ ରାସ୍ତାଦେଇ ଯାଉଥିଲା। ପୋଲିସ ଭ୍ୟାନକୁ ଦେଖି ସେମାନେ ହଠାତ ଫେରିଯିବାରୁ ପୋଲିସ ସନ୍ଦେହରେ କାରକୁ ଅଟକାଇବା ପାଇଁ ପିଛା କରିଥିଲା। ପୋଲିସ ଗାଡି ଆସୁଥିବା ଦେଖି ଅଭିଯୁକ୍ତମାନେ କାରକୁ ଭୂତିଆରବାହାଲଛକ ନିକଟ ରାସ୍ତାରେ ଛାଡି ଧାନବିଲ ଦେଇ ଫେରାର ହୋଇଯାଇଥିଲେ। ଜବତ କାର ମଧ୍ୟରୁ ୪ଟି ଜରି ପ୍ୟାକେଟରୁ ୮୧ କେଜି ଗଞ୍ଜେଇ ବାହାରିଥିବା ବେଳେ ଦେଓଗାଁ ତହସିଲଦାର ସୋନାଲୀ ପାତ୍ରଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ଖୋଖୋ, କବାଡ଼ି ପ୍ରତିଯୋଗିତା

**ଲଇକେରା,୨୨।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ବାବୁଛିପିଡ଼ିହି ପଞ୍ଚାୟତ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ୧୪ରୁ ୧୭ ବର୍ଷ ବାଳକ ବାଳିକା ଦ୍ୱିତୀୟ ପର୍ଯ୍ୟାୟ ବ୍ଲକସ୍ତରୀୟ ଖୋଖୋ ଓ କବାଡ଼ି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ବିଇଓ ହିମସାଗର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ମୁଖ୍ୟଅତିଥି, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ ମୁଖ୍ୟବକ୍ତା, ଲୋକେନ୍ଦ୍ର ରାଉତ, ରତ୍ନସାଗର ନାଏକ, ରୋହିତ କୁମାର ଭୋଇ, ସୁରେନ୍ଦ୍ର ନେଟି ଏବଂ ପ୍ରଦୀପ ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ସଂଗଠନ ସାଧାରଣ ସମ୍ପାଦକ ଯୁଗଳ କିଶୋର ପଟେଲ ବିବରଣୀ ପ୍ରଦାନ କରି ମନୋନିତ କବାଡ଼ି ଓ ଖୋଖୋ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ ଏମାନେ ଭାଗନେବେ ବୋଲି ଘୋଷଣା କରାଯାଇଥିଲା। ପ୍ରଧାନ ଶିକ୍ଷକ ବସନ୍ତ କଉଡ଼ି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ କୁବେର କୁମ୍ଭାର, ଆଦିତ୍ୟ ନାଏକ, ଚନ୍ଦ୍ର ପଟେଲ, ଦୀପକ କର୍ତ୍ତା, ପବିତ୍ର ପ୍ରଧାନ, ଶିବଶଙ୍କର ଚୌଧୁରୀ, ଯତୀନ ମିଶ୍ର, ପ୍ରଦୀପ ବେହେରା, ଅକ୍ଷୟ କୁମାର ନାଏକ, ସଞ୍ଜୟ କୁମାର ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏବିଇଓ ଜନ୍ମେଜୟ ନାଏକଙ୍କ ସଭାପତିତ୍ୱରେ ଜିଲା ପରିଷଦ ସଭ୍ୟ ବ୍ରଜ କିଶୋର ସୁନାନୀ, ସ୍ୱପ୍ନେଶ୍ୱର ନାଏକ, ସରପଞ୍ଚ ବୀଣାପାଣି ମାଝି, ସମିତି ସଭ୍ୟା ମିନାରାଣୀ ବୁଦୁଲା, ଚନ୍ଦ୍ରଶେଖର ନାଏକ, ଗୁରୁଚରଣ ବେହେରା ଏବଂ ଦୁର୍ଯ୍ୟୋଧନ ସା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ବିପୁଳ ପରିମାଣର ମଦ ଜବତ, ୪ ଗିରଫ

**ପାଟଣାଗଡ, ୨୨।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଅବକାରୀ ଅଧୀକ୍ଷକ ଶ୍ରୀକର ମାଝିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଲରମ୍ବା ଥାନା ଅଧିନ ରେଙ୍ଗାଲି ଗ୍ରାମରେ ଗୁରୁବାର ଚଢାଉ କରାଯାଇଥିଲା। ଚଢାଉ ସମୟରେ ବିପୁଳ ପରିମାଣର ଦେଶୀ ରନ୍ଧାମଦ ଏବଂ ମହୁଲ ପୋଚ ଜବତ କରାଯାଇଥିଲା। ଚଢାଉରେ ୬୩୦ଲିଟର ଦେଶୀ ରନ୍ଧାମଦ, ୯୭୦ଲିଟର ମହୁଲ ପୋଚ ଜବତ କରାଯାଇଥିଲା। ରେଙ୍ଗାଲି ଗ୍ରାମର ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଈଶ୍ୱର ବିଭାର, ପ୍ରତ୍ୟୁଷ ନନ୍ଦ, ଲକ୍ଷ୍ମଣ ସାହୁ ଏବଂ କୀର୍ତ୍ତି ସାହୁ। ମଦରନ୍ଧାରେ ବ୍ୟବହୃତ ଅନେକ ସାମଗ୍ରୀ ମଧ ଜବତ କରାଯାଇଛି। ଏହି ଚଢାଉରେ ପାଟଣାଗଡ ଏପିଆର ଫୋର୍ସ, ବଲାଙ୍ଗୀର ମୋବାଇଲ ୟୁନିଟ ସହଯୋଗ କରିଥିଲେ।

## ସୁଧୁରୁନି ରାସ୍ତା ଅବସ୍ଥା, ଆନ୍ଦୋଳନ ଚେତାବନୀ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୨।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ବ୍ଲକ ହିର୍ମା ପଞ୍ଚାୟତ ଖେରୁଆଲ କଟାପାଲି ଗ୍ରାମ ରାସ୍ତା ଅବସ୍ଥା ଦୀର୍ଘଦିନ ହେଲା ସୁଧୁରୁନାହିଁ। ଅସରାଏ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି। ଏ ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଜନପ୍ରତିନିଧିଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ରାସ୍ତା ରାଜ୍ୟ ରାଜପଥରୁ ଗ୍ରାମକୁ ସଂଯୋଗ କରୁଛି। ମାତ୍ର ୧ କିଲୋମିଟର ଲମ୍ବ ଏହି ରାସ୍ତା ପୂର୍ବରୁ ପଞ୍ଚାୟତ ଅଧୀନରେ ଥିଲା। ସେତେବେଳେ ପଞ୍ଚାୟତ ପକ୍ଷରୁ ମୋରମ ପକାଯାଇ ରାସ୍ତା ମରାମତି କରାଯାଉଥିଲା। ତେବେ ୨୦୧୧-୧୨ରେ ରାସ୍ତା ଆର୍‌ଡି ବିଭାଗ ଅଧୀନକୁ ଗଲା। ବିଭାଗ ରାସ୍ତା ମରାମତି କରିବ ବୋଲି ସେତେବେଳେ ଗ୍ରାମବାସୀ ଆଶା ବାନ୍ଧିଥିଲେ। କିନ୍ତୁ ତାହା ହେଲାନାହିଁ। ରାସ୍ତା ଅବସ୍ଥା ଆହୁରି ଖରାପ ହେଲା। ଏଭଳି ସ୍ଥିତିରେ ଏହି ରାସ୍ତା ୨୦୧୫-୧୬ରେ ପିଡବ୍ଲ୍ୟୁଡି ବିଭାଗ ଅଧୀନକୁ ଯାଇଛି। ତଥାପି ରାସ୍ତା ଅବସ୍ଥା ସୁଧୁରୁନାହିଁ। ଏହି ଗ୍ରାମରେ ୩ଶହରୁ ଅଧିକ ଲୋକ ବାସ କରନ୍ତି। ଗ୍ରାମରେ ପ୍ରାଥମିକ ସ୍କୁଲ ରହିଛି। ହେଲେ ଉଚ୍ଚଶିକ୍ଷା ପାଇଁ ଗ୍ରାମର ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ହିର୍ମା ଗ୍ରାମକୁ ଯାଆନ୍ତି। ରାସ୍ତାରେ ବର୍ଷାପାଣି ଜମାହୋଇ ରହୁଥିବାରୁ ଛାତ୍ରୀଛାତ୍ର ସ୍କୁଲ କଲେଜ ଯିବା ସମ୍ଭବ ହେଉନାହିଁ। ରାସ୍ତାରେ ସାଇକେଲ ଓ ବାଇକ୍ ମଧ ଯିବାଆସିବା କରିପାରୁନାହିଁ। ଏପରିକି ଗ୍ରାମର କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ମେଡିକାଲ ଯିବା ମଧ ସମ୍ଭବ ହେଉନାହିଁ। ରାସ୍ତା ଅବସ୍ଥା ଦେଖି ଭଡ଼ା ନେବା ପାଇଁ ଗାଡ଼ି ମାଲିକ ରାଜି ହେଉନାହାନ୍ତି। ଏବେ ଗ୍ରାମବାସୀ ପ୍ରଶାସନକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି।



ରାସ୍ତାରେ ବର୍ଷାପାଣି ଜମି ରହିଛି।

## ପୋଲିସ ହେପାଜତରେ ଥିବା ବନ୍ଦୀ ହାତ କାଟିଦେଲେ

**ବରଗଡ଼ ଅଫିସ୍,୨୨।୮**

କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିବା ଜଣେ ବିଚାରାଧୀନ ବନ୍ଦୀ ଗୁରୁବାର ପୋଲିସ ହେପାଜତରେ ଥିବାବେଳେ ଧାରୁଆ ସାମଗ୍ରୀରେ ନିଜ ହାତ କାଟି ଦେଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ବନ୍ଦୀ ଜଣକ ବରପାଲିର ନକୁଳ ମାଝି। ସେ ଜମୁର୍ଡ଼ା ଗୁଳିକାଣ୍ଡ, ବରପାଲିରେ ପିସ୍ତଲ ମୁନରେ ଜଣେ ସରପଞ୍ଚଙ୍କୁ ଧମକ ଦେବା ଘଟଣାରେ ଗିରଫ ହୋଇ ବରଗଡ଼ ସବଜେଲରେ ଥିଲେ।

ପ୍ରକାଶ ଯେ, ଗୁରୁବାର ପୋଲିସ ସୁରକ୍ଷା ବଳୟରେ ନକୁଳଙ୍କ ସମେତ ଅନ୍ୟ କେତେକ ବନ୍ଦୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିଲା। ସମସ୍ତ ବନ୍ଦୀ ପୋଲିସ ହେପାଜତରେ ଥିବାବେଳେ ନକୁଳ କୌଣସି ଏକ ଧାରୁଆ ସାମଗ୍ରୀରେ ନିଜ ହାତ ଓ ଶରୀରର ଅନ୍ୟ କିଛି ଅଂଶକୁ କାଟି ହୋଇଥିଲେ। ଏହାପରେ ପୋଲିସ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ସୁରକ୍ଷା ବଳୟରେ ତାଙ୍କ ଚିକିତ୍ସା ଚାଲିଛି। ଏ ସମ୍ପର୍କରେ ବରଗଡ଼ ସବଜେଲ ସୁପରିଣ୍ଟେଣ୍ଡେଣ୍ଟ ନମିତା କୁଲୁଙ୍କୁ ପଚାରିବାରୁ କୋର୍ଟରେ ହାଜର କରିବାକୁ ନିଆଯାଇଥିବାବେଳେ ସେଠାରେ ନକୁଳ ହାତ କାଟି ଦେଇଥିଲେ। ବର୍ତ୍ତମାନ ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଥିବା କହିଥିଲେ। ଉଲ୍ଲେଖନୀୟ, ଗତ ଜୁନ ୯ତାରିଖ ଜମୁର୍ଡ଼ା ଗ୍ରାମରେ ଏକ ଗୁଳିକାଣ୍ଡ ଘଟିଥିଲା ଏବଂ ଏଥିରେ ସମ୍ବଲପୁର ଜିଲା ଧମା ଥାନା ବରଗାଁ ଗ୍ରାମର ମୂଳ ବାସିନ୍ଦା ବସନ୍ତ ପ୍ରଧାନଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏହି ଗୁଳିକାଣ୍ଡ ଘଟଣାରେ ୬ ଅଭିଯୁକ୍ତ ସାମିଲ ଥିବା ପୋଲିସ ତଦନ୍ତରେ ଜଣାପଡ଼ିଥିବା ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ନକୁଳ ଜଣେ ହୋଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଅମ୍ବାଭୋନା ଗ୍ରାମର ରାକେଶ ବେହେରା ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା। ସେହିପରି ନକୁଳ ଫେରାର ଥିବା ସମୟରେ ବରପାଲିରେ ମହଦା ସରପଞ୍ଚ ନାରାୟଣ ପ୍ରଧାନଙ୍କୁ ପିସ୍ତଲ ମୁନରେ ଧମକ ଦେଇ ଗତ ଜୁନ ୨୩ତାରିଖରେ ଗିରଫ ହୋଇଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ ପୋଲିସ ଜୁନ୍ ୨୯ତାରିଖରେ ଗିରଫ କରିଥିଲା। ସେହିଦିନଠାରୁ ନକୁଳ ଏବଂ ଅନ୍ୟ ଅଭିଯୁକ୍ତ ବରଗଡ଼ ସବଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ବନ୍ଦୀ।



ସର୍ବଦା ପ୍ରାର୍ଥନା କର, ଯେପରି ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କଲିନ୍

## ସଂକ୍ଷେପରେ



### ୮ଫୁଟ ଅଜଗର ଉଦ୍ଧାର

ବଣାଇ, ୨୨।୮(ସ୍ୱ.ପ୍ର.)

ବୁଧବାର ବିଳମ୍ବିତ ରାତ୍ରିରେ ବଣାଇ ବନଖଣ୍ଡ ପକ୍ଷରୁ ୧୪୩ ନମ୍ବର ଜାତୀୟ ରାଜପଥର ବାବୁନୂଆଗାଁ ନିକଟରେ ୮ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ଏହି ଅଜଗର ପ୍ରାୟ ୮ମାସ ତଳର ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଉଦ୍ଧାର କରି ବଣାଇ ବନାଞ୍ଚଳ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ନିକଟସ୍ଥ ସରସରା ଜଙ୍ଗଲରେ ଛଡାଯାଇଥିବା ଜଣାପଡିଛି। ସମ୍ପୃକ୍ତ ଅଜଗରଟି ରାସ୍ତାକଡରେ ଚାଲୁଥିବା ଦେଖି ବାବୁନୂଆଗାଁ ଅଞ୍ଚଳର ଯୁବକମାନେ ଦେଖି ବନ ବିଭାଗକୁ ଖବର ଦେଇଥିଲେ।

■ ସଲଙ୍ଗାବାହାଲ ବଜାର ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତା ମରାମତି

# ବିଭାଗ କଲାନି, ପୋଲିସ କର୍ମଚାରୀ କରାଇଲେ

କୁଆଁରମୁଣ୍ଡା,୨୨।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର-ସଲଙ୍ଗାବାହାଲ ପୂର୍ତ୍ତ ବିଭାଗ ରାସ୍ତାର ସଲଙ୍ଗାବାହାଲ ବଜାର ନିକଟରେ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଗତ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେଲା ରାସ୍ତା ମରଣଯନ୍ତା ପାଲଟି ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ମରାମତି କାର୍ଯ୍ୟ କରାଯାଉ ନ ଥିଲା। ଫଳରେ ଉକ୍ତ ରାସ୍ତା ଦେଇ ବସ୍, ଟ୍ରକ ଠାରୁ ଆରମ୍ଭ ଆରମ୍ଭ କରି ବାଇକ୍ ଯାତାୟାତରେ ବହୁ ସମସ୍ୟା ହେଉଥିଲା। ଉକ୍ତ ବଜାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଉକ୍ତ ରାସ୍ତାର ୪ରୁ ୫ଟି ଖାଲ ଚଳିତ ବର୍ଷାଋତୁରେ ଗାଡ଼ିଆ ଆକାର ଧାରଣ କରିଥିଲା। ସାଧାରଣ ପଥଚାରୀ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା ମଧ୍ୟ ସମ୍ଭବ ହେଉ ନ ଥିଲା। ଏହି ଅବସ୍ଥାରେ ସାଧାରଣ ଲୋକେ ସବୁଦିନ ଅଭିଯୋଗ କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ମରାମତି କାର୍ଯ୍ୟ କରାଯାଉ ନ ଥିଲା। ଏପରି ଅବସ୍ଥାରେ ଏହି ରାସ୍ତାର ମରାମତି କାର୍ଯ୍ୟ ପୋଲିସ କର୍ମଚାରୀ କରାଇଛନ୍ତି। ସ୍ଥାନୀୟ ରାଏବୋଗା ଥାନା କର୍ମଚାରୀମାନେ ସ୍ୱତଃସ୍ଫୂର୍ତ୍ତଭାବେ ବୁଧବାର ଏପରିକରି ସାମାଜିକ କାର୍ଯ୍ୟର ଉଦାହରଣ ସୃଷ୍ଟି କରିଛନ୍ତି। ରାଏବୋଗା ଥାନା ଅଧିକାରୀ ବିଜୟ କୁମାର ସିଂଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଲୋକ ଲଗାଇ ମରାମତି କରିଥିଲେ। ସଲଙ୍ଗାବାହାଲ ନିକଟବର୍ତ୍ତୀ ଉକ୍ତ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାଗୁଡିକରେ ବୋଲଡର ପକାଇ ପୋତିବା ଯୋଗୁ ଯାତାୟାତ ବ୍ୟବସ୍ଥା ସୁଗମ ହୋଇଛି। ଫଳରେ ଉକ୍ତ ରାସ୍ତା ଦେଇ ଏବେ ଗାଡି ଚଳାଚଳ ଠାରୁ ଆରମ୍ଭ କରି ପଥଚାରୀମାନେ ଖୁସିରେ ଯାତାୟାତ କରିପାରୁଛନ୍ତି।



ସଲଙ୍ଗାବାହାଲ ଛକରେ ଖାଲଖମା ପୋତାଯାଇ ଯାତାୟାତ ଉପଯୋଗୀ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିକିଟା ମାଟି**
**ଖରାକଲେ ଯାଏ ଫାଟିଫୁଟି**
**ବରଷାରେ ଚକଟା ଚକଟି।**

ଚିକିଟା ମାଟି ଅତ୍ୟଧିକ ଖରାହେଲେ ଶୁଷ୍କ ହୋଇ ଫାଟିଯାଇଥାଏ। ସେହିପରି ବର୍ଷା ଅଧିକ ପରିମାଣରେ ହେଲେ ପାଣି ଲାଗି ଏହା ନରମ ବା କାଦୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚଷା ହୁଡ଼ିଲେ ବରଷେ**
**ମୂଲିଆ ହୁଡ଼ିଲେ ଦିବସେ।**

ଚାଷବାସରେ ହେଳା କରିବା ଉଚିତ ହୋଇ ନ ଥାଏ। ଚାଷକାର୍ଯ୍ୟରେ ହେଳା କଲେ ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ମୂଲିଆ କାମ କରି ମିଳୁଥିବା ପାରିଶ୍ରମିକରେ ନିଜର ଗୁଜୁରାଣ ମେଣ୍ଟାଇଥାଏ। କୌଣସି କାରଣବଶତଃ କାମକୁ ଯାଇ ନ ପାରିଲେ କାମ କରି ପେଟପୋଷିବାକୁ ତାକୁ ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବାଡ଼ିରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା

ଲହୁଣୀପଡା/ଟେନ୍ସା ୨୨।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ କୁଦାମୁଣ୍ଡା ଗ୍ରାମରେ ସ୍ତ୍ରୀଙ୍କୁ ପିଟିପିଟି ହତ୍ୟା କରିଛନ୍ତି ସ୍ୱାମୀ। କେ.ବଲାଙ୍ଗ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗୁରୁବାର ଅଟକ ରଖି ପଚରାଉଚରା କରୁଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ଜଣାପଡିନାହିଁ। ଏହି ହତ୍ୟାକାଣ୍ଡ ବୁଧବାର ଘଟିଥିବା ବେଳେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି। କୁଦାମୁଣ୍ଡା ଗ୍ରାମର ମାସୀ ମୁଣ୍ଡା (୩୩) କୌଣସି କାରଣ ଯୋଗୁ ତାଙ୍କ ସ୍ତ୍ରୀ ନିଙ୍ଗାରି ମୁଣ୍ଡା (୩୦)ଙ୍କ ସହିତ ଝଗଡା କରିଥିଲେ। ମାସୀ ସହ୍ୟ କରି ନ ପାରି ସ୍ତ୍ରୀ ନିଙ୍ଗାରୀଙ୍କୁ ପିଟି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲେ। ପଡ଼ୋଶୀ ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ମାସୀ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

■ ବେଆଇନ ଗୋରୁ ଚାଲାଣକୁ ନେଇ ଉତ୍ତେଜନା

# ଉତ୍ତ୍ୟକ୍ତ ଲୋକଙ୍କ ଗାଡ଼ି ଭଙ୍ଗାରୁଜା, ଜଳାପୋଡ଼ା

ସୁନ୍ଦରଗଡ଼, ୨୨।୮ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲାରୁ ରାଜ୍ୟ ବାହାରକୁ ବେଆଇନ ଗୋରୁ ଚାଲାଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଗୋରୁ ଚାଲାଣ ହେଉଥିବା ପିକ୍ଅପ୍ ଭ୍ୟାନକୁ ଭଙ୍ଗାରୁଜା କରିବା ସହ ଗୋଟିଏ ଭ୍ୟାନକୁ ଜାଳି ଦେଇଛନ୍ତି। ଗୁରୁବାର ରାତି ପ୍ରାୟ ସାଢେ ୭ଟା ବେଳେ ଲେଫ୍ରିପଡା ସର୍ଗିପାଲି ଗୋରୁ ହାଟରୁ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ୨ଟି ପିକ୍ଅପ୍ ଭ୍ୟାନକୁ ସ୍ଥାନୀୟ ରଙ୍ଗାଡିପା ଛକରେ ଲୋକେ ଅଟକାଇ ଭଙ୍ଗାରୁଜା କରିଥିଲେ। ଉଭୟ ଗାଡ଼ି ଚାଳକ ଓ ଗୋରୁ ଚାଲାଣକାରୀମାନେ ଉତ୍ତମ ମଧ୍ୟମ ମାଡଖାଇ ଜୀବନ ବଞ୍ଚାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଖବରପାଇ ବରିଷ୍ଠ ପୋଲିସ ଅଧିକାରୀ, ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଲୋକେ ଉଭୟ ଗାଡିରେ ଥିବା ପ୍ରାୟ ୩୫ଟି ଗୋରୁ ଉଦ୍ଧାର କରିଥିଲେ। ଗୋରୁଗୁଡ଼ିକ ଜିଲା ପ୍ରାଣୀ ବିଭାଗକୁ ହସ୍ତାନ୍ତର କରାଯାଇଛି। ଗୋରୁ ବୋଝେଇ ହୋଇ ଯାଉଥିବା ପିକ୍ଅପ୍ ଭ୍ୟାନ ୨ଟିର ନମ୍ବର ହେଲା ଓଡି୧୬ -୮୨୯୭ ଓ ଅନ୍ୟଟି ଓଡି୨୩ -୫୬୩୫। ତେବେ ଲୋକେ ଓଡି୨୩ -୫୬୩୫ ନଂ ଭ୍ୟାନଟି ଜାଳି ଦେଇଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ସୁନ୍ଦରଗଡ଼ ରଙ୍ଗାଡିପା ଛକରେ ଉତ୍ତେଜନା ଲାଗିଛି।

## ପେଟ୍ରୋଲ ପାଇଁ ହେଲ୍‌ମେଟ ଭଡ଼ା

ବଡ଼ଗାଁ, ୨୨।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର ପେଟ୍ରୋଲ ପମ୍ପଗୁଡିକରେ ନୂତନ ନିୟମ ଲାଗୁ ହେଲା ପରେ ବିନା ହେଲମେଟରେ ଗଲେ ପେଟ୍ରୋଲ ମିଳୁନାହିଁ। ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ନିୟମ ହୋଇଛି। ଏହାକୁ ଏଡିଯାଇ କିପରି କାମ ହାସଲ କରାଯିବ ତାର ଉପାୟ ଖୋଜି ବାହାର କରୁଥିବାରୁ ଓ ଏହା ଉପରେ ଧରପଗଡ ହେଉ ନ ଥିବାରୁ ନିୟମ କେବଳ କାଗଜ କଲମରେ ରହିଯାଉଛି। କବଡଗାଁ ନିକଟ କଣ୍ଟିଆମୁରା ଗାଁ ନିକଟ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ଏକ ଦୋକାନରେ ହେଲମେଟ ଭଡାରେ ମିଳୁଛି। ବିନା ହେଲମେଟରେ ଆସୁଥିବା ବାଇକ ଚାଳକମାନେ ୧୦ ଟଙ୍କା ଦେଇ ହେଲମେଟ ପିନ୍ଧି ପେଟ୍ରୋଲ ଭର୍ତ୍ତି କଲା ପରେ ହେଲମେଟ ଫେରାଉଛନ୍ତି। ଏହି ନିୟମ କେତେକଙ୍କ ପାଇଁ ଅର୍ଥ ଉପାର୍ଜନର ବାଟ ହୋଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରଷ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥାଇଟିସ୍,ଓଷ୍ଟିଓ ଆର୍ଥାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଂଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1%।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BUSINESS

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରିମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।